ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ରବିବାର, ଅକ୍ଟୋବର ୧୨/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) Bhubaneswar, Sunday, October 12/2025 Page 14 ₹ 7.00
୫୧ଶ ଭାଗ ୩୧୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 316 ମୂଲ୍ୟ ₹୭/-


# ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣବଳାତ୍କାର

## ପଶ୍ଚିମବଙ୍ଗରେ ପୁଣି ଲଜ୍ଜା



- ଘଟଣାରୁ ଧ୍ୟାନ ହଟାଇବା ପାଇଁ ଉଦ୍ୟମ କରୁଛି ପୋଲିସ: ପୀଡ଼ିତାଙ୍କ ବାପା
- ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ମମତାଙ୍କ ନିକଟରେ ଦାବି ଜଣାଇଲେ ମୁଖ୍ୟମନ୍ତ୍ରୀ ମାଝୀ

**ପଶ୍ଚିମବଙ୍ଗର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ୧୪ ମାସ ତଳେ ଜଣେ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ମନରୁ ଲିଭିନାହିଁ, ଶନିବାର ପୁଣି ଏକ ଲଜ୍ଜାକର ଘଟଣା ସାମ୍ନାକୁ ଆସିଛି। ପଶ୍ଚିମ ବର୍ଦ୍ଧମାନ ଜିଲା ଦୁର୍ଗାପୁରସ୍ଥିତ ଏକ ଘରୋଇ ମେଡିକାଲ କଲେଜରେ ଜଣେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଛି। ଛାତ୍ରୀ ଜଣକ ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଞ୍ଚଳର। ସେ ଉକ୍ତ ମେଡିକାଲ କଲେଜରେ ପାଠ ପଢ଼ନ୍ତି। ଶୁକ୍ରବାର ରାତିରେ ପୁରୁଷବନ୍ଧୁଙ୍କ ସହ ଛାତ୍ରୀ ଗୁପ୍‌ଚୁପ୍ ଖାଇବାକୁ ଯାଇଥିବାବେଳେ କେତେଜଣ ଦୁର୍ବୃତ୍ତ ତାଙ୍କୁ କ୍ୟାମ୍ପସ୍ ଗେଟ୍ ନିକଟକୁ ଟେକିନେଇ ଗଣବଳାତ୍କାର କରିଥିଲେ। ପୁରୁଷବନ୍ଧୁଙ୍କ ଫୋନ୍ କଲ୍ ପାଇବା ପରେ ପୀଡ଼ିତାଙ୍କ ବାପା ଜଳେଶ୍ୱରରୁ ଦୁର୍ଗାପୁର ଯାଇଛନ୍ତି। ପୀଡ଼ିତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ (ଆଇସିୟୁ)ରେ ଭର୍ତ୍ତି କରାଯାଇଛି। ତେବେ ପଶ୍ଚିମବଙ୍ଗ ପୋଲିସ ସେମାନଙ୍କୁ ଆଦୌ ସହଯୋଗ କରୁ ନ ଥିବା ପୀଡ଼ିତାଙ୍କ ବାପା ଅଭିଯୋଗ ଆଣିଛନ୍ତି। ଓଡ଼ିଶା ହୋଇଥିଲେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିଆଯାଇଥାଆନ୍ତା ବୋଲି ସେ କହିଛନ୍ତି। ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଏହାର ଦୃଢ଼ନିନ୍ଦା କରିଛନ୍ତି। ଏଥିସହ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନିକଟରେ ଦାବି କରିଛନ୍ତି। ଭାଜପା ମଧ୍ୟ ଘଟଣାକୁ ନେଇ ମମତା ସରକାରଙ୍କୁ ଘେରିଛି। ପଶ୍ଚିମବଙ୍ଗ ଏବେ ବଳାତ୍କାରୀଙ୍କ ପାଇଁ ଭୂସ୍ୱର୍ଗ ପାଲଟିଥିବା ଭାଜପା ସମାଲୋଚନା କରିଛି।**

**ଦୁର୍ଗାପୁର(ପି.ଟି./ଏଜେନ୍ସି)/ ଜଳେଶ୍ୱର (ନବୀନ ସାହୁ)/ ଭୁବନେଶ୍ୱର (ସୁନିତ୍ ମିଶ୍ର),୧୧।୧୦**

ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳର ଯୁବତୀ ଜଣକ ପଶ୍ଚିମବଙ୍ଗ ଦୁର୍ଗାପୁରସ୍ଥିତ ଶୋଭାପୁରର ଏକ ଘରୋଇ ମେଡିକାଲ କଲେଜରେ ଏମ୍‌ବିବିଏସ୍ ପାଠ ପଢ଼ନ୍ତି। ଏହି ଦ୍ୱିତୀୟ ବର୍ଷ ଛାତ୍ରୀ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ତାଙ୍କ ପୁରୁଷବନ୍ଧୁଙ୍କ ସହ ଗୁପ୍‌ଚୁପ୍ ଖାଇଯିବାକୁ ବାହାରିଥିଲେ। ସେହି ସମୟରେ ୪ରୁ ୫ ଜଣ ବ୍ୟକ୍ତି ଆସି କଲେଜ ଗେଟ୍ ନିକଟରେ ଉଭୟଙ୍କୁ କାବୁ କରିନେଇଥିଲେ। ସେମାନେ ଛାତ୍ରୀଙ୍କୁ ହସ୍ପିଟାଲ ବିଲ୍ଡିଂର ଏକ ନିଛାଟିଆ ସ୍ଥାନକୁ ଘୋଷାଡ଼ିନେଇ ଜଣ ଜଣ କରି ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ପୁରୁଷବନ୍ଧୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବା ସହ ଏନେଇ ତାଙ୍କ ଘରଙ୍କୁ ଫୋନ୍ କରି ସବୁକଥା ଜଣାଇଥିଲେ। ପୀଡ଼ିତାଙ୍କ ବାପା ଏହି ବିଷୟ ଜାଣିବା ପରେ ଦୁର୍ଗାପୁର ଯାଇ ଝିଅଙ୍କୁ ଭେଟିଛନ୍ତି।

ପଶ୍ଚିମ ବର୍ଦ୍ଧମାନ ନ୍ୟୁ ଥାନା ପୋଲିସ ଛାତ୍ରୀଙ୍କ ବାପାଙ୍କଠାରୁ ଅଭିଯୋଗ ପାଇବା ପରେ ବିଏନ୍‌ଏସ୍ ଦଫା ୭୦(୧), ୩(୫) ବଳରେ ମାମଲା (ନଂ.୧୩୧/୨୫) ରୁଜୁକରି ତଦନ୍ତ ଆରମ୍ଭ କରିଛି। ତଦନ୍ତକାରୀ ଟିମ୍ ଆଖପାଖର ସିସିଟିଭି ଫୁଟେଜ ସଂଗ୍ରହ କରିବା ସହ ସାକ୍ଷୀ, କଲେଜର ସୁରକ୍ଷା କର୍ମଚାରୀ ଓ ପୀଡ଼ିତାଙ୍କ ପୁରୁଷବନ୍ଧୁଙ୍କ ବୟାନ ରେକର୍ଡ କରିଛି। ଏହି ଘଟଣା ପରେ କ୍ୟାମ୍ପସ୍‌ରେ ଅଶାନ୍ତି ଦେଖାଦେଇଛି। ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବି କରିଛନ୍ତି। ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଏହି ଘଟଣାକୁ ସଂଜ୍ଞାନକୁ ନେଇ ନିଜ ଆଡୁ ତଦନ୍ତ ଆରମ୍ଭ କରିଛନ୍ତି। ଏନ୍‌ସିଡବ୍ଲ୍ୟୁର ଏକ ଟିମ୍ ଦୁର୍ଗାପୁରରେ ପହଞ୍ଚି ପୀଡ଼ିତାଙ୍କୁ ଭେଟିବା ସହ ପୋଲିସ ତଦନ୍ତର ଅଗ୍ରଗତି ସମୀକ୍ଷା କରିଛି। ପଶ୍ଚିମବଙ୍ଗର ମହିଳା ଅଧିକାର ସଙ୍ଗଠନଗୁଡ଼ିକ ମଧ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ ରାଜ୍ୟର ସମସ୍ତ ☞ପୃଷ୍ଠା–୯

# ବଦଳିଲା ନୂଆପଡ଼ା ଅଙ୍କ, ଭାଜପାରେ ଢୋଲକିଆ

**ଭୁବନେଶ୍ୱର, ୧୧।୧୦ (ସୁନିତ୍ ମିଶ୍ର)**

ନୂଆପଡ଼ା ଉପନିର୍ବାଚନ ଅଙ୍କ ଏବେ ସମ୍ପୂର୍ଣ୍ଣ ବଦଳିଯାଇଛି। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଶନିବାର ଭାଜପାରେ ଯୋଗଦେଇଛନ୍ତି। ଭାଜପାରେ ଜୟଙ୍କ ଯୋଗଦାନ ବିଜେଡିର ଅକଳ ଗୁଡୁମ୍ କରିଦେଇଛି।



ଜୟ ଢୋଲକିଆ

**ଉପନିର୍ବାଚନରେ ପ୍ରମୁଖ ଭୂମିକା ନେବେ ଜୟ: ମୁଖ୍ୟମନ୍ତ୍ରୀ**

ଶୁକ୍ରବାର ପର୍ଯ୍ୟନ୍ତ ଜୟ ବିଜେଡିରୁ ପ୍ରାର୍ଥୀ ହେବେ ବୋଲି ଦଳୀୟ ନେତାମାନେ ଯୁକ୍ତି ବାଢୁଥିଲେ। ହେଲେ ଗୁରୁବାର ଜୟ ନୂଆଦିଲ୍ଲୀ ଗସ୍ତରେ ଯିବା ସମ୍ପର୍କିତ ଖବର ଆସିବା ଏବଂ ☞ପୃଷ୍ଠା–୨










## ଦିଲ୍ଲୀରେ ଆଜି




ସୁପ୍ରିମକୋର୍ଟରେ ସିଜେଆଇଙ୍କୁ ଆକ୍ରମଣ ଓ ହରିୟାଣାରେ ଜାତିଭିତ୍ତିକ ଉତ୍ପୀଡ଼ନର ଶିକାର ହୋଇ ଆଇପିଏସ୍ ୱାଇ. ପୁରନ କୁମାରଙ୍କ ଆତ୍ମହତ୍ୟା ଘଟଣାର ପ୍ରତିବାଦରେ ଶନିବାର କଂଗ୍ରେସ ପକ୍ଷରୁ ଦିଲ୍ଲୀର ଜନ୍ତରମନ୍ତର ଅଭିମୁଖେ ସମ୍ବିଧାନ ସମ୍ମାନ ଯାତ୍ରା ରାଲି। (ଫଟୋ-ଚମନ ଗୌତମ)

# ୩୫,୪୪୦ କୋଟିରେ ୨ କୃଷି ଯୋଜନା ଶୁଭାରମ୍ଭ

## ଆମଦାନୀ ନିର୍ଭରଶୀଳତା କମାଇବାକୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

ନୂଆଦିଲ୍ଲୀ,୧୧।୧୦(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ୩୫,୪୪୦ କୋଟି ଟଙ୍କା ବ୍ୟୟରେ ୨ଟି ବୃହତ୍ କୃଷି ଯୋଜନା ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ଦେଶରେ ଡାଲି ଉତ୍ପାଦନ ବଢ଼ାଇବା ସହ ୧୦୦ଟି ଖରାପ ପ୍ରଦର୍ଶନକାରୀ ଜିଲାରେ କୃଷି ସେକ୍ଟରର ଉନ୍ନତିରେ ସହାୟକ ହେବ। ଦେଶର ଆମଦାନୀ ନିର୍ଭରଶୀଳତା କମାଇ ରପ୍ତାନି ବଢ଼ାଇବା ପାଇଁ ପ୍ରଧାନମନ୍ତ୍ରୀ ଏହି ଅବସରରେ କୃଷକମାନଙ୍କୁ ଆହ୍ୱାନ କରିଛନ୍ତି।

ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନ (ଆଇଏଆର୍ଆଇ) ପୁସା କ୍ୟାମ୍ପସ୍‌ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୋଦି ୨୪,୦୦୦ କୋଟି ଟଙ୍କାର 'ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା' (ପିଏମ୍-ଡିଡିକେୱାଇ) ଶୁଭାରମ୍ଭ କରିବା ସହ ୧୧,୪୪୦ କୋଟି ଟଙ୍କାର 'ଡାଲିରେ ଆତ୍ମନିର୍ଭରତା ପାଇଁ ମିଶନ' ଲଞ୍ଚ କରିଛନ୍ତି। ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ କୃଷି, ପଶୁପାଳନ, ମତ୍ସ୍ୟଚାଷ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ସେକ୍ଟରରେ ୫,୪୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ପ୍ରଧାନମନ୍ତ୍ରୀ ଭର୍ଚୁଆଲି ଓଡ଼ିଶାର ସମ୍ବଲପୁରରେ ୧୦୦ କୋଟି ଟଙ୍କାର ସମନ୍ୱିତ ଆକ୍ୱା ପାର୍କ ଏବଂ ଭୁବନେଶ୍ୱରର ପାଣ୍ଡରାଠାରେ ୫୯.୧୩ କୋଟି ଟଙ୍କାରେ ମତ୍ସ୍ୟ ବଜାରର ଶିଳାନ୍ୟାସ କରିଛନ୍ତି। ପିଏମ୍-ଡିଡିକେୱାଇ ଏବଂ ପଲ୍ସ ମିଶନ ଅନେକ ହଜାର କୃଷକଙ୍କ ଭାଗ୍ୟ ବଦଳାଇଦେବ। ବିକଶିତ ଭାରତ ସ୍ୱପ୍ନକୁ ବାସ୍ତବ ରୂପ ଦେବାରେ କୃଷକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ମୋଦି କହିଛନ୍ତି।



ନରେନ୍ଦ୍ର ମୋଦି

# ଚାଇନା ଉପରେ ୧୦୦% ଟ୍ରମ୍ପ୍ ଟାରିଫ୍

## ପ୍ରଭାବିତ ହୋଇପାରେ ଭାରତୀୟ ରପ୍ତାନି

ୱାଶିଂଟନ,୧୧।୧୦


ଚାଇନାରୁ ଆମଦାନୀ ସାମଗ୍ରୀ ଉପରେ ଆସନ୍ତା ନଭେମ୍ବର ୧ରୁ ଆମେରିକା ଅତିରିକ୍ତ ୧୦୦ ପ୍ରତିଶତ ଟାରିଫ୍ ଲଗାଇବାକୁ ଘୋଷଣା କରିଛି। ପୂର୍ବ ଟାରିଫ୍‌କୁ ମିଶାଇ ଚାଇନାରୁ ଆମଦାନୀ ସାମଗ୍ରୀ ଉପରେ ଆମେରିକା ମୋଟ ୧୩୦ ପ୍ରତିଶତ ଶୁଳ୍କ କଷିବାକୁ ଯାଉଛି। ଆମେରିକା-ଚାଇନା ବାଣିଜ୍ୟରେ ଦେଖାଦେଇଥିବା ଉତ୍ତେଜନା ଭାରତର ରପ୍ତାନି ସମ୍ଭାବନାରେ ନୂଆ ଅନିଶ୍ଚିତତା ସୃଷ୍ଟି କରିବାକୁ ଯାଉଛି। ଏହା ଭାରତୀୟ ରପ୍ତାନିକାରୀମାନଙ୍କ ଚିନ୍ତା ବଢ଼ାଇଥିବାବେଳେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ନେଇ ଚାଲିଥିବା ଆଲୋଚନା ମଧ୍ୟ ପ୍ରଭାବିତ ହୋଇପାରେ ବୋଲି ବାଣିଜ୍ୟ ବିଶେଷଜ୍ଞମାନେ କହିଛନ୍ତି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟରେ ଅଭିଯୋଗ କରିଛନ୍ତି, ବାଣିଜ୍ୟରେ ଚାଇନା ଏକ ଅସାଧାରଣ ଓ ଆକ୍ରମଣାତ୍ମକ ଆଭିମୁଖ୍ୟ ରଖୁଥିଲା। ୱାଶିଂଟନ ଏହାର ଦୃଢ଼ ଜବାବ ଦେବ ବୋଲି ସେ ଚେତାବନୀ ଦେଇଛନ୍ତି। ଆମେରିକାର ପ୍ରତିରକ୍ଷା, ବିଦ୍ୟୁତ୍‌ଚାଳିତ ଯାନ ଏବଂ ସ୍ୱଚ୍ଛ ଇନ୍ଧନ ଶିଳ୍ପ ପାଇଁ ଜରୁରୀ ବିରଳ ମୃତ୍ତିକା ରପ୍ତାନି ଉପରେ କଟକଣା ଲଗାଇବା ପାଇଁ ଗତ ୯ ତାରିଖରେ ବେଜିଂ ନିଷ୍ପତ୍ତି ନେବା ପରେ ଉତ୍ତେଜନା ବୃଦ୍ଧି ପାଇଛି। ଆମେରିକା ସହ କୌଣସି ଚୁକ୍ତିନାମା ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ଚଳିତ ବର୍ଷର ବହୁଚର୍ଚ୍ଚିତ ଭାରତ-ଚାଇନା ଫେଜ୍ ୱାନ୍ ଟ୍ରେଡ୍ ଡିଲ୍ ଯାହା ଚାଇନା ସାମଗ୍ରୀ ଉପରେ ଆମେରିକା ଟାରିଫ୍ ୩୦ ପ୍ରତିଶତ ଏବଂ ଆମେରିକା ସାମଗ୍ରୀ ଉପରେ ଚାଇନା ଟାରିଫ୍ ୧୦ ପ୍ରତିଶତରେ ସୀମିତ ରଖିବ ବୋଲି କୁହାଯାଉଥିଲା, ତାହା ଉପରେ ନୂଆ ୧୦୦ ପ୍ରତିଶତ ଅତିରିକ୍ତ ଟାରିଫ୍ ଲାଗୁ ହୋଇଛି। ତେଣୁ ଭାରତକୁ ସାବଧାନତାର ସହିତ ଆମେରିକା ସହ ଚୁକ୍ତି କରିବାକୁ ପଡ଼ିବ। ସମାନ ସର୍ତ୍ତରେ ପାରସ୍ପରିକତା ଓ ରଣନୈତିକ ସ୍ୱତନ୍ତ୍ରତାର ସଂରକ୍ଷଣକୁ ସୁନିଶ୍ଚିତ କରିବାକୁ ହେବ ବୋଲି ଗ୍ଲୋବାଲ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜିଟିଆର୍ଆଇ) ପ୍ରତିଷ୍ଠାତା ଅଜୟ ଶ୍ରୀବାସ୍ତବ କହିଛନ୍ତି।

ଆମେରିକା ନୂଆ ଟାରିଫ୍ ଲଗାଇବାର ଦିନକ ପୂର୍ବରୁ ଚାଇନା ବିଦେଶୀ ପ୍ରତ୍ୟକ୍ଷ ଉତ୍ପାଦ ନୀତି ଲାଗୁ କରିଥିଲା। ଉକ୍ତ ନୀତି ଅନୁଯାୟୀ, ଚାଇନା ରେୟାର ଆର୍ଥର ୦.୧%ରୁ ଅଧିକ ଥିବା ଉତ୍ପାଦ କିମ୍ବା ଚାଇନା ରିଫାଇନିଂ ବ୍ୟବହାର କରି ଉତ୍ପାଦନ କରିଥିବା ଅଥବା ଚୁମ୍ବକ ତିଆରି ପ୍ରଯୁକ୍ତି ପାଇଁ ବେଜିଂର ରପ୍ତାନି ଅନୁମୋଦନ ହାସଲ ଜରୁରୀ। ବିଶ୍ୱ ରେୟାର ଆର୍ଥ ରିଫାଇନିଂର ପାଖାପାଖି ୭୦% ଚାଇନା ନିୟନ୍ତ୍ରଣରେ ରହିଛି।



ଡୋନାଲ୍ଡ ଟ୍ରମ୍ପ



ଶି.ଜିନ୍‌ପିଙ୍ଗ୍

## ଡିଜିଟାଲ ଯୁଗରେ ବାଳିକାଙ୍କ ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କଲେ ସିଜେଆଇ

ନୂଆଦିଲ୍ଲୀ, ୧୧।୧୦

ପ୍ରଧାନ ବିଚାରପତି (ସିଜେଆଇ) ବି. ଆର୍. ଗବଇ ଶନିବାର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଡିଜିଟାଲ ଯୁଗରେ ବାଳିକାଙ୍କ ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ୟୁନିସେଫ୍ ଇଣ୍ଡିଆ ଏବଂ ଜୁଭେନାଇଲ ଜଷ୍ଟିସ୍ କମିଟି ପକ୍ଷରୁ ମିଳିତ ଭାବେ ଆୟୋଜିତ ନ୍ୟାଶନାଲ ଆନୁଆଲ ଷ୍ଟେକ୍ ହୋଲ୍ଡର୍ସ କନ୍‌ସଲ୍‌ଟେଶନ କାର୍ଯ୍ୟକ୍ରମରେ 'କନ୍ୟା ସନ୍ତାନର ସୁରକ୍ଷା: ଭାରତରେ ସେମାନଙ୍କ ପାଇଁ ସୁରକ୍ଷିତ ପରିବେଶ ଗଠନ' ଶୀର୍ଷକ ବିଷୟବସ୍ତୁ ଉପରେ ସମ୍ବୋଧନ କରି ସିଜେଆଇ ଏପରି କହିଛନ୍ତି। ସେ କହିଛନ୍ତି, ସାମ୍ପ୍ରତିକ ଡିଜିଟାଲ ଯୁଗରେ ଅନ୍‌ଲାଇନ ଉତ୍ପୀଡ଼ନ, ସାଇବର ଆକ୍ରମଣ, ଡିପ୍‌ଫେକ୍, ବ୍ୟକ୍ତିଗତ ଡେଟାର ଦୁରୁପଯୋଗ ଆଦି ସମସ୍ୟା ଯୋଗୁ ସମାଜରେ ବାଳିକାମାନଙ୍କ ସୁରକ୍ଷାକୁ ନେଇ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପାଇଁ ସ୍ୱତନ୍ତ୍ର ଆଇନ ଏବଂ ତାଲିମର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ କିଛି ରାଜ୍ୟରେ ଲିଙ୍ଗ ଅନୁପାତ କମିବାକୁ ନେଇ ଜଷ୍ଟିସ୍ ବି.ଭି. ନାଗରତ୍ନା ଚିନ୍ତା ପ୍ରକଟ କରିଛନ୍ତି। କିଛି ରାଜ୍ୟରେ କନ୍ୟା ଭ୍ରୂଣ ହତ୍ୟା ଯୋଗୁ ଲିଙ୍ଗ ଅନୁପାତ ହ୍ରାସ ପାଉଛି। ଏ ଦିଗରେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଦୃଷ୍ଟିପତ୍ର ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି।



ଜଷ୍ଟିସ୍ ବି. ଆର୍. ଗବଇ

## ଦଳ ଛାଡ଼ିଲେ ବିହାର ଭାଜପା ବିଧାୟକ ମିଶ୍ରିଲାଲ୍ ଯାଦବ

ପାଟନା, ୧୧।୧୦

ଆସନ୍ତା ନଭେମ୍ବର ୬ ଏବଂ ୧୧ରେ ବିହାର ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହା ପୂର୍ବରୁ ରାଜ୍ୟରେ ଭାଜପାକୁ ଝଟକା ଲାଗିଛି। ଦରଭଙ୍ଗା ଜିଲା ଅଲିନଗରର ଭାଜପା ବିଧାୟକ ମିଶ୍ରିଲାଲ୍ ଯାଦବ ଶନିବାର ଦଳରୁ ଇସ୍ତଫା ଦେଇଛନ୍ତି। ଭାଜପା ଶୀର୍ଷ ନେତୃତ୍ୱ ଦଳିତ ଏବଂ ପଛୁଆବର୍ଗର ଲୋକଙ୍କୁ ଉପଯୁକ୍ତ ସମ୍ମାନ ଦେଉ ନ ଥିବା ସେ କହିଛନ୍ତି। ୨୦୨୦ ନିର୍ବାଚନରେ ମିଶ୍ରିଲାଲ ବିକାଶଶୀଳ ଇନ୍‌ସାନ ପାର୍ଟିରୁ ଜିତି ପରେ ଭାଜପାରେ ଯୋଗଦେଇଥିଲେ। ଅଲିନଗରରୁ ଗାୟିକା ମୈଥିଳୀ ଠାକୁରଙ୍କୁ ଭାଜପା ଟିକେଟ୍ ଦେବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ଏହାପରେ ମିଶ୍ରିଲାଲ ଦଳରୁ ଇସ୍ତଫା ଦେଇଛନ୍ତି।

## ପାକିସ୍ତାନରେ ଇସ୍ରାଏଲ ବିରୋଧୀ ଶୋଭାଯାତ୍ରା ବେଳେ ହିଂସା: ପୋଲିସ ଗୁଳିରେ ୧୧ ମୃତ

ଲାହୋର,୧୧।୧୦

ଲାହୋରରେ ତେହରିକ୍-ଇ-ଲାବାଇକ୍ ପାକିସ୍ତାନ (ଟିଏଲ୍‌ପି) ଇସ୍‌ଲାମୀୟ ସଂଗଠନର ଶୋଭାଯାତ୍ରା ବେଳେ ପୋଲିସ ସହ ସଂଘର୍ଷ ଘଟିଥିଲା। ପାଲେଷ୍ଟାଇନ୍ ସପକ୍ଷବାଦୀ ରାଲି କରିବା ପାଇଁ ସେମାନେ ରାଜଧାନୀ ଅଭିମୁଖେ ଯିବାକୁ ଥିବାବେଳେ ସୁରକ୍ଷା ବଳ ଅଟକାଇବାକୁ ଉଦ୍ୟମ କରିବାରୁ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ଆଖିବୁଜା ଗୁଳି ଚଳାଇବାରୁ ଟିଏଲ୍‌ପିର ୧୧ ସଦସ୍ୟ ନିହତ ହେବା ସହ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ସଂଗଠନ ପକ୍ଷରୁ କୁହାଯାଇଛି। ଗାଜାରେ ଇସ୍ରାଏଲ୍‌ର ଗଣହତ୍ୟା ପ୍ରତିବାଦରେ ଗୁରୁବାରଠାରୁ ପାକିସ୍ତାନରେ ବିକ୍ଷୋଭ ଜାରି ରହିଛି। ଶନିବାର ବିଭିନ୍ନ ସ୍ଥାନରେ ପୋଲିସ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ଲାଠିଚାଳନା କରିବା ସହ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ବିକ୍ଷୋଭକାରୀ ମଧ୍ୟ ପୋଲିସ ଉପରକୁ ଟେକାମାଡ଼ କରିଥିଲେ। ଏଥିରେ ଅନେକ ପୋଲିସ ଆହତ ହୋଇଛନ୍ତି। ତେବେ ଲାହୋରର ଆଜାଦି ଚୌକରେ ଶୋଭାଯାତ୍ରା ହିଂସାତ୍ମକ ସଂଘର୍ଷରେ ପରିଣତ ହୋଇଥିଲା। ବିକ୍ଷୋଭକାରୀ ଅନେକ ପୋଲିସ ଗାଡ଼ିରେ ନିଆଁ ଲଗାଇଦେଇଥିଲେ।

## ପାଲେଷ୍ଟିନୀୟ ନେତା ବାର୍‌ଘୌଟିଙ୍କୁ ଜେଲରୁ ମୁକ୍ତ କରିବନି ଇସ୍ରାଏଲ୍

ରାମାଲ୍ଲା(ୱେଷ୍ଟବ୍ୟାଙ୍କ),୧୧।୧୦

ନୂଆ ଯୁଦ୍ଧବିରତି ଚୁକ୍ତିନାମା ଅନୁଯାୟୀ ଇସ୍ରାଏଲୀ ପଣବନ୍ଦୀମାନଙ୍କୁ ହମାସ୍ ମୁକ୍ତ କରିବାକୁ ଥିବାବେଳେ ଏହା ବଦଳରେ ଇସ୍ରାଏଲ୍ ଜେଲରେ ଥିବା ପାଲେଷ୍ଟିନୀୟ ବନ୍ଦୀମାନଙ୍କୁ ମୁକ୍ତ କରାଯିବା ସର୍ତ୍ତ ରହିଛି। ତେବେ ଇସ୍ରାଏଲ୍ ମୁକ୍ତ କରିବାକୁ ଥିବା ବନ୍ଦୀମାନଙ୍କ ମଧ୍ୟରେ ପାଲେଷ୍ଟିନୀୟମାନଙ୍କ ସବୁଠୁ ଲୋକପ୍ରିୟ ନେତା ମାରୱାନ ବାର୍‌ଘୌଟି ନାହାନ୍ତି। ଏଥିସହିତ ହମାସ୍ ଦାବି କରିଆସୁଥିବା ଅନ୍ୟ କେତେଜଣ ହାଇପ୍ରୋଫାଇଲ ବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ଆବେଦନକୁ ମଧ୍ୟ ଇସ୍ରାଏଲ୍ ଖାରଜ କରିଦେଇଛି। ଇସ୍ରାଏଲ୍ ସରକାରଙ୍କ ପକ୍ଷରୁ ଶୁକ୍ରବାର ଜାରି ହୋଇଥିବା ପ୍ରାୟ ୨୫୦ ଜଣ ବନ୍ଦୀଙ୍କ ତାଲିକା ଚୂଡ଼ାନ୍ତ କି ନୁହେଁ, ତାହା ସ୍ପଷ୍ଟ ହୋଇନାହିଁ। ବାରଘୌଟି ଓ ଅନ୍ୟ ହାଇପ୍ରୋଫାଇଲ୍ ବନ୍ଦୀଙ୍କୁ ମୁକ୍ତ କରାଯିବା ନେଇ ହମାସ୍ ମଧ୍ୟସ୍ଥମାନଙ୍କ ସହ ଆଲୋଚନା କରିଥିଲା। ତେବେ ଇସ୍ରାଏଲ୍ ବାରଘୌଟିଙ୍କୁ ଆତଙ୍କବାଦୀଙ୍କ ନେତା ଭାବେ ଦେଖୁଛି। ୨୦୦୪ ଇସ୍ରାଏଲ୍ ଆକ୍ରମଣ ଘଟଣାରେ ସେ ଦୋଷୀସାବ୍ୟସ୍ତ ହେବା ପରେ ଅନେକ ଥର ଆଜୀବନ ଜେଲଦଣ୍ଡ ଭୋଗିଛନ୍ତି। ତେବେ ବିଶେଷଜ୍ଞଙ୍କ ମତରେ ଅନ୍ୟ କାରଣ ପାଇଁ ଇସ୍ରାଏଲ୍ ବାର୍‌ଘୌଟିଙ୍କୁ ମୁକ୍ତ କରିବାକୁ ଡରୁଛି। କାରଣ ୨ ରାଷ୍ଟ୍ର ସମାଧାନ ସୂତ୍ରର ପ୍ରବକ୍ତା ବାର୍‌ଘୌଟି ପାଲେଷ୍ଟିନୀୟମାନଙ୍କୁ ଏକାଠି କରିପାରନ୍ତି ବୋଲି ଇସ୍ରାଏଲ୍ ଆଶଙ୍କା କରୁଛି। ଶୁକ୍ରବାରଠାରୁ କାର୍ଯ୍ୟକାରୀ ହୋଇଥିବା ଯୁଦ୍ଧବିରତି ଚୁକ୍ତିନାମା ଅନୁଯାୟୀ ହମାସ୍ ପ୍ରାୟ ୨୦ ଜଣ ଜୀବନ୍ତ ଇସ୍ରାଏଲୀ ପଣବନ୍ଦୀଙ୍କୁ ମୁକ୍ତ କରିବାକୁ ଥିବାବେଳେ ଏହା ବଦଳରେ ଇସ୍ରାଏଲ୍ ୨୫୦ ପାଲେଷ୍ଟିନୀୟ ବନ୍ଦୀଙ୍କୁ ଛାଡ଼ିବ। ଏଥିସହିତ ଯୁଦ୍ଧବେଳେ ବିନା କାରଣରେ ଗାଜାରୁ ଇସ୍ରାଏଲ୍ ଅଟକ ରଖିଥିବା ପ୍ରାୟ ୧,୭୦୦ ଲୋକଙ୍କୁ ମୁକ୍ତ କରିବା ସର୍ତ୍ତ ରହିଛି। ତେବେ ଅଧିକାଂଶ ବନ୍ଦୀଙ୍କୁ ଇସ୍ରାଏଲ୍ ଆତଙ୍କବାଦୀ ଏବଂ ଆତ୍ମଘାତୀ ବିସ୍ଫୋରଣକାରୀ ଭାବେ ଦେଖୁଥିଲାବେଳେ ପାଲେଷ୍ଟିନୀୟମାନେ ସେମାନଙ୍କୁ ରାଜନୈତିକ ବନ୍ଦୀ ବା ସ୍ୱାଧୀନତା ସଂଗ୍ରାମୀ ବିବେଚନା କରିଥାନ୍ତି।



ମାରୱାନ ବାର୍‌ଘୌଟି

## ଫୁର୍‌ସତ୍

# ୨,୨୫୩ ଶବ୍ଦର ସବୁଠୁ ଲମ୍ବା ନାଁ

ଅକ୍‌ଲାଣ୍ଡ

ସବୁଠୁ ଲମ୍ବା ନାଁର ରେକର୍ଡ ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡ ନିବାସୀ ଲରେନ୍ସ ୱାଟ୍‌କିନ୍ସଙ୍କ ନାମରେ ରହିଛି। ତାଙ୍କ ନାମରେ ୨,୨୫୩ ଶବ୍ଦ ଥିବାରୁ ୧୯୯୦ ମାର୍ଚ୍ଚରେ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍)ରେ ସ୍ଥାନିତ ହୋଇଥିଲା। ସେତେବେଳେ ତାଙ୍କ ବୟସ ୨୪ ବର୍ଷ ଥିଲା। ବିଶ୍ୱର ସବୁଠାରୁ ଲମ୍ବା ନାଁର ରେକର୍ଡ ଲରେନ୍ସଙ୍କ ନାମରେ ରହିଥିବା ନେଇ କିଛିଦିନ ତଳେ ଜିଡବ୍ଲ୍ୟୁଆର୍ ପକ୍ଷରୁ ୱେବ୍‌ସାଇଟରେ ଅପ୍‌ଡେଟ୍ ଦିଆଯାଇଥିଲା। ଏହାପରେ ଲରେନ୍ସ ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି।

ଲରେନ୍ସଙ୍କ ଜନ୍ମ ସମୟର ନାମ 'ଲରେନ୍ସ ଗ୍ରେଗୋରୀ ୱାଟ୍‌କିନ୍ସ' ଥିଲା। ୧୯୮୯ରେ ସେ ତାଙ୍କ ନାମକୁ ଏକ ବଡ଼ ନାମରେ ପରିବର୍ତ୍ତନ କରି ଜିଡବ୍ଲ୍ୟୁଆର୍ ରେକର୍ଡ ହାତେଇବା ପାଇଁ ସ୍ଥିର କରିଥିଲେ। ସେତେବେଳେ ନ୍ୟୁଜିଲାଣ୍ଡରେ ନାମର ଲମ୍ବ ଉପରେ କୌଣସି ପ୍ରତିବନ୍ଧକ ନ ଥିଲା। ଲରେନ୍ସ ସେତେବେଳେ ସିଟି ଲାଇବ୍ରେରିରେ କାର୍ଯ୍ୟ କରୁଥିବାରୁ ନିଜର ଲମ୍ବା ନାମ ପାଇଁ ସେ ପୁସ୍ତକରୁ ଖୋଜି ବିଭିନ୍ନ ଶବ୍ଦ ବାଛିଥିଲେ। ଏଥିପାଇଁ ସେ ତାଙ୍କ ସହକର୍ମୀଙ୍କଠାରୁ ମଧ୍ୟ ପରାମର୍ଶ ଲୋଡ଼ିଥିଲେ। ସେ ତାଙ୍କ ନାମରେ ସମସ୍ତ ୨,୨୫୩ ଶବ୍ଦକୁ ବର୍ଣ୍ଣାନୁକ୍ରମିକ ଭାବେ ସଜାଇଥିଲେ। ତାଙ୍କ ନାମରେ ଇଂଲିଶର 'A'ଠାରୁ 'Z' ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଣ୍ଣମାଳାର ଶବ୍ଦ ରହିଛି।

ନାମ ପରିବର୍ତ୍ତନ କରିବା ଲରେନ୍ସଙ୍କ ପାଇଁ ସହଜ ନ ଥିଲା। ତାଙ୍କ ନାମ ପରିବର୍ତ୍ତନ ଆବେଦନକୁ ଜିଲା କୋର୍ଟ ମଞ୍ଜୁର କରିଥିଲେ। ତେବେ ଯେତେବେଳେ ଲରେନ୍ସ ତାଙ୍କ ଡ୍ରାଇଭିଂ ଲାଇସେନ୍ସ ଅପ୍‌ଡେଟ୍ କରିବାକୁ ଯାଇଥିଲେ, ତାଙ୍କର ଲମ୍ବା ନାମକୁ ଦେଖି ସେଠାକାର କିରାଣି ଚକିତ ହୋଇଯାଇଥିଲେ। ଏତେ ସଂଖ୍ୟାରେ ଶବ୍ଦ ଥିବା ନାମକୁ ଦେଖି ଡ୍ରାଇଭିଂ ଲାଇସେନ୍ସ ଅପଡେଟ୍ କରିବା ପାଇଁ ଲରେନ୍ସ କରିଥିବା ଆବେଦନକୁ ରେଜିଷ୍ଟ୍ରାର ଜେନେରାଲ ଖାରଜ୍ କରିଦେଇଥିଲେ। ଲରେନ୍ସ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ, ଯେଉଁଠାରେ ତାଙ୍କ ସପକ୍ଷରେ ରାୟ ଆସିଥିଲା। ତେବେ ଲରେନ୍ସଙ୍କ ଏହି ବିଜୟ ପରେ ନ୍ୟୁଜିଲାଣ୍ଡ ସରକାର ଦେଶରେ ଥିବା ଆଇନକୁ ପରିବର୍ତ୍ତନ କରିଥିଲେ। କୌଣସି ବ୍ୟକ୍ତିଙ୍କ ନାମକୁ ୭୦ ଅକ୍ଷର ମଧ୍ୟରେ ସୀମିତ ରଖିବାକୁ ନ୍ୟୁଜିଲାଣ୍ଡରେ ଆଇନ ଆସିଥିଲା। ଏହାଫଳରେ ଲମ୍ବା ନାଁକୁ ନେଇ ଲରେନ୍ସଙ୍କ ଏହି ଅନନ୍ୟ ରେକର୍ଡକୁ ନ୍ୟୁଜିଲାଣ୍ଡର ଆଉ କେହି ଭାଙ୍ଗି ପାରିବେ ନାହିଁ ବୋଲି ସ୍ପଷ୍ଟ ହୋଇଥିଲା। ସମ୍ପ୍ରତି ୬୦ ବର୍ଷୀୟ ଲରେନ୍ସ ଅଷ୍ଟ୍ରେଲିଆର ସିଡ୍‌ନୀରେ ରୁହନ୍ତି। ତାଙ୍କର ପୂରା ନାମ ଏତେ ଲମ୍ବା ଯେ, ତାହାକୁ ଉଚ୍ଚାରଣ କରିବାକୁ ପ୍ରାୟ ୨୦ ମିନିଟ୍ ସମୟ ଲାଗିଥାଏ।



# ନଭେମ୍ବର ୧୪ରେ 'ଦେ ଦେ ପ୍ୟାର୍ ଦେ ୨'

ମୁମ୍ବାଇ

୨୦୧୯ରେ ରୋମାନ୍ସ କମେଡି ଫିଲ୍ମ 'ଦେ ଦେ ପ୍ୟାର୍ ଦେ' ରିଲିଜ୍ ହୋଇଥିଲା, ଯାହାକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ଫିଲ୍ମରେ ଅଭିନେତା ଅଜୟ ଦେବ୍‌ଗନ୍, ଅଭିନେତ୍ରୀ ରକୁଲ ପ୍ରୀତ୍ ସିଂ ଏବଂ ତବୁ ନଜରକୁ ଆସିଥିଲେ। ଏହାର ପ୍ରାୟ ୬ ବର୍ଷ ପରେ 'ଦେ ଦେ ପ୍ୟାର୍ ଦେ'ର ସିକ୍ୱେଲ 'ଦେ ଦେ ପ୍ୟାର୍ ଦେ ୨' ରିଲିଜ୍ ହେବାକୁ ଯାଉଛି। ଆସନ୍ତା ନଭେମ୍ବର ୧୪ରେ ଏହି ଫିଲ୍ମ ରିଲିଜ୍ ହେବ ବୋଲି ଶନିବାର ଅଜୟ ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। ଫିଲ୍ମର ପ୍ରଥମ ଭାଗରେ ଅଜୟ ଓ ରକୁଲଙ୍କ ମଧ୍ୟରେ ପରକୀୟା ପ୍ରୀତି ଥିବା ନେଇ ଦେଖିବାକୁ ମିଳିଥିଲା। ତେବେ ସିକ୍ୱେଲରେ ବିବାହ ପାଇଁ ରକୁଲଙ୍କ ମା'ବାପାଙ୍କୁ ଅଜୟ କିପରି ମନାଉଛନ୍ତି, ତାହାକୁ ନେଇ କାହାଣୀ ଗତି କରିବ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। 'ଦେ ଦେ ପ୍ୟାର୍ ଦେ ୨' ଫିଲ୍ମରେ ଅନ୍ୟମାନଙ୍କ ମଧ୍ୟରେ ଅଭିନେତା ଆର୍. ମାଧବନ, ଜାଭେଦ ଜାଫରୀଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ତେବେ ଫିଲ୍ମର ପ୍ରଥମଭାଗରେ ଥିବା ଅଭିନେତ୍ରୀ ତବୁଙ୍କୁ ଏହି ସିକ୍ୱେଲରେ ଦେଖିବାକୁ ମିଳିବ ନାହିଁ।



ଅଜୟ ଦେବ୍‌ଗନ୍

ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ରବିବାର, ଅକ୍ଟୋବର ୧୨/୨୦୨୫ | Bhubaneswar, Sunday, October 12/2025 | ପୃଷ୍ଠା-୧




କେନ୍ଦୁଝର ଜିଲା ପାଟଣା ରେଞ୍ଜ ବୈତରଣୀ ନଦୀର ତିନି ଧାରିଆ ଟାପୁରେ ଫସିରହିଥିବା ହାତୀପଲ। (ରିପୋର୍ଟ: ପୃଷ୍ଠା-୩)






# ହାରିବାକୁ ଚାହୁଁଛି ବିଜେଡି

**ଭୁବନେଶ୍ୱର, ୧୧।୧୦ (ସୁନିତ୍ ମିଶ୍ର)**

୨୦୨୬ ଏପ୍ରିଲରେ ଓଡିଶାରୁ ୪ ରାଜ୍ୟ ସଭା ଆସନ ଖାଲି ହେବ। ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା ଖାନ(ମୁନା), ନିରଞ୍ଜନ ବିଶି, ସୁଜିତ କୁମାର ଓ ମମତା ମହନ୍ତଙ୍କ କାର୍ଯ୍ୟକାଳ ସରିବାକୁ ଯାଉଛି। ତେଣୁ ଏହି ୪ ଆସନ ପାଇଁ ନିର୍ବାଚନ ରୋଚକପୂର୍ଣ୍ଣ ହେବ ବୋଲି ଯାହା ଆକଳନ କରାଯାଉଥିଲା ସେହି ଅଙ୍କରେ ଶୁକ୍ରବାର ପରିବର୍ତ୍ତନ ହୋଇଯାଇଛି। ଖାଲି ହେବାକୁ ଥିବା ଏହି ୪ ଆସନର ନିର୍ବାଚନକୁ ନେଇ ଗତ ଜୁଲାଇ ୧୧ ତାରିଖରେ ଧରିତ୍ରୀରେ 'ନବୀନ ବିକିବେ ନା ନେତା ଚେତିବେ' ସମ୍ପର୍କିତ ଏକ ଖବର ପ୍ରକାଶ ପାଇଥିଲା। ସେହି ଖବରରେ ମୁଖ୍ୟତଃ ଖାଲି ହେବାକୁ ଥିବା ରାଜ୍ୟ ସଭାର ଚାରୋଟି ଆସନ ମଧ୍ୟରୁ ୪ର୍ଥ ସିଟ୍‌କୁ ନେଇ ରାଜନୀତି ରୋଚକପୂର୍ଣ୍ଣ ହେବ ବୋଲି ଉଲ୍ଲେଖ କରାଯାଇଥିଲା। ରାଜ୍ୟ ସଭା ଭୋଟିଂର ଗଣିତକୁ ମଧ୍ୟ ଅତି ସରଳ ଭାବରେ ସେହି ଖବରରେ ବୁଝାଇ ଦିଆଯାଇଥିଲା। ଆସନ୍ତା ରାଜ୍ୟ ସଭା ନିର୍ବାଚନରେ ୪ର୍ଥ ଆସନ ଲାଗି ଉଭୟ ବିଜେଡି ଏବଂ ଭାଜପା ପାଖରେ ସମାନ ସଂଖ୍ୟକ ଭୋଟ ରହିବ ବୋଲି ଆଶା କରାଯାଉଥିଲା। ହେଲେ ନୂଆପଡା ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ବିଜେଡିର ଗୋଟିଏ ସଂଖ୍ୟା ଖସିଯାଇଛି। ଉପନିର୍ବାଚନ ଫଳ ବାହାରିବା ପରେ ହିଁ ବିଜେଡି ତା'ର ପୂରୁଣା ସଂଖ୍ୟା ରଖିପାରିଲା କି ନାହିଁ ଜଣାପଡିଯିବ। ହେଲେ ଶନିବାର ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଭାଜପାରେ ମିଶିଯିବା ପରେ ବିଜେଡି ତା'ର ପୂର୍ବ ସଂଖ୍ୟା ରଖିବାକୁ ଚାହୁଁ ନ ଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଗତ ମାସ ୭ରୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନୂଆଦିଲ୍ଲୀ ଗସ୍ତରେ ଯାଇ ଶୁକ୍ରବାର(ଗତକାଲି) ଫେରିଛନ୍ତି। ଜୟ ଗତ ଗୁରୁବାର ନୂଆଦିଲ୍ଲୀ ଗସ୍ତରେ ଯାଇ ଶନିବାର ଫେରିବା ପରେ ଭାଜପାରେ ଯୋଗ ଦେଇଛନ୍ତି। ଏହା ଭିତରେ ରାଜ୍ୟ ସଭା ଆସନକୁ ନେଇ ବିଜେଡି ଏବଂ ଭାଜପାର କେନ୍ଦ୍ରୀୟ ନେତାଙ୍କ ଭିତରେ ବୁଝାମଣା ହୋଇଗଲା ବୋଲି କେନ୍ଦ୍ରୀୟ ଗୋଇନ୍ଦା ବିଭାଗର ଜଣେ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

ସୂଚନାଯୋଗ୍ୟ, ବର୍ତ୍ତମାନ ବିଧାନସଭାରେ ଭାଜପା ପାଖରେ ୭୮ ବିଧାୟକ ରହିଛନ୍ତି। ୩ ଜଣ ସ୍ୱାଧୀନ ବିଧାୟକ ଭାଜପାକୁ ସମର୍ଥନ ଦେଇ ଶାସକ ଦଳ ସାଙ୍ଗରେ ଅଛନ୍ତି। ଏହିପରି ବିଧାନସଭାରେ ଭାଜପା ସଂଖ୍ୟା ୮୧ ରହିଛି। ବିଜେଡିର ୫୧ ବିଧାୟକ ଗତ ନିର୍ବାଚନରେ ଜିତିଥିବାବେଳେ ରାଜେନ୍ଦ୍ରଙ୍କ ଦେହାନ୍ତ ପରେ ଏହି ସଂଖ୍ୟା ୫୦ରେ ପହଞ୍ଚିଛି। କଂଗ୍ରେସର ୧୪ ବିଧାୟକ ଥିବାବେଳେ ଜଣେ ସିପିଆଇ(ଏମ୍) ସଦସ୍ୟ ରହିଛନ୍ତି। ଗଣିତ ଅନୁଯାୟୀ ହେବାକୁ ଥିବା ଆଗାମୀ ରାଜ୍ୟ ସଭା ନିର୍ବାଚନରେ ଜଣେ ପ୍ରାର୍ଥୀଙ୍କୁ ଜିତିବା ଲାଗି ୩୦ ଖଣ୍ଡ ଭୋଟ ଆବଶ୍ୟକ। ସେହି ଦୃଷ୍ଟିରୁ ଦେଖିଲେ ଦୁଇଟି ଆସନରେ ଭାଜପା ନିଶ୍ଚିତ ବିଜୟୀ ହେଇଯିବ। ବିଜେଡି ମଧ୍ୟ ଗୋଟିଏ ଆସନରେ ବିଜୟୀ ହେବା ଏକପ୍ରକାର ନିଶ୍ଚିତ। ହେଲେ ୪ର୍ଥ ଆସନ ଲାଗି ବର୍ତ୍ତମାନ ସ୍ଥିତିରେ ଭାଜପା ପାଖରେ ୨୧ ସଂଖ୍ୟା ଥିବାବେଳେ ବିଜେଡି ସଂଖ୍ୟା ୨୦ରେ ପହଞ୍ଚିଛି। ନୂଆପଡା ଆସନକୁ ବିଜେଡି ପୁନର୍ବାର ଦଖଲ କରିବା ପାଇଁ ଜୟଙ୍କୁ ପ୍ରାର୍ଥୀ କରିବ ବୋଲି ତାଙ୍କ ଦଳର ବହୁ ନେତା କାମରେ ଲାଗିଥିଲେ। ଏହା ହୋଇଥିଲେ ବିଜେଡି ଅନୁକମ୍ପାମୂଳକ ଭୋଟ ପାଇ ବିଜୟୀ ହେବାର ସମ୍ଭାବନା ରହିବ ବୋଲି ଦଳୀୟ ନେତାମାନେ ଚିନ୍ତା କରୁଥିଲେ। ହେଲେ ଗୁରୁବାର ପର୍ଯ୍ୟନ୍ତ ସବୁକିଛି ଠିକ୍ ଥିବା ଅଙ୍କ ନବୀନ ଫେରିବାର ପରଦିନ କିପରି ବଦଳିଗଲା ତାକୁ ☞ପୃଷ୍ଠା-୨


**ଆଜିର ସମ୍ପାଦକୀୟ**

ଦୁଇଟି ପଥ

**ଆଜିର ମନ୍ତବ୍ୟ**

" ବିକଶିତ ଭାରତ ସ୍ୱପ୍ନକୁ ବାସ୍ତବ ରୂପ ଦେବାରେ କୃଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆମକୁ ଖାଦ୍ୟରେ ଆତ୍ମନିର୍ଭର ହେବା ସହ ବିଶ୍ୱ ବଜାର ପାଇଁ ଉତ୍ପାଦନ କରିବାକୁ ପଡ଼ିବ।

- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



# ବିବାଦରେ ଆଫଗାନ ମନ୍ତ୍ରୀଙ୍କ ପ୍ରେସ୍ ମିଟ୍

## ମହିଳା ଖବରଦାତାଙ୍କୁ ନ ଡାକିବା ଦୁର୍ଭାଗ୍ୟଜନକ: ବିରୋଧୀ

**ନୂଆଦିଲ୍ଲୀ,୧୧।୧୦**

ନୂଆଦିଲ୍ଲୀ ଗସ୍ତରେ ଆସିଥିବା ଆଫଗାନିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତାକିଙ୍କ ଶୁକ୍ରବାର ପ୍ରେସ୍ ମିଟ୍‌କୁ ମହିଳା ଖବରଦାତାଙ୍କୁ ଆମନ୍ତ୍ରଣ କରାଯାଇ ନ ଥିବାରୁ ତାଲିବାନ୍‌ର ଲିଙ୍ଗଗତ ଭେଦଭାବକୁ କଡ଼ା ସମାଲୋଚନା କରାଯାଇଛି। ପ୍ରେସ୍ ମିଟ୍‌ରେ କେବଳ ପୁରୁଷ ଖବରଦାତାଙ୍କୁ ଦେଖିବାକୁ ମିଳିଥିଲା। ଏହାକୁ ନେଇ ଖବରଦାତା, ରାଜନେତା ଓ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀ ଅସନ୍ତୋଷ ପ୍ରକାଶ



ଆଫଗାନିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତାକି (ବାମ)ଙ୍କ ପ୍ରେସ୍ ମିଟ୍।

କରିଛନ୍ତି। ଏହାକୁ ମହିଳା ବିରୋଧୀ ମାନସିକତା ଓ ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଅପମାନ ବୋଲି ସେମାନେ ଦର୍ଶାଇଛନ୍ତି। ଏଭଳି କାର୍ଯ୍ୟ ମହିଳାମାନଙ୍କ ପ୍ରତି ଅପମାନ ଓ ଏହା ଗ୍ରହଣୀୟ ☞ପୃଷ୍ଠା-୯

## ତାଲିବାନ୍‌ଙ୍କ ପାଇଁ ମହିଳା ମଣିଷ ନୁହନ୍ତି: ତସ୍‌ଲିମା

ନୂଆଦିଲ୍ଲୀରେ ଆଫଗାନିସ୍ତାନ ମନ୍ତ୍ରୀଙ୍କ ଖବରଦାତା ସମ୍ମିଳନୀରେ ମହିଳା ସାମ୍ବାଦିକଙ୍କୁ ଅନୁମତି ନ ଦେବା ଘଟଣାକୁ ବାଂଲାଦେଶର ନିର୍ବାସିତ ଲେଖିକା ତସ୍‌ଲିମା ନାସ୍‌ରିନ୍ ନିନ୍ଦା କରିଛନ୍ତି। ତାଲିବାନ୍ ମହିଳାମାନଙ୍କୁ ମାନବାଧିକାର ଦେଇନାହିଁ, କାରଣ ସେମାନେ ମହିଳାଙ୍କୁ ମାନବ ବିବେଚନା କରନ୍ତି ନାହ ବୋଲି ତସ୍‌ଲିମା କହିଛନ୍ତି। ଖବରଦାତା ସମ୍ମିଳନୀରେ ଉପସ୍ଥିତ ପୁରୁଷ ଖବରଦାତା ☞ପୃଷ୍ଠା-୯

# ମହାକାଶ ଯିବ ଓଡ଼ିଶା ନିର୍ମିତ 'ବ୍ୟୋମମିତ୍ର'

**ଭୁବନେଶ୍ୱର,୧୧।୧୦ (ସୁଚିସ୍ମିତା ସାହୁ)**

ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ଆସନ୍ତା ଡିସେମ୍ବରରେ 'ଗଗନୟାନ' ମିଶନରେ ହାଫ୍ ହ୍ୟୁମାନଏଡ୍ ବା ଅର୍ଦ୍ଧମାନବୀୟ ରୋବୋକୁ ସାମିଲ କରିବାକୁ ଯାଉଛି। ପ୍ରଥମଥର ମହାକାଶ ଯିବ ମହିଳା ରୋବୋ 'ବ୍ୟୋମମିତ୍ର'। ତେବେ ବ୍ୟୋମମିତ୍ରର ମୁଣ୍ଡ, ୨ଟି ହାତ ସହ ଶରୀରର ୯୦ ପ୍ରତିଶତ ଅଂଶକୁ ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ ଟୁଲ୍



ଟ୍ରେନିଂ ସେଣ୍ଟର(ସିଟିଟିସି)ରେ ତିଆରି କରାଯାଉଛି। ଏହି ପରୀକ୍ଷଣ ସଫଳ ହେଲେ ୨୦୨୭ରେ ମହାକାଶଚାରୀଙ୍କୁ ଅନ୍ତରୀକ୍ଷକୁ ପଠାଯିବ। ସିଟିଟିସିରେ ଚାଲିଥିବା ଏହି ବଡ଼ ପ୍ରକଳ୍ପରେ ୨୦୦ରୁ ଅଧିକ ବୈଜ୍ଞାନିକ ଓ କର୍ମଚାରୀ ସାମିଲ ଅଛନ୍ତି। ତେବେ ଏହି ଟିମ୍‌ର ଦାୟିତ୍ୱ ନେଇଛନ୍ତି ଓଡ଼ିଆ ବୈଜ୍ଞାନିକ। ଟାଇଟାନିୟମ ଧାତୁରେ ନିର୍ମିତ ଏହା ରୋବୋର ମୁଣ୍ଡଟି ଏଏଲ୍‌ଏସ୍‌ଆଇ-୧୦ଏମ୍‌ଜି ଧାତୁରେ ତିଆରି କରାଯାଇଛି, ଯାହାର ଓଜନ ୮୦୦ ଗ୍ରାମ। ୪ ମାସ ଭିତରେ ରୋବୋର ମୁଣ୍ଡ, ଦୁଇଟି ହାତ ଏବଂ ଶରୀରର ଅଧା ଅଂଶ ତିଆରି କରାଯାଇଛି। ରୋବୋଟିକ୍ସ ☞ପୃଷ୍ଠା-୯

## ଭୁବନେଶ୍ୱର

- ଆହୋରଣ ଟ୍ରଷ୍ଟ ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର, ସ୍ଥାନ: ଏନ୍-୬, ରାମେଶ୍ୱର ମନ୍ଦିର, ଜୟଦେବ ବିହାର, ସମୟ: ସକାଳ ୯ଟା।
- ସେଣ୍ଟ୍ରାଲ୍ ବ୍ୟାଙ୍କ ରିଟାର୍ଡ ଆସୋସିଏଶନ୍ ପକ୍ଷରୁ ଜେନେରାଲ୍ ବଡି ମିଟିଙ୍ଗ, ସ୍ଥାନ: ହୋଟେଲ ଭୁରେନ୍, କଟକ ରୋଡ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ମାର୍ଟ ଗ୍ଲାସ୍ ଡିଷ୍ଟ୍ରିବ୍ୟୁଶନ୍ କ୍ୟାମ୍ପ, ସ୍ଥାନ: ରମାଦେବୀ ବିଶ୍ୱ ବିଦ୍ୟାଳୟ ଓଲ୍ଡ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବୈଶିଷ୍ଟ୍ୟ ୨ୟ ବାର୍ଷିକ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ଅପରାହ୍ନ ୩ଟା।
- ଉତ୍କଳ ଭାରତୀ ବିଦୁଷ ସଭା ଓ ପାର୍ବତୀ ଗୋବିନ୍ଦ ସାହିତ୍ୟ ସଂସଦ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୪ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ଭୁବନେଶ୍ୱର ମହାନଗର ପକ୍ଷରୁ ଶତାବ୍ଦୀ ବର୍ଷ ସ୍ୱାଗତ ସଞ୍ଚଳନ, ସ୍ଥାନ: ସହିଦ ନଗର ଦୁର୍ଗାମଣ୍ଡପ, ଖାରବେଳ ନଗର ଖଦି ବୋର୍ଡ ସାମ୍ନା, ୟୁନିଟ୍ ୩ ନୂଆ ସରସ୍ୱତୀ ଶିଶୁ ମନ୍ଦିର ଓ ୟୁନିଟ୍ ୩ ପୁରୁଣା ସରସ୍ୱତୀ ଶିଶୁ ମନ୍ଦିର, ସମୟ: ଅପରାହ୍ନ ୪ଟା ୩୦।
- ଫ୍ରେଣ୍ଡସ୍ କ୍ଲବ୍ ଗଜଲକ୍ଷ୍ମୀ ପୂଜା ପକ୍ଷରୁ ଷ୍ଟାର୍ ନାଇଟ୍ କାର୍ଯ୍ୟକ୍ରମ, ସ୍ଥାନ: ଫ୍ରେଣ୍ଡସ୍ କ୍ଲବ ୟୁନିଟ୍ ୯, ସମୟ: ସନ୍ଧ୍ୟା ୭ଟା।

## କଟକ

- ମହିଳା ପତଞ୍ଜଳି ଯୋଗ ସମିତି ତରଫରୁ ନାରୀ ସୁରକ୍ଷା ସଂଗଠନ ଆଲୋଚନା ଚକ୍ର, ସ୍ଥାନ : ପ୍ରାଣଯୋଗ ପ୍ରତିଷ୍ଠାନ, ବଡ଼ମ୍ବା, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ମା' ଅମ୍ବିକା ଆଶ୍ରମର ପ୍ରତିଷ୍ଠାତା ଓଁକାର ମୁନୀ ଉଦାସୀନଙ୍କର ମହାପ୍ରୟାଣ ଦିବସ, ସ୍ଥାନ: କୁପାରୀ ଅମ୍ବିକା ଆଶ୍ରମ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ରାଜ୍ୟସ୍ତରୀୟ ଭଲିବଲ୍ ଚାମ୍ପିୟନଶିପ୍‌ର ୨ୟ ଦିବସ ମ୍ୟାଚ୍, ସ୍ଥାନ: ଚରମ୍ପା ରେଲୱେ ପଡ଼ିଆ, ଭଦ୍ରକ, ସମୟ: ସକାଳ ୯ଟା।
- ଗଜଲକ୍ଷ୍ମୀ ପୂଜା ଓ ବୈତରଣୀ ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଚନ୍ଦ୍ରଶେଖର କପ ଫୁଟବଲ ପ୍ରତିଯୋଗିତାରେ ଭାଗ ନେବାକୁ ଥିବା ୩୨ ଦଳର ମ୍ୟାନେଜରଙ୍କ ବୈଠକ, ସ୍ଥାନ: ସଖୀ କଲ୍ୟାଣ ମଣ୍ଡପ, ଚମ୍ପୁଆ, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ

- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

# ଆଜି କ'ଣ କେଉଁଠି

## ବ୍ରହ୍ମପୁର

- ଜିଲା ମୂକ ଓ ବଧିର ସଂଘର ବାର୍ଷିକୋତ୍ସବ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସକାଳ ୯ଟା ।
- ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ଶାଖାର ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ, ସ୍ଥାନ: ଉତ୍କଳ ଆଶ୍ରମ ଭାଷା ଭବନ, ସମୟ: ପୂର୍ବାହ୍ନ ୧୦ ଟା।
- କଂଗ୍ରେସର ବାଇକ ଶୋଭାଯାତ୍ରା, ସ୍ଥାନ: ଗିରି ରୋଡ, ସମୟ: ମଧ୍ୟାହ୍ନ ୧୨ ଟା।

## ଗଞ୍ଜାମ

- ମାନବସେବା ସମିତି ପକ୍ଷରୁ ନାରାୟଣ ସେବା କାର୍ଯ୍ୟକ୍ରମ, ସ୍ଥାନ: ମା' ଖମ୍ବେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡମ ଆସିକା, ସମୟ ପୂର୍ବାହ୍ନ ୧୧ ଟା।

## ଢେଙ୍କାନାଳ

- ୮ମ ଲୋକକଳା ମହୋତ୍ସବ ଉଦଘାଟନ, ସ୍ଥାନ: ପଲ୍ଲିଶ୍ରୀ ମେଳ ପଡିଆ, ମହିଷାପାଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରଥମ ବାର୍ଷିକ ଭାଗବତ ପ୍ରବଚନ ଓ ଜ୍ଞାନଯଜ୍ଞ ଶୁଭାଧିବାସ, ସ୍ଥାନ: ତାରେଣୀ ଛକ, ଯୋରନ୍ଦା, ସମୟ: ପୂର୍ବାହ୍ନ ୧୧ଟା ୩୦।
- କାଞ୍ଚନ ବଜାର ପ୍ଲାଟିନମ ଜୟନ୍ତୀ ଷଷ୍ଠ ସନ୍ଧ୍ୟା, ସ୍ଥାନ: କାଞ୍ଚନ ବଜାର, ସମୟ: ସନ୍ଧ୍ୟା ୬ଟା୩୦।

## ଅନୁଗୋଳ

- ପଲ୍‌ସ ପୋଲିଓ କାର୍ଯ୍ୟକ୍ରମ, ସ୍ଥାନ : ଆଠମଲ୍ଲିକ ମୁଖ୍ୟ ଡାକ୍ତରଖାନା ସହିତ ସମସ୍ତ ବୁଥ୍, ସମୟ: ସକାଳ ୮ରୁ।
- ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ, ସ୍ଥାନ : ଆଠମଲ୍ଲିକ ସହର, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ପ୍ରଜ୍ଞାନ ମିଶନ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ଗୀତ ଜ୍ଞାନ ଆବୃତ୍ତି ପ୍ରତିଯୋଗିତା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୁଆବଜାର ପାରାଦୀପ, ସମୟ: ସକାଳ ୮ଟା୩୦।
- ହସ୍ପିଟାଲ ସମ୍ମୁଖରୁ ମଦ ଦୋକାନ ହଟାଇବା ପାଇଁ କଳିଙ୍ଗ ମହିଳା ଶକ୍ତି ପକ୍ଷରୁ ମାନବ ଶୃଙ୍ଖଳ ପ୍ରତିବାଦ, ସ୍ଥାନ: ଅଠରବାଙ୍କି, ପାରାଦୀପ, ସମୟ: ସକାଳ ୯ଟା।
- ଜଗତ୍‌ସିଂହପୁର ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଚେସ ଚାମ୍ପିୟନଶିପ୍, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୁଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ପାରାଦୀପ ପୌରପରିଷଦ ପକ୍ଷରୁ ନୂତନ ଖେଳପଡ଼ିଆର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ, ସ୍ଥାନ: ୫ ନଂ.ୱାର୍ଡ ବାଲିଝରା, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ:ସକାଳ ୬ଟା ।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ନାଗପୁରା, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା।
- ମା' ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ମଡ଼ିଆଳ, ଗରାପୁର, ନୂଆ ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡା ସହର, ଠାକୁରହାଟ, ଡେରାବିଶ, ଅଳପୁଆ, କେନ୍ଦ୍ରାପଡା, ନାରାୟଣପୁର, କୁହୁଡି, ଅଙ୍ଗୁଳାଇ, ମାର୍ଶାଘାଇ, ସମୟ:ସଂଧ୍ୟା ୬ଟା ।

## ଯାଜପୁର

- ବ୍ୟାସନଗର ନୂଆଁଖାଇ ପରିବାର ପକ୍ଷରୁ ନୂଆଁଖାଇ ଭେଟଘାଟ, ସ୍ଥାନ: ଯାଜପୁର ରୋଡ ସଂସ୍କୃତି ଭବନ, ସମୟ : ସକାଳ ୮ଟା।
- ପୋଲିଓ ବୁନ୍ଦା ସେବନ କାର୍ଯ୍ୟକ୍ରମ, ସ୍ଥାନ : ସରକାରୀ ଡାକ୍ତରଖାନା, କନ୍ହେଇପୁର ଶିବ ମନ୍ଦିର ପରିସର, କଲେଜ ଓ ସ୍କୁଲ ପରିସର, ସମୟ: ସକାଳ ୮ଟା।
- ଯାଜପୁର ରୋଡ ଚାନ୍ଦମା ଲକ୍ଷ୍ମୀ ପୂଜା ମେଢ଼ ବିସର୍ଜନ କାର୍ଯ୍ୟକ୍ରମ, ସ୍ଥାନ : ଚାନ୍ଦମା ଥାନା ପଛପଟ ପଥରଛକ, ସମୟ: ଅପରାହ୍ନ ୫ଟା।

## ନୟାଗଡ଼

- ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ଜୟନ୍ତୀ, ସ୍ଥାନ: ନୟାଗଡ ପଠାଣୀ ସାମନ୍ତ ଅଡିଟୋରିୟମ୍ ପ୍ରତିମୂର୍ତ୍ତି ସମୟ: ସକାଳ ୮ଟା ।
- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ନୟାଗଡ ବ୍ଲକ ତେନ୍ତୁଳିଆପଲ୍ଲୀ, ଇଟିକିରି, ନଛିପୁର, ଟିପୁରା, ନୂଆଗାଁ, ଅଦାବନ୍ଧ ଓ ଆଖପାଖ ଅଞ୍ଚଳ, ସମୟ: ସକାଳ ୮ଟାରୁ ରାତି ୯ଟା୩୦ ।
- ରଘୁନାଥ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ୧୯ ବର୍ଷରୁ କମ ଫୁଟବଲ ଟୁର୍ନାମେଣ୍ଟର ୨ୟ ଦିବସ ମ୍ୟାଚ, ସ୍ଥାନ: ଓଡଗାଁ ମିନି ଷ୍ଟାଡିୟମ୍, ସମୟ:ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞର ୩ୟ ଦିବସରେ ରମଜନ୍ମ ଓ ଅହଲ୍ୟା ଉଦ୍ଧାରଣ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ସମ୍ମୁଖ, ସମୟ: ସଂଧ୍ୟା ୭ଟା ।
- ଜଗନ୍ନାଥ ମନ୍ଦିରରେ ଭାଗବତ ମହାପୁରାଣ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ୩ୟଦିବସ, ସ୍ଥାନ: ନୟାଗଡ ପୁରୁଣା ସହର, ସମୟ: ସଂଧ୍ୟା ୭ଟା ।
- ଗଜଲକ୍ଷ୍ମୀ ପୂଜା ଭସାଣି, ସ୍ଥାନ: ଖଣ୍ଡପଡା ବ୍ଲକ ଢ଼ୋଲମରା କୃଷ୍ଣଚନ୍ଦ୍ରପୁର, ସମୟ: ସଂଧ୍ୟା ୭ଟା ।

## ରାୟଗଡ଼ା

- ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ରାୟଗଡ଼ା କୈଳାସ ହୋଟେଲ, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ବିଦ୍ୟାଳୟ ସମୂହ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା, ସ୍ଥାନ: କୋଷାଗୁମୁଡ଼ା ସରକାରୀ ହାଇସ୍କୁଲ ପଡ଼ିଆ, ସମୟ: ସକାଳ ୯ଟା।
- ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରବିସିଂ ମାଝୀଙ୍କ ୧୦୩ ତମ ଜନ୍ମ ବାର୍ଷିକ ଉତ୍ସବ, ସ୍ଥାନ: ଉମରକୋଟ ବାଟିବେଡା, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ପାଣ୍ଡରା ସମାଜ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ମଲ୍ଟି ଫଙ୍କସନ ହଲ, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ୧୦ ଟା।
- ଇପିଏଫ ପେନ୍‌ସନର୍ସ ସଂଘ ବୈଠକ, ସ୍ଥାନ: ଯାଦବ ଭବନ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ପ୍ରାଥମିକ ଶିକ୍ଷକ ସଂଘର ଶପଥ ଗ୍ରହଣ ସମାରୋହ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟ ଇଞ୍ଜିନିୟରିଂ କର୍ମଚାରୀ ଫୋରମ ବୈଠକ, ସ୍ଥାନ: ଦକ୍ଷତା ବିକାଶ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ପୋଲିଓ ଦିବସ, ସ୍ଥାନ: ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସ୍ଥାନ: ସକାଳ ୮ଟା।

## ସମ୍ବଲପୁର

- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ ପରିସର, ସମୟ : ସକାଳ ୬ଟା।
- ଜିଲା ପ୍ରଶାସନ ପକ୍ଷରୁ ପୋଲିଓ କାର୍ଯ୍ୟକ୍ରମ, ସ୍ଥାନ : ଜିଲା ମୁଖ୍ୟଚିକିତ୍ସାଳୟ, ସମୟ : ସକାଳ ୭ଟା ୩୦ ।
- ସମ୍ବଲପୁର ଲିଟିଲ ମିସ ଓ ଲିଟିଲ ମାଷ୍ଟର ପ୍ରତିଯୋଗୀତାର ପ୍ରସ୍ତୁତି ବୈଠକ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ସାଇ ଶିକ୍ଷା ପରିଷଦ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।

## ପ୍ରଥମ ପୃଷ୍ଠାରୁ...

### ହାରିବାକୁ ଚାହୁଁଛି ...

ନେଇ ନାନା ଚର୍ଚ୍ଚା ହେବାରେ ଲାଗିଛି। ମନେ କରାଯାଉ, ନୂଆପଡା ଆସନ ଯଦି ବିଜେଡି ହାତରେ ରାଜ୍ୟ ସଭା ନିର୍ବାଚନ ପର୍ଯ୍ୟନ୍ତ ସ୍ୱାଭାବିକ ଭାବେ ଥାଆନ୍ତା ତାହାଲେ ୪ର୍ଥ ଆସନ ଜିତିବା ଲାଗି ସେମାନଙ୍କୁ ନିଶ୍ଚିତରୂପେ କଂଗ୍ରେସ ଏବଂ ସିପିଆଇ(ଏମ୍) ଦଳର ସହଯୋଗ ନେବା କିମ୍ବା ଦେବାକୁ ପଡିଥାଆନ୍ତା। ହେଲେ ଯେଉଁମାନେ ବିଧାନସଭାର ଗତ ମୌସୁମୀ ଅଧିବେଶନ ବେଳେ କଂଗ୍ରେସ ରାଜ୍ୟ ସରକାର ଏବଂ ତାଙ୍କ ମନ୍ତ୍ରିମଣ୍ଡଳ ବିରୋଧରେ ଆଣିଥିବା ଅନାସ୍ଥା ପ୍ରସ୍ତାବ ସମୟରେ ବିଜେଡି ଆଭିମୁଖ୍ୟ ଦେଖିଥିବେ ସେମାନେ ଅନେକ କିଛି ବୁଝିପାରିଥିବେ। ସରକାର ବିରୋଧରେ କଂଗ୍ରେସର ଅନାସ୍ଥା ପ୍ରସ୍ତାବକୁ ବିଜେଡି ସମର୍ଥନ ନ ଦେଇ ସମଦୂରତା କଥା କହି ଏଡାଇ ଯାଇଥିଲା। ସେହିପରି ଉପରାଷ୍ଟ୍ରପତି ଭୋଟିଂ ସମୟରେ ମଧ୍ୟ ବିଜେଡି ନିର୍ବାଚନରୁ ନିଜକୁ ବିରତ ରଖିଥିଲା। ଏହା ପରୋକ୍ଷରେ ଭାଜପା ପାଇଁ ସହାୟକ ହେଇଥିବା ଚର୍ଚ୍ଚା ହେଲା। ଏଥିରୁ ହିଁ ରାଜନୈତିକ ସମୀକ୍ଷକମାନେ ଆକଳନ କରିସରିଛନ୍ତି ରାଜ୍ୟ ସଭା ଭୋଟିଂରେ କଂଗ୍ରେସ ସମର୍ଥନରେ ବିଜେଡି ୪ର୍ଥ ଆସନ ରଖିବ ନାହିଁ। ଯଦି ରାଜେନ୍ଦ୍ରଙ୍କ ଦେହାନ୍ତ ନ ହୋଇ ସ୍ୱାଭାବିକ ଭାବେ ଏହି ସମୟ ଆସିଥାଆନ୍ତା ତେବେ ସେତେବେଳେ ବିଜେଡି ଲାଗି ଏକ ଅକଡିଆ ପରିସ୍ଥିତି ସୃଷ୍ଟି ହେଇଥାଆନ୍ତା। ରାଜ୍ୟରେ ବିଜେଡି ସରକାର ଥିବା ସମୟରେ ବର୍ତ୍ତମାନର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସଂଖ୍ୟା ଥିବା ସତ୍ତ୍ୱେ ବିଜେଡି ସମର୍ଥନ କରି ଭାଜପା ପ୍ରାର୍ଥୀ ଭାବେ ଦୁଇ ଥର ରାଜ୍ୟ ସଭାକୁ ପଠାଇସାରିଛି। ଅର୍ଥାତ୍ ଆସନ୍ତା ରାଜ୍ୟ ସଭା ନିର୍ବାଚନରେ ୪ର୍ଥ ଆସନ କୌଣସି ମତେ କିପରି ଭାଜପା ହାତରୁ ନ ଖସିବ ସେଥିପାଇଁ ବିଜେଡି ସବୁ ପ୍ରକାର କାର୍ଯ୍ୟ କରିଥାଆନ୍ତା। ହେଲେ ବିଗତ ଦିନର ଭାଜପା ପ୍ରତି ରହି ଆସିଥିବା ଏହି ପ୍ରୀତି ବିଜେଡି ପାଇଁ ଏବେ ଯେତେବେଳେ କାଳ ହେଉଥିଲା, ରାଜେନ୍ଦ୍ରଙ୍କ ଦେହାନ୍ତ ବିଜେଡିଙ୍କୁ ଏକ ନୂଆ ସୁଯୋଗ ଦେଇଥିବା ଦେଇଥିବା ଦେଖାଯାଉଛି। ଏବେଠାରୁ ଯଦି ଗୋଟିଏ ଆସନ ଭାଜପା ହାତକୁ ଚାଲିଯିବ ତେବେ ସେତେବେଳେ ସମଦୂରତା କଥା କହି ପରୋକ୍ଷରେ ଭାଜପାକୁ ୪ର୍ଥ ରାଜ୍ୟ ସଭା ଆସନ ଟି ଦେଇଦେବାକୁ ବିଜେଡି ପାଇଁ ସହଜ ହେବ। ସୂଚନା ମୁତାବକ, କର୍ପୋରେଟ ଦୁନିଆରୁ ଆସିଥିବା ଜଣେ ବ୍ୟକ୍ତି ଯାହାଙ୍କୁ ବିଜେଡି ଆସନ୍ତା ରାଜ୍ୟ ସଭା ନିର୍ବାଚନରେ ପ୍ରାର୍ଥୀ କରିବେ ବୋଲି ଚର୍ଚ୍ଚା ହେଉଛି ତାଙ୍କ ମାଧ୍ୟମରେ ଏହି ନୂଆ ରାଜନୈତିକ ଡିଲ୍ ହୋଇଥିବା ଶୁଣିବାକୁ ମିଳୁଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆପଣା ହସ୍ତେ ଜିହ୍ୱା ଛେଦି**
**କେ ତା'ର ଅଛି ପ୍ରତିବାଦୀ !**

ଯେଉଁ ବ୍ୟକ୍ତି ଜାଣିଶୁଣି ନିଜ ଔଦ୍ଧତ୍ୟ ପ୍ରକଟ କରିବା ସହ ଭୁଲ ମାର୍ଗରେ ପରିଚାଳିତ ହେବ ଦିନେନା ଦିନେ ସେ ନିଶ୍ଚୟ ତା'ର ପରିଣତି ଭୋଗକରିବ। ଏପରିସ୍ଥଳେ ଅନ୍ୟକୁ ଦୋଷ ଦେବାରେ କୌଣସି ଯଥାର୍ଥତା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆପେ ମାରେ ବଢେଇ**
**ଘର ମାରେ କମାର**
**ଘଇତା ମାରେ କେଉଟୁଣୀ**
**ବତାଶ ମାରେ କୁମ୍ଭାର ।**

ବଢେଇ ସବୁ କାମ କରେ, ସ୍ତ୍ରୀ ଓ ପିଲାଙ୍କୁ କାମରେ ଲଗାଏ ନାହିଁ। କମାର ଶାଳରେ ଲୁହା ତାତିଲେ, ଅନ୍ୟମାନେ ସାହାଯ୍ୟ କରନ୍ତି। କେଉଟୁଣୀକୁ ତା'ର ସ୍ୱାମୀ କାମରେ ସାହାଯ୍ୟ କରେ କିନ୍ତୁ କୁମ୍ଭାର ଘରେ ପରିବାରବର୍ଗ ସମସ୍ତେ କୁମ୍ଭାରକୁ ସାହାଯ୍ୟ କରୁଥିବା ବେଳେ ବାଆବତାଶ ହେଲେ ମାଟିପାତ୍ର ଓଦା ହୋଇ ନଷ୍ଟ ହୋଇଯାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



ଜୟ ଢୋଲକିଆ ଭାଜପାରେ ସାମିଲ ହେବାବେଳେ ତାଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ ଓ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଅଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ବଦଳିଲା ନୂଆପଡ଼ା ...

- ଦଳ ଯାହା ଦାୟିତ୍ୱ ଦେବ ନିଷ୍ଠାର ସହ ତୁଲାଇବି: ଜୟ
- ଭାଜପା ପ୍ରାର୍ଥୀ ବିଜୟୀ ହେବେ: ମନମୋହନ
- ନୈତିକତାକୁ ଜଳାଞ୍ଜଳି ଦେବି ନାହିଁ: ବସନ୍ତ
- ରାଜେନ୍ଦ୍ରଙ୍କ ରକ୍ତ ଜୟଙ୍କ ଦେହରେ ନାହିଁ, ସେ ପୋଷ୍ୟପୁତ୍ର: ବିଜେଡି

ଅନ୍ୟ ବିଶ୍ୱସ୍ତ ସୂତ୍ରରୁ ସେ ଭାଜପାରେ ଯୋଗଦେବା ସମ୍ଭାବନା ବାସ୍ତବ ରୂପ ନେଉଛି ବୋଲି ଧରିତ୍ରୀରେ 'ଢୋଲକିଆ ଯିବେ କୁଆଡ଼େ' ଶୀର୍ଷକ ଏକ ଖବର ଶୁକ୍ରବାର ପ୍ରକାଶ ପାଇସାରିଥିଲା। ଶନିବାର ଜୟ ନୂଆଦିଲ୍ଲୀ ଗସ୍ତରୁ ଫେରିବା ପୂର୍ବରୁ ଭାଜପାରେ ତାଙ୍କର ଯୋଗଦାନ ନେଇ ସବୁ ପ୍ରକାର ପ୍ରସ୍ତୁତି ଶେଷ ହୋଇସାରିଥିଲା। ସେ ଓଡ଼ିଶାରେ ପହଞ୍ଚିବା ପରେ ଶତାଧିକ ଲୋକ ତାଙ୍କୁ ସ୍ୱାଗତ ଜଣାଇ ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ନେଇ ଆସିଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଜୟଙ୍କୁ ସ୍ୱାଗତ କରିଥିଲେ। ଏକ ମିଶ୍ରଣ ପର୍ବ ଆୟୋଜନ କରାଯାଇ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସଭାପତି ଜୟଙ୍କୁ ଉତ୍ତରୀୟ ଓ ଦଳୀୟ ଟୋପି ପିନ୍ଧାଇ ତାଙ୍କୁ ଭାଜପାକୁ ସ୍ୱାଗତ କରିଛନ୍ତି। ଖୁବ୍‌ଶୀଘ୍ର ନୂଆପଡ଼ା ଉପନିର୍ବାଚନରେ ଜୟଙ୍କୁ ଭାଜପାରୁ ପ୍ରାର୍ଥୀ କରାଯିବା ନେଇ ଶୁଣିବାକୁ ମିଳିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ଦଳ ହେଉଛି ବିଶ୍ୱର ସର୍ବବୃହତ୍ ଦଳ। ଓଡ଼ିଶାରେ ଭାଜପା ଏକାକୀ ସରକାର ଗଠନ କରିବା ପରେ ବିକଶିତ ପଥେ ଆଗେଇ ଚାଲିଛି। ଭାଜପା ସରକାର କଥାରେ ନୁହେଁ, କାମରେ ବିଶ୍ୱାସକରେ। ଗତ ୧୬ ମାସରେ ଏହି ସରକାର ତାହା କାର୍ଯ୍ୟରେ କରି ଦେଖାଇଛି। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗରେ ନୂଆପଡ଼ା ଜିଲାବାସୀ ଜଣେ ଭଲ ନେତାଙ୍କୁ ହରାଇଛନ୍ତି। ସେ କେବଳ ଜଣେ ଦରଦୀ ନେତା ନ ଥିଲେ, ସାମାଜିକ କର୍ମୀ ହିସାବରେ ମଧ ତାଙ୍କର ପରିଚୟ ଥିଲା। ତାଙ୍କ ଅବର୍ତ୍ତମାନରେ ନୂଆପଡ଼ା ଜିଲାର ବିକାଶ ପ୍ରକ୍ରିୟା ଜାରି ରହିବ। ଜିଲାବାସୀଙ୍କ ଦାୟିତ୍ୱ ସେ ନେଇଛନ୍ତି। ଯେତେବେଳେ ଜିଲାବାସୀ ଚାହିଁବେ ତାଙ୍କୁ ଭେଟିପାରିବେ। ଜୟ ଢୋଲକିଆଙ୍କ ଯୋଗଦାନ ଭାଜପାକୁ ଆହୁରି ସଶକ୍ତ କରିବ। ଗତ ସରକାରରେ ମନ୍ତ୍ରୀମାନେ ନିଜକୁ ଅସହାୟ ମନେକରୁଥିଲେ। ନୂଆପଡ଼ା ଉପନିର୍ବାଚନରେ ଜୟ ପ୍ରମୁଖ ଭୂମିକା ଗ୍ରହଣ କରିବେ। ଦଳର ସମସ୍ତଙ୍କ ସହମତିରେ ଜୟଙ୍କୁ ଭାଜପା କୋଳେଇ ନେଇଛି। ସ୍ୱର୍ଗତ ରାଜୁବାବୁଙ୍କ ଅନେକ ଅଧୁରା ସ୍ୱପ୍ନ ରହିଯାଇଛି। ତାଙ୍କର ଅନେକ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଥିଲେ ମାତ୍ର କେହି ଶତ୍ରୁ ନ ଥିଲେ। ରାଜୁବାବୁ ଅନେକ ସମସ୍ୟାର ସମାଧାନ ଲାଗି ନିଜକୁ ଅସହାୟ ମନେକରୁଥିଲେ। ତାଙ୍କ ଦଳର ସରକାର ଥାଇ ନିଜେ ଜଣେ ବରିଷ୍ଠ ନେତା ହୋଇ ସୁଦ୍ଧା ନିଜ ଅଞ୍ଚଳର ଲୋକଙ୍କ ସମସ୍ୟା ସମାଧାନ କରିବାକୁ ଯାଇ ଅସହାୟ ହେଉଥିଲେ। ନୂଆପଡ଼ା ବିକାଶର ସ୍ୱପ୍ନ ଭାଜପା ପୂରଣ କରିବ। କୌଣସି ପ୍ରଲୋଭନ କିମ୍ବା ଜୋର ଜବରଦସ୍ତିରେ ଜୟଙ୍କୁ ଦଳରେ ସାମିଲ କରାଯାଇ ନାହିଁ। ସେ ତାଙ୍କ ସ୍ୱଇଚ୍ଛାରେ ମିଶିଛନ୍ତି। କେନ୍ଦ୍ରର ସ୍ୱୀକୃତି ପରେ ଜଣେ ଯୁବ ନେତୃତ୍ୱରେ ଦଳକୁ ଆସିଛନ୍ତି। ରାଜୁବାବୁଙ୍କ ସହ ୩ଟି ଟର୍ମରେ ସେ କାମ କରିଛନ୍ତି। ବର୍ତ୍ତମାନ ତାଙ୍କ ପୁଅ ଭାଜପାର ବିଚାରଧାରାରେ ଅନୁପ୍ରାଣିତ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଜୟ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ରାଜ୍ୟ ସଭାପତି ମନମୋହନ ସାମଲ, ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ନୂଆପଡ଼ାର ପୂର୍ବତନ ସାଂସଦ ବସନ୍ତ ପଣ୍ଡାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ଯୋଗଦେଇଛି। ପ୍ରଧାନମନ୍ତ୍ରୀଙ୍କ 'ବିକଶିତ ଭାରତ ଓ ବିକଶିତ ଓଡ଼ିଶା'ର ସ୍ୱପ୍ନ ପୂରଣ କରିବା ପାଇଁ ଅନ୍ତିମ ନିଃଶ୍ୱାସ ପର୍ଯ୍ୟନ୍ତ ସେ ଚେଷ୍ଟା କରିବେ। ବିକାଶ ଧାରା ଏକ ନିରନ୍ତର ପ୍ରକ୍ରିୟା। ନୂଆପଡ଼ା ଏକ ଉପାନ୍ତ ଅଞ୍ଚଳ। ଏହି ଅଞ୍ଚଳର ବିକାଶ ପାଇଁ ବାପା ଅନେକ ସ୍ୱପ୍ନ ଦେଖିଥିଲେ। ଏହି ଅଧୁରା ସ୍ୱପ୍ନ ପୂରଣ କରିବା ପାଇଁ ବର୍ତ୍ତମାନ ସେ ଭାଜପାରେ ଯୋଗଦେଇଛନ୍ତି। ନୂଆପଡ଼ାକୁ ରାଜ୍ୟର ୧ ନମ୍ବର ଜିଲା ଭାବେ ଗଢ଼ି ତୋଳିବାକୁ ଶପଥ ନେଉଛି ବୋଲି ସେ କହିଛନ୍ତି। ବାପାଙ୍କ ଭଳି ସମାଜସେବା କରିବା ତାଙ୍କର ସଂକଳ୍ପ। ଦଳ ତାଙ୍କୁ ଯେଉଁ ଦାୟିତ୍ୱ ଦେବ ତାକୁ ସେ ନିଷ୍ଠାର ସହ ତୁଲାଇବେ ବୋଲି ସେ କହିଛନ୍ତି।

ମନମୋହନ ସାମଲ କହିଛନ୍ତି, ରାଜେନ୍ଦ୍ର ଢୋଲକିଆଙ୍କ ଅକାଳ ବିୟୋଗ ପରେ ଉପନିର୍ବାଚନ ଆସନ୍ନ ହୋଇଛି। ଏହି ପରିପ୍ରେକ୍ଷୀରେ ତାଙ୍କ ପୁଅ ଜୟ ଢୋଲକିଆ ଭାଜପାରେ ସାମିଲହେବା ପାଇଁ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ତାଙ୍କ ଯୋଗଦାନ ଦ୍ୱାରା ଦଳ ନୂଆପଡ଼ା ସମେତ ସମଗ୍ର ଓଡ଼ିଶାରେ ଆହୁରି ଅଧିକ ଶକ୍ତିଶାଳୀ ହେବ। ନୂଆପଡ଼ା ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ବିଜୟୀ ହେବେ ବୋଲି ସେ କହିଛନ୍ତି।

ଅନ୍ୟପଟେ ୨୦୨୪ ସାଧାରଣ ନିର୍ବାଚନରେ ଏହି ଆସନରୁ ଭାଜପାର ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ପୁଅ ଅଭିନନ୍ଦନ ପଣ୍ଡାଙ୍କୁ ପ୍ରାର୍ଥୀ କରାଯାଇଥିଲା। ଏହି ନିର୍ବାଚନରେ ଅଭିନନ୍ଦନ ତୃତୀୟ ସ୍ଥାନ ପାଇଥିଲେ। ଆସନ୍ତା ଉପନିର୍ବାଚନରେ ବସନ୍ତ ପୁଣି ଥରେ ତାଙ୍କ ପୁଅକୁ ପ୍ରାର୍ଥୀ କରିବାକୁ ଇଚ୍ଛା କରିଥିବା ଚର୍ଚ୍ଚା ହୋଇଥିଲା। ହେଲେ ଜୟ ଭାଜପା ଯୋଗ ଦେବା ପରେ ବସନ୍ତଙ୍କୁ ଦଳର ରାଜ୍ୟ ସଭାପତି ଏବଂ ମୁଖ୍ୟମନ୍ତ୍ରୀ ବୁଝାଇଥିବା ଚର୍ଚ୍ଚା ହେଉଛି। ବସନ୍ତ ମଧ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି କହିଛନ୍ତି, ଜୟଙ୍କୁ ସେ ଶୁଭେଚ୍ଛା ଜଣାଉଛନ୍ତି। ତାଙ୍କ ମନରେ କୋହ ନାହିଁ। ନୈତିକତାକୁ ଜଳାଞ୍ଜଳି ଦେବେ ନାହିଁ। ସେଥିଲାଗି ସେ ଅସନ୍ତୁଷ୍ଟ ନୁହନ୍ତି। ଜୟ ପ୍ରାର୍ଥୀ ହୋଇନାହାନ୍ତି। ଭାଜପା ଯାହାକୁ ପ୍ରାର୍ଥୀ କରିବ ସେ ସମର୍ଥନ କରିବେ। ଦଳ ପାଇଁ ସେ ପ୍ରଚାର କରିବେ। ସେ ଓ ତାଙ୍କ ପୁଅ ଦଳର କୌଣସି ପଦପଦବୀ ଲାଗି କାମ କରୁନାହାନ୍ତି। ମାଟିର ସେବା ଲାଗି ରାଜନୀତିକୁ ଆସିଛନ୍ତି, ମରିବା ପର୍ଯ୍ୟନ୍ତ କରିବେ ବୋଲି ସେ କହିଛନ୍ତି।

ଅନ୍ୟପଟେ ଭାଜପାରେ ଜୟଙ୍କ ଯୋଗଦାନ ପରେ ବିଜେଡିର ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ନବୀନ ନିବାସଠାରେ ଅନୁଷ୍ଠିତ ହୋଇଯାଇଛି। ଜୟଙ୍କ ଯୋଗଦାନକୁ ନେଇ ଦଳର ବରିଷ୍ଠ ନେତା ପ୍ରତାପ ଜେନା କହିଛନ୍ତି, ଜୟ କହିଥିଲେ ନବୀନ ତାଙ୍କ ନେତା, ହେଲେ ଭାଜପାରେ ମିଶିଲେ। ଏହାର କୌଣସି ପ୍ରଭାବ ନିର୍ବାଚନରେ ପଡ଼ିବ ନାହିଁ। ତାଙ୍କ ମୁଖା ଖୋଲିଗଲା। ରାଜେନ୍ଦ୍ର ଢୋଲକିଆଙ୍କ ଆତ୍ମା କେବେହେଲେ ଜୟଙ୍କୁ କ୍ଷମା ଦେବନାହିଁ। ଭାଜପାରେ ଜୟଙ୍କ ମିଶ୍ରଣ ଲୋକଙ୍କ ଦ୍ୱାରା ନାପସନ୍ଦ କରାଯାଇଛି। ଜୟ ଯଦି ପ୍ରକୃତରେ ରାଜେନ୍ଦ୍ରଙ୍କ ନିଜ ପୁଅ ହୋଇଥାଆନ୍ତେ ତେବେ ସେ ଭାଜପାରେ ମିଶି ନ ଥାଆନ୍ତେ। ଜୟ ଢୋଲକିଆ ପୋଷ୍ୟପୁତ୍ର ହୋଇଥିବାରୁ ଭାଜପାକୁ ଗଲେ। ରାଜେନ୍ଦ୍ରଙ୍କ ରକ୍ତ ଜୟଙ୍କ ଦେହରେ ନାହିଁ ବୋଲି ପ୍ରତାପ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଦୃଢ଼ ଓ କଠୋରକ୍ତି ଫଳରେ ମୁହଁ ସାମ୍ନାରେ କଥା କହିବାକୁ ଅନ୍ୟମାନେ ପଛେଇ ରହିବେ। ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହୁଥିବାର ଶୁଣିବାକୁ ପାଇବେ। କୃତ୍ତିକା ନକ୍ଷତ୍ର ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ଅନୁତାପ କରିବାକୁ ପଡ଼ିବ। ସାମାନ୍ୟ ଚେଷ୍ଟାରେ ଯେଉଁଥିପାଇଁ ଚିନ୍ତିତ ରହିଥିଲେ ଆଜି ତାହା ମିଳିପାରିବ।

**ବୃଷ** – ବନ୍ଧୁ କିମ୍ବା ସହକର୍ମୀଙ୍କ ସହଯୋଗରେ ଆଜିର କାମ ଅଟକିବ ନାହିଁ। ଅଫିସରେ କିମ୍ବା ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ଯାଇ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ସ୍ୱାର୍ଥ ହାସଲ କରିପାରନ୍ତି। ମାତ୍ର ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ମିଥୁନ** – ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କୁ କଟୁସତ୍ୟ କହିବାରୁ ତିକ୍ତତା ସୃଷ୍ଟି ହେବ। ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମଟି ମଧ୍ୟ ହାସଲ କରିବେ। ମୃଗଶିରା ନକ୍ଷତ୍ର ରାଜନୀତି ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ।

**କର୍କଟ** – ଆପଣ ଉଦ୍ୟମ ଅବ୍ୟାହତ ରଖିଲେ ଯେତିକି ଓ ଯେମିତି ପାଇବା କଥା, ତାହାକୁ କିଏ ଅଟକାଇ ପାରିବେ ନାହିଁ। ଯଦିଓ ଅର୍ଥର ଅଭାବ ରହିବ ନାହିଁ ତଥାପି ଅପୂରଣୀୟ ଆଶା ଦୁଶ୍ଚିନ୍ତାର କାରଣ ହେବ। ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଆତ୍ମବିଭୋର ହେବେ। ପୁଷ୍ୟା ନକ୍ଷତ୍ରର ବ୍ୟବସାୟ ଓ ପରିବହନରୁ ଅଶାନ୍ତି ବଢ଼ିବ।

**ସିଂହ** – ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା କାମରେ ଆସିବ। କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ ଏବଂ ସମସ୍ୟାର ସମାଧାନ କରିବାରେ ସଫଳ ହେବେ। ପ୍ରଶାସନ, ପ୍ରକାଶନ, ଔଦ୍ୟୋଗିକ କର୍ମ, ବାଣିଜ୍ୟ, ଶିଳ୍ପ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ। ନିଜ କାମ ସକାଶେ ପରିବାରବର୍ଗଙ୍କ ସହାୟତା ପାଇବେ।

**କନ୍ୟା** – ଆଜି କିଛି ପାଇବାର ଆଶା ରଖିଲେ ଦେବା ପାଇଁ ଚେଷ୍ଟା କରନ୍ତୁ। ଯାତ୍ରା କାଳରେ ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ ଓ କଳହର ସମ୍ଭାବନା ରହିଛି। ଅତିପ୍ରିୟ ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବର ପାଇ ଖୁସି ଅନୁଭବ କରିବେ।

**ତୁଳା** – ଅର୍ଥ ସାହାଯ୍ୟ ପାଇଁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କୁ ଆଜି ହଁ କିମ୍ବା ନାହିଁ କରିବେନି। ଅବଶ୍ୟ ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ, ନଚେତ୍ ହଇରାଣ ହେବାକୁ ପଡ଼ିପାରେ। ତରବରିଆ ଭାବରେ ନିଜର କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯାଇପାରେ। ଚିତ୍ରା ନକ୍ଷତ୍ର ସକାଶେ ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ।

**ବିଛା** – ଯାହା ଦୀର୍ଘଦିନ ହେଲା ହୋଇ ପାରିନଥିଲା ଆଜି ତାହାକୁ ସମ୍ପନ୍ନ କରିବେ। ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କଲେ ସଫଳତା ପାଇପାରିବେ। ପରିବାର ସଦସ୍ୟଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ। ଅନୁରାଧାର ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ।

**ଧନୁ** – ଅତି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗି ରହିବ, କିନ୍ତୁ ସୁଧାରି ନେବାରେ ବନ୍ଧୁଙ୍କ ଅବଦାନ ଅବଶ୍ୟ ରହିବ। ଅଫିସରେ ସହକର୍ମୀମାନଙ୍କ ସହ ମିଷ୍ଟାଳାପ ମଧ୍ୟରେ କାମ କରି ଚାଲିବେ। ପୂର୍ବାଷାଢ଼ା ନକ୍ଷତ୍ର ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି।

**ମକର** – କୌଣସି ବ୍ୟକ୍ତିଠାରୁ ହଠାତ୍ କୌଣସି ଦୁଃଖଦ ଖବର ପାଇ ବିଚଳିତ ବୋଧ କରିପାରନ୍ତି। ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶ୍ରବଣା ସକାଶେ ପଡ଼ୋଶୀମାନେ ବିଭିନ୍ନ ଝାମେଲା ସୃଷ୍ଟି କରିପାରନ୍ତି। କିନ୍ତୁ ଯାତ୍ରା ସମୟରେ ଅସାବଧାନତା ହେତୁ ଧନ ହାନି ଘଟିପାରେ।

**କୁମ୍ଭ** – ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବାର ଆଶଙ୍କା ରହିଛି। କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଏବଂ ସାହିତ୍ୟକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ ରୋଗରେ କଷ୍ଟ ପାଇପାରନ୍ତି।

**ମୀନ** – ପରିବାରରେ ଅଯଥା ବ୍ୟସ୍ତତା ପ୍ରକାଶ କରି ଅଶାନ୍ତ ରହିପାରନ୍ତି। କିନ୍ତୁ ଅନ୍ୟମାନଙ୍କ ଅସୁବିଧାକୁ ସୁଧାରିବା ସକାଶେ ସୁପରାମର୍ଶ ଦେବାରେ ପଛାଇବେ ନାହିଁ। ପରିସ୍ଥିତିବିଶତଃ ଧାର, କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ ହେବେ। ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନଚେତ୍ ସମସ୍ୟା ଉପୁଜିପାରେ।

ଆଜି ଅକ୍ଟୋବର ୧୨ ତାରିଖ, କାର୍ତ୍ତିକ କୃଷ୍ଣ ଷଷ୍ଠୀଯୁକ୍ତ ସପ୍ତମୀ ରବିବାର, ରାଶିନକ୍ଷତ୍ର-ଦିବା ଘ.୦୧।୩୭ମି. ପର୍ଯ୍ୟନ୍ତ ମୃଗଶିରା/ମିଥୁନ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ସପ୍ତମୀର ପାର୍ବଣ ଶ୍ରାଦ୍ଧ, ଦିବା ୦୬।୩୦ ଗତେ ଘ.୦୮।୫୦ ମଧ୍ୟେ, ଘ.୦୧।୦୦ ଗତେ ଘ.୦୩।୦୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୫୪ ଗତେ ଘ.୦୪।୨୨ ମଧ୍ୟେ ରାହୁକାଳ।




# ୧,୬୩୧ ମାମଲାରେ ବଳାତ୍କାର ପୀଡ଼ିତା, ନାବାଳକଙ୍କ ପରିଚୟ ପ୍ରଘଟ

## ସିଏଜି ଧରିଲେ ତ୍ରୁଟି

### ପୋଲିସ ଅଧିକାରୀଙ୍କ ଦାୟିତ୍ୱହୀନ କାର୍ଯ୍ୟ

ଯାଜପୁର,୧୧।୧୦(ହର୍ଷବର୍ଦ୍ଧନ ବେହେରା)

କ୍ରାଇମ୍ ଏବଂ କ୍ରିମିନାଲ ଟ୍ରାକିଂ ନେଟୱର୍କ ସିଷ୍ଟମ୍ (ସିସିଟିଏନ୍ଏସ୍) ଅନୁଯାୟୀ କେତେକ ଆପରାଧିକ ମାମଲାକୁ ସମ୍ବେଦନଶୀଳ ଭାବରେ ଚିହ୍ନଟ କରାଯାଇଛି। ଏଥିରେ ବଳାତ୍କାର ଓ ଗଣବଳାତ୍କାର ପୀଡ଼ିତାଙ୍କ ସମେତ ପ୍ରୋଟେକ୍ସନ ଅଫ୍ ଚିଲଡ୍ରେନ୍ ଫ୍ରମ୍ ସେକ୍ସୁଆଲ ଅଫେନ୍ସ (ପୋକ୍ସୋ) ଆଇନ ଏବଂ ନାବାଳକ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁଙ୍କ ସହିତ ଜଡ଼ିତ ମାମଲାଗୁଡ଼ିକରେ ଶିଶୁଙ୍କ ପରିଚୟ ପ୍ରକାଶ କରିବାକୁ ନାଗରିକ ପୋର୍ଟାଲରେ ନିଷେଧ କରାଯାଇଛି। ଏହିସବୁ ସମ୍ବେଦନଶୀଳ ମାମଲା ଚିହ୍ନଟ କରିବାକୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିଯୁକ୍ତି ମିଳିଛି। କିନ୍ତୁ ସମ୍ପୃକ୍ତ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ୨୦୧୮ ଜାନୁଆରୀରୁ ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ ରାଜ୍ୟର ୩୧ ପୋଲିସ ଜିଲାରେ ୧,୬୩୧ଟି ସମ୍ବେଦନଶୀଳ ମାମଲାରେ ପୀଡ଼ିତା/ପୀଡ଼ିତଙ୍କ ନାମ ଓ ପରିଚୟ ଉକ୍ତ ନାଗରିକ ପୋର୍ଟାଲରେ ପ୍ରକାଶ କରାଯାଇଛି ବୋଲି ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ(ସିଏଜି) ରିପୋର୍ଟରେ ପ୍ରକାଶ ପାଇଛି। ସେଥିଥିରେ ନାଗରିକମାନେ ବିବରଣୀ ଡାଉନଲୋଡ୍ କରିପାରିବେ ଏବଂ ମହିଳା ପୀଡ଼ିତା ଓ ନାବାଳକ ଅପରାଧୀଙ୍କ ପରିଚୟ ଜାଣିପାରିବେ। ଏପରି ମାମଲାରେ ପୀଡ଼ିତାଙ୍କ ପରିଚୟ ପ୍ରକାଶ କରିବା ଆଇପିସିର ଧାରା ୨୨୮(କ) ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ ବୋଲି ରିପୋର୍ଟରେ ଦର୍ଶାଯାଇଛି। ସିସିଟିଏନ୍ଏସ୍ ଡାଟାବେସ୍‌ର ଉପରୋକ୍ତ ସମ୍ବେଦନଶୀଳ ମାମଲାଗୁଡ଼ିକର ଅଡିଟ ହୋଇଥିଲା। ଏଥିରେ ଲକ୍ଷ୍ୟ କରାଯାଇଥିଲା ଯେ, ୨୦୧୮ ଜାନୁଆରୀରୁ ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ ୧୫,୫୭୩ଟି ସମ୍ବେଦନଶୀଳ ମାମଲା ଥିଲା। ସେଥିମଧ୍ୟରୁ କେବଳ ୧୩,୯୪୯ ମାମଲାକୁ ସମ୍ବେଦନଶୀଳ ଭାବରେ ଚିହ୍ନିତ କରାଯାଇଥିଲା ଏବଂ ସେମାନଙ୍କ ପରିଚୟ ପ୍ରକାଶରୁ ବାଦ୍ ଦିଆଯାଇଥିଲା। ତଥାପି ୪୦୨ ଥାନାରେ ବାକି ୧,୬୩୧ ମାମଲାକୁ ସମ୍ବେଦନଶୀଳ ଭାବରେ ଚିହ୍ନିତ କରାଯାଇ ନ ଥିଲା। ଏଥିରେ କେନ୍ଦ୍ରାପଡ଼ା ଜିଲାରେ ସର୍ବାଧିକ ୨୮୨ ମାମଲା, ଗଞ୍ଜାମ ଜିଲାରେ ୧୮୩ ମାମଲା, ଗଜପତି ଜିଲାରେ ୧୪୯ ମାମଲା, ଭୁବନେଶ୍ୱର ପୋଲିସ ଜିଲାରେ ୧୨୧ ମାମଲା, ସମ୍ବଲପୁର ଜିଲାରେ ୭୧ ମାମଲା, ପୁରୀ ଜିଲାରେ ୫୮ ମାମଲା, କଟକ ଜିଲାରେ ୭୨ ମାମଲା, ଯାଜପୁର ଜିଲାରେ ୪୧ଟି ସମ୍ବେଦନଶୀଳ ମାମଲାରେ ପରିଚୟ ପ୍ରକାଶ ପାଇଥିଲା।

# ହୀରାକୁଦରେ ୧୦୦ କୋଟିର ଆକ୍ୱା ପାର୍କ, ପାଣ୍ଡରାରେ ୫୯ କୋଟିର ମାଛ ମାର୍କେଟ

## କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ଼ ଓ ନୂଆପଡ଼ାରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଆରମ୍ଭ

### କୃଷକଙ୍କୁ ସ୍ୱାବଲମ୍ବୀ କରିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୧।୧୦(ସୁନିତ୍ ମିଶ୍ର)

ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନଠାରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହିସବୁ ଯୋଜନା କୃଷକମାନଙ୍କୁ ଆତ୍ମନିର୍ଭର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଛନ୍ତି। ପ୍ରକାଶଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଦେଶର ୧୦୦ ଜିଲାରେଉକ୍ତ ଯୋଜନାଆରମ୍ଭକରାଯାଇଛି। ସେଥିମଧ୍ୟରେ ଓଡ଼ିଶାର ୪ ଜିଲା କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ଼ ଓ ନୂଆପଡ଼ା ରହିଛି। ଏହି ଯୋଜନାରେ ସାରା ଦେଶରେ ଆସନ୍ତା ୬ ବର୍ଷ ପାଇଁ ବର୍ଷକୁ ୨୪ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ଦେଶର ୧.୭ କୋଟି କୃଷକ ଉପକୃତ ହେବେ ବୋଲି ସୂଚନା ଦିଆଯାଇଛି। ଏହି ଅବସରରେ ଶନିବାର ପ୍ରଧାନମନ୍ତ୍ରୀ ସମ୍ବଲପୁରର ବସନ୍ତପୁରଠାରେ ୧୦୦ କୋଟି ଟଙ୍କା ବିନିଯୋଗରେ ଏକ ଅତ୍ୟାଧୁନିକ ସମନ୍ୱିତ ଆକ୍ୱା ପାର୍କ ଏବଂ ଭୁବନେଶ୍ୱରର ପାଣ୍ଡରାଠାରେ ପ୍ରାୟ ୬୦ କୋଟି ଟଙ୍କାର ଅତ୍ୟାଧୁନିକ ମାଛ ମାର୍କେଟ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟ କେବଳ ଓଡ଼ିଶାର ନୁହେଁ, ସାରା ଦେଶର ପ୍ରମୁଖ ଜୀବିକା। ବର୍ତ୍ତମାନ ମଧ୍ୟ ଓଡ଼ିଶାର ୬୦%ରୁ ଅଧିକ ଏବଂ ଦେଶର ପ୍ରାୟ ୫୦% ଲୋକ ଏହା ମାଧ୍ୟମରେ ଜୀବିକା ନିର୍ବାହ କରିଥାନ୍ତି। ତେଣୁ ମୋଦି ସରକାର ୨୦୧୪ରୁ କୃଷକଙ୍କ ପାଇଁ ଅଭୂତପୂର୍ବ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଆସୁଛନ୍ତି। ଫଳରେ ବର୍ତ୍ତମାନ କୃଷକ ସମାଜର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ହୋଇପାରିଛି। ଭୁବନେଶ୍ୱରର ପାଣ୍ଡରା ହୋଲସେଲ୍ ମାଛ ମାର୍କେଟ ପ୍ରକଳ୍ପ ଭୁବନେଶ୍ୱରର କେନ୍ଦ୍ରସ୍ଥଳରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ। ୫୯ କୋଟି ୧୩ ଲକ୍ଷ ଟଙ୍କା ବିନିଯୋଗରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ଏହା ନିର୍ମିତ ହେବ। ଏଥିରେ ୩୦ କୋଟି ଟଙ୍କା କେନ୍ଦ୍ର ଓ ୨୯ କୋଟି ୧୩ ଲକ୍ଷ ଟଙ୍କା ରାଜ୍ୟ ସରକାର ଖର୍ଚ୍ଚ କରିବେ। ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗ ଏବଂ ବିଏମ୍‌ସିର ମିଳିତ ସହଯୋଗରେ କାର୍ଯ୍ୟକାରୀ ହେଉଥିବା ଏହି ମାର୍କେଟ ସିଧାସଳଖ ୧୪୩ ବ୍ୟବସାୟୀଙ୍କୁ ଉପକୃତ କରାଇବ। ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ଏବଂ ପ୍ରକଳ୍ପ କାର୍ଯ୍ୟ ୨୦୨୭ ନଭେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ ହେବ। ଇଣ୍ଟିଗ୍ରେଟେଡ୍ ଆକ୍ୱା ପାର୍କ ଏବଂ ହୋଲସେଲ୍ ମାଛ ବିକ୍ରୟ କେନ୍ଦ୍ର- ଏହି ୨ଟି ପ୍ରକଳ୍ପ ମିଶି ପ୍ରଥମେ ଉତ୍ପାଦନ ପରେ ପ୍ରକ୍ରିୟା ଓ ବିପଣନ ପର୍ଯ୍ୟନ୍ତ ଏକ ଭାଲ୍ୟୁ ଚେନ୍ ସୃଷ୍ଟି କରିବ। ଭାରତର ନୀଳ ବିପ୍ଳବରେ ଅଗ୍ରଣୀ ରାଜ୍ୟ ଭାବେ ଓଡ଼ିଶା ସ୍ଥାନ ପାଇବ। ହୀରାକୁଦରେ ଏହି ଅତ୍ୟାଧୁନିକ ସମନ୍ୱିତ ଆକ୍ୱା ପାର୍କ ୯୫.୪୭ ଏକର ସରକାରୀ ଜମିରେ ନିର୍ମିତ ଏକ ସମ୍ପୂର୍ଣ୍ଣୋପଯୋଗୀ ପଦକ୍ଷେପ, ଯାହା ଆଧୁନିକ ମତ୍ସ୍ୟ ଚାଷକ୍ଷେତ୍ରକୁ ଆହୁରି ବିକଶିତ କରିବ। ଏଥିରେ ୧୦୦ କୋଟି ଟଙ୍କା ବିନିଯୋଗ ହେବ। କେନ୍ଦ୍ର ୬୦ କୋଟି ଓ ରାଜ୍ୟ ସରକାର ୪୦ କୋଟି ଟଙ୍କା ବିନିଯୋଗ କରିବେ। ଏହା ହେବ ପୂର୍ବ ଭାରତର ପ୍ରଥମ ଆକ୍ୱା ପାର୍କ ପ୍ରକଳ୍ପ। ପ୍ରକଳ୍ପର କାର୍ଯ୍ୟ ୨୦୨୭ ଜାନୁଆରୀ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, ବର୍ତ୍ତମାନ ଧାନରେ ଆତ୍ମନିର୍ଭର ହୋଇସାରିଛେ, କିନ୍ତୁ ଡାଲି ଓ ତୈଳବୀଜରେ ହେବାର ସମୟ ଏବେ ଉପନୀତ। ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନ ଯୁଗାନ୍ତକାରୀ ଯୋଜନା। ଓଡ଼ିଶାରେ କୃଷିର ସାମଗ୍ରିକ ବିକାଶ ପାଇଁ ତାହା ଏକ ସୁଦୃଢ଼ ଭିତ୍ତିଭୂମି ସୃଷ୍ଟି କରିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ର ବିଶ୍ରାନ୍ତୁ ଆଭାସି ମାଧ୍ୟମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଉପସ୍ଥିତ ଥିବାବେଳେ କୃଷିଶିକ୍ଷା ସଦନଠାରେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ଓୟୁଏଟି କୁଳପତି ପ୍ରଭାତ କୁମାର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

# କୋମ୍ବିଂ ଅପରେଶନ ବେଳେ ଗୁରୁତର ଯବାନ ଶହୀଦ

ରାଉରକେଲା,୧୧।୧୦(ସଙ୍ଗୀତା ଜେନା)

ଓଡ଼ିଶା-ଝାଡ଼ଖଣ୍ଡ ସୀମାର ପଶ୍ଚିମ ସିଂହଭୂମ ଜରେଇକେଲା ଥାନା ଅଧୀନ ସରଣ୍ଡା ଜଙ୍ଗଲ ଅଞ୍ଚଳରେ କୋମ୍ବିଂ ଅପରେଶନ ବେଳେ ଆଇଇଡି ବିସ୍ଫୋରଣରେ ଗୁରୁତର ଜଣେ ସିଆରପିଏଫ୍ ଯବାନଙ୍କ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମୃତ୍ୟୁ ହୋଇଛି। ମୃତକ ହେଲେ ଆସାମ ରାଜ୍ୟର ମୁନିବାସୀ ତଥା ସିଆରପିଏଫ୍ ୬୦ ବାଟାଲିୟନର ହେଡ୍ କନଷ୍ଟେବଲ ମହେନ୍ଦ୍ର ଲସ୍କର(୪୦)। ତାଙ୍କୁ ଶୁକ୍ରବାର ରାତି ୧୦ଟାରେ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଶନିବାର ସକାଳ ପ୍ରାୟ ୭ଟାରେ ମୃତଦେହକୁ ରାଞ୍ଚି ନିଆଯାଇ ସେଠାରେ ଗାର୍ଡ ଅଫ୍ ଅନର ପ୍ରଦାନ ପରେ ଆସାମକୁ ପଠାଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଏହି ବିସ୍ଫୋରଣରେ ଆହତ ରାମକୃଷ୍ଣ ଗାଗରାଇ ଏବଂ ସିଆରପିଏଫ୍ ଇନ୍ସପେକ୍ଟର କୌଶଲ କୁମାର ମିଶ୍ରଙ୍କୁ ଉନ୍ନତ ଚିକିତ୍ସା ପାଇଁ ଶନିବାର



ମହେନ୍ଦ୍ର ଲସ୍କର

ଅପରାହ୍ନ ୨ଟାରେ ରାଉରକେଲା ବିମାନ ବନ୍ଦରରୁ ଏୟାର ଆମ୍ବୁଲାନ୍ସ ଯୋଗେ ଦିଲ୍ଲୀସ୍ଥିତ ଏମ୍ସ ହସ୍ପିଟାଲକୁ ଏୟାରଲିଫ୍ଟ କରାଯାଇଛି। ଶନିବାର ସକାଳେ ପଶ୍ଚିମାଞ୍ଚଳ ଆଇଜି ବ୍ରିଜେଶ ରାୟ ଓ ରାଉରକେଲା ଏସ୍‌ପି ନୀତେଶ ୱାଧୱାନୀ ହସ୍ପିଟାଲରେ ପହଞ୍ଚି ଆହତମାନଙ୍କ ବିଷୟରେ ପଚାରି ବୁଝିଥିଲେ। ଆହତ ଗାଗରାଇଙ୍କ ଭାଇ ତଥା ଖାଡ଼ଖଣ୍ଡ ରାଜଖରସୁଆଁ ବିଧାୟକ ଦଶରଥ ଗାଗରାଇ ଓ ପରିବାର ଲୋକେ ମଧ୍ୟ ଆହତମାନଙ୍କୁ ଭେଟିବାକୁ ରାଉରକେଲାରେ ପହଞ୍ଚିଥିଲେ। ଅପରପକ୍ଷେ ଡିଆଇଜି ରାୟ କହିଛନ୍ତି, ମାଓବାଦୀ ଦମନ ପାଇଁ ୨ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ କରାଯାଉଛି। ଶୁକ୍ରବାର ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ହୋଇଥିବା ଆଇଇଡି ବିସ୍ଫୋରଣରେ ୩ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଏୟାରଲିଫ୍ଟ କରାଯାଇଛି ଓ ଅନ୍ୟ ଜଣେ ଶହୀଦ ହୋଇଛନ୍ତି। ତେବେ ମାଓବାଦୀ ସକ୍ରିୟତାକୁ ରୋକିବା ପାଇଁ ଡିଏସ୍‌ଏଫ୍ ଏବଂ ଅନ୍ୟ ସୁରକ୍ଷାବଳ ସହ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଉଛି। ସୀମାନ୍ତରେ ସେଭଳି ଅପ୍ରୀତିକର ପରିସ୍ଥିତିର ସୂଚନା ନାହିଁ ବୋଲି ରାୟ କହିଥିଲେ। ସୂଚନାଯୋଗ୍ୟ, ସରଣ୍ଡା ଜଙ୍ଗଲ ଅଞ୍ଚଳରେ ଶୁକ୍ରବାର ଆଇଇଡି ବିସ୍ଫୋରଣରେ ଆହତ କୌଶଲଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ମହେନ୍ଦ୍ର କାନ୍ଧରେ ବୋହି ଆଣି କ୍ୟାମ୍ପରେ ଛାଡ଼ିବା ପରେ ଅନ୍ୟ ଏକ ବିସ୍ଫୋରଣ ହୋଇଥିଲା। ଏଥିରେ ସେ ଏବଂ ଗାଗରାଇ ଗୁରୁତର ହୋଇଥିଲେ। ପ୍ରଥମେ କୌଶଲ ଓ ପରେ ଏହି ୨ଜଣଙ୍କୁ ରାଉରକେଲାକୁ ଅଣାଯାଇଥିଲା।

# ବୈତରଣୀ ଟାପୁରେ ୯ ଘଣ୍ଟା ଫସିଲେ ହାତୀପଲ

ପାଟଣା,୧୧।୧୦(ବୀରକିଶୋର ଦାଶ)


କେନ୍ଦୁଝର ଜିଲା ପାଟଣା ରେଞ୍ଜ ଖୁରେଇଗାଜିରି ସେକ୍ସନ ରାଜନଗର ବିଟ୍ ଅଧୀନ ସୀମାନ୍ତ ବୈତରଣୀ ନଦୀର ଗୁହୁଳୀ ୩ ଧାରିଆ ଟାପୁରେ ଶୁକ୍ରବାର ରାତିରୁ ୩୦କିଆ ହାତୀପଲ ଫସି ରହିଥିଲେ। ନଦୀର ଉଭୟ ପାର୍ଶ୍ୱରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ଲୋକେ ଘେରି ରହିଥିବାରୁ ହାତୀପଲ ୯ ଘଣ୍ଟା ଧରି ଟାପୁରେ ରହିଥିଲେ। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ହାତୀପଲ ମୟୂରଭଞ୍ଜ ସୀମା ତଥା ବୈତରଣୀ ନଦୀ ପାରହେଉଥିବା ସମୟରେ ଟାପୁରେ ଅଟକି ରହିଥିଲେ। ହାତୀପଲରେ ୧୧ ବଡ଼, ୧୨ ମାଈ ଓ ୭ ଛୁଆହାତୀ ରହିଛନ୍ତି। ଛୁଆହାତୀ ସାଙ୍ଗରେ ଥିବାରୁ ଦନ୍ତା ଓ ମା'ହାତୀ ଘେରି ରହିଥିଲେ। ନଦୀର ଉଭୟ ପାର୍ଶ୍ୱରେ ହାତୀ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ପ୍ରଖର ସ୍ରୋତ ସାଙ୍ଗକୁ ଲୋକଙ୍କ ଭିଡ଼ କାରଣରୁ ହାତୀ କୂଳକୁ ଆସିପାରି ନ ଥିଲେ। ଅପରାହ୍ନ ୩ଟାରେ ହାତୀପଲ ନଦୀ ପାରହୋଇ ମୟୂରଭଞ୍ଜ ବନ ବିଭାଗ ଜଙ୍ଗଲକୁ ଚାଲିଯାଇଛନ୍ତି। ସନ୍ଧ୍ୟାରେ ରାଇଜଙ୍ଗଲ ନିକଟରେ ପହଞ୍ଚିଥିବା ଖୁରେଇଗାଜିରି ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ କହିଛନ୍ତି। ହାତୀଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଖୋଦ୍‌ଡିଏଫ୍‌ଓ ଧନରାଜ ହନୁମନ୍ତ ଉପସ୍ଥିତ ରହିଛନ୍ତି।

# ସ୍ୱପ୍ନର ଶକ୍ତି

ଆମ ଶରୀରରେ ଜନ୍ମ ସମୟରେ ପାଖାପାଖି ୨୭୦ଟି ହାଡ଼ ବା ଅସ୍ଥି ଥାଏ। ତାହା ସମୟକ୍ରମେ ୨୦୬କୁ ହ୍ରାସ ପାଇଥାଏ। ସେହିପରି ଆମ ଶରୀରରେ ପାଖାପାଖି ୩୬୦ ଖଞ୍ଜା ବା ଗଣ୍ଠି ଥାଆନ୍ତି। ମୁଣ୍ଡରେ ଗୋଟିଏ ହାଡ଼ ସହ ଆଉ ଗୋଟିଏ ହାଡ଼ ଲାଗିଥାଏ, ମାତ୍ର କୌଣସି ଚଳନ ନ ଥାଏ। ସେହିପରି ଛାତି ଓ ଅନ୍ୟ ସ୍ଥାନରେ ଥିବା ଉପାସ୍ଥିର ଗତିଶୀଳ ଖଞ୍ଜା ନ ଥାଏ। ମେରୁଦଣ୍ଡରେ ଥିବା ଖଞ୍ଜାର ଚଳନ ମଧ୍ୟ ଖୁବ୍ ସୀମିତ ଯଥା ସାମାନ୍ୟ ଓ ଆଗ ପଛକୁ ଥାଏ। ମାତ୍ର କାନ୍ଧ, ଆଣ୍ଠୁ ଇତ୍ୟାଦି ଅନେକ ଦିଗକୁ ବୁଲିପାରନ୍ତି। ଆଣ୍ଠୁ କେବଳ ପଛକୁ ଓ କେବଳ ପଛକୁ ଓ ଆଗକୁ ହୋଇଥାଏ। ହାତର ଆଙ୍ଗୁଠି ଓ ପାଦର ଆଙ୍ଗୁଠି ମଧ୍ୟ ସୀମିତ ବୁଲିପାରନ୍ତି। ହିପ୍ ଜଏଣ୍ଟ ବା ନିତମ୍ବ ଖଞ୍ଜା ଓ କାନ୍ଧର ଖଞ୍ଜାରେ ଗୁଡ଼ିଏ ହାଡ଼ ବଲ୍ ଓ ସକେଟ ପରି ଥାଆନ୍ତି। ଗୁଡ଼ିଏ ହାଡ଼ କିମ୍ବା ଏକାଧିକ ହାଡ଼ର ମିଳନ ଯେଉଁଠି, ସେହି ହାଡ଼ ଭିନ୍ନ ଦିଗକୁ ତଳୁଉପରକୁ ପାର୍ଶ୍ୱରୁ ପାର୍ଶ୍ୱକୁ ବୁଲି ପାରନ୍ତି ଓ ସ୍ଥଳ ବିଶେଷରେ କେବଳ ପାଖକୁ ପାଖ ଲାଗି କରି ଥାଆନ୍ତି, ତାହାକୁ ଗଣ୍ଠି ବା ଖଞ୍ଜା କୁହାଯାଏ।

ପ୍ରତିବର୍ଷ ଅକ୍ଟୋବର ୧୨ ତାରିଖକୁ ବିଶ୍ୱ ଆର୍ଥ୍ରାଇଟିସ ବାତ ଦିବସ (ୱାର୍ଲ୍ଡ ଆର୍ଥ୍ରାଇଟିସ୍ ଡେ') ଭାବରେ ପାଳନ କରାଯାଇଥାଏ। ଏହି ଅବସରରେ ଚଳିତ ବର୍ଷର ପ୍ରସଙ୍ଗ ରହିଛି-'ସ୍ୱପ୍ନର ଶକ୍ତି'। ଆର୍ଥ୍ରାଇଟିସ୍ ବା ଗଣ୍ଠିବାତ ରୋଗ ବିଷୟରେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ରାମଚନ୍ଦ୍ର ରାଉତ କୁହନ୍ତି, ଏହି ବାତ ରୋଗ ପୁରୁଷଙ୍କଠାରୁ ମହିଳାମାନଙ୍କୁ ଅଧିକ ମାତ୍ରାରେ ହୋଇଥାଏ। ପ୍ରାୟ ୬୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କ ମଧ୍ୟରୁ ୪୦% ଏଥିରେ ପୀଡ଼ିତ ହୋଇଥାଆନ୍ତି। ଏକ ସର୍ଭେରୁ ଜଣାପଡ଼ିଛି, ଡାକ୍ତରଙ୍କ ପରାମର୍ଶ ପାଇଁ ଆସୁଥିବା ଲୋକଙ୍କ ମଧ୍ୟରୁ ଚାରି ଜଣରୁ ଜଣଙ୍କର ଗଣ୍ଠିଜନିତ ରୋଗ ଥାଏ। ଗଣ୍ଠିଜନିତ ରୋଗ ଯୋଗୁ ଚଳପ୍ରଚଳରେ ଅସୁବିଧା, ଗଣ୍ଠିରେ ଯନ୍ତ୍ରଣା ଓ କାର୍ଯ୍ୟ ନ କରିବା ପରି ଗୁରୁତର ଅବସ୍ଥା ହୋଇଥାଏ। ସାଧାରଣତଃ ଶରୀରର ଓଜନ ବହନ କରୁଥିବା ଆଣ୍ଠୁ, ହାତରେ ଉଠାଉଥିବା ସମସ୍ତ ଜିନିଷର ଭାର କାନ୍ଧ, ଶରୀରର ଓଜନ ବହନ କରୁଥିବା, ଚାଲିବା, ଦୌଡ଼ିବା, ଡେଇଁବା ମାରିବାରେ ସାହାଯ୍ୟ କରୁଥିବା ନିତମ୍ବ ବା ହିପ୍ ଗଣ୍ଠିବାତ ଦ୍ୱାରା ଆକ୍ରାନ୍ତ ହୋଇଥାଏ। ଏକ ସର୍ଭେରୁ ଜଣାପଡ଼ିଛି, ଆମ ଦେଶରେ ପ୍ରାୟ ୧୮ କୋଟି ଲୋକ ରୁମାଟଏଡ ଆର୍ଥ୍ରାଇଟିସରେ ପୀଡ଼ିତ ଏବଂ ପ୍ରତି ଚାରି ଜଣରେ ଜଣେ ଗଣ୍ଠିବାତ ରୋଗରେ ପୀଡ଼ିତ। ଏଥିପାଇଁ ବୟସ ବଢ଼ିବା ସହିତ ସତର୍କ ରହିବାକୁ ହେବ। ଶରୀରରେ ଯଦି କ୍ୟାଲ୍‌ସିୟମ ଏବଂ ଭିଟାମିନ୍-ଡିର ଅଭାବ ରହିଛି, ତାହାକୁ ପୂରଣ କରିବାକୁ ପଡ଼ିବ। ଏଥିସହ ଓଜନକୁ ନିୟନ୍ତ୍ରଣରେ ରଖିବାକୁ ହେବ। ତେବେ ଗୋଟିଏ ପୋଜିସନରେ ଅଧିକ ସମୟ ବସିବା ଅନୁଚିତ। ଯଦି ଗଣ୍ଠିବାତ ଜନିତ ସମସ୍ୟା ଥାଏ ତେବେ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ।

## ଆଜି ବିଶ୍ୱ ଆର୍ଥ୍ରାଇଟିସ୍ ଦିବସ



# ମସ୍ତିଷ୍କରୁ ବାହାରିଲା ୪ ସେ.ମି.ର ମାଂସ

## ଏମ୍‌କେସିଜିରେ ପୁଣି ବିରଳ ଅସ୍ତ୍ରୋପଚାର

ବ୍ରହ୍ମପୁର,୧୧।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ପୁଣି ଏକ ବିରଳ ଅସ୍ତ୍ରୋପଚାର ହୋଇଛି। ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ପାତି ସୁନାପୁର ଅଞ୍ଚଳର ଗଣ୍ଡାଲା ମାସେନ୍ନୁ (୫୬)ଙ୍କ ମସ୍ତିଷ୍କରୁ ୪ ସେ.ମି.ର ମାଂସ ବାହାର କରାଯାଇଛି। ଗଣ୍ଡାଲା ମାନସିକ ବିକାରଗ୍ରସ୍ତଙ୍କ ପରି ଆଚରଣ କରୁଥିଲେ। ମୁଣ୍ଡର ଉପର ଭାଗରେ ଘା ହୋଇ ପୂଜ ବାହାରୁଥିଲା ବୋଲି ତାଙ୍କ ପରିବାରବର୍ଗ କହିଛନ୍ତି। ତାଙ୍କର ଚିକିତ୍ସା ପାଇଁ ପ୍ରଥମେ ଇଚ୍ଛାପୁରମ ଡାକ୍ତରଖାନା ଓ ପରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିଲା। ପରିବାର ଲୋକେ ନିରୁପାୟ ହୋଇ ଗତ ୨୦ ତାରିଖରେ ଏମ୍‌କେସିଜି ମେଡିକାଲକୁ ଆଣିଥିଲେ। ନ୍ୟୁରୋ ସର୍ଜରି ବିଭାଗୀୟ ମୁଖ୍ୟ ଡା. ରବି ନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଚିକିତ୍ସା ଆରମ୍ଭ କରାଯାଇଥିଲା। ପରୀକ୍ଷା ନିରୀକ୍ଷା ପରେ ଗଣ୍ଡାଲାଙ୍କ ମସ୍ତିଷ୍କର ମଧ୍ୟଭାଗରେ ୪ ସେ.ମି.ର ମାଂସ ରହିଥିବା ଜଣାପଡ଼ିଥିଲା। ସେ ଉଚ୍ଚ ମଧୁମେହ ରୋଗରେ ଆକ୍ରାନ୍ତ ଥିବାରୁ ସ୍ୱାସ୍ଥ୍ୟାବସ୍ଥାରେ ସ୍ଥିରତା ଆସିବା ପରେ ଗତ ବୁଧବାର ଡା. ପଣ୍ଡାଙ୍କ



ନେତୃତ୍ୱରେ ଏକ ଟିମ୍ ପ୍ରାୟ ୪ ଘଣ୍ଟା ଅସ୍ତ୍ରୋପଚାର କରି ମସ୍ତିଷ୍କରୁ ମାଂସ କାଢ଼ିବାରେ ସଫଳ ହୋଇଛନ୍ତି। ଏହି ଜଟିଳ ଅସ୍ତ୍ରୋପଚାର ପାଇଁ ଖପୁରି ପାଖର ଏକ ହାଡ଼ ବାହାର କରି ପେଟ ପାଖରେ ରଖା ଯାଇଛି। ସୁସ୍ଥ ଅବସ୍ଥାକୁ ଫେରିଲେ ତାହାକୁ ପୁନଃ ସ୍ଥାପନ କରାଯିବ ବୋଲି ଡାକ୍ତର ସୂଚନା ଦେଇଛନ୍ତି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାରୁ ସେ ସାଧାରଣ ୱାର୍ଡରେ ଅଛନ୍ତି। ଡା.ଦେବବ୍ରତ ସେନାପତି, ଡା.ଦେବଶ୍ରୀ ମହାରଣା, ଡା.ପୁଷ୍ପାର କାନ୍ତ ରଥ, ଡା ପି.ହରି ପ୍ରସାଦ ଓ ନିଶ୍ଚେତକ ବିଭାଗର ଡାକ୍ତର ମାନସ କୁମାର ନାହାକ ପ୍ରମୁଖ ଅସ୍ତ୍ରୋପଚାରରେ ସହଯୋଗ କରିଥିଲେ।

# ବିବାହ ପ୍ରସ୍ତାବ ଦେଖିବାକୁ ଆସି ଯୁବତୀଙ୍କ ଗଳାକାଟି ଯୁବକ ଗିରଫ

ରାଜକନିକା,୧୧।୧୦(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅନ୍ତର୍ଗତ ଜୟନଗର ପଞ୍ଚାୟତ କୁଣ୍ଡିପୁର ଗାଁର ସୁଶାନ୍ତ କିଶୋର ଦାସଙ୍କ ଭାଣିଜୀ ପ୍ରିୟଙ୍କା ଦାସ(୨୦)ଙ୍କୁ ଗାରଡ଼ପୁର ଗାଁର ସୁବ୍ରତ ନାୟକ(୨୬) ଓ ତାଙ୍କ ମା' ମନୋରମା ନାୟକ ଶନିବାର ବିବାହ ପ୍ରସ୍ତାବ ନେଇ ଦେଖିବାକୁ ଆସିଥିଲେ। ସେଠାରେ ଦେଖାଚାହାଁ ଚାଲିଥିଲା। ପରେ ପୁଅ ସୁବ୍ରତ ଝିଅ ପ୍ରିୟଙ୍କା ସହ କିଛି କଥା ହେବା ଲାଗି କହିଥିଲେ। ଉଭୟ ଏକ କୋଠରିକୁ କଥା ହେବାକୁ ଯାଇଥିଲେ। ହେଲେ ସୁବ୍ରତ ଘର କବାଟ ବନ୍ଦକରି ଝିଅ ପ୍ରିୟଙ୍କାଙ୍କୁ ଏକ ଛୁରିରେ ଆକ୍ରମଣ କରି ଗଳାର ଦୁଇ ଜାଗାକୁ କାଟି ଦେଇଥିଲେ। ଝିଅର ଚିତ୍କାର ଶୁଣି ପରିବାର ଲୋକ କବାଟ ଭାଙ୍ଗି ଉଦ୍ଧାର କରିଥିଲେ। ଏହା ଜଣାପଡ଼ିବା ପରେ ଗାଁ ଲୋକମାନେ ଜମା ହୋଇ ସୁବ୍ରତଙ୍କୁ କାବୁକରି ଏକ ଖୁଣ୍ଟରେ ବାନ୍ଧି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସୁବ୍ରତଙ୍କୁ ଥାନାକୁ ଆଣିଥିଲା। ପ୍ରିୟଙ୍କାଙ୍କୁ ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ସେଠାରେ ଚିକିତ୍ସା କରାଇ ଥାନାରେ ପ୍ରିୟଙ୍କାଙ୍କ ମାମୁ ସୁଶାନ୍ତ କିଶୋର ଦାସ ଅଭିଯୋଗ କରିଥିଲେ। ପୋଲିସ ନଂ: ୫୧୪/୨୫ରେ ମାମଲା ରୁଜୁ କରି ସୁବ୍ରତଙ୍କ ଗିରଫକରି ଚାଲାଣ କରିଛି। ଚଳାଇ ଥିବା ଥାନା ଅଧିକାରୀ ସଞ୍ଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଏ ନେଇ ଉଭୟ ଝିଅ ଓ ପୁଅଙ୍କ ମଧ୍ୟରେ ବିବାହ ଲାଗି ନିଷ୍ପତ୍ତି ସହ ଦେଖାସାକ୍ଷାତ ଶେଷ ହୋଇଥିଲା। ଶନିବାର ପୁନର୍ବାର ସୁବ୍ରତ ଏବଂ ତାଙ୍କ ମା' ମନୋରମା ଝିଅ ପ୍ରିୟଙ୍କାଙ୍କୁ ଦେଖିବାକୁ ଆସି ଏଭଳି ଘଟଣା ଘଟିଛି। କିନ୍ତୁ ଆକ୍ରମଣର କାରଣ ଜଣାପଡ଼ି ନାହିଁ।


ଗିରଫ ଯୁବକ ସୁବ୍ରତ ନାୟକ




> ଈଶ୍ୱର ଯଦି ମୋ ପାଇଁ ନରକବାସର ବ୍ୟବସ୍ଥା କରନ୍ତି- ତେବେ ମୁଁ ଜାଣେ ନା- ମୁଁ ବା କାହିଁକି ସ୍ୱର୍ଗରେ ବାସ କରିବା ପାଇଁ ଅଭିଳାଷ କରିବି? କାରଣ- ମୋ ଲାଗି କ'ଣ ଶୁଭ ବା ଭଲ ତାହା କେବଳ ତାଙ୍କୁ ହିଁ ଭଲ ଭାବେ ଜଣା। – ଶ୍ରୀଅରବିନ୍ଦ

# ଦୁଇଟି ପଥ



ଆକାର ପଟେଲ

ପଇଁତିରିଶ ବର୍ଷ ପୂର୍ବେ ଭାରତ ଯେଉଁ ଦୁଇଟି ପଥରେ ଯିବାକୁ ବାଛିଥିଲା, ଏଯାବତ୍ ସେହି ଉଭୟ ରାସ୍ତାରେ ରହିଛି। ପ୍ରଥମ ପଥ ଥିଲା ଏକ ନୂତନ ରୂପର ଅର୍ଥନୀତିକୁ ଆପଣେଇବା, ଯାହାର ଔପଚାରିକ ଭାବେ ନାମ ଦିଆଯାଇଥିଲା ଉଦାରୀକରଣ। ଏହାର ଉଦ୍ଦେଶ୍ୟ ଥିଲା ଭାରତକୁ ବିଦେଶୀ ପୁଞ୍ଜି ଆଣିବା, ଲାଇସେନ୍ସରାଜକୁ ଭାଙ୍ଗିବା ସହ ସାର୍ବଜନୀନ କ୍ଷେତ୍ରର ଏକଚାଟିଆ ଅଧିକାରକୁ ସମାପ୍ତ କରିବା। ଏହାର ଲକ୍ଷ୍ୟ (ଅଘୋଷିତ)ଥିଲା ଜାପାନ, ତାଇୱାନ ଏବଂ ଦକ୍ଷିଣ କୋରିଆ ଭଳି ଏସୀୟ ରାଷ୍ଟ୍ରଗୁଡ଼ିକର ପଥ ଅନୁସରଣ କରି ଭାରତକୁ ଶିଳ୍ପାୟନରେ ସମୃଦ୍ଧ କରିବା। ଆମ ଭଳି ସେହି ସମାନ ସମୟରେ ଚାଇନା ଉଦାରୀକରଣ ପାଇଁ ଚେଷ୍ଟା କରୁଥିଲା। ଆମେ ୨୪ ଜୁଲାଇ ୧୯୯୧ (ଯେତେବେଳେ ଅର୍ଥମନ୍ତ୍ରୀ ମନମୋହନ ସିଂହ ତାଙ୍କ ବଜେଟ ଉପସ୍ଥାପନ କରିଥିଲେ)ରେ ଉଦାରୀକରଣରେ ପାଦ ଥାପିଥିବାବେଳେ ଭାରତ ଏବଂ ଚାଇନାର ଅର୍ଥନୈତିକ ବିକାଶ ସମାନ ସ୍ତରରେ ରହିଥିଲା। ବିଶ୍ୱ ବ୍ୟାଙ୍କ ଅନୁଯାୟୀ ୧୯୯୧ରେ ଉଭୟ ଦେଶର ମୁଣ୍ଡପିଛା ଜିଡିପି ୩୩୪ ଆମେରିକୀୟ ଡଲାର ଥିଲା। ଏହା ଦର୍ଶାଇଥିଲା ଯେ ଚାଇନା ଟିକେ ଆଗୁଆ ଥିଲା, କାରଣ ଭାରତଠାରୁ ପ୍ରାୟ ଏକ ଦଶନ୍ଧି କିମ୍ବା ତା'ପୂର୍ବରୁ, ମାଓ ସେ ତୁଙ୍ଗଙ୍କ ମୃତ୍ୟୁ ପରେ, ତାହାର ପ୍ରଗତି ଆରମ୍ଭ ହୋଇଥିଲା। କିନ୍ତୁ ଚାଇନା ଏକ ଅତ୍ୟନ୍ତ ଅବିକଶିତ ସ୍ତରରୁ ଉଠୁଥିଲା, ଯେଉଁଠି କୌଣସି ଘରୋଇ କ୍ଷେତ୍ର ନ ଥିଲା ଏବଂ ସାଂସ୍କୃତିକ ବିପ୍ଳବ ଓ ଏକକ ସନ୍ତାନ ନୀତି ଯୋଗୁ କ୍ଷତିଗ୍ରସ୍ତ ହୋଇଥିଲା। ତେଣୁ କୁହାଯାଇପାରେ ଯେ, ୧୯୯୧ରେ ଆମେ ପ୍ରକୃତରେ ତା' ସହ ସମାନ ଥିଲୁ। ସେହି ସମୟରୁ ଉଦାରୀକରଣ ପଥର ଘଟଣାଗୁଡ଼ିକୁ ଦେଖିଲେ ବୁଝିହେବ। ୧୯୯୦ ଦଶକର ଶେଷ ସୁଦ୍ଧା ଚାଇନାର ମୁଣ୍ଡପିଛା ଜିଡିପି ଭାରତର ଦୁଇଗୁଣ ହୋଇଗଲା। ପରବର୍ତ୍ତୀ ଦଶନ୍ଧିରେ ଅଟଳ ବିହାରୀ ବାଜପେୟୀଙ୍କ ଶାସନ ଆମକୁ 'ଉଜ୍ଜ୍ୱଳ ଭାରତ'ର ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ୨୦୦୦ ଦଶକର ଶେଷ ସୁଦ୍ଧା ଚାଇନାର ମୁଣ୍ଡପିଛା ଜିଡିପି ତିନିଗୁଣ ଆଗରେ ଥିଲା। ପରେ ମନମୋହନ ସିଂହଙ୍କ ଶାସନ କାଳରେ ଚାଇନା ଚାରିଗୁଣ ଆଗରେ ଥିଲା ଏବଂ ମୋଦିଙ୍କ ନୂତନ ଭାରତରେ ପାଞ୍ଚଗୁଣ ଆଗରେ ରହିଛି।

୨୦୦୮ର ବିଶ୍ୱ ଆର୍ଥିକ ସଙ୍କଟ ପର୍ଯ୍ୟନ୍ତ ବୈଶ୍ୱିକ ଅର୍ଥନୀତି ଉପରେ ନଜର ରଖୁଥିବା ଦି ଇକୋନୋମିଷ୍ଟ, ଦି ୱାଲ ଷ୍ଟ୍ରିଟ ଜର୍ନାଲ ଏବଂ ଫାଇନାନ୍ସିଆଲ ଟାଇମ୍ସ ଆକଳନଭିତ୍ତିକ ଖବର ପ୍ରକାଶ କରିଥିଲେ ଯେ ଜାପାନ, ଦକ୍ଷିଣ କୋରିଆ ଏବଂ ଚାଇନାର ଅର୍ଥନୈତିକ ପଥରେ ଭାରତ ସାମିଲ ହେବାକୁ ଯାଉଛି। କିନ୍ତୁ ତାହା କୋଭିଡ୍ ମହାମାରୀ ସମୟରେ ଶେଷ ହୋଇଗଲା। କିନ୍ତୁ ଏହା ସ୍ପଷ୍ଟ ଯେ, ଏସିଆର ଶକ୍ତିଶାଳୀ ଦେଶଗୁଡ଼ିକ ଯାହା କରୁଥିଲେ ଭାରତ ତାହା କରୁ ନ ଥିଲା ଏବଂ କରିପାରି ନ ଥିଲା। ଏହାର ଅନେକ କାରଣ ଥାଇପାରେ, କିନ୍ତୁ ମୁଖ୍ୟ କାରଣ ହେଉଛି ପ୍ରଭାବୀ ଢଙ୍ଗରେ ବିକାଶ ଏବଂ ନୀତି କାର୍ଯ୍ୟକାରୀ କରିବାରେ ଅକ୍ଷମତା। ଏବେ ଭାରତର ମୁଣ୍ଡପିଛା ଜିଡିପି ୨୬୯୬ ଆମେରିକୀୟ ଡଲାର ଥିବାବେଳେ ବାଂଲାଦେଶର ୨୫୯୩, ପାକିସ୍ତାନର ୧୪୮୪ ଏବଂ ଚାଇନାର ୧୩,୩୦୩ ଆମେରିକୀୟ ଡଲାର ରହିଛି। ଏହା ସ୍ପଷ୍ଟ ଯେ, ଭାରତ ଲକ୍ଷ୍ୟ ଅନୁଯାୟୀ କାମ କରୁ ନ ଥିବାରୁ ସେହି ସ୍ଥିତିରେ ରହିଛି। ୧୯୯୦ରେ ଭାରତ ଯେଉଁ ଦ୍ୱିତୀୟ ପଥ ବାଛିଥିଲା ତାହା ମଧ୍ୟ ଜାରି ରହିଛି। ଏହା ଥିଲା ବିବିଧତାର ସହାବସ୍ଥାନ ଏବଂ ଧର୍ମନିରପେକ୍ଷତାରୁ ଦୂରେଇ ଯାଇ ଭାଜପା ବିଚାରଧାରା ଦ୍ୱାରା ପ୍ରତିଶ୍ରୁତି ଦିଆଯାଇଥିବା ଏକ ଭିନ୍ନ ସ୍ୱର୍ଗ ଆଡ଼କୁ ଯିବା, ଯାହାକୁ ୧୯୯୬ର ଇସ୍ତାହାରରେ ହିନ୍ଦୁତ୍ୱ ବୋଲି କୁହାଯାଇଥିଲା। ବାବ୍ରୀ ମସ୍‌ଜିଦ ବିରୋଧରେ ଦଳର ସଫଳ ଅଭିଯାନ ଏବଂ ପରବର୍ତ୍ତୀ ହତ୍ୟାକାଣ୍ଡ ଭାରତକୁ ଏକ ନୂତନ ଦିଗକୁ ନେଇଯାଇଥିଲା। ୧୯୫୧ରେ ଗଠିତ ଦଳର ୧୯୯୦ ପର୍ଯ୍ୟନ୍ତ ନିଜସ୍ୱ ମୁଖ୍ୟମନ୍ତ୍ରୀ ନ ଥିଲା ଏବଂ ସମସ୍ତ ଦଶନ୍ଧିରେ ଏହାର ଜାତୀୟ ଭୋଟ ହାର ଏକକ ସଂଖ୍ୟାବିଶିଷ୍ଟ ରହିଥିଲା। ଲାଲକୃଷ୍ଣ ଆଡ୍‌ଭାନୀଙ୍କ ନେତୃତ୍ୱରେ ହୋଇଥିବା ବାବ୍ରୀ ମସ୍‌ଜିଦ ଘଟଣା ପରେ ଏହା ଦୁଇଗୁଣ ବୃଦ୍ଧି ପାଇ ପାଖାପାଖି ୧୮% ପହଞ୍ଚିଥିଲା। ନରେନ୍ଦ୍ର ମୋଦିଙ୍କ ଅଧୀନରେ ପୁନର୍ବାର ଦ୍ୱିଗୁଣିତ ହୋଇ ୩୬% ହୋଇଥିଲା।

ବିକାଶର ପ୍ରଥମ ପଥ ଧୀମା ହୋଇଥିବାବେଳେ ଦ୍ୱିତୀୟ ପଥର ଗତି ଅଧିକ ଦ୍ରୁତ ହୋଇଛି। ବାଜପେୟୀଙ୍କ ସମୟରେ ଏବକାର ସଂଖ୍ୟାଲଘୁ ବିରୋଧୀ ରାଜନୀତିର ସ୍ୱର ଏତେ ଦୃଢ଼ ନ ଥିଲା। ଏହାର କାରଣ କିଛି ଲୋକ ଅନୁଭବ କରୁଥିଲେ ଯେ, ବାଜପେୟୀ ଉଦାର ଥିଲେ ଏବଂ ଏହା ସତ୍ୟ। ସେ ସରକାରରେ ଥିବା ସହଯୋଗୀଙ୍କ ଉପରେ ନିର୍ଭରଶୀଳ ଥିଲେ, ତେଣୁ ଦ୍ୱନ୍ଦ୍ୱରେ ରହିବାକୁ ବାଧ ହୋଇଥିଲେ। ୨୦୦୨ର ଘଟଣାବଳୀ ଏହାକୁ ପରିବର୍ତ୍ତନ କରିଦେଲା। ଭାଜପା ତାହାର ନୂତନ ନେତା ପାଇଲା। ୧୯୯୧ର ଅର୍ଥନୈତିକ ସଂସ୍କାରରୁ ସର୍ବାଧିକ ଲାଭ ପାଇଥିବା ଏକ ରାଜ୍ୟରୁ ଆସି ସେ ଦାବି କଲେ ଯେ, ଏହାର ତୁଳନାତ୍ମକ ପ୍ରଗତି ତାଙ୍କ ଯୋଗୁ ଘଟିଥିଲା। ଏବଂ ୨୦୦୨ର ନରସଂହାର ପରେ ତାଙ୍କୁ ହଟାଇବାରେ ବାଜପେୟୀଙ୍କ ଅକ୍ଷମତା ତାଙ୍କୁ ଭବିଷ୍ୟତର ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଭାବରେ ପ୍ରତିଷ୍ଠା କରିଥିଲା, ଯେଉଁଥିପାଇଁ ସେ ତାଙ୍କ ଲକ୍ଷ୍ୟ ପୂରଣ କରିପାରିଥିଲେ। ୧୯୯୦ରେ ଭାରତ ବାଛିଥିବା ଉଭୟ ପଥରେ ସେ ପ୍ରଗତି ପାଇଁ ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ କେବଳ ଗୋଟିଏ ରାସ୍ତାରେ ଆଗେଇ ଗଲେ। ଏବେ ଚାଇନା ସହ ଭାରତ ତୁଳନୀୟ ନୁହେଁ ଏବଂ ସରକାର ବିଶ୍ୱର ଅନ୍ୟ ଦେଶମାନଙ୍କ ସହିତ ନିଜକୁ ତୁଳନା କରୁ ନାହାନ୍ତି। ଏହା ବଦଳରେ ଆମେ ଆଭ୍ୟନ୍ତରୀଣ ନିର୍ଯାତନା, ପାକିସ୍ତାନୀ ସେନା ଏବଂ ବାଂଲାଦେଶୀ ଶରଣାର୍ଥୀଙ୍କ ସହିତ ଲଢ଼ି ନିଜକୁ ସାନ୍ତ୍ୱନା ଦେଉଛୁ। ୧୯୯୦ ପରେ ଭାଜପାର ନିର୍ବାଚନୀ ସଫଳତାରୁ ବୁଝାପଡ଼ୁଛି ଯେ, ଏହି ରାସ୍ତା ଛାଡ଼ିବା ତା' ପାଇଁ କଷ୍ଟକର ହେବ, କାରଣ ଏହି ନୀତିଗୁଡ଼ିକୁ ଗ୍ରହଣ କରିଛି। ଯୁବ ପାଠକଙ୍କ ପାଇଁ ୧୯୯୦ ବହୁତ ପୁରୁଣା ମନେହେବ, କିନ୍ତୁ ଆମ ମଧ୍ୟରୁ ଅନେକଙ୍କ ପାଇଁ ଏହା ଏବକାର ସ୍ମୃତି। ଆମେ ସେହି ଦଶନ୍ଧିଗୁଡ଼ିକୁ ଦେଖିଲେ ଜାଣିପାରିବା ଯେ, ସେତେବେଳେ ଏସବୁ କାହିଁକି ଘଟିଥିଲା ଏବଂ ପରବର୍ତ୍ତୀ ଦଶନ୍ଧିଗୁଡ଼ିକ ସମାନ ଘଟଣା ଘଟିବ। ଏକ ସମୃଦ୍ଧ ଏବଂ ସମାନତାର ସମାଜ ଗଢ଼ିବା ପଥରେ ଦ୍ୱିଧା ଏବଂ ଧୀମା ଯାତ୍ରା ଦେଖିବାକୁ ମିଳିବ। ଅନ୍ୟ ପଟେ ଆତ୍ମବିଶ୍ୱାସର ସହିତ ଦ୍ରୁତଗତିରେ ହିନ୍ଦୁତ୍ୱ ବିଚାରଧାରା ପଥରେ ଆଗେଇ ଚାଲିବ।

Email:aakar.patel@gmail.com


# ବଡ଼ ମାଛ ଧର



ଡ. ସନ୍ତୋଷ କୁମାର ମହାପାତ୍ର

ଖବରକାଗଜ ଖୋଲିଲେ ବା ଟିଭି ଦେଖିଲେ ବିଭିନ୍ନ ଶ୍ରେଣୀର ଲୋକ ବିଶେଷକରି ଉଚ୍ଚ ପଦବୀରେ ଅଧିଷ୍ଠିତ ବ୍ୟକ୍ତି ଦୁର୍ନୀତିକରି ଆୟ ବହିର୍ଭୂତ ବହୁ କୋଟି ଟଙ୍କାର କଳା ସମ୍ପତ୍ତି ଠୁଳକରିବା ଖବର ପଢ଼ିବାକୁ ବା ଶୁଣିବାକୁ ମିଳେ। ବେଶି ଉଚ୍ଚ ଶିକ୍ଷିତ ବ୍ୟକ୍ତିଙ୍କ ନାମ ପଢ଼ିବାକୁ ମିଳେ, ଯେଉଁମାନେ ଚାକିରି ପୂର୍ବରୁ ଜନତାଙ୍କ ସେବା କରିବେ ବୋଲି କହିଥାନ୍ତି। ପ୍ରଶାସନିକ ସେବାରେ ଟପ୍ପର ହୋଇଥିବା ବ୍ୟକ୍ତି ମଧ୍ୟ ଏହି କଳାକାରନାମାରୁ ମୁକ୍ତ ନୁହନ୍ତି। ବାସ୍ତବରେ ଦୁର୍ନୀତିରେ ଲିପ୍ତ କିଛି ହାତଗଣତି ଯନ୍ତ୍ରୀ, ପ୍ରଶାସନିକ ଅଧିକାରୀ ଧରିପକାଇଲେ ଦୁର୍ନୀତି ଦୂରହେବନାହିଁ। ଏହାର ମୂଳ କାରଣ ଖୋଜି ତାହାର ନିରାକରଣ ଆବଶ୍ୟକ ଅର୍ଥାତ୍ ଛୋଟ ମାଛ ଧରୁଛନ୍ତି, ବଡ଼ ମାଛ ଧରିବାକୁ ପ୍ରୟାସ କରିବା ଉଚିତ। ନିକଟରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଦୁର୍ନୀତିଗ୍ରସ୍ତଙ୍କୁ କେବଳ ଦଣ୍ଡ ଦେଇଦେଲେ ଦୁର୍ନୀତି ରୋକିହେବନାହିଁ ଏବଂ ଦୁର୍ନୀତିର ମୂଳ କାରଣ ଖୋଜି ପ୍ରଶାସନିକ, ଆଇନଗତ,ସାମାଜିକ, ଆର୍ଥିକ ଓ ଶିକ୍ଷାମୂଳକ ପଦକ୍ଷେପ ମାଧ୍ୟମରେ ବ୍ୟବସ୍ଥାଗତ ପ୍ରଣାଳୀରେ ଦୂରକରିବାକୁ କଡ଼ା ପଦକ୍ଷେପ ନେବାକୁ ପଡ଼ିବ ବୋଲି ପରାମର୍ଶ ଦେଇଛନ୍ତି।

ବାସ୍ତବରେ ଦୁର୍ନୀତି ଆଜି ଜୀବନଶୈଳୀରେ ପରିଣତ ହୋଇଛି। ଦୁର୍ନୀତିର ଏକ ବଡ଼ କାରଣ ହେଉଛି ଅବକ୍ଷୟମୁଖୀ ସମାଜ ଏବଂ ଜୀବନଚର୍ଯ୍ୟାରେ ନୈତିକତା, ମାନବିକତା ଓ ମୂଲ୍ୟବୋଧର ଦ୍ରୁତ ହ୍ରାସ ଘଟିବା ଓ ମଣିଷର ଚିନ୍ତାଧାରାରେ ପରିବର୍ତ୍ତନ ଘଟିବା। ସରକାର ଦେଶର ପ୍ରଗତିକୁ ଜିଡିପିରେ ଏବଂ ଲୋକ ଜୀବନର ସଫଳତାକୁ ଅର୍ଥ ଓ ସମ୍ପତ୍ତିରେ ମାପିବା ଆଜିର ଦୁର୍ନୀତିର ଏକ ବଡ଼ କାରଣ। ନବ୍ୟ ଉଦାରୀକରଣ ଅର୍ଥନୀତି ଓ ତଜ୍ଜନିତ ଉଗ୍ର ଉପଭୋକ୍ତାବାଦ; ଜୀବନଚର୍ଯ୍ୟାରେ ତ୍ୟାଗ, ସେବା, ବଳିଦାନ ଅପେକ୍ଷା ଉପଭୋଗ, କଳେବଳେ ସମ୍ପତ୍ତି ଠୁଳ କରିବା ମାନସିକତାରୁ ଦୁର୍ନୀତି ବୃଦ୍ଧି ପାଉଛି। ଦୁର୍ନୀତିକରି ଦଣ୍ଡିତ ହେବା ଦେହସୁଆ ହୋଇଗଲାଣି। ଲାଜ, ସରମ ଟିକେ ବି ଲାଗୁନାହିଁ। ଆଜି ଦୁର୍ନୀତିର ମାନସିକତା ଅଧିକାଂଶଙ୍କୁ ଗ୍ରାସକରିବାର କାରଣ ହେଉଛି ସମାଜ ଦିନକୁ ଦିନ ଅଧିକ କଳୁଷିତ ହେଉଛି ଏବଂ ଭଲ ଲୋକଙ୍କୁ ଓ ଭଲ କାର୍ଯ୍ୟର ହତାଦର କରାଯାଉଛି। ଅର୍ଥ, କ୍ଷମତା ଓ ପ୍ରତିପତ୍ତି ନ ଥିଲେ କେହି ପଚାରିବେନାହିଁ। ଉଦାହରଣ ସ୍ୱରୂପ ଯଦି ଜଣେ କଳାଟଙ୍କାରୁ କେଉଁଠି ଚାନ୍ଦା ଦେଲେ, ଲୋକ ପ୍ରଶଂସାରେ ପୋତିଦେବେ, ନ ଦେଲେ କାମ୍ପି କହି ଘୃଣାକରିବେ। ଅନେକସମୟରେ ଦୁର୍ନୀତିଗ୍ରସ୍ତ ହୋଇ ଦଣ୍ଡିତହେବା ପରେ ମଧ୍ୟ ଅନେକଙ୍କୁ ଗୌରବମଣ୍ଡିତ କରାଯାଉଛି। ଯଦି ଶାସକ ଦଳରେ ଯୋଗଦେଲା ବା ସମର୍ଥନ କଲା ତେବେ ସବୁ ଦୋଷ ମାପ।



ଦୁର୍ନୀତିର ମୂଳ ଉତ୍ସ ହେଉଛି ରାଜନୀତିର ଅପରାଧୀକରଣ, ବ୍ୟୟବହୁଳ ନିର୍ବାଚନ ପ୍ରକ୍ରିୟା ଓ କ୍ରୋନି କ୍ୟାପିଟାଲିଜମ୍ ବା ଅନ୍ତରଙ୍ଗ ପୁଞ୍ଜିବାଦ। ଆଜିର ସମାଜରେ ବିତ୍ତଶାଳୀ, କ୍ଷମତାଶାଳୀଙ୍କୁ ବେଶି ସମ୍ମାନ ମିଳୁଛି। ଅଧିକ କ୍ଷମତାଶାଳୀ ହେବାର ବଡ଼ ମାଧ୍ୟମ ହେଲା ରାଜନୀତିକରି ଜନପ୍ରତିନିଧି, ନେତା, ମନ୍ତ୍ରୀ ହେବା। ଏଥିପାଇଁ ନିର୍ବାଚନରେ ଜିତିବା ଦରକାର ଓ ସେଥିପାଇଁ ପ୍ରଚୁର ଅର୍ଥ ଆବଶ୍ୟକ। ଏଣୁ ସେଇଠୁ ଆରମ୍ଭ ହୁଏ କଳାଟଙ୍କା ଠୁଳକରିବା, ଲାଞ୍ଚ ନେବା ଓ ଚାନ୍ଦା ଆଦାୟ କରିବା, ଯାହା ଉପରୁ ତଳସ୍ତର ପର୍ଯ୍ୟନ୍ତ ବ୍ୟାପିଥାଏ। ନିର୍ବାଚନରେ ବିଭିନ୍ନ ଦଳ ଓ ପ୍ରାର୍ଥୀ ପ୍ରଚୁର କଳାଟଙ୍କା ଖର୍ଚ୍ଚ କରୁଛନ୍ତି। ବିନା କଳାଟଙ୍କାରେ ଜିତିବା ଅସମ୍ଭବ। ୨୦୨୪ ସାଧାରଣ ନିର୍ବାଚନ ସମୟରେ ୫ଟି ଜାତୀୟ ଏବଂ ୨୭ଟି ଆଞ୍ଚଳିକ ରାଜନୈତିକ ଦଳ ଦ୍ୱାରା ସଂଗୃହୀତ ମୋଟ ପାଣ୍ଠି ପରିମାଣ ୭୪୪୫.୫୭୬ କୋଟି ଟଙ୍କା ଥିଲା। ସେଣ୍ଟର ଫର୍ ମିଡିଆ ଷ୍ଟଡିଜ୍ ଅନୁଯାୟୀ ୨୦୨୪ ଲୋକ ସଭା ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳର ମୋଟ ଖର୍ଚ୍ଚ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ଥିଲା। ପ୍ରାର୍ଥୀମାନେ ୧୯୫୧-୫୨ ମସିହାରେ ପ୍ରଥମ ସାଧାରଣ ନିର୍ବାଚନ ସମୟରେ ହାରାହାରି ୨୫,୦୦୦ ଟଙ୍କା ଖର୍ଚ୍ଚ କରିଥିଲେ ଯାହା ବର୍ତ୍ତମାନ ୭୫.୯୫ ଲକ୍ଷ ଟଙ୍କା(୩୦୦ ଗୁଣ ବୃଦ୍ଧି)କୁ ବୃଦ୍ଧିପାଇଛି। ସରପଞ୍ଚ ନିର୍ବାଚନରେ ଜଣେ ପ୍ରାର୍ଥୀ ପାଖାପାଖି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ଆଜି ଲୋକମାନେ ସାମୂହିକ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଛନ୍ତି। ଟଙ୍କା ନ ଦେଲେ କେହି ନେତାଙ୍କ ରାଲିରେ, ସଭାକୁ ଯିବେନାହିଁ। ଭୋଟ ଦେବା ପାଇଁ ନେତା ଅର୍ଥ ଦେଲାବେଳେ ଲୋକ ମଧ୍ୟ ଅର୍ଥ ଚାହୁଁଛନ୍ତି। ସାମୂହିକ ସ୍ୱାର୍ଥ ଆଉ ଗୁରୁତ୍ୱ ପାଉନାହିଁ। ଏଣୁ ନିର୍ବାଚନ ବ୍ୟୟ ଭରଣା ପାଇଁ ଏବଂ ନିଜ ଅନୁଗାମୀଙ୍କୁ ଆର୍ଥିକ ସାହାଯ୍ୟ ଦେବା ପାଇଁ ଅଧିକାଂଶ ନେତା ଅସତ୍ ଉପାୟରେ ପ୍ରଚୁର ଅର୍ଥ ଠୁଳ କରୁଛନ୍ତି। ପୁନଶ୍ଚ କ୍ଷମତା ଚାଲିଗଲେ କେହି ପଚାରିବେ ନାହିଁ। ଜଣେ ନିର୍ବାଚନରେ ସବୁବେଳେ ଟିକେଟ ପାଇବ ବା ଜିତିବ ବୋଲି କେହି ଗାରେଣ୍ଟି ଦେଇପାରିବେ ନାହିଁ। ଭବିଷ୍ୟତର ଅନିଶ୍ଚିତତା ଯୋଗୁ ମଧ୍ୟ ଥରେ ନେତା ଓ ମନ୍ତ୍ରୀ ହେଲେ ଅଧିକାଂଶ ସାତପୁରୁଷ ପାଇଁ ସମ୍ପତ୍ତି ଠୁଳ କରିଦେଉଛନ୍ତି। ସେମାନେ ସିଧା ଲାଞ୍ଚ ନେବେନାହିଁ। ଅନ୍ୟ ପ୍ରଶାସନିକ ଅଧିକାରୀ, ଯନ୍ତ୍ରୀ ତଥା ଅନ୍ୟମାନଙ୍କ ଜରିଆରେ ନେଉଛନ୍ତି। ଯିଏ ଉପରସ୍ତର ଲୋକଙ୍କୁ ଲାଞ୍ଚ ଦେବ, ସେ ଅନ୍ୟମାନଙ୍କଠାରୁ ଆଦାୟ କରିବ ଏବଂ ନିଜ ପାଇଁ ମଧ୍ୟ ରଖିବ, ଯାହା ସ୍ୱାଭାବିକ। ଫଳରେ ଦୁର୍ନୀତି ବ୍ୟାପୁଛି।

ପୁନଶ୍ଚ ଅଧିକାଂଶ ବଡ଼ କମ୍ପାନୀ, ବ୍ୟବସାୟୀ ଓ ଉଦ୍ୟୋଗୀ ନିଜ ବ୍ୟବସାୟ ପ୍ରତିଷ୍ଠା ଓ ସମ୍ପ୍ରସାରଣ ସାଙ୍ଗକୁ ଟିକସ ରିହାତି ଆଦି ସୁବିଧା ପାଇଁ ବିଭିନ୍ନ ରାଜନୈତିକ ନେତା, ପ୍ରଶାସକ ଓ ବିଭିନ୍ନ ଦଳୀୟ ପାଣ୍ଠିକୁ ବିଶେଷକରି କ୍ଷମତାରେ ଥିବା ଦଳକୁ ପ୍ରଚୁର ଅର୍ଥ ଦେଇଥାନ୍ତି। ଯେତିକି ଦିଅନ୍ତି, ତାହାର ୧୦୦୦ଗୁଣ ଫାଇଦା ଉଠାନ୍ତି। ସେମାନଙ୍କ ସ୍ୱାର୍ଥ ସାଧନ ପାଇଁ ଆଇନରେ ପରିବର୍ତ୍ତନ କରାଯିବା ସହ ଟିକସ ହ୍ରାସ କରାଯାଏ। ସେମାନେ ବହୁ କୋଟି ଟଙ୍କା ଟିକସ ଫାଙ୍କିଲେ ବା ବ୍ୟାଙ୍କ ଋଣ ନ ଶୁଝିଲେ ମଧ୍ୟ ଆଇନ ତାଙ୍କୁ ସ୍ପର୍ଶ କରିପାରେନାହିଁ। ବରଂ ସହଜରେ ବିଦେଶକୁ ପଳାନ୍ତି ଓ ଅୟସ କରନ୍ତି। ୨୦୨୩-୨୪ ସୁଦ୍ଧା ଅନାଦାୟ ଟିକସ ପରିମାଣ ୩୧.୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଗତ ୧୦ ବର୍ଷରେ ବ୍ୟାଙ୍କଗୁଡ଼ିକର ଋଣ ରାଇଟ୍ ଅଫ୍ ପରିମାଣ ୧୬.୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି, ଯାହାର ମାତ୍ର ୧୬ ପ୍ରତିଶତ ଆଦାୟ ହୋଇଛି। ଯେଉଁମାନେ ଏତେ ମାତ୍ରାରେ ଟିକସ ଫାଙ୍କୁଛନ୍ତି ବା ବ୍ୟାଙ୍କ ଋଣ ଶୁଝୁନାହାନ୍ତି, ସେମାନଙ୍କୁ କାହିଁକି ଦଣ୍ଡିତ କରାଯାଉନାହିଁ? ପୁନଶ୍ଚ ବିଶ୍ୱରେ ଅନେକ ଟାକ୍ସ ହାଭେନ୍ସ ବା ଟିକସ ଭୂସ୍ୱର୍ଗ ରହିଛି, ଯେଉଁଠି ଟଙ୍କା ରଖିଲେ ଟିକସ ବହୁତ କମ୍ ପଡ଼େ ଏବଂ ନାମ ଲୁକ୍କାୟିତ ରୁହେ। ପାନାମା ପେପର୍ସ ଏବଂ 'ପାଣ୍ଡୋରା ପେପର୍ସରୁ' ମଧ୍ୟ ଜଣାପଡ଼ିଛି, ଭାରତୀୟମାନେ କିପରି କଳାଟଙ୍କା ଟିକସ ଭୂସ୍ୱର୍ଗରେ ରଖିଛନ୍ତି ଏବଂ ଟିକସ ଫାଙ୍କୁଛନ୍ତି। କର୍ପୋରେଟମାନେ ସେଠି ପଞ୍ଜୀକୃତ ହୋଇ ଟିକସ ମଧ୍ୟ ଫାଙ୍କୁଛନ୍ତି। କଳାଟଙ୍କା ଆମ ଦେଶରୁ ଯାଇ ବିଭିନ୍ନ ଟିକସ ଭୂସ୍ୱର୍ଗରେ ପଞ୍ଜୀକୃତ ହୋଇ ଆମ ଦେଶକୁ ଏଫ୍ ବା ଷ୍ଟକ୍ ମାର୍କେଟରେ ବିଦେଶୀ ଆନୁଷ୍ଠାନିକ ନିବେଶକ ଭାବେ ଆସୁଛନ୍ତି। ଏହାଦ୍ୱାରା କଳାଟଙ୍କା ଧଳା ହେଉଛି। ୨୦ ଜାନୁଆରୀ ୨୦୨୫ରେ ଅକ୍ସଫାମ୍‌ର ରିପୋର୍ଟ 'ଟେକର୍ସ ନଟ୍ ମେକର୍ସ' ରିପୋର୍ଟ ଅନୁସାରେ ଅଧିକାଂଶ କୋଟିପତି ସମ୍ପତ୍ତି ନିଜ ଦକ୍ଷତା, ପରିଶ୍ରମ ଓ ପ୍ରତିଭା ଯୋଗୁ ଅର୍ଜନ କରି ନ ଥାନ୍ତି, ୬୦% ଉତ୍ତରାଧିକାର, ସମ୍ପର୍କବାଦ ଏବଂ ଦୁର୍ନୀତି କିମ୍ବା ଏକାଧିକାର ଶକ୍ତିରୁ ଆସିଥାଏ। ଏଣୁ ଦୁର୍ନୀତି ବିଲୋପ ପାଇଁ ଉପର ସ୍ତରରୁ ପ୍ରକ୍ରିୟା ଆରମ୍ଭ ହେବା ଉଚିତ।

ମୋ:୯୪୩୭୨୦୮୭୬୨

# ଭେନେଜୁଏଲାର ଲୌହ ମାନବୀ

ବ୍ୟକ୍ତିତ୍ୱ



ମାରିଆ କୋରିନା ମାଚାଡୋ

'ଶାନ୍ତି କ୍ଷମତା କିମ୍ବା ପ୍ରଚାର ମାଧ୍ୟମରେ ନୁହେଁ, ବରଂ ତ୍ୟାଗ ଓ ନ୍ୟାୟ ପ୍ରତି ଦୃଢ଼ ପ୍ରତିବଦ୍ଧତା ଜରିଆରେ ଅର୍ଜନ କରାଯାଏ'। ନରୱେଜିଆନ୍ ନୋବେଲ କମିଟି ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ମାରିଆ କୋରିନା ମାଚାଡୋଙ୍କୁ ୨୦୨୫ ପାଇଁ ନୋବେଲ ଶାନ୍ତି ପୁରସ୍କାର ପାଇବେ ବୋଲି ଘୋଷଣା କରିବା ଅବସରରେ ଉପରଲିଖିତ ମନ୍ତବ୍ୟ ବାଢ଼ି ବିଶ୍ୱକୁ ଏକ ସ୍ପଷ୍ଟ ସନ୍ଦେଶ ଦେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱରେ ଦେଖାଦେଇଥିବା ଅନେକ ଯୁଦ୍ଧକୁ ରୋକିଥିବା ଦାବି କରି ଆସୁଥିବାରୁ ଚଳିତ ବର୍ଷ ନୋବେଲ ପୁରସ୍କାର ପାଇବାକୁ ହକ୍‌ଦାର ବୋଲି କହିଆସୁଥିଲେ। ୧୦ ଅକ୍ଟୋବରରେ ମାରିଆଙ୍କ ନାମ ଘୋଷଣା ପରେ ଭେନେଜୁଏଲାର ଏକଛତ୍ରବାଦୀ ଶାସକଙ୍କ ବିରୋଧରେ ଲଢ଼େଇ କରୁଥିବା ଏହି ଲୌହ ମାନବୀ ୩୩୮ ମନୋନୀତ ପ୍ରାର୍ଥୀଙ୍କ ମଧ୍ୟରେ ଏକମାତ୍ର ତାରକା ହେବାର ଗୌରବ ଅର୍ଜନ କରିଛନ୍ତି। ଆଲୋଚନାର ବିଷୟ ଏହା ପାଲଟିଛି ଯେ, ମାରିଆଙ୍କ ନାମ ନୋବେଲ ଶାନ୍ତି ପୁରସ୍କାର ପାଇଁ ଘୋଷଣା ହେବା ପରେ ସେ ଟ୍ରମ୍ପ, ଆମେରିକୀୟ ଜନସାଧାରଣ, ଲାଟିନ୍ ଆମେରିକୀୟ, ଗଣତନ୍ତ୍ର ପାଇଁ ଉଦ୍ୟମ କରୁଥିବା ରାଷ୍ଟ୍ରଗୁଡ଼ିକୁ ଧନ୍ୟବାଦ ଜଣାଇଛନ୍ତି। ଯନ୍ତ୍ରଣା ଭୋଗୁଥିବା ଭେନେଜୁଏଲାବାସୀଙ୍କ ସହ ଟ୍ରମ୍ପ ତାଙ୍କୁ ସମର୍ଥନ ଦେଇଥିବାରୁ ମାରିଆ ଏହି ପୁରସ୍କାରକୁ ସେମାନଙ୍କ ସକାଶେ ଉତ୍ସର୍ଗ କରିଛନ୍ତି। ଏଠି ମଧ୍ୟ ମାରିଆଙ୍କ ମହାନତାର ପରିଚୟ ମିଳିଛି।

ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ତଥା ଗଣତାନ୍ତ୍ରିକ ଦଳ 'ଭେଣ୍ଟ ଭେନେଜୁଏଲା'ର ପ୍ରତିଷ୍ଠାତା ମାରିଆ ୧୯୬୭ ମସିହାରେ କାରାକାସରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ମାତା ଜଣେ ମନୋବିଜ୍ଞାନୀ ଥିବାବେଳେ ପିତା ଇସ୍ପାତ ବ୍ୟବସାୟୀ। ସେ ଇଞ୍ଜିନିୟରିଂ ଓ ଅର୍ଥନୀତିରେ ସ୍ନାତକୋତ୍ତର କରିବା ପରେ କିଛି ସମୟ ପାରିବାରିକ ବ୍ୟବସାୟରେ ନିଜକୁ ନିୟୋଜିତ କରିଥିଲେ। କିନ୍ତୁ ସାମାଜିକ ନେତୃତ୍ୱ ନେବା ପାଇଁ ତାଙ୍କ ମନ ଟାଣିବାରୁ ପ୍ରାରମ୍ଭିକ ଅବସ୍ଥାରେ ୧୯୯୨ରେ ସେ 'ଆଟେନିଆ ଫାଉଣ୍ଡେସନ' ଗଢ଼ି ରାଜଧାନୀ କାରାକାସ୍‌ର ଦୁଃଖୀରଙ୍କୀଙ୍କୁ ସହାୟତା ଯୋଗାଇଥିଲେ। ପରେ ୨୦୦୨ରେ 'ସୁମାଟେ' ନାମକ ଭୋଟର ଅଧିକାର ସଙ୍ଗଠନ ପ୍ରତିଷ୍ଠା କରିଥିଲେ। ଏହାରି ମାଧ୍ୟମରେ ପରବର୍ତ୍ତୀ ସମୟରେ ସେ ରାଜନୀତି ଆଡ଼କୁ ଢଳିଥିଲେ ଓ ୨୦୧୧ରେ ରେକର୍ଡ ସଂଖ୍ୟକ ଭୋଟ ପାଇ ଭେନେଜୁଏଲାର ନ୍ୟାଶନାଲ ଆସେମ୍ବ୍ଲିକୁ ନିର୍ବାଚିତ ହୋଇଥିଲେ। କିନ୍ତୁ ସରକାରଙ୍କ କାର୍ଯ୍ୟକୁ ଦୃଢ଼ ବିରୋଧ କରିବାରୁ ୨୦୧୪ରେ ତାଙ୍କୁ ବହିଷ୍କାର କରାଯାଇଥିଲା। ମାରିଆ ଭେଣ୍ଟ ଭେନେଜୁଏଲା ବିରୋଧୀ ଦଳର ମୁଖ୍ୟ ଅଛନ୍ତି। ୨୦୧୭ରେ ସେ ସୋୟ ଭେନେଜୁଏଲା ଆଲାଏନ୍ସ ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୨୦୨୩ରେ ସେ ୨୦୨୪ ରାଷ୍ଟ୍ରପତି ନିର୍ବାଚନ ଲଢ଼ିବାକୁ ଘୋଷଣା କରିଥିଲେ। କିନ୍ତୁ ରାଷ୍ଟ୍ରପତି ନିକୋଲାସ ମଦୁରୋ ଷଡ଼ଯନ୍ତ୍ର କରି ତାଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। ତେଣୁ ମାରିଆ ବିରୋଧୀ ଦଳଗୁଡ଼ିକର ବିକଳ୍ପ ପ୍ରାର୍ଥୀ ଏଡ୍‌ମୁଣ୍ଡୋ ଗୋଞ୍ଜାଲେଜ୍ ଉରୁଟିଆଙ୍କୁ ସମର୍ଥନ ଘୋଷଣା କରିଥିଲେ। ହେଲେ ଏକଛତ୍ରବାଦୀ ଶାସକଙ୍କ ଆଗରେ ଗଣତନ୍ତ୍ରର ଅର୍ଥ କିଛି ନ ଥାଏ। ଭୋଟରେ ବ୍ୟାପକ କାରସାଦି କରିବାରୁ ମଦୁରୋ ପୁଣି ରାଷ୍ଟ୍ରପତି ହୋଇଥିଲେ। ସୂଚନା ଦିଆଯାଇପାରେ ଯେ, ୧୯୯୦ ଦଶକ ଯାଏ ଭେନେଜୁଏଲା ଲାଟିନ୍ ଆମେରିକାରରେ ସର୍ବାଧିକ ସମୟ ପାଇଁ ଅନ୍ୟତମ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ପରିଚିତ ଥିଲା। କିନ୍ତୁ ଏବେ ସେହି ଭୂଖଣ୍ଡରେ ଭେନେଜୁଏଲା ଏକଛତ୍ରବାଦୀ ଶାସକଙ୍କ କବଳକୁ ଚାଲିଯାଇଛି। ହୁଗୋ ଚାଭେଜ ଗଣତନ୍ତ୍ରକୁ ମୋଡ଼ିମକଚି ଏକଛତ୍ରବାଦର ଧ୍ୱଜା ଉଡ଼ାଇଲା ପରେ ତାଙ୍କ ପଥ ଅନୁସରଣ କରିଚାଲିଛନ୍ତି ନିକୋଲାସ ମଦୁରୋ। ଏଭଳି ପରିପ୍ରେକ୍ଷୀରେ ଦେଶରେ ଗଣତନ୍ତ୍ରକୁ ପୁନଃ ପ୍ରତିଷ୍ଠା କରିବା ଲାଗି ମାରିଆ ପୂର୍ଣ୍ଣପ୍ରାଣରେ ଲାଗିପଡ଼ିଛନ୍ତି।

ମାରିଆଙ୍କ ବ୍ୟକ୍ତିତ୍ୱକୁ ଦେଖିଲେ ସେ ଜଣେ ଦୃଢ଼ମନା, ନୀତିବାନ୍ ଓ ନ୍ୟାୟ ପାଇଁ ଲଢୁଥିବା ମହୀୟସୀ ମହିଳା ପାଲଟିଯାଇଛନ୍ତି। ଏକଛତ୍ରବାଦ ବିରୋଧରେ ସେ ଯେଉଁଭଳି ଭାବେ ଲଢ଼ିଚାଲିଛନ୍ତି, ତାଙ୍କୁ ସମର୍ଥକମାନେ ଦେଶର 'ଆଇରନ୍ ଲେଡି' ଭାବେ ଆଖ୍ୟା ଦେଇଛନ୍ତି। ଏପରି କି ତାଙ୍କୁ ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ମାର୍ଗାରେଟ ଥାଚରଙ୍କ ସହ ତୁଳନା କରାଯାଉଛି। ଯୁକ୍ତରାଷ୍ଟ୍ର ଆମେରିକାର ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ତାଙ୍କୁ 'ଟାଇମ୍ସ ୨୦୨୫'ର ସବୁଠାରୁ ପ୍ରଭାବଶାଳୀ ୧୦୦ ତାଲିକାରେ 'ଦୃଢ଼ତା, ଅଦମ୍ୟ ସାହସୀ ଓ ଦେଶପ୍ରେମର ପ୍ରତୀକ' ଭାବେ ଅଭିହିତ କରିଛନ୍ତି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ଭଳି ବ୍ୟକ୍ତି ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ମାରିଆ କରୁଥିବା ଉଦ୍ୟମକୁ ଉଚ୍ଚପ୍ରଶଂସା କରିଛନ୍ତି। ମାରିଆଙ୍କୁ ଦେଖିଲେ ମ୍ୟାନ୍‌ମାରର ଗଣତନ୍ତ୍ର ସପକ୍ଷବାଦୀ ନେତ୍ରୀ ଅଙ୍ଗ୍ ସାନ୍ ସୁ ଚୀଙ୍କ ବ୍ୟକ୍ତିତ୍ୱ ଆଖିଆଗକୁ ଆସିଥାଏ। ସୁ ଚୀ ମଧ୍ୟ ତାଙ୍କ ଦେଶରେ ଗଣତନ୍ତ୍ରକୁ ଏକପ୍ରକାର ସଫଳ କରିଆଣିଥିଲେ। ହେଲେ ଏକଛତ୍ରବାଦୀମାନେ ପୁନଶ୍ଚ ଲେଉଟି ପଡ଼ିଲେ। ତେବେ ସୁ ଚୀଙ୍କ ସଂଘର୍ଷ ତାଙ୍କୁ ମଧ୍ୟ ନୋବେଲ ଶାନ୍ତି ପୁରସ୍କାର ଦେଇଥିଲା। ଭେନେଜୁଏଲା ତୈଳ ଭଣ୍ଡାରରେ ଭରପୂର ଏକ ଦେଶ, ଯାହାର ସୁଦୃଢ଼ ଅର୍ଥନୀତିକୁ ଏକଛତ୍ରବାଦୀ ଓ ତାଙ୍କ ସମର୍ଥକମାନେ କୋରି ଖାଇଚାଲିଛନ୍ତି। ମାରିଆଙ୍କ ଆଶା ରହିଛି ଦେଶକୁ ଗଣତନ୍ତ୍ର ଫେରିଆସିଲେ ସେଠାକାର ଜନସାଧାରଣ ତାହାର ସୁଫଳ ପାଇପାରିବେ। ଯେତେବେଳଯାଏ ଭେନେଜୁଏଲାରେ ଗଣତନ୍ତ୍ର ପ୍ରତିଷ୍ଠା ନ ହୋଇଛି ସେବେ ଯାଏ ତାଙ୍କ ସଂଗ୍ରାମ ଜାରି ରହିବ ବୋଲି ମାରିଆ କହିଛନ୍ତି।

ବ୍ୟକ୍ତିଗତ ଜୀବନ ଦେଖିଲେ ମାରିଆ ସ୍ୱାମୀଙ୍କଠାରୁ ଛାଡ଼ପତ୍ର ପାଇଛନ୍ତି। ତାଙ୍କର ତିନିସନ୍ତାନ। ନିଜ ଦେଶରେ ଜୀବନ ପ୍ରତି ବିପଦ ଥିବାରୁ ପିଲାମାନେ ବିଦେଶରେ ଅଛନ୍ତି। ମାରିଆ ମାଚାଡୋ ଜଣେ କ୍ୟାଥୋଲିକ୍।

**– ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

କାଶ୍ମୀରରେ ପୁରୁଣା ଚିନାର ଗଛଗୁଡ଼ିକର ସୁରକ୍ଷା ପାଇଁ ଏକ ଅଭିନବ ଉପାୟ ଆପଣାଇ ସେଠାକାର ବନ ବିଭାଗ ଗଛଗୁଡ଼ିକରେ କ୍ୟୁଆର୍ ଆଧାର ଟ୍ୟାଗ ଲଗାଇଛି। ବସନ୍ତଋତୁରେ ଏହି ଗଛର ସୌନ୍ଦର୍ଯ୍ୟ ଆକର୍ଷଣୀୟ। ଏହା ଭଲ ଛାଇ ଦେଇଥାଏ ଏବଂ ଏକ ପୂର୍ଣ୍ଣାଙ୍ଗ ଉଚ୍ଚତା ବିଶିଷ୍ଟ ଗଛ ଅର୍ଥାତ୍ ୩୦ମିଟର ଉଚ୍ଚ ଓ ୧୦ରୁ ୧୫ ମିଟର ଗୋଲେଇର ଗଣ୍ଡି ହେବା ଲାଗି ୧୫୦ ବର୍ଷ ଲାଗିଯାଏ। ଏହି ଗଛକୁ ସ୍ଥାନୀୟ ଅଞ୍ଚଳରେ ବୋଉନି ବୋଲି କୁହାଯାଏ, ଯାହା ସଂସ୍କୃତ ଶବ୍ଦ ଭୱାନି(ଦେବୀ)ରୁ ଆସିଛି। ଉଲ୍ଲେଖନୀୟ ଯେ, କଶ୍ମୀରରେ ମୋଗଲ ଓ ଡୋଗ୍ରା ରାଜତ୍ୱ ସମୟରେ ଏହି ସବୁ ଗଛ ଲଗାଯାଇଥିଲା। କୁହାଯାଏ, ଆକବର ମଧ୍ୟ ୧୨୦୦ ଚିନାର ଗଛ ଲଗାଇଥିଲେ। ହେଲେ ଏହାକୁ କାଟିବା ଯୋଗୁ ଗଛ ସଂଖ୍ୟା ଆଶାତୀତ ଭାବେ କମିଯାଇଛି। ୧୯୭୦ ମସିହା ସୁଦ୍ଧା ମୋଟ ଗଛ ସଂଖ୍ୟା ୪୨,୦୦୦ ଥିବାବେଳେ ଏବେ ତାହା ୧୭,୦୦୦ରୁ ୩୪,୦୦୦ ମଧ୍ୟରେ ରହିଛି। ତେବେ ବନ ବିଭାଗ ପାଖାପାଖି ୧୦,୦୦୦ ଗଛରେ କ୍ୟୁଆର୍ ଆଧାର ଲଗାଯିବା ପରେ ଗଛଗୁଡ଼ିକର ରକ୍ଷଣାବେକ୍ଷଣ ସହଜ ହୋଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୨ ଅକ୍ଟୋବର ୧୯୭୬

- ଲେବାନନରେ ଚାଲିଥିବା ଗୃହଯୁଦ୍ଧର ଅବସାନ ନିମିତ୍ତ ସିରିୟା, ଲେବାନନ ଓ ପାଲେଷ୍ଟାଇନ ପ୍ରତିନିଧିମାନେ ଏକ ନୂତନ ଉଦ୍ୟମର ପ୍ରଚେଷ୍ଟା ଆରମ୍ଭ କରିଛନ୍ତି।
- ଭାରତ ଓ ମୋଜାମ୍ବିକ ମଧ୍ୟରେ ଏକ ଅର୍ଥନୈତିକ, ବୈଷୟିକ ସହଯୋଗ ଚୁକ୍ତି ସ୍ୱାକ୍ଷରିତ।
- ବିହାରର ଜନୈକ ଏମ୍.ଏଲ୍.ଏ. ଶ୍ରୀ ଭୋଲା ସିଂହ କମ୍ୟୁନିଷ୍ଟ ଦଳ ତ୍ୟାଗ କରି କଂଗ୍ରେସରେ ଯୋଗଦେଇଛନ୍ତି।

## ଚିରନ୍ତନୀ

ଷଡ଼ ଦର୍ଶନ ସକଳ ଗ୍ରନ୍ଥ
ସବୁ ଧରମର ପରମ ଅର୍ଥ
ଅତୀତର ପ୍ରିୟ କେଉଁ ଶାରଦୀୟ
ଗୋଧୂଳି ଅରୁଣ ପରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା-ଗୋରି !
-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | 7 | | | |
| | 6 | | 9 | | | 7 | 3 | |
| | | | | | 5 | | | 4 |
| | | | 5 | | | | 8 | |
| | | 2 | | 4 | 1 | | | 3 |
| | | 8 | | | | | 7 | |
| | 5 | | 3 | | | | | 8 |
| | 4 | | | 6 | | | | |
| | 3 | 9 | | | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 3 | 4 | 8 | 6 | 1 | 9 | 2 |
| 9 | 4 | 8 | 3 | 1 | 2 | 5 | 6 | 7 |
| 1 | 6 | 2 | 9 | 7 | 5 | 4 | 8 | 3 |
| 5 | 3 | 1 | 6 | 4 | 9 | 2 | 7 | 8 |
| 4 | 7 | 9 | 8 | 2 | 3 | 6 | 5 | 1 |
| 8 | 2 | 6 | 7 | 5 | 1 | 3 | 4 | 9 |
| 6 | 8 | 5 | 2 | 3 | 7 | 9 | 1 | 4 |
| 2 | 1 | 4 | 5 | 9 | 8 | 7 | 3 | 6 |
| 3 | 9 | 7 | 1 | 6 | 4 | 8 | 2 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## କେବଳ ଦୁର୍ଗାପୂଜା କାହିଁକି

ମହାଶୟ,

ଓଡ଼ିଶା ସରକାର ରାଜ୍ୟର ବିଭିନ୍ନ ଦୁର୍ଗା ମେଢ଼କୁ ଆର୍ଥିକ ଅନୁଦାନ ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି। ଓଡ଼ିଶାର ସର୍ବମୋଟ ଏକ ହଜାର ପଞ୍ଚାଅଶୀ ଗୋଟି ଦୁର୍ଗା ମେଢ଼କୁ କ, ଖ, ଓ ଗ ଶ୍ରେଣୀରେ ବିଭକ୍ତ କରି ଯଥାକ୍ରମେ ୧ ଲକ୍ଷ ୧ ହଜାର, ୭୫ହଜାର ଏବଂ ୫୦ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ। ଆମର କହିବାର କଥା କେବଳ ଦୁର୍ଗାମେଢ଼ କାହିଁକି? ଓଡ଼ିଶାର ଜଟଣୀ ଗଣେଶ ପୂଜା, ଢେଙ୍କାନାଳ ଓ କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜା ତଥା ଭଦ୍ରକ କାଳୀ ପୂଜା ଭାରତ ପ୍ରସିଦ୍ଧ। ଏହି ସବୁ ପୂଜା ଅନୁଷ୍ଠାନରୁ ଅନେକ ହୁଏତ ୧୦୦ ବର୍ଷ ପୂରଣ କରିସାରିଥିବେ। ସରକାର ଦୁର୍ଗାପୂଜା ବା ଦୁର୍ଗାମେଢ଼କୁ ଯେତିକି ଗୁରୁତ୍ୱ ଦେଉଛନ୍ତି, ସେତିକି ଗୁରୁତ୍ୱ ଉପରୋକ୍ତ ପୂଜାଗୁଡ଼ିକୁ ଦିଅନ୍ତୁ। ଅନୁଷ୍ଠାନଗୁଡ଼ିକୁ ଶ୍ରେଣୀ ଅନୁଯାୟୀ ଆର୍ଥିକ ସହାୟତା ପ୍ରଦାନ କରନ୍ତୁ।

**– ଅରୁଣ କୁମାର ନାୟକ, ଏରେଇଁ, ଚରମ୍ପା, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୪୬ ମଣ୍ଡପରେ ହେବ ପୂଜା

## ଯାଜପୁରର ଗଣପର୍ବ କାଳୀ ଓ ଲକ୍ଷ୍ମୀନାରାୟଣ ପୂଜା ପାଇଁ ପ୍ରସ୍ତୁତି ଆରମ୍ଭ



ମା' କାଳୀଙ୍କ ମୂର୍ତ୍ତି ନିର୍ମାଣ ଚାଲିଛି ।

**ଯାଜପୁରଟାଉନ,୧୧।୧୦ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

କାଳୀ ପୂଜା ଆସିଲେ ଯାଜପୁର ଉତ୍ସବମୁଖର ହୋଇପଡ଼େ। ସମସ୍ତେ ଅପେକ୍ଷା କରି ରହିଥାନ୍ତି କେବେ ଏହି ଗଣପର୍ବ ଆରମ୍ଭ ହେବ। ସହର ଉଚ୍ଚ ତୋରଣ ସାଙ୍ଗକୁ ଆଲୋକ ସଜାରେ ସଜେଇ ହେବ। ଯାଜପୁରର ଲୋକେ ଯିଏ ଯେଉଁଠି ଥିଲେ ମଧ୍ୟ କାଳୀ ପୂଜାରେ ଆସିବାକୁ ଭୁଲନ୍ତି ନାହିଁ। ସମସ୍ତେ ବନ୍ଧୁ ପରିଜନଙ୍କ ଘରେ ପହଞ୍ଚିଥାନ୍ତି। ଚଳିତ ବର୍ଷ କାଳୀପୂଜା ଓ ଲକ୍ଷ୍ମୀ ନାରାୟଣ ପୂଜା ଧୁମଧାମରେ ପାଳନ ହେବ ବୋଲି ପ୍ରଶାସନିକ ଅନୁମତି ମିଳିଛି। ଏଥିପାଇଁ ସବୁ ମଣ୍ଡପରେ ପ୍ରସ୍ତୁତି ଆରମ୍ଭ ହୋଇଛି। ମୂର୍ତ୍ତି ଗଢ଼ା, ମଣ୍ଡପ ସଜା ଆରମ୍ଭ ହୋଇଗଲାଣି। କେତେକ ମଣ୍ଡପରେ ଏଥର ଆକର୍ଷଣୀୟ ସାଜସଜ୍ଜା ହେବ। ଏଥିପାଇଁ କୋଲକାତାରୁ କାରିଗର ଆସି କାମ ଆରମ୍ଭ କଲେଣି।

ଆସନ୍ତା ୧୯ରେ ଲକ୍ଷ୍ମୀନାରାୟଣ ଓ ୨୦ରେ ମା' ଶ୍ୟାମାକାଳୀ ପୂଜା ପାଇବେ। ପ୍ରତ୍ୟେକ ବର୍ଷ କାଳୀପୂଜା ୭ ଦିନ ଧରି ପାଳନ କରାଯାଇଥାଏ। ଅକ୍ଟୋବର ୨୮ ଓ ୨୯ରେ ଭସାଣ ଉତ୍ସବ ଅନୁଷ୍ଠିତ ହେବ। ଚଳିତ ବର୍ଷ କାଳୀପୂଜା ପାଇଁ ବିଭିନ୍ନ ମଣ୍ଡପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶାର ନାମୀଦାମୀ କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ସେହିପରି ଭସାଣ ଉତ୍ସବକୁ ମଧ୍ୟ ଆକର୍ଷଣୀୟ ଭାବେ ପାଳନ କରାଯିବ। ଓଡ଼ିଶା ଓ ଓଡ଼ିଶା ବାହାରୁ ନାମୀଦାମୀ ବ୍ୟାଣ୍ଡପାର୍ଟି ସହ ବିଭିନ୍ନ ଲୋକନୃତ୍ୟ ଭଷାଣ ଉତ୍ସବରେ ଦେଖିବାକୁ ମିଳିବ।

ଚଳିତ ବର୍ଷ ସହରର ୪୬ ମଣ୍ଡପରେ ପୂଜା ଅନୁଷ୍ଠିତ ହେବ। ସେଥିମଧ୍ୟରୁ କଲେଜ ଛକ, କଲେଜ ସମ୍ମୁଖ, ବାଣପୁର, ବ୍ଲକ ଛକ, ଗୋଖନା ବଜାର, ଲଳିତେଶ୍ୱର, ଭବାନୀଗଞ୍ଜ, କୁଆଁସରପୁର, ବିରଜା ହାଇସ୍କୁଲ ଛକ, ସର୍ବହରା, ବେପାରୀ ବରହମପୁର, ଦାମୋଦରପୁର, ଅମ୍ବିକାଇ, ଯୋଡ଼ିକୁଅ, କଲ୍ୟାଣପୁର, ତେନ୍ତୁଳିମାଳ, ଖଣ୍ଡେଶ୍ୱର, ବିରଜା ସିନେମା ହଲ୍ ଛକ, ଶିତଳେଶ୍ୱର, ଟାଉନହଲ, ସରକାରୀ ବସ୍‌ଷ୍ଟାଣ୍ଡ, ଟ୍ୟାକ୍ସି ଷ୍ଟାଣ୍ଡ, ଭାଗବତପୁର, ବେଲାରପୁର, ହାବେଳୀ ବଜାରରେ ଲକ୍ଷ୍ମୀନାରାୟଣ ମୂର୍ତ୍ତି ପୂଜା ପାଇବେ।

ସେହିପରି ମାନସାପୋଲ, କିଆନାଳୀକୂଳ, ମହାବୀର ଛକ, ବୈଦ୍ୟରାଜପୁର, କୁଆଁସରପୁର, ବିରଜାହାଟ, ବଡ଼ବଜାର, ସାନବଜାର, ସଦାବ୍ରତ ମଠ, ହରପାର୍ବତୀ ଛକ, ମାର୍କେଟ ଛକ, ନାରାୟଣ ଛକ, ଗରିଆପୁର, କଚେରୀ ବଜାର, ଗରୁଡ଼କାଳୀ, କୃଷ୍ଣକାଳୀ ଏହିସବୁ ମଣ୍ଡପରେ ମା' ଶ୍ୟାମାକାଳୀ ପୂଜା ପାଇବେ। ଚଳିତ ବର୍ଷ ନାରାୟଣ ଛକ ପୂଜା କମିଟିର ୫୦ ବର୍ଷ ପୂର୍ତ୍ତି ପାଳନ କରାଯିବ ବୋଲି ସୂଚନା ମିଳିଛି।

### ମହାବୀର ଛକ ପୂଜା କମିଟି

ଏହି ପୂଜା କମିଟି ଯାଜପୁର ସହରର ପୁରାତନ କମିଟି ଭାବେ ମାନ୍ୟତା ଲାଭ କରିଛି। ଏହି ମଣ୍ଡପରେ ୧୯୫୮ରୁ ସ୍ଥାନୀୟ ବଦାନ୍ୟ ବ୍ୟକ୍ତିଙ୍କ ଉଦ୍ୟମରେ ଦୁର୍ଗା ପୂଜା ସମୟରେ ହରପାର୍ବତୀ ପୂଜା ଅନୁଷ୍ଠିତ ହେଉଥିଲା। ସ୍ଥାନୀୟ ଉତ୍ସାହୀ ଯୁବକ ୧୯୭୧ରେ ଏକତ୍ରିତ ହୋଇ କାଳୀପୂଜା କରିବାକୁ ମନସ୍ଥ କରି ପୂଜା ଆରମ୍ଭ କରିଥିଲେ। ସେହି ଦିନଠାରୁ ପ୍ରତିବର୍ଷ ଏହି ମଣ୍ଡପରେ ମା'କାଳୀଙ୍କ ପୂଜା ହୋଇ ଆସୁଛି। ଗତ କିଛି ବର୍ଷ ହେଲା ସ୍ଥାନୀୟ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ମିଳିତ ହୋଇ ହରପାର୍ବତୀ ଓ କାଳୀପୂଜାକୁ ଶୃଙ୍ଖଳିତ ଓ ଆକର୍ଷଣୀୟ କରି ଆସୁଛନ୍ତି। ଚଳିତ ବର୍ଷ ଏହି ପୂଜା ୫୪ ବର୍ଷରେ ପଦାର୍ପଣ କରିଛି। କମିଟିର ସଭାପତି ଦାୟିତ୍ୱ ପୂର୍ବତନ ଅଧ୍ୟାପକ ଡ. ମୂରଲୀଧର ଜେନା ତୁଲାଉଥିବାବେଳେ ସମ୍ପାଦକ ଦାୟିତ୍ୱ ସାମାଜିକ କର୍ମୀ ମଳୟ ମିତ୍ର ତୁଲାଉଛନ୍ତି। ପୂଜା କମିଟି କୋଷାଧ୍ୟକ୍ଷ ଦାୟିତ୍ୱରେ ଅଛନ୍ତି ପୀତାମ୍ବର ମୁଦୁଲି। ଚଳିତ ବର୍ଷ ସ୍ଥାନୀୟ ମହାବୀରଛକ, ରାମେଶ୍ୱରପୁର, ଭୋଗମାଧବ, ଭୀମକରପୁର, ସନ୍ତେଶ୍ୱରପୁର ଆଦି ଗ୍ରାମର ବାସିନ୍ଦାଙ୍କ ସହଯୋଗରେ ପୂଜାକୁ ଆକର୍ଷଣୀୟ କରିବା ପାଇଁ ଯୋଜନା ରହିଛି। ରଙ୍ଗୀନ ଆଲୋକ ସଜା ସହ ଲାଇଟଗେଟ୍ ସୁଦୃଶ୍ୟ ତୋରଣ ଚଳିତ ବର୍ଷ ମୁଖ୍ୟ ଆକର୍ଷଣ ହେବ ବୋଲି କର୍ମକର୍ତ୍ତା ସୂଚନା ଦେଇଛନ୍ତି। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଶକ୍ତି ମିଶ୍ର, କୁନିକୁନି ପିଲାଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା, ଭଜନ ସନ୍ଧ୍ୟା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ଯୋଜନା ହେଉଛି ବୋଲି କର୍ମକର୍ତ୍ତା କହିଛନ୍ତି। ଚଳିତ ବର୍ଷ ଏହି ପୂଜା କମିଟି ୭ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରିବ ବୋଲି ସୂଚନା ମିଳିଛି।

## କଲେଜ ଛାତ୍ରୀଙ୍କୁ କମେଣ୍ଟ ମରାକୁ ନେଇ ତୁମୁଳକାଣ୍ଡ

**ବ୍ରହ୍ମବରଦା,୧୦।୧୦ (ଯଯାତି କେଶରୀ ବେହେରା):**

କଲେଜ ଛାତ୍ରୀଙ୍କୁ କମେଣ୍ଟ ମରାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଘଟିଛି ତୁମୁଳକାଣ୍ଡ। ଏନେଇ ଶନିବାର ବ୍ରହ୍ମବରଦା ଥାନାରେ ଭିନ୍ନ ଭିନ୍ନ ଅଭିଯୋଗ ହୋଇଛି। ଗତ ଗୁରୁବାର ଖାଲପଡ଼ା ଗ୍ରାମର ଜଣେ ଛାତ୍ରୀ ଓ କାକୁଡ଼ିକୁଦ ଗ୍ରାମର ଜଣେ ଛାତ୍ର ବ୍ରହ୍ମବରଦା କଲେଜରୁ ଫେରୁଥିଲେ। ଖାଲପଡ଼ା ନାୟକସାହି ଗୋଡ଼ା ନିକଟରେ ଖାଲପଡ଼ା ଗ୍ରାମର ୨ ଯୁବକ ସମ୍ପୃକ୍ତ ଛାତ୍ରୀଙ୍କୁ କମେଣ୍ଟ ମାରିବା ସହ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଛାତ୍ରୀଙ୍କ ସହ ଥିବା ଛାତ୍ର ଏହାକୁ ବିରୋଧ କରିଥିଲେ। ଫଳରେ କମେଣ୍ଟ ମାରିଥିବା ଯୁବକଙ୍କ ସହ ତାଙ୍କର ବଚସା ହୋଇଥିଲା। ଗ୍ରାମବାସୀଙ୍କ ମଧ୍ୟସ୍ଥିରେ ଏହାର ଆପୋସ ସମାଧାନ ହୋଇଥିଲା। ଶୁକ୍ରବାର ସକାଳେ କାକୁଡ଼ିକୁଦ ଗ୍ରାମର ଛାତ୍ର ଉକ୍ତ ଗଡ଼ାଠାରେ ପାଟିତୁଣ୍ଡ କରି ଯାଇଥିଲେ। ଏକଥା କମେଣ୍ଟ ମାରିଥିବା ଯୁବକମାନେ ଜାଣିବା ପରେ ଛାତ୍ରଙ୍କ ଫେରିବା ବାଟକୁ ଚାହିଁ ବସିଥିଲେ। ଛାତ୍ର ଜଣକ କଲେଜରୁ ଫେରିବାବେଳେ କମେଣ୍ଟ ମାରିଥିବା ଯୁମକମାନେ ତାଙ୍କୁ ଆକ୍ରମଣ କରିଥିଲେ। ଗ୍ରାମବାସୀଙ୍କ ସହାୟତାରେ ପୁଣି ଏହାର ଫଇସଲା ହୋଇଥିଲା।

ଶନିବାର କମେଣ୍ଟ ମାରିଥିବା ଜଣେ ଯୁବକ ଛକରେ ଛିଡ଼ା ହୋଇଥିବା ବେଳେ କାକୁଡ଼ିକୁଦର ଯୁବକମାନେ ତାଙ୍କୁ ମାରପିଟ କରିଥିଲେ। ଏହାପରେ କାକୁଡ଼ିକୁଦର ଛାତ୍ର ଓ ଖାଲପଡ଼ାର ଛାତ୍ରୀ କମେଣ୍ଟ ମାରିଥିବା ଯୁବକଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷରୁ ମଧ୍ୟ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଥାନା ଅଧିକାରୀ ଜୟନ୍ତୀ ମଲ୍ଲିକଙ୍କୁ ପଚାରିବାରେ ସେ କିଛି ଜାଣି ନ ଥିବା କହିଛନ୍ତି। କେସ ଦାୟିତ୍ୱରେ ଥିବା ଲକ୍ଷ୍ମୀଧର ରାଜଙ୍କୁ ପଚାରିବାରେ ୪/୫ଟି ଏଫଆଇଆର ହୋଇଛି। ମାମଲା ରୁଜୁ ସମ୍ପର୍କରେ ଆଇଆଇସି କହିବେ ସେ ପ୍ରକାଶ କରିଛନ୍ତି।

## ଅଶ୍ଳୀଳ ନୃତ୍ୟ ହେବନି, ଡିଜେ ବାଜିବନି




କାଳୀପୂଜା ଭସାଣିକୁ ନେଇ ଯାଜପୁର ଥାନା ପକ୍ଷରୁ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀ ।

**ଯାଜପୁରଟାଉନ,୧୧।୧୦ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ସହରର ଗଣପର୍ବ ଶ୍ୟାମାକାଳୀ ଓ ଲକ୍ଷ୍ମୀନାରାୟଣ ପୂଜା ଭସାଣକୁ ନେଇ ଯାଜପୁର ଥାନା ପକ୍ଷରୁ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଅରକ୍ଷୀ ଅଧୀକ୍ଷକ ସୀତିକଣ୍ଠ କାନୁନଗୋ ଯୋଗଦେଇ ଏହି ଗଣପର୍ବକୁ ଯାଜପୁରବାସୀ ଶାନ୍ତି ଶୃଙ୍ଖଳା ସହ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ଯାଜପୁର ଏସ୍‌ଡିପିଓ ପ୍ରାଶାନ୍ତ କୁମାର ମାଝୀ ଯୋଗଦେଇ ପ୍ରଶାସନ ନିଷ୍ପତ୍ତି ଅନୁସାରେ ଅକ୍ଟୋବର ୨୮ ଓ ୨୯ ଦୁଇଦିନ ଧରି ଭସାଣି ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ଏଥର ଭସାଣିରେ ଅଶ୍ଳୀଳ ନୃତ୍ୟ ହେବନି କି ଡିଜେ ଡିଜେ ବାଜିବନି ବୋଲି କୁହାଯାଇଥିଲା। ବୈଠକରେ ଶାନ୍ତି କମିଟି ସଭାପତି କର୍ଣ୍ଣାଟ କେଶରୀ ଦାସ, ବଟକୃଷ୍ଣ ମହାପାତ୍ର, ରାଜୀବ ମହାନ୍ତି, ସମରଜିତ ମହାନ୍ତି, ପୌର ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ବଳଭଦ୍ର ଦାସ, ଦିଗମ୍ବର କର, ଚିନ୍ତାମଣି ପହିଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି କେଉଁ ମଣ୍ଡପର ଶୋଭାଯାତ୍ରା କେଉଁ ସମୟରେ ବାହାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ସହରର ଦେବୀଗଡ଼ା ଘାଟର ବୈତରଣୀ ନଦୀକୂଳରେ ନିର୍ମାଣ କରାଯାଇଥିବା ଅସ୍ଥାୟୀ ପୁଷ୍କରିଣୀରେ ମୂର୍ତ୍ତିକୁ ବିସର୍ଜନ କରାଯିବ। ନିର୍ଦ୍ଧାରିତ ସମୟ ଭିତରେ ଶୋଭାଯାତ୍ରା ଅତିକ୍ରମ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପୂଜା ପାଇଁ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା କରାଯିବା ସହ ସହର ମଧ୍ୟରେ ଭାରିଯାନ ଚଳାଚଳ ଉପରେ ବକଟକଣା କରାଯାଇଥିବା ସୂଚନା ଦିଆଯାଇଥିଲା।

## ବଚସାରୁ ଯୁବକଙ୍କୁ ଭୁଜାଲିରେ ଆକ୍ରମଣ

**ଚଣ୍ଡିଖୋଲ,୧୧।୧୦(ପ୍ରଦୀପ୍ତ କୁମାର ପୃଷ୍ଟି):**

ବାଲିଚନ୍ଦ୍ରପୁର ବଜାରରେ ଶନିବାର ସନ୍ଧ୍ୟାରେ ବଚସାରୁ ଜଣେ ଯୁବକଙ୍କୁ ୪/୫ ଯୁବକ ଭୁଜାଲିରେ ଆକ୍ରମଣ କରିଛନ୍ତି। ଫଳରେ ସେ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବଜାରରେ ଗଜଲକ୍ଷ୍ମୀ ପୂଜା ଚାଲିଥିବାରୁ କେନାଲ ବନ୍ଧରେ ମୀନାବଜାର ପଡ଼ିଛି। ମୀନା ବଜାରରେ ସାମଗ୍ରୀ କିଣାକୁ ନେଇ ବାଲିଚନ୍ଦ୍ରପୁର ଥାନା ମାଣ୍ଡୁକା ଗ୍ରାମର ଶିବାନୀ ମହାନ୍ତି(୨୨)ଙ୍କ ସହ ବାଲିଚନ୍ଦ୍ରପୁର ଅଞ୍ଚଳର କେତେଜଣ ଯୁବକଙ୍କ ବଚସା ହୋଇଥିଲା। ଏହି ସମୟରେ ୨ ଯୁବକ ଶିବାନୀଙ୍କୁ ଏକ ଭୁଜାଲିରେ ଆକ୍ରମଣ କରିଥିଲେ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଜରିପାଲ ବଣ୍ଟନରେ ଅନିୟମିତତା ଅଭିଯୋଗ

**କାଏମା,୧୧।୧୦ (ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ବ୍ଲକ୍ ଅଧୀନ ବଡ଼କାଏମା ପଞ୍ଚାୟତରେ ଜରିପାଲ ବଣ୍ଟନରେ ଅନିମୟିତତା ହୋଇଥିବା ଅଭିଯୋଗ ହୋଇଛି। ଏଠାରେ ଚାଳଛପର ଘରେ ରହୁଥିବା ଲୋକଙ୍କୁ ଜରି ପାଲ ଦିଆଯିବା ପରିବର୍ତ୍ତେ ଧନୀ ଶ୍ରେଣୀର ଲୋକଙ୍କୁ ପାଲ ବଣ୍ଟା ଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ଲଘୁଚାପ ଜନିତ ବର୍ଷା ଲାଗି ରହିଥିବାରୁ ଚାଳଛପର ଘରେ ରହୁଥିବା ଲୋକଙ୍କୁ ସୁରକ୍ଷା ଦେବା ନିମନ୍ତେ ପ୍ରଶାସନ ପକ୍ଷରୁ ପାଲ ଯୋଗାଇ ଦିଆଯାଉଛି। ସେଥିପାଇଁ ସ୍ଥାନୀୟ ଆର୍‌ଆଇଙ୍କ ରିପୋର୍ଟ ଅନୁସାରେ ତହସିଲ ପ୍ରଶାସନ ପକ୍ଷରୁ ପାଲ ବଣ୍ଟନ କରାଯାଉଛି। କିନ୍ତୁ ଏହି ବଣ୍ଟନରେ ଅନିୟମିତତା ହୋଇଥିବା ନାଉପାଳ ଗ୍ରାମର କେତେଜଣ ବାସିନ୍ଦା ଅଭିଯୋଗ କରିଛନ୍ତି। ଏହି ଗାଁରେ ଯେଉଁମାନଙ୍କ କୋଠାଘର ରହିଛି ସେମାନେ ଦଳୀୟ କର୍ମୀଙ୍କ ସହାୟତାରେ ପାଲ ହାତେଇ ନେଉଛନ୍ତି। ଫଳରେ ପ୍ରକୃତ ଗରିବ ଅସହାୟ ବ୍ୟକ୍ତି ପାଲ ନ ପାଇ ଭଙ୍ଗା ଚାଳ ଛପର ଘରେ ବର୍ଷାରେ ଭିଜୁଛନ୍ତି।

ସେହିପରି ଏହି ପଞ୍ଚାୟତ ଅନନ୍ତପୁର ଗାଁର ବିଲସାହିରେ ୫ରୁ ଊର୍ଦ୍ଧ୍ୱ ପରିବାର ଚାଳଛପର ଘରେ ବସବାସ କରୁଥିବାବେଳେ ସେମାନଙ୍କୁ ପାଲ ମିଳି ପାରିନାହିଁ ବୋଲି ଗ୍ରାମର ଗୋବିନ୍ଦ ମଳିକ ଅଭିଯୋଗ କରିଛନ୍ତି। ଲୋକେ ଭଙ୍ଗା ଘରେ ପାଲ ପକାଇବା ପାଇଁ ପାଉନଥିବା ବେଳେ କେତେଜଣ ଅସାଧୁ ଲୋକ ପାଲ ନେଇ ଗାଡ଼ି ଘୋଡ଼ାଉଛନ୍ତି। ଏହି ଘଟଣା ଉପରେ ସ୍ଥାନୀୟ ବିଧାୟକ ହିମାଂଶୁ ଶେଖର ସାହୁ ଓ ବ୍ଲକ୍ ପ୍ରଶାସନ ଦୃଷ୍ଟିଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ଏ ସମ୍ପର୍କରେ କାଏମା ଆର୍‌ଆଇ ମାନସ ବେଜଙ୍କୁ ପଚାରିବାରୁ ସେ କହିଛନ୍ତି, ପାଲ କମ ଥିବାରୁ ପ୍ରଥମେ ଆବେଦନ କରିଥିବା ଲୋକଙ୍କୁ ବଣ୍ଟନ କରାଯାଇଛି। ଅନ୍ୟ ଯେଉଁମାନେ ଆବେଦନ କରିଛନ୍ତି ସେମାନଙ୍କୁ ପରବର୍ତ୍ତୀ ସମୟରେ ପାଲ ଯୋଗାଇ ଦିଆଯିବ।

## ଯୋଗକୁ ବ୍ୟାପକ କରିବା ପାଇଁ ୭ ଜଣିଆ କମିଟି ଗଠିତ



ବୈଠକରେ ଉପସ୍ଥିତ ସଭ୍ୟମାନେ।

**ଧର୍ମଶାଳା,୧୧।୧୦(ବଟକୃଷ୍ଣ ପରିଡ଼ା):**

ପତଞ୍ଜଳି ଯୋଗ ସମିତି ଯାଜପୁର ଓ ଭାରତ ସ୍ୱାଭିମାନ ନ୍ୟାଶନାଲ ସମିତି ମିଳିତ ଆନୁକୂଲ୍ୟରେ ଶନିବାର ଜାରକା ତ୍ରିନାଥ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯୋଗକୁ ଧର୍ମଶାଳା ତହସିଲ ଅଞ୍ଚଳରେ ବ୍ୟାପକ କରିବା ପାଇଁ ଏକ ୭ଜଣିଆ କମିଟି ଗଠନ କରାଯାଇଛି। କମିଟିକୁ ଯୋଗ ଶିକ୍ଷକ ଅନନ୍ତ ମଳିକ, ଗଣେଶ୍ୱର ନାୟକ, ରାଜେନ୍ଦ୍ର ସାହୁ, ପ୍ରମୋଦ ମଳିକ, ହେମନ୍ତ ବେହେରା, ପ୍ରକାଶ ବେହେରା ଓ ସନ୍ତୋଷ ବେହେରାଙ୍କୁ ମନୋନୀତ କରାଯାଇଛି।

ଯୋଗ ଶିକ୍ଷକ ମନ୍ମଥ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯାଜପୁର ଜିଲା ପତଞ୍ଜଳି ଯୋଗ ସମିତିର ପୃଷ୍ଠ ପୋଷକ କ୍ୟାପଟେନ୍ ତ୍ରିଲୋଚନ ବିଶ୍ୱାଳ, ଜିଲା ପୃଷ୍ଠପୋଷକ ବିବେକାନନ୍ଦ ଜେନା, ବିଭୀଷଣ ନାୟକ, ସହ ପ୍ରଭାରୀ ରମାକାନ୍ତ ବିଶ୍ୱାଳ, ଯୁବ ଭାରତ ପ୍ରଭାରୀ ସ୍ୱଂୟମ୍ ପ୍ରକାଶ, ଜ୍ୟୋତିରଞ୍ଜନ ମହାପାତ୍ର ଯୋଗଦେଇ ଯୋଗର ଉପକାରିତା ଓ ଆବଶ୍ୟକତା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବୈଠକରେ ଯୋଗ ଶିକ୍ଷକ ପ୍ରମୋଦ ମଲ୍ଲିକ, ହେମନ୍ତ ବେହେରା, ଅନନ୍ତ ମଳିକ ପ୍ରମୁଖ ଯୋଗଦେଇ ସଞ୍ଜ, ସକାଳେ ଯେଉଁମାନେ ଯୋଗ କରିଥାନ୍ତି ସେମାନେ ନିରୋଗୀ ଜୀବନ ଜାପନ କରିଥାନ୍ତି ବୋଲି ମତବ୍ୟକ୍ତ କରିଥିଲେ। ରାଜେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ବାଲିଆରେ ଗଜଲକ୍ଷ୍ମୀ ପୂଜା

**ବରୀ,୧୧।୧୦(ମହେନ୍ଦ୍ର ସ୍ୱାଇଁ):**

ବରୀ ବ୍ଲକ ବାଲିଆ ପଞ୍ଚାୟତର ଅଭିମନ୍ୟୁ ବାଲିଆ ହାଟ ଛକରେ ଲକ୍ଷ୍ମୀପୂଜା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଳିତ ହୋଇଯାଇଛି। ଏହି ମଣ୍ଡପରେ ୩୫ ବର୍ଷ ଧରି ପୂଜା ଅନୁଷ୍ଠିତ ହୋଇଆସୁଛି। ଏଠାରେ ପୂଜା ୫ ଦିନ ଧରି ଚାଲିଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନ ଓ ସନ୍ଧ୍ୟାରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହି ପୂଜାକୁ ସଂସଦର କର୍ମକର୍ତ୍ତା ଶ୍ରୀକାନ୍ତ ଜେନା, ଅକ୍ଷୟ ଜେନା, ବିକ୍ରମ କେଶରୀ ଜେନା, ସତ୍ୟାନନ୍ଦ ଜେନା, ଅଶୋକ ଜେନା ଓ ବିବେକାନନ୍ଦ ଜେନା ପ୍ରମୁଖ ପରିଚାଳନା କରିଥିଲେ। ଛକର ସମସ୍ତ ବ୍ୟବସାୟୀ ସହଯୋଗ କରିଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.37-SBP-TRD-OT-2025-26, ତା.07.10.2025ରିଖ

କାର୍ଯ୍ୟର ନାମ : "ଡୁଙ୍ଗୁରିପାଲି ଷ୍ଟେସନ ୟାର୍ଡ଼ ଠାରେ ଉଲଙ୍ଘନ (Infringement) ରୁ ରକ୍ଷା ପାଇବା ପାଇଁ ଫିଡିଙ୍ଗ୍ ପୋଷ୍ଟ ଏବଂ ଅନ୍ୟ ଟ୍ରାକ୍ସନ ଷ୍ଟ୍ରକଚରଗୁଡ଼ିକର ବ୍ୟବସ୍ଥା ଏବଂ ସ୍ଥାନାନ୍ତରଣ" କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ"।

ଆନୁମାନିକ ମୂଲ୍ୟ (ଟଙ୍କାରେ) : 95,46,042.48, EMD (ଟଙ୍କାରେ) : 1,90,900/-, ଶେଷ ହେବା ଅବଧି : 12 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.10.2025 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD)
PR-676/Q/25-26 ସମ୍ବଲପୁର

## ମଣ୍ଡପରେ ମା' ଲକ୍ଷ୍ମୀଙ୍କ ଦର୍ଶନକଲେ ବିଧାୟିକା



**ବିଞ୍ଝାରପୁର,୧୧।୧୦(ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବ୍ଲକ୍ ଅଞ୍ଚଳରେ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଳନ କରାଯାଉଛି। ଏହି ଅବସରରେ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ ବିଭିନ୍ନ ପୂଜା ମଣ୍ଡପ ବୁଲି ମା'ଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଛନ୍ତି। ବୀରଭଦ୍ର ସାମଲଙ୍କ ଆବାହକତ୍ୱରେ ଅଞ୍ଚଳର ସର୍ବପୁରାତନ ଅନୁଷ୍ଠାନ ଟିଣା ପଞ୍ଚାୟତ ଶିଶିରଣା ଗ୍ରାମର ଗୋପବନ୍ଧୁ ପୂଜା କମିଟି ମଣ୍ଡପରେ ବିଧାୟିକା ପ୍ରଥମେ ପହଞ୍ଚି ମା'ଙ୍କ ଦର୍ଶନ କରିଥିଲେ। ପରେ ଆବାହକ ରଞ୍ଜନ ଜେନାଙ୍କ ପରିଚାଳନାରେ ମାଁସଡ଼ା ପଞ୍ଚାୟତର ରସିକଛକ ସ୍ଥିତ ମା' ଗଜଲକ୍ଷ୍ମୀ ପୂଜା କମିଟିରେ ପହଞ୍ଚି ମା'ଙ୍କ ଦର୍ଶନ କରିଥିଲେ। ସେହିପରି ବିଧାୟିକା ବିଞ୍ଝାରପୁର, ବାରିକ ସାହି, ଲକ୍ଷ୍ମୀଦାଣ୍ଡ, ରୁଦ୍ରପୁର ଓ ମଇନ୍ଦା ଆଦି ଅଞ୍ଚଳର ପୂଜା ମଣ୍ଡପଗୁଡ଼ିକୁ ଯାଇ ମା'ଙ୍କ ଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ପୂର୍ବତନ ଜିଲାପରିଷଦ ସଭାପତି ସୁଶାନ୍ତ ମିଶ୍ର, ଯୁବ ସଂଗଠକ ଦିଲୀପ ରାଉଳ, ସାମାଜିକ କର୍ମୀ କୈଳାସ ସେଠୀ ଓ ଅଭୟ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।

**GOVERNMENT OF ODISHA** No.O-865
**OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI**
E-mail : ruralworksdivisioniimalkangiri@yahoo.in
INVITATION FOR BIDS
**NATIONAL COMPETITIVE BIDDING**
**Bid Identification No. : RWDSE_MKG_II_ONLINE_07/2025-26**

The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below on turnkey basis.
1. Name of the Work : Road Repair works, 2. No. of Works : **31 Nos**, 3. Estimated Cost : **Rs.5.98 lakhs to Rs.39.88 Lakhs**,
4. Tender Paper Cost : Rs.4000/- & Rs.6000/-, 5. Class of Contractor :

| Estimated cost up to ₹ 20.00 lakhs | Estimated cost up to ₹ 40.00 lakhs | Estimated cost more than ₹ 20.00 lakhs & within ₹ 300.00 lakhs |
|---|---|---|
| 'D' | 'C' | 'B' |

6. Period of Completion : 02 (Two) Calendar months
7. **Critical dates :**

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking Tender Clarification | Date of Opening of Tender |
|---|---|---|---|---|---|
| | | From | To | | |
| **Superintending Engineer, Rural Works Division-II, Malkangiri** | **RWDSE_MKG_II_ONLINE_07 of 2025-26** | **13.10.2025 at 11.00 AM** | **24.10.2025 up to 05.30 PM** | **23.10.2025 up to 3.00 P.M.** | **27.10.2025 up to 11.00 A.M.** |

- Further details can be seen in the bidding documents, which is available in the e-procurement portal https://www.tendersorissa.gov.in.
- Subsequent corrigendum if required shall be appeared in the website.
- Authority reserves the right to reject any or all tenders without assigning any reason thereof.

**Sd./- Superintending Engineer**
**Rural Works Division-II, Malkangiri**
**OIPR-25079/11/0033/2526**

**GOVERNMENT OF ODISHA** No.O-963
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KUCHINDA**
E_Mail : eerw_kuchinda@yahoo.com
**"e" Procurement Notice for Roads Works**
**Identification No Online Tender / 04 / RWD, Kuchinda / 2025-26.**

The Superintending Engineer, Rural Works Division, Kuchinda on behalf of Governor of Odisha invites online percentage rate bid from experienced & eligible bidders for 03 (Three) no. of Roads works in the District of Sambalpur for the year 2025-26.

1. Name of the work : Roads Works
2. Total Number of Works : 03 Nos.
3. estimated Cost : 57.81 Lakhs, 61.68 Lakhs & 66.15 Lakhs
4. Class of Contractor : "B" Class of Contractor
5. Cost of tender paper : As per Annexure-I
6. Mode of submission of tender : Tender should be submitted only Online in website www.tendersorissa.gov.in (https://tendersodisha.gov.in)
7. EMD & Mode of deposit : 1% of estimated cost of the work to be remitted online as mention in DTCN

**Summary of key dates are provided below :-**

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| **Superintending Engineer, Rural Works Division, Kuchinda** | **Tender online - 04/RWD/KCD** | **15.10.2025 at 11 A.M.** | **23.10.2025 at 5.00 P.M.** | **22.10.2025 at 5.00 A.M.** | **24.10.2025 at 11.00 A.M.** | **To be Intimated Later** |

* Further details can be seen from the e-procurement portal www.tendersorissa.gov.in (https://tendersodisha.gov.in).
* Subsequent modification / corrigendum / addendum if required shall appear in website only.
* The amount put to bid is exclusive of GST.

**Sd./- Superintending Engineer**
**Rural Works Division**
**Kuchinda**
**OIPR-25151/11/0029/2526**

**GOVERNMENT OF ODISHA** No.O-951
**OFFICE OF THE EXECUTIVE ENGINEER**
**RURAL WORKS DIVISION, JEYPORE**
**e-Procurement for Building works**
**Bid Identification No. : EERWJYP - Online - 06/2025-26**
**Letter No. : 4452** **Date : 04.10.2025**

01. Name of the work : Building works, 02. Total Number of works : 05 (Five) Nos., 03. Approximate Estimated cost : Rs.4.20 lakhs to Rs.65.96 lakhs (approximately), 04. Class of Contractor : "B", "C" & "D" Class, 05. Period of Completion : Within 1 or 9 Months, 06. Other Details

| Procurement officer | Bid Identification No. | Sl. No. of work in notice | Availability of tender online for bidding | | Last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| **Executive Engineer, R.W. Division, Jeypore** | **Online Tender - 06/RWD-JYP/2025-26** | **05 Nos.** | **13.10.2025 at 10.00 A.M.** | **23.10.2025 upto 05.00 P.M.** | **22.10.2025 at 1.30 P.M.** | **24.10.2025 at 10.00 A.M.** |

For details can be seen from the website www.tendersodisha.gov.in/nicgep/app
**All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**
***N.B. Any Addendum or Corrigendum will be available in the Website only.**

**Sd./- Executive Engineer**
**Rural Works Division, Jeypore**
**OIPR-25160/11/0024/2526**

**OFFICE OF THE CHIEF CONSTRUCTION ENGINEER** No.O-942
**RURAL WORKS CIRCLE, BARIPADA**
E_Mail ID: serwcbaripada@gmail.com, Ph-No-06792-261343/261344, Gangraj, Baripada
**"e" Procurement Notice for Road Work**
**Identification No.- Online Tender- Road N.C.B. No.392 for 2025-26.**
**Letter No.4588/Date. 26.09.2025//**

1. Name of the work : Post DLP Maintenance of PMGSY Road Works (PR-KNJ-25) in the District of Mayurbhanj for the year 2024-25. 2. Total No. of work : 01 No. (One). 3. Estimated Cost : **Rs.38.72 lakhs** (approximately). 4. Eligible Class of Contractor : As per annexure. 5. Period of Completion : As per annexure. 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road On-line N.C.B. No.392 | Dt.13.10.2025 at 11.00 A.M. | Dt.23.10.2025 up to 5.00 P.M. | Dt.22.10.2025 up to 5.00 P.M. | Dt.24.10.2025 at 11.00 A.M. | Will be intimated later |

- **Further details can be seen from the website: www.tendersodisha.gov.in.**
- **Any Corrigendum / Addendum will be displayed in the above e_tender website only.**

**Sd./- Chief Construction Engineer,**
**R.W. Circle, Baripada**
**OIPR-25130/11/0058/2526**

**GOVERNMENT OF ODISHA** No.O-920
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BALLIGUDA**
Email : rw_balliguda@yahoo.com
**GEPNIC e-Procurement Notice**
**Bid Identification No. : EERWBLG - Online - 04/2025-26**
**No. : 3561 / Date : 25.09.2025**

01. Name of the work : Repair of Road Works, 02. Total No. of works : 3 Nos. (Percentage rate tender), 03. Estimated cost : As mentioned in Col.3 of Annexure, 04. Class of Contractor : As mentioned in Col.5 of Annexure, 05. Period of Completion : As mentioned in Col.4 of Annexure, 06. EMD : As mentioned in Col.6 of Annexure, 07. Paper Cost : As mentioned in Col.7 of Annexure, 08. Other Details

| Procurement officer | Bid Identification No. | Availability of tender online for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Division, Balliguda | EERWBLG - Online-04/2025-26 | 13.10.2025 at 10.00 A.M. | 27.10.2025 upto 5.00 P.M. | 28.10.2025 at 11.00 Hrs. |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.

Further details can be seen from the website : www.tendersodisha.gov.in

**Sd./- Executive Engineer**
**Rural Works Division, Balliguda**
**OIPR-25150/11/0008/2526**

# ଅଲିଭ୍ ରିଡ୍ଲେଙ୍କ ସୁରକ୍ଷା ଚିନ୍ତା

କେନ୍ଦ୍ରାପଡ଼ା,୧୧।୧୦(ଜଗନ୍ନାଥ ଧଳ)



■ ନଭେମ୍ବରରୁ ସାମୁଦ୍ରିକ କଟକଣା ଆରମ୍ଭ
■ ସାତଭାୟାରେ ସୃଷ୍ଟି ହୋଇଛି ନୂଆ ବେଳାଭୂମି
■ ପ୍ଲାଷ୍ଟିକ୍ ପ୍ରଦୂଷଣ, ତଟକ୍ଷୟ ସମସ୍ୟା ସୃଷ୍ଟି କରିଛି

ବିଶ୍ୱ ପ୍ରସିଦ୍ଧ ଗହୀରମଥାର ସାମୁଦ୍ରିକ ଅଞ୍ଚଳରେ ଥିବା ପ୍ରଚୁର ଖାଦ୍ୟ ବିରଳ ଅଲିଭ ରିଡ୍ଲେ କଇଁଛଙ୍କୁ ଆକର୍ଷିତ କରୁଛି । ପ୍ରତିବର୍ଷ ୪ରୁ ୫ ଲକ୍ଷ କଇଁଛ ଏଠାକୁ ଆସି ଅଣ୍ଡାଦାନ କରୁଛନ୍ତି । ତେବେ ଇଣ୍ଟରନ୍ୟାଶନାଲ ୟୁନିଅନ ଫର କଞ୍ଜରଭେଶନ୍ ଅଫ୍ ନେଚର (ଆଇୟୁସିଏନ୍)ର ରେଡ୍ ଡାଟା ଲିଷ୍ଟରେ ଥିବା ଏହି ଜୀବଙ୍କ ସୁରକ୍ଷା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ଅହେତୁକ ମାତ୍ରାରେ ଜେଲିଫିସର ସଂଖ୍ୟା ବୃଦ୍ଧି ଘଟୁଛି । ଶୈବାଳ ଉଦ୍ୟାନ ନଷ୍ଟ ହେଉଥିବା ବେଳେ ମାଛବଂଶ ବିଭିନ୍ନ କାରଣରୁ କମିଯାଉଛି । ତଟକ୍ଷୟ, ବନ ବିଭାଗର ସ୍ପିଡ୍ ବୋଟ ଅଚଳ, ସାମୁଦ୍ରିକ ଥାନାରେ କର୍ମଚାରୀଙ୍କ ଅଭାବ ଓ ସମୁଦ୍ର ତଟରକ୍ଷା ବାହିନୀ ସହିତ ଭାବ ବିନିମୟରେ ଅଭାବରୁ ମତ୍ସ୍ୟଜୀବୀଙ୍କ ବେଆଇନ ପ୍ରବେଶ, ଗାଙ୍ଗ ଜାଲରେ କଇଁଛ ଧରାପଡ଼ିବା ଆଦି ସମସ୍ୟାରେ ବନ ବିଭାଗ ସୁରକ୍ଷା ଦେବା ଏକ ଚାଲେଞ୍ଜ ହୋଇଛି ।

ଚଳିତବର୍ଷସାତଭାୟାରେସୃଷ୍ଟିହୋଇଥିବା ନୂଆ ବେଳାଭୂମିକୁ ନେଇ ବୁଦ୍ଧିଜୀବୀ ଓ ପରିବେଶବିତ୍‌ମାନେ କଇଁଛ ଶାବକଙ୍କ ବୃଦ୍ଧି ଆଶା କରିଛନ୍ତି । ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ଜଗନ୍ନାଥ ଦାସ, ଦୋଳଗୋବିନ୍ଦ ଜେନା, ପରିବେଶବିତ୍ ହେମନ୍ତ କୁମାର ରାଉତ ଓ ଅଶୋକ କୁମାର ସ୍ୱାଇଁ ପ୍ରମୁଖ କହିଛନ୍ତି, କଇଁଛ ସୁରକ୍ଷା ପାଇଁ ନଭେମ୍ବର ୧ରୁ ମେ ୩୧ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କ ପାଇଁ ସାମୁଦ୍ରିକ କଟକଣା ଆରମ୍ଭ ହେଉଛି ।

ପ୍ରତିବର୍ଷ ୪ରୁ ୫ ଲକ୍ଷ ଅଲିଭ୍ ରିଡ୍ଲେ ଏହି ଅଞ୍ଚଳକୁ ପ୍ରଜନନ ସ୍ଥାନ ଭାବେ ବାଛିବା ବିଶ୍ୱ ପ୍ରକୃତିପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରିଛି । ୧୪୩୫ ବର୍ଗ କି.ମି. ସାମୁଦ୍ରିକ ଅଞ୍ଚଳର ତଟଭୂମି ଏହି କଇଁଛଙ୍କ ଅନୁଡ଼ିଶାଳ କାରଣରୁ ଅସୁରକ୍ଷିତ ହେଉଥିବା ବେଳେ ଏହି ବିରଳ ଜୀବ ଆଇୟୁସିଏନ୍‌ର ରେଡ୍ ଡାଟାବୁକ୍‌ରେ ଅଛି । ୧ ହଜାର ଶାବକଙ୍କ ମଧ୍ୟରୁ ମାତ୍ର ଗୋଟିଏ ପୂର୍ଣ୍ଣବୟସ୍କ ହେଉଥିବା ଆଇୟୁସିଏନ୍ ଦର୍ଶାଉଥିବା ବେଳେ କଇଁଛ ମୃତ୍ୟୁକୁ ନେଇ ଉଦ୍‌ବେଗର କାରଣ ହୋଇଛି । ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ୧୯୯୭ ସେପ୍ଟେମ୍ବର ୨୭ରେ ଗହୀରମଥାର ଏହି ସାମୁଦ୍ରିକ ଅଞ୍ଚଳକୁ ଜାତୀୟ ଉଦ୍ୟାନ ଭିତରକନିକା ମଧ୍ୟରୁ ଅଲଗା କରି ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିଛି । ଗହୀରମଥା ସାମୁଦ୍ରିକ ଅଞ୍ଚଳ ୧୪୩୫ ବର୍ଗ କି.ମି.ମଧ୍ୟରୁ ମାତ୍ର ୨୭ ବର୍ଗ କି.ମି.ସ୍ଥଳଭାଗ । ଏହି ସ୍ଥଳଭାଗ ସାମୁଦ୍ରିକ ତଟକ୍ଷୟର ଶିକାର ହେଉଛି । ୨୦୨୧ରେ ଅଗରନାଶୀ ଦ୍ୱୀପ ସମ୍ପୂର୍ଣ୍ଣ ସମୁଦ୍ରରେ ବିଲୀନ ହେବା ସହିତ ବିଭିନ୍ନ ଦ୍ୱୀପଗୁଡ଼ିକରେ ନାଶୀ, ବାବୁବାଲି ଓ ଏକକୁଳା ଆଦି ସ୍ଥାନଗୁଡ଼ିକର ଆକାର କମିଛି । ସାତଭାୟାରେ ବିସ୍ତୀର୍ଣ୍ଣ ବାଲିକୁ ଏହି କଇଁଛ ଅନୁଡ଼ିଶାଳ କରିବା ସମ୍ଭାବନା ଅଛି । ପ୍ରଜନନ ସ୍ଥାନ ଅଭାବ ପାଇଁ କଇଁଛଙ୍କ ଅକାଳ ମୃତ୍ୟୁ ଏବେ ସମସ୍ୟା ହୋଇଛି । ଏହି ନିଷିଦ୍ଧାଞ୍ଚଳରେ ବହୁ ସମୟରେ ବେଆଇନ ମାଛଧରା ସେମାନଙ୍କ ଜୀବନ ପ୍ରତି ବିପଦ ସାଜିଛି । ବନ ବିଭାଗ ନିକଟରେ ବେଆଇନ ଭାବେ ପ୍ରବେଶ କରୁଥିବା ଟ୍ରଲରକୁ ଧରିବା ପାଇଁ ଉପଯୁକ୍ତ ଇଞ୍ଜିନ ବିଶିଷ୍ଟ ବୋଟ୍ ନାହିଁ । ଜିଲାରେ ଥିବା ୩ ସାମୁଦ୍ରିକ ଥାନାରେ କର୍ମଚାରୀଙ୍କର ଅଭାବ ରହିଛି । ସେହିପରି ତଟ ସୁରକ୍ଷା ବାହିନୀ ସହିତ ସମ୍ପର୍କ ରଖିବାରେ ବହୁ ସମୟରେ ବନ ବିଭାଗ ବିଫଳ ହେଉଛି ।

ସେହିପରି ପ୍ଲାଷ୍ଟିକ ପ୍ରଦୂଷଣ ବଢ଼ିଚାଲିଛି, ଯାହା ସମୁଦ୍ରର ଶୈବାଳ ଉଦ୍ୟାନକୁ ନଷ୍ଟ କରୁଛି । ଶିଳ୍ପାଞ୍ଚଳ ଓ ଚିଙ୍ଗୁଡ଼ି ଘେରିର ବର୍ଜ୍ୟବସ୍ତୁ ଓ ଜଳ ଶୈବାଳ ଉପରେ ପ୍ରଭାବ ପକାଉଛି । ଫଳରେ ଜେଲି ଫିଶ୍ ସଂଖ୍ୟା ବଢ଼ୁଛି । ଏହାସହିତ ବିଭିନ୍ନ କାରଣରୁ ପ୍ରତିବର୍ଷ ନିଷିଦ୍ଧାଞ୍ଚଳରେ ପ୍ରତିବର୍ଷ ହଜାରରୁ ଅଧିକ କଇଁଛଙ୍କ ମୃତ୍ୟୁ ହେଉଛି । ସୁରକ୍ଷା ବ୍ୟବସ୍ଥା ଗହୀରମଥାରେ କାର୍ଯ୍ୟକାରୀ ହେଉ ନ ଥିବା ଯୋଗୁ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ରାଜନଗର ଡିଏଫ୍‌ଓ ଭରଦ୍ୱାଜ ଗାଓଁକର କହିଛନ୍ତି, ବିରଳ ଅଲିଭ ରିଡ୍ଲେଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଉଛି । କଟକଣା ସମୟରେ ମତ୍ସ୍ୟଜୀବୀଙ୍କ ଅନୁପ୍ରବେଶ ରୋକିବା ପାଇଁ କ୍ୟାମ୍ପ ସହିତ ନିରୀକ୍ଷଣକୁ ଅଧିକ ଗୁରୁତ୍ୱ ଦିଆଯାଉଛି । ଗତ କଟକଣା ସମୟରେ ବେଆଇନ ଭାବେ ପ୍ରବେଶ ବୋଟ ଓ ଟ୍ରଲରକୁ ଜବତ କରାଯାଇଥିବା ବେଳେ ୨୩୩ରୁ ଅଧିକ ଲୋକଙ୍କ ନାମରେ ମାମଲା ରୁଜୁ ହୋଇଥିବା ଗାଓଁକର ସୂଚନା ଦେଇଛନ୍ତି ।

# ମହାକାଳପଡ଼ାରେ ଶିଳ୍ପ ପ୍ରତିଷ୍ଠା ପୂର୍ବ ସରକାରଙ୍କର ଧୂଆଁବାଣ ଥିଲା: ବିଧାୟକ



ବଉଳକଣି ପଞ୍ଚାୟତ ସ୍କୁଲଘେରିଠାରେ କେନାଲରେ ନୌଚାଳନା ପ୍ରତିଯୋଗିତାରେ ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ବିଜେତା ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ।

■ ନୌଚାଳନା ପ୍ରତିଯୋଗିତାରେ ସାମିଲ ହେଲେ ବିଧାୟକ
■ ଜମ୍ବୁ ମତ୍ସ୍ୟଜୀବୀ ଟିମ୍ ଚାମ୍ପିୟନ

ମହାକାଳପଡ଼ା,୧୧।୧୦(ପ୍ରତାପ ଚନ୍ଦ୍ର ସ୍ୱାଇଁ): କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ବଉଳ କଣି ପଞ୍ଚାୟତ ସ୍କୁଲଘେରି ଗ୍ରାମରେ ୩୪ ତମ ଗଜଲକ୍ଷ୍ମୀ ପୂଜା ପାଳିତ ହେଉଛି । ଏହି ଅବସରରେ ନେତାଜୀ ୟୁନାଇଟେଡ୍ କ୍ଲବ ପକ୍ଷରୁ ସ୍ଥାନୀୟ ମତ୍ସ୍ୟଜୀବୀଙ୍କୁ ନେଇ ଜମ୍ବୁ – ମାର୍ଶାଘାଇ ମୁଖ୍ୟ କେନାଲ ଗାଁ ମୁଣ୍ଡରୁ ଗୋବରୀ ନଦୀ କୂଳ ପଥର ବନ୍ଧ ପର୍ଯ୍ୟନ୍ତ ୧ କି.ମି.ରୁ ଅଧିକ ଦୂର ନୌଚାଳନା ପ୍ରତିଯୋଗିତା ଆୟୋଜନ ହୋଇଥିଲା । ଏହା ୫ ଦିନ ଧରି ଅନୁଷ୍ଠିତ ହେଉଛି । ଶନିବାର ଉଦ୍‌ଯାପନୀ ଦିବସରେ ଜମ୍ବୁ , ବଡ଼ଗୁଡ଼ି , ଆମ୍ବ ବେଲାରୀ, ବଉଳକଣି, ପନ୍ଦର ମାଇଲ, କାଉପ୍ରସାଳ, ଛପାଳିର ୨ଟି ଟିମ୍, ସ୍କୁଲଘେରି, ଖରିନାସୀ, ବନ୍ଧପଡ଼ା, ଲୁଣାଘେରି ଓ ରାମନଗର ସମେତ ୧୨ ନୌଚାଳନା ମତ୍ସ୍ୟଜୀବୀ ଦଳ ଭାଗ ନେଇଥିଲେ । ଶନିବାର ଅପରାହ୍ନରେ ଶେଷ ଲିଗ୍ ଖେଳ ଜମ୍ବୁ- ଆମ୍ବବେଲାରି ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ଜମ୍ବୁ ଟିମ୍ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି । ରନର୍ସ ଅପ୍ ଭାବେ ଦ୍ୱିତୀୟ ବିଜେତା ଭାବେ ଆମ୍ବବେଲାରୀ ମତ୍ସଜୀବୀ ଟିମ୍‌କୁ ଘୋଷଣା କରାଯାଇଥିଲା । ସେହିପରି ତୃତୀୟ ସ୍ଥାନରେ ପନ୍ଦରମାଇଲ ମତ୍ସଜୀବୀ ଟିମ୍ ରହିଛି ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି ।

ଫାଇନାଲ ମ୍ୟାଚରେ ସ୍ଥାନୀୟ ବିଧାୟକ ଡ଼. ଦୁର୍ଗା ପ୍ରସନ୍ନ ନାୟକ ଯୋଗଦେଇ କେନାଲରେ ଡ଼ଙ୍ଗାରେ ଯାଉଥିବା ଦୁଇ ପାର୍ଶରେ ଥିବା ଶତାଧିକ ଦର୍ଶକମାନେ ସ୍ୱାଗତ ଜଣାଇଥିଲେ । ପରେ ମା' ଙ୍କ ମଣ୍ଡପରେ ମତ୍ସ୍ୟଜୀବୀମାନଙ୍କ ପାଇଁ ଏକ ସତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବରେ ବିଧାୟକ ନାୟକ ଯୋଗଦେଇ ମତ୍ସ୍ୟଜୀବୀମାନଙ୍କ ମଧ୍ୟରେ ଭାଇଚାରା ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ । ନଦୀ ସମୁଦ୍ରରେ ପ୍ରତିକୂଳ ପାଗରେ ପାରମ୍ପରିକ ମତ୍ସ୍ୟଜୀବୀମାନେ ଜୀବନକୁ ବାଜି ଲଗାଇ ଡ଼ଙ୍ଗାରେ କୂଳକୁ ଫେରନ୍ତି । ଏଭଳି ନୌ-ଚାଳନା ପ୍ରତିଯୋଗିତା ବ୍ଲକ ଅଞ୍ଚଳରେ ପ୍ରଥମେ ଆରମ୍ଭ କରିଥିଲେ । ଖେଳ ଦେଖିବାକୁ କେନାଲର ଉଭୟ ପାର୍ଶ୍ୱରେ ୧୦ ହଜାରରୁ ଅଧିକ ଲୋକଙ୍କୁ ଦେଖିବାକୁ ମିଳିଥିଲା । ସେହିପରି ମହାକାଳପଡ଼ାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକ ଭିତ୍ତି ଭୂମି ନାହିଁ, ପୂର୍ବ ସରକାରଙ୍କର ଶିଳ୍ପ ପ୍ରତିଷ୍ଠା ଏକ ଧୂଆଁବାଣ ଥିଲା ବୋଲି ବିଧାୟକ ନାୟକ କହିଥିଲେ । ଏବେ ଆମ ସରକାର ଆସିବା ପରେ ଦୁର୍ନୀତି ଲୋକ ଲୋକଙ୍କୁ ଆଣିବା ପାଇଁ ସବୁ ମୂଳଦୁଆ ପକାଯିବ ବୋଲି କହିଥିଲେ । ପରେ ଜମ୍ବୁ ଟିମ୍‌କୁ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରିଥିଲେ । ରନର୍ସ ଟିମ୍‌କୁ ଟ୍ରଫି ସହ ଅର୍ଥ ରାଶି ଓ ତୃତୀୟ ଟିମ୍‌କୁ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରୋଜ ସାହୁ, ପ୍ରଶାନ୍ତ ସେଠୀ, ପ୍ରତାପ ଚନ୍ଦ୍ର ଦାସ, କୁମରବର ମହାନ୍ତି , ସରପଞ୍ଚ ସାଲବେଗ ମାହାଲୀ, ଦିଲୀପ ମଣ୍ଡଳ, ବରିଷ୍ଠ ଶିକ୍ଷକ ସୁନ୍ଦର ମୋହନ ସିଂଙ୍କ ସମେତ ବହୁ ସଂଖ୍ୟାରେ ଖେଳପ୍ରେମୀ ଓ କ୍ଲବ ସଦସ୍ୟ ଉପସ୍ଥିତ ଥିଲେ ।

# ଡେରାବିଶର ୨୯ ଗଜଲକ୍ଷ୍ମୀ ପୂଜାମଣ୍ଡପ ବୁଲିଲେ ପାଟକୁରା ବିଧାୟକ ଅରବିନ୍ଦ

**ଡେରାବିଶ,୧୧।୧୦(ବେବର୍ତ୍ତା ଅଜୟ ଦାସ):** କୁମାର ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବା ମା' ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ପାଇଁ ଡେରାବିଶ ବ୍ଲକ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି । ତେବେ ଅଞ୍ଚଳର ଗଣପର୍ବ ଭାବେ ପାଳିତ ହେଉଥିବା ଏହି ପୂଜାଉତ୍ସବର ଶନିବାର ୬ଷ୍ଠ ଦିବସ ଥିବା ବେଳେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଡେରାବିଶ ବ୍ଲକ ଅନୁଆପଡା ଛକ, ରତାଦିଆ ଖଣ୍ଡସାହି ଓ ଦାନପୁର ପଞ୍ଚାୟତର ବିଭିନ୍ନ ପୂଜାମଣ୍ଡପ ବୁଲିଥିଲେ । ସଂଧ୍ୟାରେ ବ୍ଲକ ଅଧୀନ ଛୋଟି ପଞ୍ଚାୟତ ନେଉଆ ବାଲିଆପଦା ପୂଜାମଣ୍ଡପ ବୁଲି ମା'ଙ୍କ ଆଶିଷ ନେଇଥିଲେ । ସେହିପରି ଗତ ଶୁକ୍ରବାର ବ୍ଲକ ଅଧୀନ ବାଘିଲୋବାବନପୁର,ଓଲଡି, ଛତା, ବଳଭଦ୍ରପୁର ଓ ଅନ୍ୟାନ୍ୟ ପୂଜାମଣ୍ଡପ ବୁଲି ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ଦର୍ଶନ କରିଥିଲେ । ବିଧାୟକ ମହାପାତ୍ରଙ୍କ ସହ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ସରୋଜକାନ୍ତ ନାୟକ, ମନୋରଞ୍ଜନ ଉପାଧ୍ୟାୟ, ସୁକାନ୍ତ ଦ୍ୱିବେଦୀ, ମହେନ୍ଦ୍ର କୁମାର ସିଂହ, ହଳଧର ଦାଶ, ବଟକୃଷ୍ଣ ସାମଲ, ଦିଲୀପ ଦାସ, ସତ୍ୟରଞ୍ଜନ ସାମଲ ଓ ଅଭିମନ୍ୟୁ ରାଉତ, ସରପଞ୍ଚ ସୁଧୀର କୁମାର ଖଟୁଆ,ପ୍ରବୀର କୁମାର ସିଂହ, ସମିତିସଭ୍ୟ ନିରଞ୍ଜନ କର, କୃଷ୍ଣଚନ୍ଦ୍ର ସାହୁ, ଫନୀନ୍ଦ୍ର ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ଭବାନୀ ଓଝା, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ ଓ ବଟକୃଷ୍ଣ ସେଠୀଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।



ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଓ ଦଳୀୟ କର୍ମୀମାନେ ପୂଜା ମଣ୍ଡପ ବୁଲି ଦେଖୁଛନ୍ତି ।

# କ୍ଲଷ୍ଟରସ୍ତରୀୟ ସୁରଭି ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ରାଜନଗର,୧୧।୧୦(ଭାସ୍କର ରାଉତରାୟ): ରାଜନଗର ବ୍ଲକ ସଦର ମହକୁମାସ୍ଥିତ ସରକାରୀ ଶୈଳେନ୍ଦ୍ର ନାରାୟଣ ଉ.ପ୍ରା. ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି ଶନିବାର ଉଦ୍‌ଯାପିତ ହୋଇଯାଇଛି । କାର୍ଯ୍ୟକ୍ରମରେ ୧୫ ବିଦ୍ୟାଳୟ ସହ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ରୀମାନେ ଭାଗ ଦେଇଥିଲେ । ଅନୁଷ୍ଠାନ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ସଂଘ ସଭାପତି ଅଶୋକ କୁମାର ମହାନ୍ତି, ମୁଖ୍ୟବକ୍ତା ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଘନଶ୍ୟାମ ମିଶ୍ର, ସମ୍ମାନନୀୟ ଅତିଥି ସମିତି ସଭ୍ୟା ସୁମିତ୍ରା ସେଠୀ, ଖବରଦାତା ଭାସ୍କର ରାଉତରାୟ ଓ ଜଗନ୍ନାଥ ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ସୁରଭି ମାଧ୍ୟମରେ ଲୋକଲୋଚନକୁ ଆସି ପାରିବ ବୋଲି ମତବ୍ୟକ୍ତ କରିଥିଲେ । ସିଆରସିସି ମଧୁସୂଦନ ସାହୁଙ୍କ ସଂଯୋଜନାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିତର୍କ, କୁଇଜ, ଚିତ୍ରାଙ୍କନ, ହସ୍ତଲିଖନ, ସୃଜନଶୀଳ ଲିଖନ ଓ ଲୋକକଳା ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପିଏମ୍ ପୋଷଣରେ ଚିତ୍ରକଳା ଓ ଶିଳ୍ପକଳା ପ୍ରତିଯୋଗୀତା କରାଯାଇଥିଲା । ସଙ୍ଗୀତଗୁରୁ ରାମଚନ୍ଦ୍ର ବାରିକ, ଅଧ୍ୟାପକ ରତ୍ନାକର ନାୟକ, ଅଧ୍ୟାପିକା ତନୁଶ୍ରୀ ମିଶ୍ର, ସିଆରସିସି ବୈଲୋଚନ ଦାସ, ସୁଶାନ୍ତ ସାହୁ ଓ ନୃତ୍ୟଶିଳ୍ପୀ କାଜଲ ପ୍ରମୁଖ ପର୍ଯ୍ୟବେକ୍ଷକ ଭାବେ ପ୍ରତିଯୋଗୀତା ପରିଚାଳନା କରିଥିଲେ । କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ପାରେଶ୍ୱର ରାଉତ, ଦୁର୍ଯ୍ୟୋଧନ ମହାରଣା, ସରୋଜ ଦାସ ଓ ପ୍ରଶାନ୍ତ ଦାସଙ୍କ ସହ ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ବସନ୍ତ ପାଣିଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀରେ ପ୍ରବଚନ, ସମ୍ବର୍ଦ୍ଧନା ଉତ୍ସବ

ରାଜନଗର, ୧୧।୧୦(ଭାସ୍କର ରାଉତରାୟ): ବିଶିଷ୍ଟ ଶିକ୍ଷାବିତ ତଥା ଆଦର୍ଶ ପ୍ରଧାନ ଶିକ୍ଷକ ବସନ୍ତ କୁମାର ପାଣିଙ୍କ ପାଞ୍ଚମ ଶ୍ରାଦ୍ଧବାର୍ଷିକୀ ଚାନ୍ଦିବାଉଁଶମୂଳ ବାହାରଗଡ଼ ଗ୍ରାମରେ ବସନ୍ତ ପାଣି ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ସଭାପତି ପ୍ରାଧ୍ୟାପକ ସଦ୍ୟବାଦୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶିଷ୍ଟ ପ୍ରବଚକ ସାଧୁ ସନ୍ୟାସୀ ଜି ଯୋଗଦାନ କରି ଅବକ୍ଷୟମୁଖୀ ସମାଜକୁ ଉଦ୍ଧାର ପାଇଁ ଭାଗବତ ଟୁଙ୍ଗୀର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିବା ସହିତ ପୂଜ୍ୟ ପୂଜା ପରମ୍ପରା ବଜାୟ ରଖିବା ପାଇଁ ଏଭଳି ଆଧାତ୍ମିକ କାର୍ଯ୍ୟକ୍ରମକୁ ବ୍ୟାପକ ଭାବେ ପ୍ରସାର କରାଯିବା ଉଚିତ୍ ବୋଲି ଅଭିମତ ରଖିଥିଲେ । ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର, ବରିଷ୍ଠ ପତ୍ରକାର ଭାସ୍କର ଚନ୍ଦ୍ର ରାଉତରାୟ, ଶିକ୍ଷାବିତ୍ ସୁକାନ୍ତ କୁମାର ତ୍ରିପାଠୀ, ମହେଶର ରାଉତ, ବନପାଳ ମହେନ୍ଦ୍ର କୁମାର ମହାନ୍ତ, କବି ବାସୁଦେବ ରାଉତ, ପତ୍ରକାର ଜଗନ୍ନାଥ ଦାସ, ଅଶୋକ କୁମାର ସାଇଁ, ବିରଞ୍ଚି ନାରାୟଣ ଦାସ, ବରିଷ୍ଠ ଆଇନଜୀବୀ ସୁରେଶ ନରେନ୍ଦ୍ର ପ୍ରମୁଖ ଯୋଗଦେଇ ପାଣି ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ର ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅଶୋକ କୁମାର ଦାସ, କବି ପବିତ୍ର ବ୍ରହ୍ମପୁତ୍ର ନାୟକ, ହେମନ୍ତ ମିଶ୍ର, ମାନସ ମିଶ୍ର, ଦିଲ୍ଲୀପ ପାଣି, ମିଳନ ପାଣି, ବିଶ୍ୱଜିତ ପାଣି ଓ ସତ୍ୟଜିତ ପାଣି ପ୍ରମୁଖ ପରିଚାଳନା କରିଥିଲେ ।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.37-SBP-TRD-OT-2025-26, ତା.07.10.2025ରିଖ

**କାର୍ଯ୍ୟର ନାମ :** "ଡୁଙ୍ଗୁରିପାଲି ଷ୍ଟେସନ ୟାର୍ଡ ଠାରେ ଉଲଙ୍ଘନ (Infringement) ରୁ ରକ୍ଷା ପାଇବା ପାଇଁ ଫିଡିଙ୍ଗ୍ ପୋଷ୍ଟ ଏବଂ ଅନ୍ୟ ଟ୍ରାକ୍ସନ ଷ୍ଟ୍ରକ୍‌ଚରଗୁଡ଼ିକର ବ୍ୟବସ୍ଥା ଏବଂ ସ୍ଥାନାନ୍ତରଣ" କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ" ।

**ଆନୁମାନିକ ମୂଲ୍ୟ (ଟଙ୍କାରେ) :** 95,46,042.48, EMD (ଟଙ୍କାରେ) : 1,90,900/-, ଶେଷ ହେବା ଅବଧି : 12 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.10.2025 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD)
PR-676/Q/25-26 ସମ୍ବଲପୁର


# ଧର୍ମପରାୟଣ ମହିଳାଙ୍କ ପରଲୋକ



ପାର୍ବତୀ ବିଶ୍ୱାଳ ।

ଆଳି,୧୧।୧୦(ବନମାଳୀ ସେନାପତି): କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ ତଥା 'ପରାଗ' ସାହିତ୍ୟ ସଂସଦ ଉପସଭାପତି ଅଶୋକ ବିଶ୍ୱାଳଙ୍କ ମାତା ପାର୍ବତୀ ବିଶ୍ୱାଳ(୯୦)ଙ୍କର ଶୁକ୍ରବାର ବିଳମ୍ବିତ ରାତିରେ ପରଲୋକ ଘଟିଛି । ସେ ଜଣେ ଧର୍ମପରାୟଣ ମହିଳା ଥିଲେ । ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ପହଞ୍ଚିଥିଲେ । ଗ୍ରାମ ଶ୍ମଶାନରେ ପାର୍ବତୀ ଦେବୀଙ୍କର ସଂସ୍କାର କରାଯାଇଥିଲା । ବଡପୁଅ ଅଶୋକ ମୁଖାଗ୍ନି ଦେଇଥିଲେ । ମଝିଆ ପୁଅ ଆଇନଜୀବୀ ଅଭିରାମ ବିଶ୍ୱାଳ ଓ ସାନପୁଅ ଅରବିନ୍ଦ ବିଶ୍ୱାଳଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ପାଳପାଟଣାରେ ଗଜଲକ୍ଷ୍ମୀ ପୂଜା, କଳାକାର ସମ୍ବର୍ଦ୍ଧନା ଉତ୍ସବ



କଳାକାରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି ।

**ପଟ୍ଟାମୁଣ୍ଡାଇ, ୧୧।୧୦(କଳ୍ପତରୁ ନାୟକ):** ପଟ୍ଟାମୁଣ୍ଡାଇ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ପାଳପଟଣା ଗ୍ରାମର ନୂଆ ସକାଳ ପୂଜା କମିଟି ଆନୁକୂଲ୍ୟରେ ୨୨ତମ ମା' ଗଜଲକ୍ଷ୍ମୀ ପୂଜା ଉତ୍ସବ ପାଳନ କରାଯାଇଛି। ୩ଦିନ ଧରି ଆୟୋଜିତ ଉତ୍ସବରେ ପ୍ରତେକ ଦିନ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ପ୍ରସାଦ ସେବନ କରିଥିଲେ । ପ୍ରତେକ ଦିନ ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କଟକ ଚାରିଧାମ ଭଜନ ମଣ୍ଡପ ଓ ଭକ୍ତି ପୁଷ୍ପାଳୀ ଭଜନ ମଞ୍ଚ ମନମୁଗ୍ଧ କର ଭଜନ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ । କାର୍ଯ୍ୟକ୍ରମରେ କଳାକାର ପ୍ରୀତି ସୁରେଖା ରାଉତ, ଗୋବିନ୍ଦ ଚନ୍ଦ୍ର ନାଥ ଓ ଚିନ୍ମୟ ଓଝା ପ୍ରମୁଖ ସୁନାମ ଧନ୍ୟ କଳାକାରମାନେ ଭଜନ ପରିବେଷଣ କରିଥିଲେ । ପାଳପାଟଣା ଗଜଲକ୍ଷ୍ମୀ ପୂଜା ଉତ୍ସବକୁ ନୂଆସକାଳ ପୂଜା କମିଟି କର୍ମକର୍ତ୍ତା ପ୍ରେମରନ ପଣ୍ଡା, ତପନ ପଣ୍ଡା,ହେମନ୍ତ ପଣ୍ଡା, ରଶ୍ମିରଞ୍ଜନ ପଣ୍ଡା, ସଂଗ୍ରାମ ପାତ୍ର, ଗଙ୍ଗାଧର ପଣ୍ଡା ଓ ଗଜେନ୍ଦ୍ର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ ।


## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI

No.O-865

E-mail : ruralworksdivisioniimalkangiri@yahoo.in

INVITATION FOR BIDS

NATIONAL COMPETITIVE BIDDING

**Bid Identification No. : RWDSE_MKG_II_ONLINE_07/2025-26**

The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below on turnkey basis.

1. Name of the Work : Road Repair works, 2. No. of Works : **31 Nos**, 3. Estimated Cost : **Rs.5.98 lakhs to Rs.39.88 Lakhs**,
4. Tender Paper Cost : Rs.4000/- & Rs.6000/-, 5. Class of Contractor :

| Estimated cost up to ₹ 20.00 lakhs | Estimated cost up to ₹ 40.00 lakhs | Estimated cost more than ₹ 20.00 lakhs & within ₹ 300.00 lakhs |
|---|---|---|
| 'D' | 'C' | 'B' |

6. Period of Completion : 02 (Two) Calendar months
7. **Critical dates :**

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking Tender Clarification | Date of Opening of Tender |
|---|---|---|---|---|---|
| | | From | To | | |
| **Superintending Engineer, Rural Works Division-II, Malkangiri** | **RWDSE_MKG_II_ONLINE_07 of 2025-26** | **13.10.2025 at 11.00 AM** | **24.10.2025 up to 05.30 PM** | **23.10.2025 up to 3.00 P.M.** | **27.10.2025 up to 11.00 A.M.** |

- Further details can be seen in the bidding documents, which is available in the e-procurement portal https://www.tendersorissa.gov.in.
- Subsequent corrigendum if required shall be appeared in the website.
- Authority reserves the right to reject any or all tenders without assigning any reason thereof.

Sd./- Superintending Engineer
Rural Works Division-II, Malkangiri

OIPR-25079/11/0033/2526

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WORKS DIVISION, KUCHINDA

No.O-963

E_Mail : eerw_kuchinda@yahoo.com

**"e" Procurement Notice for Roads Works**

**Identification No Online Tender / 04 / RWD, Kuchinda / 2025-26.**

The Superintending Engineer, Rural Works Division, Kuchinda on behalf of Governor of Odisha invites online percentage rate bid from experienced & eligible bidders for 03 (Three) no. of Roads works in the District of Sambalpur for the year 2025-26.

1. Name of the work : Roads Works
2. Total Number of Works : 03 Nos.
3. estimated Cost : 57.81 Lakhs, 61.68 Lakhs & 66.15 Lakhs
4. Class of Contractor : "B" Class of Contractor
5. Cost of tender paper : As per Annexure-I
6. Mode of submission of tender : Tender should be submitted only Online in website www.tendersorissa.gov.in (https://tendersodisha.gov.in)
7. EMD & Mode of deposit : 1% of estimated cost of the work to be remitted online as mention in DTCN

**Summary of key dates are provided below :-**

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division, Kuchinda | Tender online - 04/RWD/ KCD | 15.10.2025 at 11 A.M. | 23.10.2025 at 5.00 P.M. | 22.10.2025 at 5.00 A.M. | 24.10.2025 at 11.00 A.M. | To be Intimated Later |

* Further details can be seen from the e-procurement portal www.tendersorissa.gov.in (https://tendersodisha.gov.in).
* Subsequent modification / corrigendum / addendum if required shall appear in website only.
* The amount put to bid is exclusive of GST.

Sd./- Superintending Engineer
Rural Works Division
Kuchinda

OIPR-25151/11/0029/2526

## GOVERNMENT OF ODISHA
## OFFICE OF THE EXECUTIVE ENGINEER
## RURAL WORKS DIVISION, JEYPORE

No.O-951

**e-Procurement for Building works**

**Bid Identification No. : EERWJYP - Online - 06/2025-26**

**Letter No. : 4452** **Date : 04.10.2025**

01. Name of the work : Building works, 02. Total Number of works : 05 (Five) Nos., 03. Approximate Estimated cost : Rs.4.20 lakhs to Rs.65.96 lakhs (approximately), 04. Class of Contractor : "B", "C" & "D" Class, 05. Period of Completion : Within 1 or 9 Months, 06. Other Details

| Procurement officer | Bid Identification No. | Sl. No. of work in notice | Availability of tender online for bidding | | Last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| **Executive Engineer, R.W. Division, Jeypore** | **Online Tender - 06/ RWD-JYP/2025-26** | **05 Nos.** | **13.10.2025 at 10.00 A.M.** | **23.10.2025 upto 05.00 P.M.** | **22.10.2025 at 1.30 P.M.** | **24.10.2025 at 10.00 A.M.** |

For details can be seen from the website www.tendersodisha.gov.in/nicgep/app
**All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**
***N.B. Any Addendum or Corrigendum will be available in the Website only.**

Sd./- Executive Engineer
Rural Works Division, Jeypore

OIPR-25160/11/0024/2526

## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, BARIPADA

No.O-942

E_Mail ID: serwcbaripada@gmail.com, Ph-No-06792-261343/261344, Gangraj, Baripada

**"e" Procurement Notice for Road Work**

**Identification No.- Online Tender- Road N.C.B. No.392 for 2025-26.**

**Letter No.4588/Date. 26.09.2025//**

1. Name of the work : Post DLP Maintenance of PMGSY Road Works (PR-KNJ-25) in the District of Mayurbhanj for the year 2024-25. 2. Total No. of work : 01 No. (One). 3. Estimated Cost : **Rs.38.72 lakhs** (approximately). 4. Eligible Class of Contractor : As per annexure. 5. Period of Completion : As per annexure. 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road On-line N.C.B. No.392 | Dt.13.10.2025 at 11.00 A.M. | Dt.23.10.2025 up to 5.00 P.M. | Dt.22.10.2025 up to 5.00 P.M. | Dt.24.10.2025 at 11.00 A.M. | Will be intimated later |

- **Further details can be seen from the website: www.tendersodisha.gov.in.**
- **Any Corrigendum / Addendum will be displayed in the above e_tender website only.**

Sd./- Chief Construction Engineer,
R.W. Circle, Baripada

OIPR-25130/11/0058/2526

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WORKS DIVISION, BALLIGUDA

No.O-920

Email : rw_balliguda@yahoo.com

**GEPNIC e-Procurement Notice**

**Bid Identification No. : EERWBLG - Online - 04/2025-26**

**No. : 3561 / Date : 25.09.2025**

01. Name of the work : Repair of Road Works, 02. Total No. of works : 3 Nos. (Percentage rate tender), 03. Estimated cost : As mentioned in Col.3 of Annexure, 04. Class of Contractor : As mentioned in Col.5 of Annexure, 05. Period of Completion : As mentioned in Col.4 of Annexure, 06. EMD : As mentioned in Col.6 of Annexure, 07. Paper Cost : As mentioned in Col.7 of Annexure, 08. Other Details

| Procurement officer | Bid Identification No. | Availability of tender online for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Division, Balliguda | EERWBLG - Online-04/2025-26 | 13.10.2025 at 10.00 A.M. | 27.10.2025 upto 5.00 P.M. | 28.10.2025 at 11.00 Hrs. |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.

Further details can be seen from the website : www.tendersodisha.gov.in

Sd./- Executive Engineer
Rural Works Division, Balliguda

OIPR-25150/11/0008/2526

## ସଂକ୍ଷେପରେ

### ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିରେ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

**ଅପମୃତ୍ୟୁ ମାମଲାରେ ଅଟକିଲା ତଦନ୍ତ**

ନୟାଗଡ,୧୧।୧୦(ଲୋକନାଥ ମିଶ୍ର)

ନୟାଗଡ ଜିଲା ଚାନ୍ଦପୁର ଥାନା ଚମ୍ପାଗଡ ପଞ୍ଚାୟତ ବେଣ୍ଟ ଗାଁ ନିକଟ ଶ୍ରୀରାଗମ ଚିଙ୍ଗୁଡି ଫ୍ୟାକ୍ଟ୍ରିରେ ଜଣେ ଶ୍ରମିକଙ୍କର ଶୁକ୍ରବାର ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ମୃତ ଶ୍ରମିକ ହେଲେ ମୟୂରଭଞ୍ଜର ସରୋଜ ସୋରେନ(୩୧)। ଖବର ପାଇ ଚାନ୍ଦପୁର ଥାନା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ନଂ.୧୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ପ୍ରାପ୍ତସୂଚନା ଅନୁସାରେ, ମୟୂରଭଞ୍ଜର ସରୋଜ ଗୁରୁବାର ରାତିରେ କମ୍ପାନୀ କ୍ୱାର୍ଟର୍ସରେ ଖାଇପିଇ ଶୋଇଥିଲେ। ଶୁକ୍ରବାର ସକାଳୁ ଉଠି ନ ଥିଲେ। ଖବର ପାଇ ପରିବାର ଲୋକେ ପହଞ୍ଚି ଚାନ୍ଦପୁର ବସନ୍ତମଞ୍ଜରୀ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସରୋଜଙ୍କ ମୃତ୍ୟୁ ହୃଦ୍‌ଘାତରେ ହୋଇଥିବା କମ୍ପାନୀ ପକ୍ଷରୁ କୁହାଯାଇଥିବାବେଳେ ଏହାର ପ୍ରକୃତ କାରଣ ଜଣାପଡିନି।

# ଜଳ ପ୍ରଦୂଷଣମୁକ୍ତ ସହ ସଂରକ୍ଷଣ ଜରୁରୀ

ଖଣ୍ଡପଡା,୧୧।୧୦ (ଅଜୟ କୁମାର ମହାରଣା)

ପୃଥିବୀରେ ଏବେ ମଧୁର ଜଳର ସଙ୍କଟ ଦେଖାଦେଉଛି। ତାହାର ସଂରକ୍ଷଣ ଠିକ୍ ଭାବେ ହୋଇ ନ ପାରିଲେ ଏହା ପ୍ରାଣୀ ଜଗତ ପାଇଁ ଚିନ୍ତାର ବିଷୟ ପାଲଟିବ। ସେତେବେଳେ ଜଳ ବିନ୍ଦୁଏ ପାଇଁ ବିଶ୍ୱର ଜୀବ ଜଗତ ତା'ର ସତ୍ତା ହରାଇ ବସିବ। ପରିବର୍ତ୍ତିତ ପରିସ୍ଥିତିରେ ଜୀବ ଜଗତ ପାଇଁ ଜଳ ସଙ୍କଟ ଏକ ପ୍ରମୁଖ ସମସ୍ୟା ଭାବେ ମୁଣ୍ଡ ଟେକିଛି। ସାମ୍ପ୍ରତିକ ପରିସ୍ଥିତିରେ ଜଳର ଅପଚୟ, ଜଳାଭାବ ତଥା ଦୂଷିତ ଜଳ ଯୋଗୁ ମାନବ ସମାଜଠାରୁ ଆରମ୍ଭ କରି ପ୍ରାଣୀ ହନ୍ତସନ୍ତ ହେଉଛନ୍ତି। ଫସଲ ମଧ୍ୟ ନଷ୍ଟ ହେଉଛି। ଏହି ସମସ୍ୟାର ଦୂର ପାଇଁ ଜଳ ପ୍ରଦୂଷଣ ଓ ଏହାର ସଂରକ୍ଷଣ ଜରୁରୀ ହୋଇପଡ଼ିଛି। ମନୁଷ୍ୟଠାରୁ ଆରମ୍ଭ କରି ପଶୁପକ୍ଷୀ, କୀଟ ପତଙ୍ଗ, ବୃକ୍ଷଲତା ଆଦି ସମସ୍ତ ପ୍ରାଣୀ ଜଗତ ବଞ୍ଚିବା ପାଇଁ ପାଣି ଉପରେ ନିର୍ଭରଶୀଳ। ପାଣି ବିନା ସବୁଜିମା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ। ଘରୋଇ ବ୍ୟବହାରଠାରୁ ଆରମ୍ଭ କରି କୃଷି, ଶିଳ୍ପ ପ୍ରତ୍ୟେକ କ୍ଷେତ୍ରରେ ଜଳର ବ୍ୟବହାର ନିତାନ୍ତ ଜରୁରୀ। ବିଶ୍ୱ ଅର୍ଥନୀତି ଅନେକାଂଶରେ ଜଳ ଉପରେ ନିର୍ଭରଶୀଳ। ମାତ୍ର ଆମର ଅପରିଣାମଦର୍ଶିତା ପାଇଁ ପରିବେଶର ଦ୍ରୁତ ଅବକ୍ଷୟ ହେବା ସହ ଜଳ ସଙ୍କଟ ସୃଷ୍ଟି ହେଉଛି। ସବୁଜ ଜଙ୍ଗଲ ନଷ୍ଟ କରି ଆମେ କଂକ୍ରିଟ ଜଙ୍ଗଲ ସୃଷ୍ଟି କରୁଛେ। ଯେଉଁଥି ପାଇଁ ଜଳଚକ୍ର ବାଧାପ୍ରାପ୍ତ ହେଉଛି। ଠିକ୍ ସମୟରେ ଆବଶ୍ୟକ ବର୍ଷା ହେଉନାହିଁ। କେଉଁଠି ବାଦଲଫଟା ବର୍ଷା ଯୋଗୁ ଧନ ଜୀବନ ନଷ୍ଟ ହେଉଛି ତ ପୁଣି କେଉଁଠି ବର୍ଷା ଅଭାବରୁ ମରୁଡି ପରିସ୍ଥିତି ସୃଷ୍ଟି ହେଉଛି। ପୂର୍ବେ କୁହାଯାଉଥିଲା ଜଳ ପାଇଁ ଦିନେ ସଂଘର୍ଷର ସୂତ୍ରପାତ ହେବ। ସେହିଦିନ ଆଉ ଦେଖିବାକୁ ବାକି ନାହିଁ। ପାଣି ପାଇଁ ବିଭିନ୍ନସ୍ଥାନରେ ଗଣ୍ଡଗୋଳର ସୂତ୍ରପାତ ହେଉଥିବା ପରିଲକ୍ଷିତ ହେଉଛି।

ପୃଥିବୀର ଜଳସ୍ତର କ୍ରମଶଃ କମିବାରେ ଲାଗିଛି। ପ୍ରବାହିତ ନଦୀ ଜଳକୁ ଠିକ୍ ଭାବେ ବ୍ୟବହାର କରା ନ ଯାଇ ଭୂତଳ ଜଳକୁ ବିଭିନ୍ନ ସମୟରେ ତଥା ବିଭିନ୍ନ ଉପାୟରେ ଅପଚୟ କରାଯାଉଛି। ବର୍ଷା ଉପରେ ନିର୍ଭର କରୁଥିବା କୃଷି ଏବେ କିନ୍ତୁ ଠିକ୍ ସମୟରେ ବୃଷ୍ଟିପାତ ହେଉ ନ ଥିବାରୁ ସମସ୍ୟାର ସମ୍ମୁଖୀନ ହେଉଛି। ବିଶେଷକରି ବର୍ଷା କରାଇବାରେ ବୃକ୍ଷର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ ଲୋକେ ନିଜର ଆବଶ୍ୟକତାକୁ ପୂରଣ କରିବାକୁ ଯାଇ ଜଙ୍ଗଲର ଦ୍ରୁତ ଅବକ୍ଷୟ କରୁଛନ୍ତି। ଯାହାର ପ୍ରଭାବ ଏବେ କୃଷି କ୍ଷେତ୍ରରେ ବ୍ୟାପକ କ୍ଷତି ଘଟାଉଛି।

**ସେମାନେ ଯାହା କୁହନ୍ତି**

**ଜଳର ଅପଚୟ ବଢୁଛି**



ଅଧୁନା ଯେପରି ଭାବରେ ଜଳର ଅପଚୟ ହେଉଛି, ସେଥିପାଇଁ ଦିନେନା ଦିନେ ସୃଷ୍ଟିର ବିନାଶ ନିଶ୍ଚିତ। ଆମେ ଯଦି ଠିକ ଭାବେ ଜଳ ସଂରକ୍ଷଣ ନ କରିବା, ତେବେ ଆଗାମୀ ଯୁଗ ପାଇଁ ଜୀବ ଜଗତ ତିଷ୍ଠି ରହିପାରିବା ଅସମ୍ଭବ। ବର୍ଷାଜଳ ବହୁଳ ଭାବେ ସମୁଦ୍ରକୁ ବୋହି ଯାଉଥିବାବେଳେ ଭୂତଳ ଜଳସ୍ତର ହ୍ରାସ ପାଇବାକୁ ଲାଗିଛି। ମହାନଦୀରେ ଜଳ ସଂରକ୍ଷଣ, ପୁଷ୍କରିଣୀ ଖନନ ଓ ଗଭୀର କୂପ ନିର୍ମାଣ ସହିତ ଛାତ ଜଳକୁ ସଂରକ୍ଷଣ କରି ଆମେ ଜଳ କଷ୍ଟ ଦୂର କରି ପାରିବା।

**–ଅଙ୍କୁର ଅଭିଳାଷ, ବିଡିଓ ଖଣ୍ଡପଡ଼ା**

**ଜୀବନ ପାଇଁ ଜଳ ଆବଶ୍ୟକ**



ଆଗାମୀ ଦିନରେ ସୃଷ୍ଟି ହେବାକୁ ଯାଉଥିବା ଘୋର ଜଳ ସଙ୍କଟରୁ ରକ୍ଷା ପାଇବାକୁ ହେଲେ ଆମ ସମସ୍ତଙ୍କୁ ଦୈନନ୍ଦିନ ଜୀବନରେ ଜଳ ସଂରକ୍ଷଣ ଅଭ୍ୟାସ ଆପଣେଇବାକୁ ପଡ଼ିବ। ଜଳର ମିତବ୍ୟୟିତା ସାଙ୍ଗକୁ ଜଳର ଅଯଥା ଅପଚୟକୁ ରୋକିବାକୁ ପଡ଼ିବ। ଆମକୁ ମନେ ରଖିବାକୁ ହେବ ଜଳ ହିଁ ଜୀବନ ଓ ଜୀବନ ପାଇଁ ଜଳ ଆବଶ୍ୟକ।

**–ଜୟନ୍ତୀ ସାହୁ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ, ଖଣ୍ଡପଡ଼ା**

**ଭୂତଳ ଜଳସ୍ତର କମୁଛି**

ଯଦି କେବେ ୩ୟ ବିଶ୍ୱ ଯୁଦ୍ଧ ହୁଏ, ତାହା ହେବ ଦେଶ-ଦେଶ ମଧ୍ୟରେ ଜଳକୁ ନେଇ।



କାରଣ ତମାମ ପୃଥିବୀରେ ଏବେ ଜଳ ସଂକଟ ଅତ୍ୟନ୍ତ ତୀବ୍ର ହେବାରେ ଲାଗିଛି। ଭୂତଳ ଜଳସ୍ତର କମୁଛି। ମୌସୁମୀ ଲୁଚକାଳି ଖେଳୁଛି। ଏଭଳି ମୁହୂର୍ତ୍ତରେ ଓଡ଼ିଶା-ଛତିଶଗଡ଼ ମଧ୍ୟରେ ମହାନଦୀ ଜଳକୁ ନେଇ ଚକାପଞ୍ଝା ଚାଲିଛି। ଛତିଶଗଡ଼ ସରକାର ମହାନଦୀର ଉପରମୁଣ୍ଡରେ ବହୁ ବ୍ୟାରେଜ ନିର୍ମାଣ କରିଥିବାରୁ ତଳମୁଣ୍ଡରେ ମହାନଦୀ ଶଯ୍ୟା ଶୁଖିଲା ପଡୁଛି। ମାତ୍ର ଦୁଃଖର କଥା ଏହି ଯେ, ଯେତିକି ଜଳ ମହାନଦୀର ତଳ ମୁଣ୍ଡରେ ପ୍ରବାହିତ ହେଉଛି, ତାହା ମଧ୍ୟରୁ ସିଂହଭାଗ ଜଳ ସମୁଦ୍ରକୁ ବହିଯାଉଛି। ଓଡ଼ିଶାରେ ୯୫,୫୪୦ ନିୟୁତ ଘନମିଟର ଭୂପୃଷ୍ଠ ଜଳରୁ ୫୦,୬୪୦ ନିୟୁତ ଘନ ମିଟର ଜଳ ସମୁଦ୍ରରେ ମିଶୁଛି। ଜଳ ସମ୍ପଦର ସଂରକ୍ଷଣ ଅଭାବରୁ ଏବଂ ଆଡିବନ୍ଧଗୁଡ଼ିକର ରକ୍ଷଣାବେକ୍ଷଣ ଅଭାବରୁ ଓଡ଼ିଶାରେ ଜଳସଙ୍କଟ ଦେଖା ଦେଇଛି। ବିଡମ୍ବନା ଏହା ଯେ, ମହାନଦୀକୁ ନେଇ ରାଜନୀତି କରିବା ପରିବର୍ତ୍ତେ ଜଳନୀତି ପରିବର୍ତ୍ତନ ନଦୀ ଜଳର ସଂରକ୍ଷଣକୁ ପ୍ରାଥମିକତା ଦିଆଯାଉ। ଚେକ ଡ୍ୟାମ ନିର୍ମାଣ କରି ଜଳସେଚନକୁ ବ୍ୟବସ୍ଥା କରାଯାଉ।

**–ଡ. ପବିତ୍ର ସୁବୁଦ୍ଧି, ଶିକ୍ଷାବିତ୍, ପଦ୍ମାବତୀ**

**ଜଳସଂରକ୍ଷଣ, ଚାରାରୋପଣକୁ ଗୁରୁତ୍ୱ ଦିଆଯାଉ**



ଜଙ୍ଗଲ ଓ ପାହାଡ଼ର ଦ୍ରୁତ ଅବକ୍ଷୟ ସାଙ୍ଗକୁ ଜଳସ୍ତର କ୍ରମଶଃ ହ୍ରାସ ପାଇବାକୁ ଲାଗିଛି। ଫଳରେ ପ୍ରକୃତିର ଭାରସାମ୍ୟ ରକ୍ଷା ହୋଇପାରୁନି। ସାମ୍ପ୍ରତିକ ପରିସ୍ଥିତିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ହେଉଛି ଜଳ ସଂରକ୍ଷଣ, ଚାରାରୋପଣ, ନୂତନ ଜଙ୍ଗଲ ସୃଷ୍ଟି ସହିତ ପ୍ରାକୃତିକ ସମ୍ପଦର ସୁରକ୍ଷା। ଆମ ଆଗାମୀ ପିଢ଼ି ପାଇଁ ଜଳ ସଂରକ୍ଷିତ ରଖିବା ଜରୁରୀ ହୋଇପଡ଼ିଛି।

**–ଉଜଳ ମହାରଣା, ଜିଲାପରିଷଦ ସଦସ୍ୟା, କଣ୍ଟିଲୋ**

### ଚୋରି ଟ୍ରାକ୍ଟର ଉଦ୍ଧାର, ଜେଲ ଗଲେ ୨

ନୟାଗଡ,୧୧।୧୦(ଲୋକନାଥ ମିଶ୍ର)

ଟ୍ରାକ୍ଟର ଚୋରି ଅଭିଯୋଗରେ ନୟାଗଡ ଟାଉନ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଇଟାମାଟି ଥାନା ଡେଙ୍ଗେରାଗୋଡି ଗାଁର ଶ୍ରୀକାନ୍ତ ପରିଡା(୨୦) ଓ ଖଣ୍ଡପଡା ଥାନା ଗୁଣ୍ଡୁଣି ଗାଁର ପବିତ୍ର ମଲ୍ଲ(୧୯)ଙ୍କୁ ନୟାଗଡ ଜିଲା ଜେଲକୁ ପଠାଇ ଦେଇଛି। ଅଭିଯୋଗ ଅନୁସାରେ ଗତ ୯ ତାରିଖ ରାତିରେ ସିନ୍ଦୁରିଆର ହୁସେନ ଖାଁଙ୍କର ନଂ.ଓଡି୨୫ ଜେ ୮୫୯୯ ଟ୍ରାକ୍ଟର ଏବଂ ଡାଲା ନଂ.ଓଡି୨୫ ଜେ ୮୬୦୦ ଚୋରି ହୋଇଥିଲା । ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ନଂ.୩୯୭/୨୫ରେ ମାମଲା ରୁଜୁକରି ତଦନ୍ତ କରିଥିଲା। ତେବେ ସିନ୍ଦୁରିଆରୁ ଚୋରି ହୋଇଥିବା ଟ୍ରାକ୍ଟର ନୟାଗଡ ସଦର ଥାନା ମାଳିସାହି ଫାଣ୍ଡି ମାଳିସାହି ଗାଁରୁ ଶୁକ୍ରବାର ରାତିରେ ଉଦ୍ଧାର ହୋଇଛି । ଇଟାମାଟି ଥାନା ନାଟୁଗାଁର କେତେକ ଲୋକ ଚୋରଙ୍କ ପିଛା କରି ତାଙ୍କୁ ଧରି ନୟାଗଡ ଟାଉନ ଥାନା ପୋଲିସକୁ ହସ୍ତାନ୍ତର କରିଥିଲେ।

### କୂଅରେ ପଡ଼ି ନାବାଳକ ମୃତ

ନୟାଗଡ଼,୧୧।୧୦(ଲୋକନାଥ ମିଶ୍ର)

ରଣପୁର ବ୍ଲକ ଡମସାହି ଗାଁର ରମେଶ ଚନ୍ଦ୍ର ପରିଡାଙ୍କ ନାବାଳକ ପୁଅ ରାକେଶ(୧୦) କୂଅରେ ପଡି ପ୍ରାଣ ହରାଇଛନ୍ତି। ରାକେଶ ନିଜ ବାଡିରେ ଖେଳୁଥିବାବେଳେ କୂଅରେ ଖସି ପଡିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବେଡ଼ଶିଟ୍ ନାହିଁ, ଚିରାଶଯ୍ୟାରେ ଶୋଉଛନ୍ତି ରୋଗୀ



ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ନୟାଗଡ଼,୧୧।୧୦(ଲୋକନାଥ ମିଶ୍ର)

**ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

ନୟାଗଡ଼ ଜିଲା ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ପାଇଁ ଥିବା ଶଯ୍ୟାରେ ବେଡଶିଟ୍ ପଡୁନି। ରୋଗୀ ଅଥବା ସେମାନଙ୍କ ସମ୍ପର୍କୀୟ ବେଡଶିଟ୍ ମାଗିଲେ ସପ୍ଲାଏ ନାହିଁ କହି ମନା କରାଯାଉଛି। ରୋଗୀଙ୍କୁ ଚିରାଶଯ୍ୟାରେ ଶୋଇବାକୁ ପଡୁଛି। ଅନ୍ୟପକ୍ଷରେ ଗୋଟିଏ ଶଯ୍ୟାରେ ଭିନ୍ନ ଭିନ୍ନ ରୋଗୀ ଶୋଇଲେ ସଂକ୍ରମଣ ଭୟ ରହିଛି। ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳିଆ ଅବ୍ୟବସ୍ଥା ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏନେଇ କରଡା ରଘୁନାଥପୁରର ରଷି ପ୍ରଧାନ କୁହନ୍ତି, ସ୍ୱାସ୍ଥ୍ୟକେନ୍ଦ୍ରରେ ୩୦ ଶଯ୍ୟା ରହିଛି, ଅଧିକାଂଶ ନଷ୍ଟ ହେଲାଣି। ରୋଗୀଙ୍କୁ ଏଠାରେ ବେଡ୍‌ଶିଟ୍ ଦିଆଯାଉନି। ଜିଲା ମୁଖ୍ୟ ଚିକିତ୍ସାଳୟକୁ ବେଡଶିଟ୍ ଯାଇଛି, ଆସିଲେ ଦିଆଯିବ ବୋଲି କୁହାଯାଉଛି। କିନ୍ତୁ ବୁଝିବାରେ ଜଣାପଡ଼ିଛି, ରୋଗୀଙ୍କ ପାଇଁ ବେଡଶିଟ୍ ଦେବା ବାଧ୍ୟତାମୂଳକ। ରୋଗୀମାନେ ପ୍ରତିବାଦ କରୁ ନ ଥିବାରୁ ସମସ୍ୟାର ସମାଧାନ ହୋଇପାରୁନି। ସ୍ୱାସ୍ଥ୍ୟ ବିଭାଗ ଏହାର ପ୍ରତିକାର ନ କଲେ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ବୋଲି କହିଛନ୍ତି। ମମତା ସାହୁ ନାମ୍ନୀ ଜଣେ ରୋଗୀଙ୍କ ସମ୍ପର୍କୀୟ କୁହନ୍ତି, ରୋଗୀ ବେଡଶିଟ୍ ମାଗୁଛନ୍ତି। ନ ଥିବା ଉତ୍ତର ଶୁଣିବା ପରେ ନିଜେ ଆଣିଥିବା ବେଡଶିଟ୍ ପକାଉଛନ୍ତି। ନ ହେଲେ ବିନା ବେଡଶିଟ୍‌ରେ କାମ ଚଳାଇ ନେଉଛନ୍ତି। ରୋଗୀଙ୍କ ସମସ୍ୟା ବୁଝିବାକୁ କେହି ନାହାନ୍ତି। ରୋଗୀ କିପରି ବେଡ୍‌ଶିଟ୍ ପାଇବେ ତା'ର ସମାଧାନ କରାଯିବା ଦରକାର। ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ସୁଶାନ୍ତ ଦାସ କୁହନ୍ତି, ରୋଗୀଙ୍କୁ ବେଡ୍‌ଶିଟ୍ ଦେବାକୁ କାହିଁକି ମନା କରାଯିବ। କାହିଁକି ବେଡଶିଡ୍ ଦିଆଯାଉନି ସ୍ଥାନୀୟ ମେଡିକାଲ ଅଫିସରଙ୍କ ସହ ଆଲୋଚନା କରି ଏହାର ସମାଧାନ କରାଯିବ। ରୋଗୀ ଯେପରି ବେଡ୍‌ଶିଟ୍ ପାଇବେ, ସେନେଇ ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

### ଗ୍ରାମବାସୀଙ୍କ ସହଯୋଗରେ ବିଦ୍ୟାଳୟରେ ସଫେଇ

ଓଡ଼ଗାଁ,୧୧।୧୦
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କୋମଣ୍ଡ ଆଞ୍ଚଳିକ ସାଧନକେନ୍ଦ୍ର ଅନ୍ତର୍ଗତ ଭଗବତୀ ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗନ୍ନାଥ ନାୟକଙ୍କ ଉଦ୍ୟମରେ ବସନ୍ତ ଆଲଟିଆ,କୁଲୁ ପ୍ରଧାନ, ଶଙ୍କର ନାୟକ ଓ ସୁଶାନ୍ତ ମହାକୁଡ଼ ସକାଳେ ସ୍କୁଲରେ ପହଞ୍ଚି ସଫେଇ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ପ୍ରଧାନ ଶିକ୍ଷକ ରମାକାନ୍ତ ପ୍ରଧାନ, ଶିକ୍ଷକ, ବୁଦ୍ଧିଆ ପାତ୍ର, ତ୍ରିଲୋଚନ ମହାକୁଡ଼, ଶିକ୍ଷୟିତ୍ରୀ ସୁଚିତ୍ରା ପ୍ରଧାନ ଏବଂ ଜ୍ଞାନୀ ଲକ୍ଷ୍ମୀ ସେଠୀଙ୍କ ମିଳିତ ସହଯୋଗରେ ବିଦ୍ୟାଳୟର ଭିତର ଏବଂ ବାହାର ଆବର୍ଜନା ସଫା ହୋଇଥିଲା। ଆବର୍ଜନାଗୁଡ଼ିକୁ ଗୋଟିଏ ପିକ୍‌ଅପ୍ ଭ୍ୟାନରେ ବିଦ୍ୟାଳୟରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ଏହା ଦ୍ୱାରା ସ୍କୁଲ ପିଲାଙ୍କ ଘର ବାହାର ଓ ବିଦ୍ୟାଳୟ ସ୍ୱଚ୍ଛତା ପ୍ରତି ଆଗ୍ରହ ଜାଗ୍ରତ ହୋଇଛ ।



ସଫା କରିବା ପରେ ଆବର୍ଜନାକୁ ପିକ୍‌ଅପ୍ ଭ୍ୟାନରେ ନିଆଯାଉଛି।

# ହାଇମାଷ୍ଟ ଲାଇଟ୍ ଅଚଳ

**ପର୍ଯ୍ୟଟନ ପୀଠ ମୁଖ୍ୟ ଛକ ଅନ୍ଧାର**

ଖଣ୍ଡପଡ଼ା,୧୧।୧୦
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋ ଗ୍ରାମସ୍ଥିତ ଜଳସମ୍ପଦ କାର୍ଯ୍ୟାଳୟ ସମ୍ମୁଖ ମେଡିକାଲ ଛକ ନିକଟରେ ଥିବା ହାଇମାଷ୍ଟ ଲାଇଟ ପୋଷ୍ଟଟି ଦୀର୍ଘମାସ ଧରି ଅଚଳ ଅବସ୍ଥାରେ ପଡ଼ିରହିଛି। ଫଳରେ ଉକ୍ତ ଛକଟି ରାତିରେ ଅନ୍ଧାରରେ ରହୁଛି। ଅଚଳ ହୋଇପଡ଼ିଥିବା ହାଇମାଷ୍ଟ ଲାଇଟ୍‌ଟିକୁ କାର୍ଯ୍ୟକ୍ଷମ କରିବା ଦିଗରେ କେହି ହେଲେ ଧ୍ୟାନ ଦେଉ ନ ଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ଉକ୍ତ ଛକ କଣ୍ଟିଲୋ ଅଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇଥିବା ବେଳେ ରାତି ତମାମ ଦୂରଗାମୀ ଯାତ୍ରୀବାହୀ ବସ୍‌ଗୁଡିକ ଉକ୍ତ ଛକରୁ ଯାତ୍ରୀଙ୍କୁ ନେବାଆଣିବା କରିଥାନ୍ତି। ପୁନଶ୍ଚ ରାଜ୍ୟ ଓ ବାହାରର ପର୍ଯ୍ୟଟକମାନେ ଉକ୍ତ ଛକଦେଇ ନୀଳମାଧବଙ୍କ ମନ୍ଦିରକୁ ଯିବାଆସିବା କରିଥାନ୍ତି।



ଅଚଳ ହୋଇପଡ଼ିଥିବା ହାଇମାଷ୍ଟ ଲାଇଟ୍।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.37-SBP-TRD-OT-2025-26, ତା.07.10.2025ରିଖ

**କାର୍ଯ୍ୟର ନାମ :** "ହୁଙ୍ଗୁରିପାଲି ଷ୍ଟେସନ ୟାର୍ଡ଼ ଠାରେ ଉଲଙ୍ଘନ (Infringement) ରୁ ରକ୍ଷା ପାଇବା ପାଇଁ ଫିଡିଙ୍ଗ୍ ପୋଷ୍ଟ ଏବଂ ଅନ୍ୟ ଟ୍ରାକ୍ସନ ଷ୍ଟ୍ରକ୍‌ଚରଗୁଡ଼ିକର ବ୍ୟବସ୍ଥା ଏବଂ ସ୍ଥାନାନ୍ତରଣ" କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ"।

**ଆନୁମାନିକ ମୂଲ୍ୟ (ଟଙ୍କାରେ) :** 95,46,042.48, EMD (ଟଙ୍କାରେ) : 1,90,900/-, ଶେଷ ହେବା ଅବଧି : 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.10.2025 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD)
PR-676/Q/25-26 ସମ୍ବଲପୁର

**GOVERNMENT OF ODISHA** No.O-865
**OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI**
E-mail : ruralworksdivisioniimalkangiri@yahoo.in
INVITATION FOR BIDS
**NATIONAL COMPETITIVE BIDDING**
**Bid Identification No. : RWDSE_MKG_II_ONLINE_07/2025-26**

The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below on turnkey basis.
1. Name of the Work : Road Repair works, 2. No. of Works : **31 Nos**, 3. Estimated Cost : **Rs.5.98 lakhs to Rs.39.88 Lakhs**,
4. Tender Paper Cost : Rs.4000/- & Rs.6000/-, 5. Class of Contractor :

| Estimated cost up to ₹ 20.00 lakhs | Estimated cost up to ₹ 40.00 lakhs | Estimated cost more than ₹ 20.00 lakhs & within ₹ 300.00 lakhs |
|---|---|---|
| 'D' | 'C' | 'B' |

6. Period of Completion : 02 (Two) Calendar months
7. **Critical dates :**

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking Tender Clarification | Date of Opening of Tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division-II, Malkangiri | RWDSE_MKG_II_ONLINE_07 of 2025-26 | 13.10.2025 at 11.00 AM | 24.10.2025 up to 05.30 PM | 23.10.2025 up to 3.00 P.M. | 27.10.2025 up to 11.00 A.M. |

- Further details can be seen in the bidding documents, which is available in the e-procurement portal https://www.tendersorissa.gov.in.
- Subsequent corrigendum if required shall be appeared in the website.
- Authority reserves the right to reject any or all tenders without assigning any reason thereof.

Sd./- Superintending Engineer
Rural Works Division-II, Malkangiri
OIPR-25079/11/0033/2526

**GOVERNMENT OF ODISHA** No.O-963
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KUCHINDA**
E_Mail : eerw_kuchinda@yahoo.com
**"e" Procurement Notice for Roads Works**
**Identification No Online Tender / 04 / RWD, Kuchinda / 2025-26.**

The Superintending Engineer, Rural Works Division, Kuchinda on behalf of Governor of Odisha invites online percentage rate bid from experienced & eligible bidders for 03 (Three) no. of Roads works in the District of Sambalpur for the year 2025-26.

1. Name of the work : Roads Works
2. Total Number of Works : 03 Nos.
3. estimated Cost : 57.81 Lakhs, 61.68 Lakhs & 66.15 Lakhs
4. Class of Contractor : "B" Class of Contractor
5. Cost of tender paper : As per Annexure-I
6. Mode of submission of tender : Tender should be submitted only Online in website www.tendersorissa.gov.in (https://tendersodisha.gov.in)
7. EMD & Mode of deposit : 1% of estimated cost of the work to be remitted online as mention in DTCN

**Summary of key dates are provided below :-**

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division, Kuchinda | Tender online - 04/RWD/KCD | 15.10.2025 at 11 A.M. | 23.10.2025 at 5.00 P.M. | 22.10.2025 at 5.00 A.M. | 24.10.2025 at 11.00 A.M. | To be Intimated Later |

* Further details can be seen from the e-procurement portal www.tendersorissa.gov.in (https://tendersodisha.gov.in).
* Subsequent modification / corrigendum / addendum if required shall appear in website only.
* The amount put to bid is exclusive of GST.

Sd./- Superintending Engineer
Rural Works Division
Kuchinda
OIPR-25151/11/0029/2526

**GOVERNMENT OF ODISHA** No.O-951
**OFFICE OF THE EXECUTIVE ENGINEER**
**RURAL WORKS DIVISION, JEYPORE**
**e-Procurement for Building works**
**Bid Identification No. : EERWJYP - Online - 06/2025-26**
**Letter No. : 4452** **Date : 04.10.2025**

01. Name of the work : Building works, 02. Total Number of works : 05 (Five) Nos., 03. Approximate Estimated cost : Rs.4.20 lakhs to Rs.65.96 lakhs (approximately), 04. Class of Contractor : "B", "C" & "D" Class, 05. Period of Completion : Within 1 or 9 Months, 06. Other Details

| Procurement officer | Bid Identification No. | Sl. No. of work in notice | Availability of tender online for bidding | | Last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender - 06/ RWD-JYP/2025-26 | 05 Nos. | 13.10.2025 at 10.00 A.M. | 23.10.2025 upto 05.00 P.M. | 22.10.2025 at 1.30 P.M. | 24.10.2025 at 10.00 A.M. |

For details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.

Sd./- Executive Engineer
Rural Works Division, Jeypore
OIPR-25160/11/0024/2526

**OFFICE OF THE CHIEF CONSTRUCTION ENGINEER** No.O-942
**RURAL WORKS CIRCLE, BARIPADA**
E_Mail ID: serwcbaripada@gmail.com, Ph-No-06792-261343/261344, Gangraj, Baripada
**"e" Procurement Notice for Road Work**
**Identification No.- Online Tender- Road N.C.B. No.392 for 2025-26.**
**Letter No.4588/Date. 26.09.2025//**

1. Name of the work : Post DLP Maintenance of PMGSY Road Works (PR-KNJ-25) in the District of Mayurbhanj for the year 2024-25. 2. Total No. of work : 01 No. (One). 3. Estimated Cost : **Rs.38.72 lakhs** (approximately). 4. Eligible Class of Contractor : As per annexure. 5. Period of Completion : As per annexure. 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road On-line N.C.B. No.392 | Dt.13.10.2025 at 11.00 A.M. | Dt.23.10.2025 up to 5.00 P.M. | Dt.22.10.2025 up to 5.00 P.M. | Dt.24.10.2025 at 11.00 A.M. | Will be intimated later |

- **Further details can be seen from the website: www.tendersodisha.gov.in.**
- **Any Corrigendum / Addendum will be displayed in the above e_tender website only.**

Sd./- Chief Construction Engineer,
R.W. Circle, Baripada
OIPR-25130/11/0058/2526

**GOVERNMENT OF ODISHA** No.O-920
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BALLIGUDA**
Email : rw_balliguda@yahoo.com
**GEPNIC e-Procurement Notice**
**Bid Identification No. : EERWBLG - Online - 04/2025-26**
**No. : 3561 / Date : 25.09.2025**

01. Name of the work : Repair of Road Works, 02. Total No. of works : 3 Nos. (Percentage rate tender), 03. Estimated cost : As mentioned in Col.3 of Annexure, 04. Class of Contractor : As mentioned in Col.5 of Annexure, 05. Period of Completion : As mentioned in Col.4 of Annexure, 06. EMD : As mentioned in Col.6 of Annexure, 07. Paper Cost : As mentioned in Col.7 of Annexure, 08. Other Details

| Procurement officer | Bid Identification No. | Availability of tender online for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Division, Balliguda | EERWBLG - Online-04/2025-26 | 13.10.2025 at 10.00 A.M. | 27.10.2025 upto 5.00 P.M. | 28.10.2025 at 11.00 Hrs. |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.
Further details can be seen from the website : www.tendersodisha.gov.in

Sd./- Executive Engineer
Rural Works Division, Balliguda
OIPR-25150/11/0008/2526

# ସରକାରୀ ପ୍ରକଳ୍ପରେ ଅଧିକାରୀଙ୍କ ଅସହଯୋଗ

- ଗଣ୍ଡାନାଳ ଉପରେ ଦାନିଆବର ଛକ ବ୍ରିଜ୍ କାର୍ଯ୍ୟ ଅଧାରେ
- ଗ୍ରାମ୍ୟ ନିର୍ମାଣ ବିଭାଗରୁ ୪ ଥର ପତ୍ର ଲେଖି ବି ଅସଫଳ

ଯାଜପୁର,୧୧।୧୦ (ହର୍ଷବର୍ଦ୍ଧନ ବେହେରା)



ଗଣ୍ଡାନାଳ ଉପରେ ଦାନିଆବର ଛକଠାରୁ ମାରୁଟିକର ହାଇଲେଭଲ ବ୍ରିଜ୍ ନିର୍ମାଣ ଚାଲିଛି।

ରାଜ୍ୟ ସରକାରଙ୍କ ପକ୍ଷରୁ ସୁରକ୍ଷିତ ଗମନାଗମନ ପାଇଁ ବିପୁଳ କୋଟି ଟଙ୍କା ଖର୍ଚ୍ଚ କରାଯାଇ ବିଭିନ୍ନ ନଦୀନାଳ ଉପରେ ହାଇଲେଭଲ ବ୍ରିଜ୍ ନିର୍ମାଣ କରାଯାଉଛି। ହେଲେ ଜମି ଅଧିଗ୍ରହଣରେ ବିଳମ୍ବ ଯୋଗୁ ବ୍ରିଜ୍‌ଗୁଡ଼ିକ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ ହୋଇ ପାରୁ ନ ଥିବାରୁ ସମ୍ପୃକ୍ତ ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପାଞ୍ଚଳ ସମେତ ସୁକିନ୍ଦା ଖଣି ଅଞ୍ଚଳକୁ ପ୍ରସ୍ତାବିତ ବ୍ରିଜ୍‌ଗୁଡ଼ିକ ସମ୍ପୂର୍ଣ୍ଣ ହୋଇ ପାରୁ ନ ଥିବାରୁ ଟ୍ରାଫିକ ସମସ୍ୟା ଉତ୍କଟ ହେଉଥିବା ଦେଖିବାକୁ ମିଳିଛି। ଏଠାରେ ମାନପୁର ରେଳୱେ ଲାଇନ ଦ୍ୱିତୀୟ ବ୍ରିଜ ଏବଂ ଗଣ୍ଡାନାଳ ଉପରେ ଦାନିଆବର ଛକଠାରୁ ମାରୁଟିକର ହାଇଲେଭଲ ବ୍ରିଜ୍ ନିର୍ମାଣକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ଦୁଇ ବ୍ରିଜ୍ କେବଳ ଜମି ଅଧିଗ୍ରହଣ ହୋଇ ପାରି ନ ଥିବାରୁ ଅଧାପନ୍ତରିଆ ଅବସ୍ଥାରେ ରହିଥିବା ସୂଚନା ମିଳିଛି। ଗଣ୍ଡାନାଳ ଉପରେ ବ୍ରିଜ୍ ନିର୍ମାଣ ପାଇଁ ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଦାନଗଦି ତହସିଲଦାରଙ୍କୁ ଜମି ଅଧିଗ୍ରହଣ ପାଇଁ ଏକାଧିକ ଥର ଅନୁରୋଧ କରାଯାଇଥିଲେ, ତାହା ଏଯାଏ କାର୍ଯ୍ୟକାରୀ ହୋଇ ପାରିନାହିଁ। ଏହିକ୍ରମରେ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଦାନଗଦି ତହସିଲଦାରଙ୍କୁ ୩ ଥର ପତ୍ର ଲେଖାଯିବା ପରେ ପୁଣି ଥରେ ୪।୧୦।୨୦୨୫ରେ ସରକାରୀ ଜମି ତୁରନ୍ତ ଅଧିଗ୍ରହଣ କରିବାକୁ ପତ୍ର ଲେଖାଯାଇଥିବା ଜଣାପଡ଼ିଛି। ଏଥିରୁ ସରକାରୀ ପ୍ରକଳ୍ପରେ ସରକାରୀ ଅଧିକାରୀ ଅସହଯୋଗ କରୁଥିବା ସ୍ପଷ୍ଟ ହେଉଛି।

ଯାଜପୁର ଜିଲାରେ ମନ୍ଥର ଗତିରେ ବ୍ରିଜ୍ ପ୍ରକଳ୍ପଗୁଡ଼ିକ ଚାଲିଥିବାରୁ ସରକାରଙ୍କ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ଏନେଇ ବିଭିନ୍ନ ସମୟରେ ବିଭାଗୀୟ କର୍ତ୍ତୃପକ୍ଷ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜିଲାରେ ଗ୍ରାମ୍ୟ ନିର୍ମାଣ ବିଭାଗ ଗ୍ରାମାଞ୍ଚଳକୁ ଗମନାଗମନ ସୁଯୋଗ ସୃଷ୍ଟି କରିବା ପରିବର୍ତ୍ତେ ଠିକାଦାରି ରାଜନୀତି ଅଣାୟତ୍ତ ହେଉଥିବା ଏଥିରୁ ମନେ ହୋଇଛି। ଏଥିଯୋଗୁ ଜିଲାର ଶତାଧିକ ଗ୍ରାମାଞ୍ଚଳକୁ କୋର୍ ନେଟୱର୍କ ହିସାବରେ ରାସ୍ତା ସଂଯୋଗ ବାକି ରହୁଛି ବୋଲି ମତପ୍ରକାଶ ପାଇଛି। ରାଜନୈତିକ ହସ୍ତକ୍ଷେପ ଓ ବ୍ୟାପକ ପିସି କାରବାର ଯୋଗୁ ଜିଲାବାସୀ ଉପଯୁକ୍ତ ଗମନାଗମନରୁ ବଞ୍ଚିତ ହେଉଛନ୍ତି। ଗ୍ରାମ୍ୟ ନିର୍ମାଣ ବିଭାଗରୁ ମିଳିଥିବା ସୂଚନା ମୁତାବକ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଦାନଗଦି ବ୍ଲକ ଅଞ୍ଚଳର ଯଖପୁରା, ମାନ୍ତିରା, ଖପୁରିଆପଦା, ରାଛିପୁର ଆଦି ପଞ୍ଚାୟତ ସମେତ ରସୁଲପୁର ଓ ଧର୍ମଶାଳା ବ୍ଲକ ଅଞ୍ଚଳବାସୀ ଗଣ୍ଡାନାଳ ଅତିକ୍ରମ କରି ଯାତାୟାତ କରିଥାନ୍ତି। ତେଣୁ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଗଣ୍ଡାନାଳ ଉପରେ ଦାନିଆବର ଛକ ନିକଟରେ ଏକ ହାଇଲେଭଲ ବ୍ରିଜ ନିର୍ମାଣ କରିବାକୁ ଠିକାଦାର ଧୀରେନ୍ଦ୍ର କିଶୋର ରାୟଙ୍କୁ ନିର୍ମାଣ ଦାୟିତ୍ୱ ମିଳିଛି। ଏହି ବ୍ରିଜ ୧୬।୩।୨୦୨୪ରେ ଆରମ୍ଭ ହୋଇ ୧୫।୬।୨୦୨୫ରେ ଶେଷ କରିବାକୁ ଧାର୍ଯ୍ୟ କରାଯାଇଥିଲା। ହେଲେ ଏହି ବ୍ରିଜ କାର୍ଯ୍ୟ ମାତ୍ର ୧୦% ବି ସରି ନ ଥିବା ଦେଖିବାକୁ ମିଳିଛି। ଜମି ଅଧିଗ୍ରହଣ ସମସ୍ୟା ଏଥିରେ ମୁଖ୍ୟ ପ୍ରତିବନ୍ଧକ ସାଜିଥିବା ମନେ ହେଉଛି। ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଏଥିପାଇଁ ୨୯।୪।୨୦୨୪, ୧୧।୨।୨୦୨୫ ଓ ୮।୯।୨୦୨୫ରେ ଦାନଗଦି ତହସିଲଦାରଙ୍କୁ ପତ୍ର ଲେଖିଛନ୍ତି। ତଥାପି ତହସିଲଦାର ଏଥିରେ ସହଯୋଗ କରିନାହାନ୍ତି। ଫଳରେ ପୁଣି ଥରେ ଅଧୀକ୍ଷଣ ଯନ୍ତ୍ରୀ ସହଜ ଜମି ଅଧିଗ୍ରହଣ କରିବାକୁ ପତ୍ର ଲେଖିଛନ୍ତି।

କଳିଙ୍ଗନଗର ଶିଳ୍ପ ଓ ସୁକିନ୍ଦା ଖଣି ଅଞ୍ଚଳକୁ ଯାଇଥିବା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ମାନପୁର ଓଭରବ୍ରିଜ ଉପରେ ନିତିଦିନିଆ ଟ୍ରାଫିକ ସମସ୍ୟା ଯାତ୍ରୀଙ୍କ ପାଇଁ କାଳ ହେଉଛି। ଏହାବାଦ୍ ମାନପୁର ପ୍ରଥମ ଓଭରବ୍ରିଜ ରାସ୍ତାରେ ଖାଲଖମା ସୃଷ୍ଟି ହେବା ସହ ବିପଦସଙ୍କୁଳ ହୋଇପଡ଼ିଛି। ଏହା କେତେବେଳେ ଯେ ଗଳିପଡ଼ିବ ବୋଲି ସେହି ରାସ୍ତାଦେଇ ଯାଉଥିବା ଯାତ୍ରୀମାନେ ଆଶଙ୍କା ବ୍ୟକ୍ତ କରୁଛନ୍ତି। ତେବେ ଟ୍ରାଫିକ ସମସ୍ୟାର ସମାଧାନ କରିବାର ଲକ୍ଷ୍ୟ ନେଇ ସରକାର ୨୦୧୮ରେ ଦ୍ୱିତୀୟ ବ୍ରିଜ୍ ନିର୍ମାଣ ଆରମ୍ଭ କରିଛନ୍ତି। ହେଲେ ଜମି ଅଧିଗ୍ରହଣ ସମସ୍ୟାର ସମାଧାନ ହୋଇ ପାରୁ ନ ଥିବାରୁ ଏହି ବ୍ରିଜ୍ କାର୍ଯ୍ୟ ଅଧାରେ ଲାଖିଛି।

ଗଣ୍ଡାନାଳ ଉପରେ ବ୍ରିଜ୍ ନିର୍ମାଣ ଲାଗି ଜମି ଅଧିଗ୍ରହଣ ସଂକ୍ରାନ୍ତରେ ମତାମତ ନେବାକୁ ଦାନଗଦି ତହସିଲଦାର ରଞ୍ଜିତ ମଲ୍ଲିକଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ। ସେହିପରି ଗ୍ରାମ୍ୟ ନିର୍ମାଣ ବିଭାଗର ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ବେହେରା ମଧ୍ୟ ଫୋନ୍ ଉଠାଇ ନ ଥିବାରୁ ତାଙ୍କ ମତାମତ ନିଆଯାଇ ପାରିନାହିଁ।

## ୧୯ ସବ୍‌ଇନ୍ସପେକ୍ଟରଙ୍କ ଇନ୍ସପେକ୍ଟରକୁ ପଦୋନ୍ନତି

ପାଣିକୋଇଲି,୧୧।୧୦(ବିକାଶ ଚନ୍ଦ୍ର ମଲ୍ଲିକ): ରାଜ୍ୟରେ ୪୨୭ ସବଇନ୍ସପେକ୍ଟରଙ୍କ ଇନ୍ସପେକ୍ଟରସ୍ତରକୁ ପଦୋନ୍ନତି କରାଯାଇଛି। ଏହି କ୍ରମରେ ଯାଜପୁର ଜିଲାର ୧୯ ସବଇନ୍ସପେକ୍ଟରଙ୍କ ଇନ୍ସପେକ୍ଟରସ୍ତରକୁ ପଦୋନ୍ନତି ହୋଇଛି। ସେମାନେ ବାସୁଦେବ ପରିଡ଼ା, ରମାକାନ୍ତ ନାୟକ, ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନ, ଶଶିଭୂଷଣ ପରିଡ଼ା, ଜ୍ୟୋତିରଞ୍ଜନ ମହାପାତ୍ର, ବିଭୂତି ଭୂଷଣ ମହାପାତ୍ର, ଜହର ଆବେଦିନ, ମହମ୍ମଦ ସୁରଜ, ଅଜୟ ସାହୁ, ସ୍ନେହଲତା ଗିରି, ସୁଦାମ ଚରଣ ନନ୍ଦୀ, କଳ୍ପଲତା ପ୍ରଧାନ, ହେମଲତା ଦାସ, ରଞ୍ଜନ ବେହେରା, ଶିବାଶିଷ ଦାସ, ସୁବାସ ସେଠୀ, ପ୍ରକାଶ ଚନ୍ଦ୍ର ପ୍ରଧାନ, ବିନିତି ଦାସ, ପ୍ରଭାତି ମଲ୍ଲିକ ବୋଲି ସୂଚନା ମିଳିଛି। ଡିଆଇଜିଙ୍କ ପତ୍ର ସଂଖ୍ୟା ୩୩୧୮ରେ ଏହା ପ୍ରକାଶ ପାଇଛି।

## କରଦାରେ ରାବଣପୋଡ଼ି, ଆତସବାଜି ପ୍ରତିଯୋଗିତା



ପାଣିକୋଇଲି,୧୧।୧୦(ବିକାଶ ଚନ୍ଦ୍ର ମଲ୍ଲିକ): କୋରେଇ ବ୍ଲକ୍ ଅନ୍ତର୍ଗତ କରଦା ହରିହାଟ ପଡ଼ିଆରେ ୧୦ମ ବାର୍ଷିକ ରାବଣପୋଡ଼ି ଓ ଆତସବାଜୀ ପ୍ରତିଯୋଗିତା ଶୁକ୍ରବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ୧୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମୁଖ୍ୟ ଅତିଥିଭାବେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି, ସମ୍ମାନିତ ଅତିଥିଭାବେ ନାଟ୍ୟକାର ଦୀପକ ଜେନା, ଅତିଥିଭାବେ କରଦା ସରପଞ୍ଚ ଅନିମା ମଲିକ, ସାମାଜିକ କର୍ମୀ ସନ୍ତୋଷ ବେହେରା, ଯୁବ ସାମ୍ବାଦିକ ମାନସ ଧଳ, ପ୍ରଦୀପ ମାଝୀ, ଅଶୋକ ଦାସ, ଯାଜପୁର ଜିଲା କିନ୍ନର ସଂଘ ସଭାପତି କାଜଲ ନାୟକ ପ୍ରମୁଖ ଯୋଗେଦେଇଥିଲେ। କମିଟି ପକ୍ଷରୁ ସଭାପତି ଜନାର୍ଦ୍ଦନ ସେନାପତି (ଦନୁ) ଓ ସମ୍ପାଦକ ରମେଶ ସାହୁ (ଜଡ଼ା)ଙ୍କ ଦ୍ୱାରା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସାମ୍ବାଦିକ ସୁବାସ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କମିଟି ପକ୍ଷରୁ କରଦା ମଠାଧିଶ ବାବା କୃଷ୍ଣଚନ୍ଦ୍ର ଦାସଙ୍କ ଦ୍ୱାରା ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଗୋବର୍ଦ୍ଧନ ଜେନା ଓ ହଳଧର ଜେନାଙ୍କ ଦ୍ୱାରା ଆତସବାଜୀ ପ୍ରତିଯୋଗିତା କରାଯାଇଥିଲା। ବିଭିନ୍ନ ଆତସବାଜୀ ଦର୍ଶକଙ୍କୁ ମନମୁଗ୍ଧ କରିଥିଲା। ମଠାଧିଶ ଓ ଅତିଥିଙ୍କ ଦ୍ୱାରା ରାବଣ ମୂର୍ତ୍ତିରେ ଅଗ୍ନି ସଂଯୋଗ କରାଯାଇଥିଲା। କମିଟି ପକ୍ଷରୁ ଅଶୋକ ବେହେରା, ପ୍ରଶାନ୍ତ ଦାଶ ଓ ସମସ୍ତ ସଦସ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଆତସବାଜୀ ପ୍ରତିଯୋଗୀଙ୍କ ମଧ୍ୟରେ ହଳଧର ଜେନା ପ୍ରଥମ ଓ ଗୋବର୍ଦ୍ଧନ ଜେନାଙ୍କୁ ଦ୍ୱିତୀୟ ଭାବେ ବିବେଚନା କରାଯାଇ କମିଟି ପକ୍ଷରୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପାଣିକୋଇଲି ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

## ଶ୍ୟାମସୁନ୍ଦର ବଜାର କମିଟିର ବାର୍ଷିକ ଉତ୍ସବ

ଚଣ୍ଡିଖୋଲ,୧୧।୧୦ (ପ୍ରଦୀପ୍ତ କୁମାର ପୃଷ୍ଟି):

ଯାଜପୁର ଜିଲା ବାଲିଚନ୍ଦ୍ରପୁରସ୍ଥିତ ଶ୍ୟାମ ସୁନ୍ଦର ବଜାର କମିଟିର ୩୫ତମ ବାର୍ଷିକ ଉତ୍ସବ ଶୁକ୍ରବାର ରାତିରେ ଲକ୍ଷ୍ମୀମଣ୍ଡପ ନିକଟରେ ପାଳିତ ହୋଇଯାଇଛି। ବଜାର କମିଟି ସଭାପତି ପ୍ରଦୀପ୍ତ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ମୁଖ୍ୟ ଅତିଥିଭାବରେ ଯୋଗଦେଇ କହିଥିଲେ, ଆମ ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ପ୍ରତୀକ ଗଜଲକ୍ଷ୍ମୀ ପୂଜା। ଏଥିସହିତ ୬୦ ବର୍ଷ ଏଭଳି ପୂଜା ଚଳାଇ ଆସୁଥିବା ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ୩୫ ବର୍ଷ ଧରି ବଜାର କମିଟିର କର୍ମକର୍ତ୍ତା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଜଡ଼ିତ ରହିଥିବାରୁ ସେମାନଙ୍କୁ କୃତଜ୍ଞତା ଜଣାଇବା ସହ ସମସ୍ତ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଖବରଦାତା ବେବର୍ତ୍ତା ଅଜୟ ଦାସ ଯୋଗଦେଇ କହିଥିଲେ, ଗଜଲକ୍ଷ୍ମୀ ପୂଜା ଆଜି ଗୋଟିଏ ମେଢ଼ରୁ ୧୫ ମେଢ଼ରେ ପରିଣତ ହୋଇ ଗଣପର୍ବ ହୋଇଛି। ଏହା ଏକତା ବୃଦ୍ଧିରେ ସହାୟକ ହେବ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ଓ ସରପଞ୍ଚଙ୍କ ପ୍ରତିନିଧି ଅମୀୟ ସାହାଣୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କବି ରୁଦ୍ରପ୍ରଶନ୍ନ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ୱାଗତ ଭାଷଣ ଓ ସଂପାଦକୀୟ ବିବରଣୀ ପାଠ କରିଥିଲେ ବଜାର କମିଟି ସମ୍ପାଦକ ପ୍ରଭାସ ଦାଶ। ଏହି ଅବସରରେ ବରିଷ୍ଠ ନାଗରିକ ଗଦାଧର ଦାସ, ଲକ୍ଷ୍ମୀ ବଜାର, ମଙ୍ଗଳା ମନ୍ଦିର ପୂଜା କମିଟି, ପଣ୍ଡା ପରିବା ମାର୍କେଟ, ସରସ୍ୱତୀ ବଜାର, ମା ମଲ୍ୟା ବୁଢ଼ୀ ପୂଜା କମିଟି, ମହାବୀର ପୂଜା କମିଟି, ଶାସ୍ତ୍ରୀଜୀ ପୂଜା କମିଟି, କୁଆଁପାଳ ରୋଡ, ପତରାଜପୁର ପୂଜା କମିଟି ସମେତ ଛତିଆ ଜଗନ୍ନାଥ ବଜାର ପୂଜା କମିଟିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଧାୟକ ମା' ଗଜଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରବା ପରେ ଉତ୍ସବ ଆରମ୍ଭ ହୋଇଥିଲା। ଶିଶୁ ସାହିତ୍ୟିକ ଭକ୍ତଚରଣ ସାହୁ ଧନ୍ୟବାଦ ଦେଇଥିଲେ।



ଶ୍ୟାମସୁନ୍ଦର ବଜାର କମିଟିର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ନେସ୍କୋ ଠିକା କର୍ମଚାରୀ ସଂଘ ପକ୍ଷରୁ ଧାରଣା



କୁଆଖିଆ ଟାଟା ପାୱାର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନେସ୍କୋ ଠିକା କର୍ମଚାରୀ ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

ରସୁଲପୁର,୧୧।୧୦ (ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ଟାଟା ପାୱାର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ନେସ୍କୋ ଠିକା କର୍ମଚାରୀ ସଂଘ ପକ୍ଷରୁ ଧାରଣା ଦିଆଯାଇଛି। ଟାଟା ପାୱାର ଅଧୀନରେ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ବିରଜା ଏଜେନ୍ସି ପକ୍ଷରୁ ଜଣେ କର୍ମଚାରୀଙ୍କୁ ବିନା କାରଣରେ ଅନ୍ୟତ୍ର ବଦଳି କରାଯାଇଛି। ଉକ୍ତ ବଦଳିକୁ ଠିକା କର୍ମଚାରୀ ସଂଘ ପକ୍ଷରୁ ବିରୋଧ କରାଯାଇଥିଲା। ଏଜେନ୍ସିର ଅନ୍ୟାୟ ବଦଳିକୁ ପ୍ରତିବାଦ କରି ସଂଘ ପକ୍ଷରୁ ସେପ୍ଟେମ୍ବର ୨୪ରେ ପତ୍ର ଜରିଆରେ ଟାଟା ପାୱାର ନିର୍ବାହୀ ଯନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ଠିକା କର୍ମଚାରୀଙ୍କୁ ନ୍ୟାୟ ପ୍ରଦାନ କରା ନ ଗଲେ ସେମାନେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଥିଲେ। ହେଲେ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ସଂଘ ଧାରଣାକୁ ଓହ୍ଲାଇଥିଲା। ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

ଟାଟା ପାୱାରର ବିଦ୍ୟୁତ୍ ସଂଯୋଗ ଓ ମରାମତି ଆଦି କାର୍ଯ୍ୟ ପାଇଁ ବିରଜା ଏଜେନ୍ସି ପକ୍ଷରୁ ଠିକା ଶ୍ରମିକମାନଙ୍କୁ ନିଯୁକ୍ତି ଦିଆଯାଇଛି। ଏଜେନ୍ସି ଦ୍ୱାରା ଶ୍ରମିକଙ୍କୁ ନ୍ୟାୟୋଚିତ ଅଧିକାର ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ଏହାକୁ ସଂଘ ପ୍ରକ୍ଷରୁ ବିରୋଧ କରାଯାଇ ଅଧୀକ୍ଷଣ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅଧୀକ୍ଷଣ ଯନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଜେନ୍ସି ଓ ଠିକାକର୍ମଚାରୀଙ୍କ ମଧ୍ୟରେ ଦରମା ଏବଂ ଅନ୍ୟ ସମସ୍ୟା ନେଇ ରହି ଆସୁଥିବା ଅସୁବିଧା ସମ୍ପର୍କରେ ଏକ ମିଳିତ ଚୁକ୍ତିନାମା ହୋଇଥିଲା। ଏହାକୁ କେନ୍ଦ୍ରକରି ଏଜେନ୍ସି ପକ୍ଷରୁ ଆକ୍ରୋଶମୂଳକ ପଦକ୍ଷେପ ନିଆଯାଇ ଠିକା କର୍ମଚାରୀଙ୍କୁ ଅନ୍ୟାୟ ଭାବରେ ବଦଳି କରାଯାଉଛି ବୋଲି ସଂଘ ଅଭିଯୋଗ କରିଥିଲା।

## ଚଣ୍ଡିଖୋଲରେ ହେବ ଏସ୍‌ଡିପିଓ କାର୍ଯ୍ୟାଳୟ

**ବିଧାନସଭାରେ ପ୍ରସ୍ତାବ ଦେଇଥିଲେ ଧର୍ମଶାଳା ବିଧାୟକ**

କାଏମା,୧୧।୧୦(ଶିବପ୍ରସାଦ ମହାନ୍ତି): ଯାଜପୁର ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ କରିବା ପାଇଁ ଚଣ୍ଡିଖୋଲରେ ଏକ ସବ୍‌ଡିଭିଜନାଲ ପୋଲିସ ଅଫିସର (ଏସ୍‌ଡିପିଓ) କାର୍ଯ୍ୟାଳୟ ସ୍ଥାପନ କରାଯିବ। ଏସଡିପିଓ କାର୍ଯ୍ୟାଳୟ ସ୍ଥାପନ ପାଇଁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ବିଧାନସଭାରେ ପ୍ରସ୍ତାବ ରଖିଥିଲେ। ତାଙ୍କ ପ୍ରସ୍ତାବକ୍ରମେ ଏହି ବ୍ଲକ ଅଧୀନ ନେଉଳପୁର ନିକଟବର୍ତ୍ତୀ ଚଣ୍ଡିଖୋଲଠାରେ ଏସ୍‌ଡିପିଓ କାର୍ଯ୍ୟାଳୟ ସ୍ଥାପନା ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜିଲାରେ ଯାଜପୁର ରୋଡ୍ ଏବଂ ଯାଜପୁର ଟାଉନରେ ଏସ୍‌ଡିପିଓ କାର୍ଯ୍ୟାଳୟ ରହିଛି। ଯାଜପୁର ରୋଡସ୍ଥିତ ଏସ୍‌ଡିପିଓଙ୍କ ଅଧୀନରେ ୧୦ ଥାନା ଏବଂ ଗୋଟିଏ ଟ୍ରାଫିକ ଥାନା ରହିଛି। ଯାଜପୁର ରୋଡ୍‌ସ୍ଥିତ ଏସଡିପିଓଙ୍କ କାର୍ଯ୍ୟାଳୟଠାରୁ ଧର୍ମଶାଳା, ଜେନାପୁର, ବଡ଼ଚଣା ଓ ବୈରୀ ଥାନା ବହୁ ଦୂରରେ। ଫଳରେ କୌଣସି ଆପରାଧିକ କାର୍ଯ୍ୟକଳାପ ଯାଞ୍ଚ ଏବଂ ରୋକିବାରେ ସମସ୍ୟା ହେଉଛି। ଦିନକୁ ଦିନନିଶା କାରବାର ବଢ଼ିବା ସହ ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ତେଣୁ ଏକ ନୂତନ ଏସଡିପିଓ କାର୍ଯ୍ୟାଳୟ ସ୍ଥାପନ ନିମନ୍ତେ ବିଧାୟକ ଅକ୍ଟୋବର ୨୨ରେ ବିଧାନସଭା ଅଧିବେଶନରେ ଦାବି କରିଥିଲେ। ସରକାର ଏହାକୁ ଗୁରୁତର ସହ ନେଇ ତୁରନ୍ତ କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ମଞ୍ଜୁରୀ ପ୍ରଦାନ କରିଥିବାରୁ ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଗଜଲକ୍ଷ୍ମୀ ପୂଜାମଣ୍ଡପ ବୁଲିଲେ ବିଧାୟକ

ଯାଜପୁରରୋଡ୍,୧୧।୧୦ (ପବିତ୍ର ରଞ୍ଜନ ମହାନ୍ତି):

କୋରେଇ ବିଧାୟକ ଆକାଶ ଦାସନାୟକ ବ୍ୟାସନଗର ପୌରପରିଷଦର ବିଭିନ୍ନ ଗଜଲକ୍ଷ୍ମୀ ପୂଜା ମଣ୍ଡପ ବୁଲି ମା' ଲକ୍ଷ୍ମୀଙ୍କୁ ଦର୍ଶନ କରିଛନ୍ତି। ଏଥିସହିତ ସହରବାସୀଙ୍କ ମଙ୍ଗଳ କାମନା କରି ମା'ଙ୍କ ପାଖରେ ପ୍ରାର୍ଥନା କରିଛନ୍ତି। ବିଧାୟକ ପୌରପରିଷଦର ଚାନ୍ଦମା, ଚୋରଦା, ସନ୍ତରା, ଓଏମ୍‌ସି ଛକ, ସାତକଣିଆ ଓ ଆଦି ପୂଜା ମଣ୍ଡପ ବୁଲିଥିଲେ। ପୂଜା କମିଟି କର୍ମକର୍ତ୍ତା ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ବିଭିନ୍ନ ସାଂସ୍କୃତିକ ପେଣ୍ଡାଲରେ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଏକ ପୂଜା ମଣ୍ଡପରେ ବିଧାୟକ ଆକାଶ ଦାସନାୟକ ଓ ପୂଜା କମିଟି କର୍ମକର୍ତ୍ତା।

# ବର୍ଷାଦିନେ ଜଳବନ୍ଦୀ 'ଲକ୍ଷ୍ମୀସାହି'

- ପୋଖରୀ ପାଣିରେ ବୁଡୁଛି ରାସ୍ତା
- ଯାତାୟାତ ପାଇଁ ଅନେକ ସମସ୍ୟା
- ସମାଧାନ ଦାବି କଲେ ଲୋକେ

କାଏମା,୧୧।୧୦(ଶିବପ୍ରାସାଦ ମହାନ୍ତି):



ଲକ୍ଷ୍ମୀସାହିକୁ ଯାଇଥିବା ରାସ୍ତା ବର୍ଷାପାଣିରେ ବୁଡ଼ି ରହିଛି।

ଧର୍ମଶାଳା ବ୍ଲକ ଅଧୀନ ବଡ଼କାଏମା ପଞ୍ଚାୟତର ଲକ୍ଷ୍ମୀସାହି ବର୍ଷା ଦିନେ ଜଳବନ୍ଦୀ ହୋଇରହୁଛି। ଗାଁରାସ୍ତାରେ ପାଣି ଜମିବାରୁ ଯାତାୟାତରେ ଅନେକ ସମସ୍ୟା ଦେଖାଦେଉଛି। ଏହି ଗାଁରେ ୮୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବାବେଳେ ଲୋକ ସଂଖ୍ୟା ଦୁଇ ଶହରୁ ଅଧିକ। ମୁଖ୍ୟତଃ ଏହି ଗାଁରେ ୧୫୦ରୁ ଊର୍ଦ୍ଧ୍ୱ ବର୍ଷ ଧରି ମା' ଲକ୍ଷ୍ମୀଙ୍କ ପୂଜା ହୋଇ ଆସୁଛି। ସେଥିପାଇଁ ଲକ୍ଷ୍ମୀସାହି ନାମରେ ଗାଁ ପରିଚିତ। ଗାଁକୁ ପ୍ରେବଶ କରିବା ପାଇଁ ୪ ରାସ୍ତା ରହିଛି।

ଗାଁର ଅବସ୍ଥିତି କହିବାକୁ ଗଲେ, ଗୋଟିଏ ପାର୍ଶ୍ୱ କେଲୁଅ ନଦୀବନ୍ଧକୁ ସ୍ପର୍ଶ କରୁଥିବାବେଳେ ବନ୍ଧ କଡ଼ରେ ଖର୍ଦାସାହି ଗାଁକୁ ସଂଯୋଗ କରିଛି। ସେଥିପାଇଁ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି। କିନ୍ତୁ ବର୍ଷା ଦିନେ ଏହି ରାସ୍ତା ଉପରେ ଜମୁଛି ପାଣି। ସେହିପରି ବିପରୀତ ପାର୍ଶ୍ୱ କାଏମା ବଜାର ରାସ୍ତାକୁ ସଂଯୋଗ କରୁଛି, ଯାହାର ମଧ୍ୟ ଭାଗରେ ରହିଛି ତିନୋଟି ପୋଖରୀ। ଏହା ମଧ୍ୟରୁ ଦୁଇଟି ପଞ୍ଚାୟତ ପୋଖରୀ ବୋଲି କୁହାଯାଏ। ଏହି ପୋଖରୀ ପାର୍ଶ୍ୱରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି। କିନ୍ତୁ ବର୍ଷା ଦିନେ ପୋଖରୀ ପାଣି ବୃଦ୍ଧି ପାଇ ରାସ୍ତା ଉପରକୁ ମାଡ଼ି ଆସୁଛି। ତେଣୁ ଗାଁ ମଧ୍ୟକୁ ସଂଯୋଗ କରୁଥିବା ଏହି ଦୁଇ ରାସ୍ତାରେ ଲୋକେ ଯାତାୟାତ କରିପାରୁନାହାନ୍ତି। ଅନ୍ୟ ଏକ ରାସ୍ତାରେ ସମସ୍ତ ପରିବାର ନିର୍ଭର କରୁଛନ୍ତି। କିନ୍ତୁ ତାହା ଶୋଚନୀୟ ହୋଇପଡ଼ିଛି। ତେଣୁ ବର୍ଷା ଦିନେ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଗାଁ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। କେବଳ ଏତିକି ନୁହେଁ, ମଶା, ମାଛି, ସାପ, ବିଛାଙ୍କ ଭୟ ରହୁଛି।

ସରକାରୀସ୍ତରରେ ରାସ୍ତା କରାଯାଇଛି ସତ କିନ୍ତୁ ରାସ୍ତା ଉଚ୍ଚତା କମଥିବାରୁ ରାସ୍ତା ଓ ପୋଖରୀ ପାଣି ସମାନ ହୋଇଯାଉଛି। ତେଣୁ ଏହି ରାସ୍ତାରେ ଯିବା ସମ୍ଭବ ହେଉନାହିଁ। ଚଳିତ ବର୍ଷ ଲଘୁଚାପ ଜନିତ ବର୍ଷା ଲାଗି ରହିଥିବାରୁ ପୋଖରୀ ଗୁଡ଼ିକ ଫୁଲ ହୋଇଯାଇଛି। ସେହିପରି ଦିନକୁ ଦିନ ଲୋକ ସଂଖ୍ୟା ବଢ଼ିବା ସଙ୍ଗେସଙ୍ଗେ ନୂତନ ଘର ନିର୍ମାଣ ଚାଲିଛି। ଫଳରେ ବିଲବାରି ଭଳି ଫାଙ୍କା ସ୍ଥାନଗୁଡ଼ିକ ପୋତାଯାଉଛି। ପାଣି ଯିବା ପାଇଁ ବ୍ୟବସ୍ଥା ରହୁନାହିଁ। ଯେଉଁଥି ପାଇଁ ରାସ୍ତା ଉପରେ ପାଣି ଜମି ରହୁଛି। ଏ ସମ୍ପର୍କରେ ଗାଁ ଲୋକେ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉନାହିଁ। ଗାଁ ରାସ୍ତାଗୁଡ଼ିକର ଉଚ୍ଚତା ବଢ଼ାଇବା ସହ ସୁରକ୍ଷା ନିମନ୍ତେ ପୋଖରୀ ପାର୍ଶ୍ୱରେ ୱାଲ ନିର୍ମାଣ ପାଇଁ ଲୋକେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଜ୍ୟୋତିର୍ମୟ କରଙ୍କୁ ପଚାରିବାରେ ସେ କହିଛନ୍ତି, ଏହି ଗାଁ ରାସ୍ତା ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ରହିଛି। ତେଣୁ ଗ୍ରାମବାସୀଙ୍କ ଲିଖିତ ଅଭିଯୋଗ ଆଧାରରେ ପଦକ୍ଷେପ ନିଆଯିବ।

# ଫାଷ୍ଟଫୁଡ୍ ଦୋକାନ, ହୋଟେଲ ଯାଉଥିବା ଗୋମାଂସ ଜବତ

ଜଗତ୍‌ସିଂହପୁର, ୧୧।୧୦ (ପ୍ରମୋଦ କୁମାର ନାୟକ)





ରସଲପୁର ଶିକ୍ଷାନୁଷ୍ଠାନ ନିକଟ ଏକ ବ୍ୟବସାୟୀ କେନ୍ଦ୍ରରେ ଲୋକଙ୍କ ଭିଡ଼, ଜବତ ଗାଡ଼ି ଓ ଅଭିଯୁକ୍ତ।

■ ଅଭିଯୁକ୍ତ ଜାକିର ଗିରଫ, ଗାଡ଼ି ସହ ଟଙ୍କା ଜବତ
■ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା

ଅଧିକାଂଶ ଦିନ ଜଗତ୍‌ସିଂହପୁର ଜିଲାରୁ ବହୁ ପରିମାଣର ଗୋମାଂସ ବାହାର ଜିଲା ତଥା ରାଜ୍ୟକୁ ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଛି। କିନ୍ତୁ ଜିଲା ମୁଖ୍ୟାଳୟ ସମେତ ଅନ୍ୟ କେତେକ ଅଞ୍ଚଳରେ ଥିବା ନିର୍ଦ୍ଦିଷ୍ଟ ହୋଟେଲ ଓ ଫାଷ୍ଟଫୁଡ୍ ଦୋକାନକୁ ଯେ ଏହା ବିକ୍ରି ଉଦ୍ଦେଶ୍ୟରେ ଯାଉଛି ତାହା ବିଶ୍ୱାସ କରି ହେଉନାହିଁ। ଶନିବାର ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଜୋତ ମୁସଲିମ ସାହିର ସେକ୍ ଜାକିରଙ୍କଠାରୁ ଏକ ସ୍କୁଟିରେ ଥିବା ୫୦ କିଲୋଗ୍ରାମର ଗୋମାଂସ ଜବତ ପରେ ଏହି ସନ୍ଦେହ ଉପରୁ ପରଦା ହଟିଥିବା ଅନେକ କହିଛନ୍ତି। ଏନେଇ ଜଗତ୍‌ସିଂହପୁର ଥାନା ପକ୍ଷରୁ ମାମଲା (ନଂ.୮୧୬/୨୫) ରୁଜୁ କରାଯାଇ ଜାକିରଙ୍କୁ ଗିରଫ କରାଯାଇଛି। ଏଥିସହ ସ୍କୁଟି ଓ ନଗଦ ୭୦,୫୦୦ ଟଙ୍କା ଜବତ ହୋଇଥିବା କୁହାଯାଉଛି। କିନ୍ତୁ ପୋଲିସ ଏ ସମ୍ପର୍କରେ କୌଣସି ସୂଚନା ଦେଇନାହିଁ। ମିଳିଥିବା ସୂଚନା ଅନୁଯାୟୀ ଜାକିରଙ୍କ ଘର ମୁଖ୍ୟ ରାସ୍ତାରୁ ପାଖାପାଖି ୫୦୦ ମିଟର ଦୂରରେ ଅବସ୍ଥିତ। ସେ କୁଆଡେ ତାଙ୍କ ଘରେ କଂସେଇ ଖାନା କରିଛନ୍ତି। ପ୍ରତ୍ୟହ ଗୋ ହତ୍ୟା କରି ମାଂସ ବିକ୍ରି କରିଥାନ୍ତି। ଏପରି କି ବରାଦ ଅନୁଯାୟୀ ମାଂସ ପ୍ୟାକେଟ୍ କରି ସେଗୁଡ଼ିକୁ ତାଙ୍କ ସ୍କୁଟିରେ ଜଗତ୍‌ସିଂହପୁର ସହରର କେତୋଟି ନିର୍ଦ୍ଦିଷ୍ଟ ହୋଟେଲ ଓ ଫାଷ୍ଟଫୁଡ୍ ଦୋକାନରେ ପହଞ୍ଚାଉଥିଲେ। ବଜରଙ୍ଗ ଦଳର କର୍ମୀମାନେ କୌଣସିମତେ ଏବିଷୟରେ ସୂଚନା ପାଇଥିଲେ। ସେମାନେ ଜାକିରଙ୍କୁ ଗୋମାଂସ ସହ ଧରିବାକୁ ଏକାଧିକ ଥର ଚେଷ୍ଟା କରିଥିଲେ ସୁଦ୍ଧା ସଫଳ ହୋଇପାରି ନ ଥିଲେ। କିନ୍ତୁ ଶନିବାର ଜାକିର ପୂର୍ବ ଦିନ ପରି ତାଙ୍କ ସ୍କୁଟିର ଡିକି ଓ ଗୋଡ ପାଖରେ ଗୋମାଂସ ପ୍ୟାକେଟ୍ ରଖି ଜଗତ୍‌ସିଂହପୁର ଅଭିମୁଖେ ଯାଉଥିବାବେଳେ ରସଲପୁର ନିକଟରେ ରକ୍ତ ପଡିବା ଦେଖି ଲୋକେ ସନ୍ଦେହ କରିଥିଲେ। ତା'ପରେ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଜାକିର ବିଚଳିତ ହୋଇ ରାସ୍ତା ପାର୍ଶ୍ୱରେ ଏକ ପ୍ୟାକେଟ୍ ଗୋମାଂସ ଫିଙ୍ଗିଦେଇ ଦ୍ରୁତ ଗତିରେ ଖସିଯିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଜଗତ୍‌ସିଂହପୁର ନିକଟ ଗାଲୁପଡ଼ା ଛକ ପୂର୍ବରୁ ଭାରସାମ୍ୟ ହରାଇ ସେ ତଳେ ପଡି ଯାଇଥିଲେ। ଏହି ସମୟରେ ଉପସ୍ଥିତ ଲୋକେ ରୁଣ୍ଡ ହୋଇ ତାଙ୍କୁ ପଚରାଉଚରା କରିବାରୁ ସେ ସବୁକଥା କହିଥିଲେ। ଏପରି କି ନିର୍ଦ୍ଦିଷ୍ଟ ହୋଟେଲ ଓ ଫାଷ୍ଟଫୁଡ୍ ଦୋକାନରେ ଗୋମାଂସ ଦେଉଥିବା କଥା ସ୍ୱୀକାର କରିଥିବା ଆଲୋଚନା ଚାଲିଛି। ଏହାପରେ ଲୋକେ ସ୍ଥାନୀୟ ପୋଲିସକୁ ଖବର କରିଥିଲେ।

ପୋଲିସ ସେଠାରେ ପହଞ୍ଚି ତାଙ୍କଠାରୁ ଟଙ୍କା, ସ୍କୁଟି ସହ ଗୋମାଂସ ଜବତ କରିଥିବା କେତେଜଣ ଯୁବକ କହିଛନ୍ତି। ତେବେ ଏହି ଖବରକୁ ନେଇ ଜଗତ୍‌ସିଂହପୁର ସହରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଶେଷକରି ହୋଟେଲ ଓ ଫାଷ୍ଟଫୁଡ୍ ଦୋକାନରେ ଯଦି ପ୍ରକୃତରେ ଗୋମାଂସ ରୋଷେଇ କରି ବିକ୍ରି କରାଯାଉଥାଏ ତେବେ ତାହା ସାଙ୍ଘାତିକ ବୋଲି ଅନେକ କହିଛନ୍ତି। ଆଗାମୀ ଦିନରେ ଲୋକେ ହୋଟେଲଗୁଡ଼ିକରେ ମାଂସ ଖାଇବା ବିପଦ ବୋଲି କହି ଅନେକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।



ପାରାଦୀପ-କଟକ ରାଜ୍ୟ ରାଜପଥ ଲକ୍‌ଥାନା ଅନ୍ତର୍ଗତ ପିପ୍ପଳ ଗଡା ପାଖରେ ଶନିବାର ସନ୍ଧ୍ୟାରେ ଏକ ବାଇକ୍ ଜଳିଯାଇଛି। ସୌଭାଗ୍ୟବଶତଃ ବାଇକ୍ ଆରୋହୀ ରକ୍ଷା ପାଇଯାଇଛନ୍ତି।
(ଫଟୋ:ଶରତ କୁମାର ରାଉତ)

## କୃଷକଙ୍କ ଉନ୍ନତିରେ ଜଗତ୍‌ସିଂହପୁରର ବିକାଶ ସମ୍ଭବ

### ପ୍ରଧାନମନ୍ତ୍ରୀଙ୍କ ଧନ ଧାନ୍ୟ କୃଷି ଯୋଜନା ଓ ଜାତୀୟ ଡାଲି ଫସଲ ମିଶନର ଲୋକାର୍ପଣ ଉପରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ

ଜଗତ୍‌ସିଂହପୁର, ୧୧।୧୦ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ହେଉଛି ବରପୁତ୍ରମାନଙ୍କ ମାଟି। ଏହି ଜିଲାର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ବରପୁତ୍ରମାନଙ୍କ ଭୂମିକା ରହିଛି। ବିଶେଷକରି କୃଷକମାନଙ୍କ ଉନ୍ନତିରେ ଜିଲାର ବିକାଶ ସମ୍ଭବ। ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଓ ଜାତୀୟ ଡାଲି ଫସଲ ମିଶନର ଲୋକାର୍ପଣ କାର୍ଯ୍ୟକ୍ରମ ନେଇ ଅନୁଷ୍ଠିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଏହା କହିଛନ୍ତି। ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଦାସ କହିଥିଲେ, କୃଷକମାନଙ୍କ ବିକାଶ ହୋଇପାରିଲେ ବିକଶିତ ରାଷ୍ଟ୍ର ଗଠନ ହୋଇପାରିବ। ଜିଲାରେ ମାଛ ଚାଷ ବୃଦ୍ଧି କରିବାକୁ ପଡ଼ିବ। ଶିଳ୍ପର ବିକାଶ ସାଙ୍ଗକୁ ବନ୍ଦର, ପର୍ଯ୍ୟଟନ ସ୍ଥଳୀ ଓ ସରକାରଙ୍କର ବିଭିନ୍ନ ଉନ୍ନୟନମୂଳକ ଯୋଜନା ମାଧ୍ୟମରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ସହ ସାମଗ୍ରିକ ବିକାଶ ଦ୍ୱିଗୁଣିତ କରିହେବ ବୋଲି ସେ କହିଥିଲେ। ଜଗତ୍‌ସିଂହପୁର ଜିଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ଦେବାଶିଷ ପଣ୍ଡା, ବିଭିନ୍ନ ବ୍ଲକ କୃଷି ଅଧିକାରୀ ଓ ସହକାରୀ କୃଷି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଲୋକାର୍ପଣ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିବା ପାଇଁ ବ୍ୟବସ୍ଥା ହୋଇଥିଲା। ଯେଉଁଥିରେ ଶତାଧିକ ଚାଷୀ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାରେ ଦେଶର ୧୦୦ଟି ଜିଲାରେ କିପରି ଅଧିକ ଫସଲ ଉତ୍ପାଦନ ସହ ଫସଲର ବିବିଧିକରଣ, ଜଳସେଚନ ପ୍ରକଳ୍ପର ଉନ୍ନତିକରଣ, କୃଷି ଋଣ, ଜୈବିକ କୃଷି ତଥା କୃଷି ଉତ୍ପାଦନର ପ୍ରକ୍ରିୟାକରଣ ହୋଇପାରିବ ତା'ଉପରେ ପ୍ରାଧାନ୍ୟ ଦିଆଯାଉଛି। ଜାତୀୟ ଡାଲି ମିଶନ ଜରିଆରେ ଡାଲିଜାତୀୟ ଫସଲର ଉତ୍ପାଦନ ବୃଦ୍ଧି, ସର୍ବନିମ୍ନ ସହାୟକ ମୂଲ୍ୟରେ ଶତ ପ୍ରତିଶତ ଫସଲ ଖରିଦଦାରୀ ଓ ପ୍ରକ୍ରିୟାକରଣ ଉପରେ ଗୁରୁତ୍ୱାରୋପ କରାଯାଉଛି।

## ଜମିବାଡ଼ି ବିବାଦରୁ ମରଣାନ୍ତକ ଆକ୍ରମଣ: ଜଣେ ଗୁରୁତର

କୁଜଙ୍ଗ, ୧୧।୧୦ (ମନୋଜ ପ୍ରଧାନ)

ଜମିବାଡ଼ି ବିବାଦ ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କୁଜଙ୍ଗ ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଫଳରେ ସେ ଗୁରୁତର ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ଗୁରୁ ଚରଣ ସ୍ୱାଇଁ(୮୫)। ପରିବାର ଲୋକ ଗୁରୁଚରଣଙ୍କୁ ଉଦ୍ଧାର କରି ପ୍ରଥମେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି। ଖବରପାଇ କୁଜଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛି। ଅପରପକ୍ଷେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଗୁରୁ ଚରଣ ଓ ଉକ୍ତ ଗ୍ରାମର ଜଣେ ବ୍ୟକ୍ତିଙ୍କ ପରିବାର ମଧ୍ୟରେ ପୂର୍ବଶତ୍ରୁତା ଥିଲା। ଶନିବାର ସନ୍ଧ୍ୟାରେ ଗୁରୁଚରଣ ଗାଁ ଦାଣ୍ଡରେ ଆସୁଥିବା ବେଳେ ସମ୍ପୃକ୍ତ ବ୍ୟକ୍ତି ନିକଟରେ ଥିବା କୁକୁଡା ମାଂସ ଦୋକାନରୁ ମାରଣାସ୍ତ୍ର ଆଣି ଆକ୍ରମଣ କରିଥିଲେ। ଫଳରେ ଗୁରୁଚରଣଙ୍କ ମୁଣ୍ଡ, ଗୋଡ ଓ ଜଂଘରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପୋଲିସରେ ଅଭିଯୋଗ ହୋଇ ନ ଥିବା ବେଳେ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସବ୍ ଇନ୍ସପେକ୍ଟର ପାର୍ଥ ପଟେଲ ଦେବତା କହିଛନ୍ତି।

## ମାଛଗାଁ କେନାଲରୁ ଅଜଣା ମୃତଦେହ ଠାବ

ଜଗତ୍‌ସିଂହପୁର, ୧୧।୧୦
(ପ୍ରମୋଦ କୁମାର ନାୟକ)

ବିରିଡି ଥାନା ଅଧୀନ ମଧ୍ୟ ଶାସନ ବରଡା ଛକ ନିକଟ କଟକ-ମାଛଗାଁ ମୁଖ୍ୟ କେନାଲ ପୋଲରେ ଜଣେ ଅଜଣା ଯୁବକଙ୍କ ମୃତଦେହ ଠାବ କରାଯାଇଛି। ଏ ସମ୍ପର୍କରେ ସାମାଜିକ କର୍ମୀ ବିଭୁପ୍ରସାଦ ଦାଶ ଓ ଅନ୍ୟମାନେ ବିରିଡି ପୋଲିସକୁ ଜଣାଇଥିଲେ। ଏହାପରେ ବିରିଡି ପୋଲିସ ପକ୍ଷରୁ ଏସ୍‌ଆଇ ରମେଶ ସାହାଣୀଙ୍କ ନେତୃତ୍ୱରେ ଏକ ଦଳ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ପରେ ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହକୁ ଉପରକୁ ଉଠାଇଥିଲେ। ଏନେଇ ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

## ଔପଚାରିକତା ପାଇଁ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ

ଜଗତ୍‌ସିଂହପୁର, ୧୧।୧୦ (ପ୍ରମୋଦ କୁମାର ନାୟକ)



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

କନ୍ୟାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ଶିକ୍ଷା ପ୍ରତି ପ୍ରତିବଦ୍ଧତା ଦର୍ଶାଇବା ପାଇଁ ଓଡ଼ିଶା ସରକାର ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ରାଜ୍ୟବ୍ୟାପୀ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ବାସ୍ତବରେ ଜଗତ୍‌ସିଂହପୁର ଜିଲାରେ ଏହା ଔପଚାରିକତା ପାଇଁ ହେଉଥିବା କୁହାଯାଉଛି। କାରଣ ଜିଲାରେ କନ୍ୟା, ମା'ତଥା ଶିଶୁମାନଙ୍କ ପୁଷ୍ଟିହୀନତା ପାଇଁ ଯୋଗାଯାଉଥିବା ଛତୁଆରମାନଙ୍କୁ ନେଇ ଅନେକବାର ପ୍ରଶ୍ନ ଉଠିଛି। ମୋଟାମୋଟି ଭାବେ ଜିଲା ସମାଜ ମଙ୍ଗଳ ବିଭାଗ ଦ୍ୱାରା କାର୍ଯ୍ୟକାରୀ ଅନେକ ଯୋଜନାରେ ବାଟମାରଣା ହେଉଥିବା ଅଭିଯୋଗ ସତ୍ତ୍ୱେ ଏହା ଉପରେ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଉପ ଜିଲାପାଳ ପ୍ରଶାନ୍ତ କୁମାର ତରାଇ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିମନ୍ତ୍ରିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା, ଜିଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁ ଚରଣ ରାଉତ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ଶିଶୁ ସାହିତ୍ୟିକ ଜ୍ୟୋତିର୍ମୟୀ ମହାନ୍ତି ଓ ଅବସରପ୍ରାପ୍ତ ବିଜ୍ଞାନ ପରିଦର୍ଶକ ସୁଭାଷ ଚନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବାଲ୍ୟ ବିବାହ ନିରୋଧ, କନ୍ୟା ଭ୍ରୁଣ ହତ୍ୟାରୁ ନିବୃତ ରହିବା, ଝିଅମାନଙ୍କୁ ଶିକ୍ଷିତ କରିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ସେହିପରି କିଶୋରୀମାନଙ୍କୁ ସ୍ୱାଧୀନତା ଓ ସୁରକ୍ଷା ପ୍ରଦାନ କରାଯାଇ ପାରିଲେ ସେମାନେ ସମାଜରେ ସମ୍ମାନର ସହ ରହିପାରିବେ। ଏଥିସହ ସୁସ୍ଥ ଓ ବିକଶିତ ସମାଜ ଗଠନରେ ସହାୟକ ହୋଇପାରିବେ ବୋଲି ମତପ୍ରକାଶ ପାଇଥିଲା। ପ୍ରଥମେ ବିଭିନ୍ନ ବ୍ଲକରୁ ଆସିଥିବା କିଶୋରୀ ବାଳିକାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ଜଣା ଅଜଣା, ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରମଣୀ ଲାକ୍ରା ଧନ୍ୟବାଦ ଦେଇଥିଲେ।

## ବାଲିଘର ପକ୍ଷରୁ ଚାରା ବଣ୍ଟନ

ଏରସମା, ୧୧।୧୦ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ କୋଠି ଛକରେ ଶୁକ୍ରବାର ଅପରାହ୍ନରେ ବାଲିଘର ପକ୍ଷରୁ ଚାରା ବଣ୍ଟନ କରାଯାଇଛି। ବାଲିଘର ଫାଉଣ୍ଡେଶନ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ହୋଇ ବୃକ୍ଷଲତା ସୃଷ୍ଟିର ଅମୂଲ୍ୟ ସମ୍ପଦ। ଏଥିଯୋଗୁ ପରିବେଶ ପ୍ରଦୂଷଣ ମୁକ୍ତ ହୋଇଥାଏ ବୋଲି କହି ସଚେତନତା ସୃଷ୍ଟିକରିଥିଲେ। ଏହିଅବସରରେ ସ୍ଥାନୀୟ ଅଞ୍ଚଳର କେଳୁ ଚରଣ ନାୟକ, ଟୁକୁନା ଦାସ, ସୂର୍ଯ୍ୟମଣି ଗଚ୍ଛାୟତ,ମୁରଲୀଧର ମିଶ୍ର, ଦୟାନିଧି ଗଚ୍ଛାୟତ, ପ୍ରସନ୍ନ ସାମଲ, ଅରୁଣ ଗଚ୍ଛାୟତ ପ୍ରମୁଖଙ୍କୁ ଚାରା ବଣ୍ଟନ କରାଯାଇଥିଲା।

## ବିଦ୍ୟାଳୟରେ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିତ ସଚେତନତା

ରଘୁନାଥପୁର, ୧୧।୧୦(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଗୋଠିଣାସ୍ଥିତ ନରେନ୍ଦ୍ର ବିଦ୍ୟାମନ୍ଦିରରେ ଛାତ୍ରୀଛାତ୍ରଙ୍କୁ ନେଇ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିତ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଆଇନଗତ ସେବା ଅଧିକାରୀଣୀ ତଥା ସିନିୟର ସିଭିଲ ଜଜ୍ ଚନ୍ଦନା ମ୍ୟାଡମ ମୁଖ୍ୟ ଅତିଥିଭାବେ ଯୋଗଦେଇ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିତ ସଚେତନା ଉପରେ ବୁଝେଇବା ସହ ଏହା ଉପରେ ଏକ ବିବରଣୀ ରଖିଥିଲେ। ସମ୍ମାନିତ ଅତିଥିଭାବେ ସ୍କୁଲ ପରିଚାଳନା କମିଟିର ଅବସରପ୍ରାପ୍ତ ଶିକ୍ଷକ ଆଦିକନ୍ଦ ନାଏକ, ସ୍ୱେଚ୍ଛାସେବୀ ଆଇନ ସଚେତକ ଜାହାଙ୍ଗୀର ବେଗ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ନରେନ୍ଦ୍ର ବିଦ୍ୟାମନ୍ଦିର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମୀପ୍ରଭା ନାଏକ ପରିଚାଳନା କରିଥିବାବେଳେ ଶିକ୍ଷକ କୁଞ୍ଜଲ ନାଗ, ସୌଦାମିନି ମଲ୍ଲିକ, ଜଗାବଳିଆ ମିଶ୍ର, ହିତେନ୍ଦ୍ର ସାହୁ ଏବଂ ନରେନ୍ଦ୍ର ନାଥ ରାଉତ ସହଯୋଗ କରିଥିଲେ। ଅନୁରୂପ ଭାବେ ଭଦ୍ରେଶ୍ୱର ଉଚ୍ଚ ବିଦ୍ୟାଳୟ ସାଦେଇପୁରଠାରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ସରକାରଙ୍କ ନୂତନ ମଦ ଦୋକାନ ଖୋଲିବା ନିଷ୍ପତ୍ତିକୁ ବିରୋଧ

### ଜିଲା ପରିଷଦ ବୈଠକରେ ମହିଳା ସମିତିର ଆନ୍ଦୋଳନ ଡାକରା

କୁଜଙ୍ଗ, ୧୧।୧୦ (ମନୋଜ ପ୍ରଧାନ)

ରାଜ୍ୟରେ ମହିଳା ହିଂସା, ବଳାତ୍କାର ଓ ନାରୀ ନିର୍ଯାତନା ସୀମା ଟପିଲାଣି। ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଲେଣି। ସରକାର ମହିଳାମାନଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ବୋଲି ଶନିବାର କୁଜଙ୍ଗ ଲୋକନାଥ ଭବନରେ ଅନୁଷ୍ଠିତ ଉତ୍କଳ ମହିଳା ସମିତିର ପରିବର୍ଦ୍ଧିତ ଜିଲା ପରିଷଦ ବୈଠକରେ ମତ ପ୍ରକାଶ ପାଇଛି। କବି ଗୋଲାପ ରାଣୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ସାଥୀ କୃଷ୍ଣପ୍ରିୟା ମିଶ୍ର, ସମ୍ମାନିତ ଅତିଥି ଭାବେ ବରିଷ୍ଠ ବାମପନ୍ଥୀ ନେତ୍ରୀ ତଥା ଉତ୍କଳ ମହିଳା ସମିତିର ଉପଦେଷ୍ଟା ବନଲତା ଜେନା ଓ ମୁଖ୍ୟବକ୍ତା ଭାବେ ଉତ୍କଳ ମହିଳା ସମିତି ରାଜ୍ୟ ସମ୍ପାଦିକା ଡା. ଜିନ୍ମୟୀ ସାହାଣୀ ଯୋଗଦେଇ ଜାତୀୟ ଓ ରାଜ୍ୟ ରାଜନୀତି ଉପରେ କହିବା ସହ ମହିଳା ହିଂସା, ବଳାତ୍କାର ଓ ନାରୀ ନିର୍ଯାତନା ଉପରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ରାଜ୍ୟ ସରକାର ଓଡ଼ିଶାରେ ୩୦ ନୂତନ ମଦ ଦୋକାନ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ସମିତି ପକ୍ଷରୁ ବିରୋଧ କରାଯିବ। ଏହାଛଡ଼ା ନିର୍ବାଚନ ସମୟରେ ଭାଜପା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତ୍ୟେକ ସଭ୍ୟଙ୍କୁ ମାସିକ ୧ ହଜାର ଟଙ୍କା ଲେଖାଏ ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ଏହାକୁ କାର୍ଯ୍ୟକାରୀ ଦାବିରେ

ଜିଲା ସଦର ମହକୁମା ସମେତ ବ୍ଲକ ସଦର ମହକୁମାରେ ଆନ୍ଦୋଳନ କରାଯିବ ସହ ମହିଳାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ମହିଳାମାନଙ୍କୁ ନେଇ ଏକ ୨୩ ଜଣିଆ କମିଟି ଗଠନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ରୋଜାଲିନ ଦାସ, ବନ୍ଦିତା ସାମଲ, ପ୍ରତିମା ମଲ୍ଲିକ, ସୁଜାତା ସ୍ୱାଇଁ, କଲ୍ୟାଣୀ ଦାସ, ଯାଜ୍ଞସେନୀ ପଟ୍ଟନାୟକ, ବନ୍ଦିତା ଦାସ, ନଳିନୀ ସାମଲ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ସିପିଆଇ ଜଗତ୍‌ସିଂହପୁର ଜିଲା ସମ୍ପାଦକ ଅଜୟ କୁମାର ବେହେରା, ରାଜ୍ୟ ପରିଷଦ ସଭ୍ୟ ଶରତ ବେହେରା, ଜିଲା ସହ ସମ୍ପାଦକ ରାମଚନ୍ଦ୍ର ମୁଦୁଲି, କୁଜଙ୍ଗ ପାରାଦୀପ ଆଞ୍ଚଳିକ କମିଟି ସମ୍ପାଦକ ସୁବାସ ମହାପାତ୍ର, କୁଜଙ୍ଗ ଜୋନ୍ ସହ ସମ୍ପାଦକ ନିମାଇଁ ମହାପାତ୍ର ଓ ରବୀନ୍ଦ୍ର ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସିପିଆଇ ନେତା ଶ୍ରୀନିବାସ ଯୁଝାର ସିଂ ଓ ସଲିଳ ସାମନ୍ତରାୟ ଉପସ୍ଥିତ ଥିଲେ।

## ନଳିନୀକାନ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ପରଲୋକ

ରାଜନଗର, ୧୧।୧୦
(ଭାସ୍କର ରାଉତରାୟ)



ବ୍ରହ୍ମାନନ୍ଦ ତ୍ରିପାଠୀ।

ରାଜନଗର ବ୍ଲକ ଚାନ୍ଦି ବାଉଁଶମୂଳ ସ୍ଥିତ ନଳିନୀକାନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବ୍ରହ୍ମାନନ୍ଦ ତ୍ରିପାଠୀ (୫୯)ଙ୍କର ହୃଦ୍‌ଘାତରେ ଶନିବାର ପରଲୋକ ହୋଇଯାଇଛି। ସକାଳ ସାଢେ ୫ଟା ବେଳେ ବାଡ଼ିରୁ ଫୁଲ ତୋଳୁଥିବା ସମୟରେ ଅସୁସ୍ଥ ଅନୁଭବ କରିଥିଲେ। ଘରେ ପହଞ୍ଚିବା କ୍ଷଣି ହୃଦ୍‌ଘାତର ଶିକାର ହୋଇ ପଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ଜନ୍ମମାଟି କେରେଡ଼ାଗଡ ଆଶ୍ରମ ସଭାପତି ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରୁ ତାଙ୍କ ମରଶରୀରକୁ ନଳିନୀକାନ୍ତ ମହାବିଦ୍ୟାଳୟକୁ ନିଆଯାଇଥିଲା। ସେଠାରେ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ ଆଖପାଖ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ମରଶରୀରକୁ ବଜାର, ରାଜନଗର ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ, ତ୍ରିନାଥ ବଜାର, ଗୋପାଳପୁର ଛକରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହା ପରେ ତାଙ୍କ ମରଶରୀରକୁ ତାଙ୍କ ଘରକୁ ନିଆଯାଇଥିଲା। ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଅଲେଖ କୁମାର ଜେନା, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରତିଭା ପାତ୍ର, ଜୟଦୁର୍ଗା ବଣିକ ସଂଘ ସଭାପତି ବାଇଧର ସେଠୀ, ମେଜର ଗଗନ ବିହାରୀ ସ୍ୱାଇଁ, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, ସରକାରୀ ଆଇନଜୀବୀ ନଳିନୀକାନ୍ତ ମଙ୍ଗରାଜ, ବାୟାବାବାଙ୍କ ସେବକ କପିଳେନ୍ଦ୍ର ଦାସ, ବରିଷ୍ଠ ଭାଜପା ନେତା ସଦାଶିବ ଜେନା, ସପନେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ଅମର ସାଇଁ, ପ୍ରାଧ୍ୟାପକ ଉମାକାନ୍ତ ମିଶ୍ର, ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା ଓ ସରୋଜ କୁମାର ରାଉତ ପ୍ରମୁଖ ଗଭୀର ଶୋକ ବ୍ୟକ୍ତକରିଛନ୍ତି।

## ପ୍ରତିଭାକୁ ବିକଶିତକରେ ଶିଶୁ ମହୋତ୍ସବ



ଏରସମା, ୧୧।୧୦ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ନାରଦିଆ ପଞ୍ଚାୟତସ୍ଥିତ ବଳିଆକଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଖରୀଆପଡା ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅନିଲ କୁମାର ଜେନା ସଭାପତିତ୍ୱ କରି ଶିଶୁ ମହୋତ୍ସବ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରେ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଗ୍ରାମେଶ୍ୱର ହାଇସ୍କୁଲର ପ୍ରଧାନ ଶିକ୍ଷକ ଦିଲୀପ କୁମାର ମଲ୍ଲିକ, ସମ୍ମାନିତ ଅତିଥିଭାବେ ସିଆର୍‌ସିସି ନିବେଦିତା ଜେନା, ବାଲିଆକଣି ଉପ୍ରା ସ୍କୁଲର ପ୍ରଧାନ ଶିକ୍ଷକ ଶଙ୍କର ଜେନା, ପଞ୍ଚପଲ୍ଲୀ ଉପ୍ରା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମମତା ଚୌଧୁରୀ,ପ୍ରଧାନ ଶିକ୍ଷକ ପ୍ରତାପ କୁମାର ଜେନା, ସ୍ଥାନୀୟ ସ୍କୁଲ ପରିଚାଳନା କମିଟି ସଭାପତି ହିମାଂଶୁ ସାହୁ,ଏଲିନା ପଣ୍ଡା, ସୁଦର୍ଶନ ସ୍ୱାଇଁ, ନିରୁପମା ସ୍ୱାଇଁ, ଚିତ୍ତ ରଞ୍ଜନ ମହାପାତ୍ର, ସୁନୀଲ କୁମାର ଜେନା, ସନ୍ଧ୍ୟାରାଣୀ ପାତ୍ର, ବୀଣାପାଣି ଦାସ, କବିତା ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ୧୨ ଉପ୍ରା ଓ ୩ ହାଇସ୍କୁଲର ୮୦ ଜଣ ପ୍ରତିଯୋଗୀ କୃତିତ୍ୱ ଅର୍ଜନ କରିଥିଲେ। ସେମାନଙ୍କୁ ଅତିଥି ପୁରସ୍କୃତ କରିଥିଲେ।

## ଗାଁର ସାମଗ୍ରିକ ବିକାଶରେ ବିକଶିତ ଓଡ଼ିଶାର ପରିକଳ୍ପନା ସମ୍ଭବ: ସମ୍ପଦ

ଜଗତସିଂହପୁର, ୧୧।୧୦
(ପ୍ରମୋଦ କୁମାର ନାୟକ)



ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ଅନ୍ୟ ଅତିଥିମାନେ।

ପାରାଦୀପ ନିର୍ବଚନ ମଣ୍ଡଳୀର ପାଟପୁର ଗ୍ରାମ ପଞ୍ଚାୟତ ବଉଳାଙ୍ଗ ଗ୍ରାମ ସମେତ ବିଭିନ୍ନ ପଞ୍ଚାୟତର ଉନ୍ନୟନମୂଳକ ପ୍ରକଳ୍ପ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସ୍ଥାନୀୟ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଦ୍ୱାରା ଏସବୁ କାର୍ଯ୍ୟ କରାଯାଇଛି। ଏହି ଅବସରରେ ବିକଶିତ ଗାଁ ବିକଶିତ ଓଡ଼ିଶା ମାଧ୍ୟମରେ ମା' ରାମଚଣ୍ଡୀ, ଭାଗବତ ଟୁଙ୍ଗୀ, ଉକ୍ତ ସାହିଠାରୁ ଶ୍ମଶାନ୍‌କୁ ଡ଼ଳେଇ ରାସ୍ତା, ମା'ବଜ୍ରମହାକାଳୀ ଭାଗବତ ଟୁଙ୍ଗୀର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପଣ୍ଡୁଆ ପଞ୍ଚାୟତ ଅଡ଼ାଙ୍କୁର ଗ୍ରାମରେ ମା' ଲକ୍ଷ୍ମୀ ଗୋଷ୍ଠୀ କେନ୍ଦ୍ର, ବାଲିଝରା ଓ ଗଜଲକ୍ଷ୍ମୀପଡା ଠାରେ ଖୋଲା ସ୍ଥାନ ଉନ୍ନତିକରଣର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମନ୍ତ୍ରୀ ସ୍ୱାଇଁ ବିକଶିତ ଗାଁ ବିକଶିତ ଓଡ଼ିଶା ସମାବେଶରେ ଯୋଗ ଦେଇ ସଭାକୁ ସମ୍ବୋଧିତ କରିଥିଲେ। ସେ କହିଥିଲେ, ବିକଶିତ ଗାଁ ବିକଶିତ ଓଡ଼ିଶା ମାଧ୍ୟମରେ ପ୍ରତି ଗ୍ରାମ ପଞ୍ଚାୟତର ଭିତ୍ତିଭୂମିର ଦୃଢ଼ୀକରଣ ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା ସହିତ ଲୋକମାନଙ୍କ ସର୍ବାଙ୍ଗୀନ ଉନ୍ନତି କରିବା ନିମନ୍ତେ ରାଜ୍ୟ ସରକାର ସବୁବେଳେ ଚେଷ୍ଟା ଜାରି ରଖିଛନ୍ତି। ସମାଜର ଶେଷ ଭାଗରେ ସବାସ କରୁଥିବା ଲୋକମାନଙ୍କର ସବୁ କ୍ଷେତ୍ରରେ ସର୍ବାଙ୍ଗୀନ ବିକାଶ ହୋଇପାରିଲେ ହିଁ ବିକଶିତ ଓଡ଼ିଶାର ସଫଳ ରୂପାୟନ ସମ୍ଭବ ହୋଇପାରିବ। ଶେଷରେ ମନ୍ତ୍ରୀ ସ୍ୱାଇଁ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ବିଷୟରେ କହିବା ସହ ପାରାଦୀପ ଅଞ୍ଚଳକୁ ସବୁ କ୍ଷେତ୍ରରେ ବିକାଶମୁଖୀ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ବେହେରା, ପଞ୍ଚାୟତ ପ୍ରମୁଖ ଜ୍ୟୋତିପ୍ରକାଶ ପାଣି, ପୂର୍ବତନ ପଞ୍ଚାୟତ ପ୍ରମୁଖ ଦିଲ୍ଲୀପ ବସ୍ତିଆ, ଯୁବ ସାମାଜିକର୍ମୀ ଶିଶିର କୁମାର ନାୟକ, ପଞ୍ଚାୟତ ସହ ପ୍ରମୁଖ ଦାମୋଦର ଦାସ, ନୃସିଂହ ଚରଣ ନନ୍ଦ, ପ୍ରିୟରାଜ ମହାନ୍ତି, ଉପେନ୍ଦ୍ର ମହାପାତ୍ର, ସଚ୍ଚିଦାନନ୍ଦ ତ୍ରିପାଠୀ, ଭରତ ପ୍ରଧାନ, ସୁଦର୍ଶନ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଲୋକଙ୍କ ସହ ଜନପ୍ରତିନିଧି, ସାମାଜିକର୍ମୀ ଯୁବ ବର୍ଗ, ମହିଳା ଓ ବୁଦ୍ଧିଜିବୀ ସାମିଲ ହୋଇଥିଲେ।

# ନୂତନ ପାଠାଗାର ଉଦ୍‌ଘାଟନ କଲେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ, ଏମ୍‌ପି

ଗଣିଆ,୧୧।୧୦
(ସନ୍ତୋଷ କୁମାର ପ୍ରଧାନ)

ଗଣିଆସ୍ଥିତ ଶ୍ରୀ ଶ୍ରୀ ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଆୟୋଜିତ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବସ୍‌ରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା, ଅନୁସୂଚିତ ଜାତି, ଜନଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇଥିଲେ। ପ୍ରଥମେ ମନ୍ତ୍ରୀ ଓ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ଦଳୀୟ ସମର୍ଥକଙ୍କ ଗହଣରେ ଆଡକଟା ଛକରୁ ବାଇକ୍ ଶୋଭାଯାତ୍ରାରେ ଆସି ଉଚ୍ଚ ବିଦ୍ୟାଳୟରେ ପହଞ୍ଚିଥିଲେ । ଉଚ୍ଚ ବିଦ୍ୟାଳୟରେ ନବନିର୍ମିତ ଗ୍ରନ୍ଥାଗାର (ଲାଇବ୍ରେରୀ)କୁ ଉଦ୍‌ଘାଟନ କରିଥିଲେ। ପରେ ଉଚ୍ଚ ବିଦ୍ୟାଳୟ ଅଧ୍ୟକ୍ଷା ସଲିଳା ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ବ୍ୟକ୍ତା ଭାବେ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ନୟାଗଡ ଜିଲା ଶିକ୍ଷାଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ଓ ଗଣିଆ ବିଡିଓ ପ୍ରୀତିବାଳା ରଣା ଯୋଗ ଦେଇଥିଲେ। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇ ଉଚ୍ଚ ବିଦ୍ୟଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ କରିବା ପାଇଁ ରଜ୍ୟ ସରକାର ବିଭିନ୍ନ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଉଥିବା ସୂଚନା ଦେଇଥିଲେ। ଗଣିଆ ଉଚ୍ଚ ବିଦ୍ୟଳୟ ପରିସରରେ ଖୁବ ଶୀଘ୍ର ଯୁକ୍ତ ୨ ବିଜ୍ଞାନ ବିଭାଗ ଖୋଲିବା ପାଇଁ ମନ୍ତ୍ରୀ ସୂଚନା ଦେଇଥିଲେ ।


ମନ୍ତ୍ରୀ ଓ ଏମ୍‌ପି କଲେଜ ଗ୍ରନ୍ଥାଗାର ଉଦ୍‌ଘାଟନ କରୁଛନ୍ତି ।

ଉଚ୍ଚ ବିଦ୍ୟାଳୟର ନବନିର୍ମିତ ଗ୍ରନ୍ଥାଗାରକୁ ବେସରକାରୀ ତଥା ତରବରିଆ ଭାବେ ଗତ ଶୁକ୍ରବାର ଦଶପଲ୍ଲା ବିଧାୟକ ରମେଶ ବେହେରା କେତେକ କର୍ମୀଙ୍କ ଗହଣରେ ଫଳକ ଲଗାଇ ଉଦ୍‌ଘାଟନ କରିଥିଲେ । ଅପରାହ୍ନରେ ଏହି ଫଳକ ଭଙ୍ଗା ଘଟଣାକୁ ନେଇ ଗଣିଆରେ ଶନିବାର ଭାଜପା ଓ ବିଜେଡି କର୍ମୀମାନଙ୍କ ମଧ୍ୟରେ ରାଜନୈତିକ ଉଷ୍ମତା ଦେଖାଦେଇଥିଲା ।

ଶନିବାର ମଧ୍ୟାହ୍ନରେ ହଠାତ୍ ବିଜେଡି ତରଫରୁ ଦଶପଲ୍ଲା ବିଧାୟକ ନିଜ ସମର୍ଥକମାନଙ୍କୁ ନେଇ ଆଡକଟାଠାରୁ ଏକ ବାଇକ୍ ରାଲି ଯୋଗେ ଗଣିଆ ବଜାର ଅଭିମୁଖେ ଆସୁଥିବା ବେଳେ ପୋଲିସ ପ୍ରଶାସନ ଉଚ୍ଚ ବିଦ୍ୟାଳୟ ପୂର୍ବରୁ ଅଟକାଇଥିଲା । ପୋଲିସ ପ୍ରଶାସନ ତରଫରୁ କୌଣସି ଅପ୍ରିତିକର ପରିସ୍ଥିତି ଏଡାଇବାକୁ ଯାଇ ଗଣିଆରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଖଣ୍ଡପଡା ଏସ୍‌ଡିପିଓ ମଦନ ମୋହନ ପ୍ରଧାନ,ନୟାଗଡ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ, ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା, ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା, ଫତେଗଡ, ବାଣିଗୋଛା ଓ ଖଣ୍ଡପଡା ଥାନା ଅଧିକାରୀଙ୍କ ସମେତ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ ।

# ଶିଳାନ୍ୟାସ ଫଳକରେ ଅଟକିଛି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ


ଲଗାଯାଇଥିବା ଫଳକ।

ଖଣ୍ଡପଡ଼ା, ୧୧।୧୦
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ପ୍ରଶାସନର ଅଣଦେଖା ଯୋଗୁ ଗଡ଼ିଆସାହି ପଞ୍ଚାୟତ ଅଧୀନସ୍ଥ ବିଭିନ୍ନ ଗ୍ରାମରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡି ରହିଥିବା ଜଣାପଡିଛି। ପ୍ରକଳ୍ପଗୁଡିକର ଅଗ୍ରଗତି ନେଇ ଗଡିଆସାହି ପଞ୍ଚାୟତ ସରପଞ୍ଚ ପ୍ରତିମା ଆଚାର୍ଯ୍ୟ ଖଣ୍ଡପଡ଼ା ବିଡିଓଙ୍କଠାରୁ ଆରମ୍ଭ କରି ବ୍ଲକ ସହକାରୀ ଯନ୍ତ୍ରୀ ଓ ଜିଲାପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳୁନଥିବା ଜଣାପଡିଛି । ଗଡ଼ିଆସାହି ଗ୍ରାମରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଲାଗି ୨୦୨୨ –୨୩ ଆର୍ଥିକ ବର୍ଷରେ ୫ମ ରାଜ୍ୟ ଅର୍ଥ କମିଶନ ଅନୁଦାନ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ଖଣ୍ଡପଡ଼ା ବ୍ଲକ ପ୍ରଶାସନ ଜରିଆରେ ନିର୍ମାଣ ହେବାକୁ ଥିବା ଉକ୍ତ ମାର୍କେଟ କମ୍ପ୍ଲେକ୍ସ ନିମନ୍ତେ ସରକାରୀ ଜାଗା ଚିହ୍ନଟ ପରେ ସେଠାରେ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହାର ୩ ମାସ ପରେ ବି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନଥିବାରୁ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଖଣ୍ଡପଡ଼ା ବ୍ଲକ ପ୍ରଶାସନର ଅବହେଳା ଯୋଗୁ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁନଥିବା ଗଡ଼ିଆସାହି ପଞ୍ଚାୟତବାସୀ ଅଭିଯୋଗ କରିଥିବା ବେଳେ ଏ ବାବଦ ଅନୁଦାନ ଅର୍ଥ ବିନିଯୋଗ ହୋଇ ନ ପାରି ବ୍ଲକ ଆକାଉଣ୍ଟରେ ପଡିରହିଛି। ଏଥିପ୍ରତି ନୟାଗଡ ଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ବ୍ଲକସ୍ତରୀୟ ବୟସ୍କ ନାଗରିକ ଦିବସ ପାଳନ ସମାରୋହ

ରଣପୁର,୧୧।୧୦
(ସୁକାନ୍ତ କିଶୋର ଡାକୁଆ)

ରଣପୁର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଶୁକ୍ରବାର ବ୍ଲକସ୍ତରୀୟ ବୟସ୍କ ନାଗରିକ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସମିତି ଅଧ୍ୟକ୍ଷା ନିର୍ମଳା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡ଼ିଓ ମନୋଜ କୁମାର ନାୟକ,ଏମ୍‌ପି ପ୍ରତିନିଧି ପ୍ରିୟବ୍ରତ ପ୍ରହରାଜ, ପରେଶ ଚନ୍ଦ୍ର ମିଶ୍ର, ବରିଷ୍ଠ ନାଗରିକ ସଂଘ ସଭାପତି ଦେବୀପ୍ରସାଦ ସାମନ୍ତରାୟ, ଉପଦେଷ୍ଟା ପ୍ରସନ୍ନ କୁମାର ରଥ, ବୃନ୍ଦାବନପୁର ବରିଷ୍ଠ ନାଗରିକ ମଞ୍ଚ ସଭାପତି ବସନ୍ତ କୁମାର ବାରିକ ଓ ରାଜସୁନାଖଳା ବରିଷ୍ଠ ନାଗରିକ ମଞ୍ଚ ସଭାପତି ଶିଶିର ସାହୁ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକ ମାନେ ଆଗାମୀ ଯୁବ ପିଢ଼ି ପାଇଁ ଦିଗ୍‌ଦର୍ଶକ ହୋଇଛନ୍ତି। ଆଜିର ଯୁବପିଢ଼ି ଯଦି ବରିଷ୍ଠ ନାଗରିକମାନଙ୍କ ମାର୍ଗ ଅନୁସରଣ କରିବେ ତା’ ହେଲେ ଯୁବ ପିଢ଼ି ଆଗକୁ ବଢିବେ ବୋଲି ଅତିଥିମାନେ କହିଥିଲେ। ଏହାସହିତ ସେମାନେ ସମସ୍ୟାଗୁଡିକର ସମାଧାନ କିଭଳି ହେବ ତାହା ଆଲୋଚନା କରାଯାଇଥିବା ବେଳେ ସରକାରଙ୍କ ତରଫରୁ ବୟସ୍କ ନାଗରିକମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନାଗୁଡିକ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଶତାଧିକ ବୟସ୍କ ନାଗରିକ ଯୋଗ ଦେଇଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ବରିଷ୍ଠ ନାଗରିକମାନେ ।

# ଜିଲାସ୍ତରୀୟ ଅଣ୍ଡର ୧୯ ଦୁଇଦିନିଆ ଫୁଟବଲ ଟୁର୍ନାମେଣ୍ଟ

## ପ୍ରଥମ ଦିନରେ ଓଡ଼ଗାଁ ଆରଏଏ, ରାଜପାଟଣା, ନାଗମୁଣ୍ଡୁଳୀ ନୟାଗଡ଼ ସେମିଫାଇନାଲରେ


ମ୍ୟାଚରେ ଭାଗ ନେଇଥିବା ଖେଳାଳି ।

ଓଡ଼ଗାଁ,୧୧।୧୦
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ରଘୁନାଥ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଓଡ଼ଗାଁ ମିନି ଷ୍ଟାଡିୟମ୍‌ରେ ଚାଲିଥିବା ଜିଲାସ୍ତରୀୟ ଅଣ୍ଡର –୧୯ ଦୁଇ ଦିନିଆ ଫୁଟବଲ ଟୁର୍ନାମେଣ୍ଟ ପ୍ରଥମ ଦିନରେ ଓଡ଼ଗାଁ ଆରଏଏ, ରାଜପାଟଣା, ନାଗମୁଣ୍ଡୁଳୀ ଓ ମଣିଙ୍ଗ କ୍ଲବ ନୟାଗଡ଼ ସେମିଫାଇନାଲରେ ପ୍ରବେଶ କଲା। ପ୍ରଥମ ମ୍ୟାଚ ଓଡ଼ଗାଁ ଏବଂ ସୋରଡ଼ା କିଙ୍ଗସ୍ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଆୟୋଜକ ଦଳ ଓଡ଼ଗାଁ ୧–୦ ଗୋଲରେ ମ୍ୟାଚ ବିଜୟ ହାସଲ କରି ପ୍ରଥମ ଦଳ ଭାବେ ସେମିଫାଇନାଲକୁ ଉନ୍ନିତ ହେଲା।

ଦ୍ୱିତୀୟ ମ୍ୟାଚରେ ଖଣ୍ଡପଡ଼ା ଦଳ ଅନୁପସ୍ଥିତ ରହିବାରୁ ରାଜପାଟଣା ଦଳ ୱାକ୍‌ଓଭର ମାଧ୍ୟମରେ ସେମିଫାଇନାଲକୁ ପ୍ରବେଶ କରିଥିଲା। ସେହିପରି ତୃତୀୟ ମ୍ୟାଚରେ ନାଗମୁଣ୍ଡୁଳୀ ୧–୦ ଗୋଲରେ ଇଟାମାଟିକୁ ହରାଇ ବିଜୟ ହାସଲ କରିଥିଲା ବେଳେ ମଣିଙ୍ଗ କ୍ଲବ ନୟାଗଡ଼ ୧–୦ ଗୋଲରେ ଗୌଡପୁଟକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ରବିବାର ପ୍ରଥମ ସେମିଫାଇନାଲ ମ୍ୟାଚ ଆୟୋଜକ ରଘୁନାଥ ଆଥଲେଟିକ୍ ଆସୋସିଏଶନ,ଓଡ଼ଗାଁ ଓ ମଣିଂ କ୍ଲବ ନୟାଗଡ଼ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଦ୍ୱିତୀୟ ସେମିଫାଇନାଲ ରାଜପାଟଣା ଓ ନାଗମୁଣ୍ଡୁଳୀ ନୟାଗଡ଼ ମଧ୍ୟରେ ଅନୁଷ୍ଠିତ ହେବ। ଉଭୟ ବିଜୟୀ ଦଳ ଫାଇନାଲ ମ୍ୟାଚ ଖେଳିବେ। ଶନିବାର ଖେଳକୁ ସାମଗ୍ରିକ ଭାବେ ରଘୁନାଥ ଆଥଲେଟିକ ଆସୋସିଏଶନ ସମ୍ପାଦକ ତଥା ଓଡ଼ଗାଁ ଅଞ୍ଚଳରେ ଖେଳ ମଣିଷ ଭାବେ ପରିଚିତ ଦିବାକର ନାୟକ ପରିଚାଳନା କରିଥିଲେ।

# ଖଣ୍ଡପଡ଼ା ସହର ପରିକ୍ରମା କଲା ସୁଜଳ ରଥ

ଖଣ୍ଡପଡ଼ା, ୧୧।୧୦
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ଘରେ ଘରେ ପାଇପ୍‌ଲାଇନ ଯୋଗେ ବିଶୁଦ୍ଧ ପାନୀୟଜଳ ଉପଲବ୍ଧ ହେବା ସହ ପାନୀୟଜଳର ଅଯଥା ଅପଚୟ ରୋକିବା, ଉପଭୋକ୍ତାମାନେ ନିୟମିତ ଭାବେ ପାନୀୟ ଜଳ ବିଲ ପୈଠ ସମ୍ପର୍କରେ ସଚେତନତା ସୃଷ୍ଟିର ଲକ୍ଷ୍ୟ ନେଇ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୁଜଳ ରଥ ଖଣ୍ଡପଡ଼ା ସହର ପରିକ୍ରମା ଆରମ୍ଭ କରିଥିବା ଜଣାଯାଇଛି। ଖଣ୍ଡପଡ଼ା ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ତ୍ରିଲୋଚନ ବେହେରା ବିଭାଗୀୟ କାର୍ଯ୍ୟାଳୟ ପରିସରରେ ଶନିବାର ସୁଜଳ ରଥ ପରିକ୍ରମାର ଶୁଭାରମ୍ଭ କରିବା ଅବସରରେ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଏହାକୁ ସ୍ୱାଗତ କରିଥିଲେ । ପର୍ଯ୍ୟାୟକ୍ରମେ ଖଣ୍ଡପଡ଼ା ସହରର ୧୩ ୱାର୍ଡ ସୁଜଳ ରଥ ପରିକ୍ରମା କରି ସହରାଞ୍ଚଳବାସୀଙ୍କୁ ସଚେତନ କରିବ ବୋଲି ବିଭାଗ ସୂତ୍ରରୁ ଜଣାପଡିଛି।

ସୂଚନାଯୋଗ୍ୟ, ଖଣ୍ଡପଡ଼ା ସହରର ମୋଟ ୨୬୨୨ ଗୃହକୁ ପାଇପ୍‌ଲାଇନ ଯୋଗେ ପାନୀୟଜଳ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଥିବା ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବେହେରାଙ୍କ ଠାରୁ ପ୍ରକାଶ।



ରଥ ଉଦ୍‌ଘାଟନ କରାଯାଉଛି।

# ମାନସିକ ସ୍ୱାସ୍ଥ୍ୟ, ସୁସ୍ଥ ସଚେତନତା କାର୍ଯ୍ୟକ୍ରମ

ଶରଣକୁଳ,୧୧।୧୦
(ଦୀପକ କର)

ଶରଣକୁଳ ମହାବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ ମାନସିକ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପରିଚାଳିତ ବିଶ୍ୱ ମନୋସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ବିପର୍ଯ୍ୟୟ ଏବଂ ଜରୁରୀକାଳୀନ ପରିସ୍ଥିତିରେ ମାନସିକ ସ୍ୱାସ୍ଥ୍ୟ ସହାୟତାର ଆବଶ୍ୟକତା ଉପରେ ଆଲୋଚନା ହୋଇଥିଲା।

କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ମହେଶ୍ୱର ମହାପାତ୍ର ଏବଂ ପ୍ରଶାସନିକ ଅଧିକାରୀ ବ୍ୟୋମକେଶ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମନୋବିଜ୍ଞାନ ବିଭାଗ ଅଧ୍ୟାପିକା ମଧୁସ୍ମିତା ପ୍ରିୟଦର୍ଶିନୀ ବାରିକ ସଭା ସଞ୍ଚାଳନ କରିଥିଲେ। ସେ ନିଜ ଉଦ୍‌ଘାଟନୀ ଭାଷଣ ଦେବା ସହିତ ଆଜିର ବିଶ୍ୱରେ ମାନସିକ ସ୍ୱାସ୍ଥ୍ୟର ବର୍ଦ୍ଧିତ ଗୁରୁତ୍ୱ ବିଷୟରେ କହିଥିଲେ। ମନୋବିଜ୍ଞାନ ବିଭାଗ ଛାତ୍ରୀଛାତ୍ର ମନୋସ୍ୱାସ୍ଥ୍ୟ ସଚେତନତା ବିଷୟରେ ନିଜର ମତାମତ ପ୍ରସ୍ତୁତ କରିଥିଲେ। ସେମାନଙ୍କ ପ୍ରସ୍ତୁତି ମାଧ୍ୟମରେ ମନୋସ୍ୱାସ୍ଥ୍ୟ ସମ୍ପର୍କିତ ନୂତନ ଚିନ୍ତା ଓ ଦୃଷ୍ଟିକୋଣ ଉଭାସିତ ହୋଇଥିଲା। ଡାକ୍ତର ରଥ ତାଙ୍କ ଭାଷଣରେ ଜୀବନରେ ସରଳତାର ଗୁରୁତ୍ୱ ଏବଂ ବୌଦ୍ଧ ଶିକ୍ଷାର ଚାରି ମହାନ ସତ୍ୟ ଏବଂ ଅଷ୍ଟଗୁଣିତ ପଥକୁ ଉଲ୍ଲେଖକରି ମାନସିକ ସନ୍ତୁଳନ ଏବଂ ଭାବପ୍ରବଣ ସୁସ୍ଥତାର ଧାରଣା ସହିତ ଆଧ୍ୟାତ୍ମିକ ବୁଝାମଣା ମାଧ୍ୟମରେ ମାନସିକ କଷ୍ଟ ପରିଚାଳନା ପାଇଁ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ। ମନସ୍ତତ୍ତ୍ୱ ବିଭାଗର ମୁଖ୍ୟ ସୀତାକାନ୍ତ ବରାଡ ଜରୁରୀକାଳୀନ ପରିସ୍ଥିତିରେ ମନସ୍ତାତ୍ତ୍ୱିକ ପ୍ରାଥମିକ ଚିକିତ୍ସା, ମନୋବୈଜ୍ଞାନିକ ପରୀକ୍ଷା, ବିଚାର ଓ ପରାମର୍ଶର ଭୂମିକା ବ୍ୟାଖ୍ୟା କରିଥିଲେ। ସେ ସ୍ୱାସ୍ଥ୍ୟର ବାୟୋପସିକୋସୋସିଆଲ ମଡେଲ ଉପରେ ଆଲୋକପାତ କରି ସମସ୍ତଙ୍କୁ ମନେ ପକାଇ ଦେଇଥିଲେ, ସାହାଯ୍ୟ ପାଇଁ ହାତ ବଢାଇବା ଏକ ଶକ୍ତି, ଦୁର୍ବଳତା ନୁହେଁ। ଶେଷରେ ଅଧ୍ୟାପିକା ପଦ୍ମାଳୟା ମଲ୍ଲ ନିଜସ୍ୱ ଅନୁଭବ ଆଲୋଚନା କରି ଛାତ୍ରୀଛାତ୍ରଙ୍କୁ ପ୍ରେରିତ କରିଥିଲେ। ସେ ମନୋସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ଭାବଧାରା ଗଢି ଉଠିବାକୁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ ଏବଂ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



ଅତିଥିଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଉଛି।

# ବିପଦ ସୃଷ୍ଟି କରୁଛି ବାଲି ବୋଝେଇ ହାଇୱା

ଖଣ୍ଡପଡା,୧୧।୧୦(ଅଜୟ କୁମାର ମହାରଣା)

ଦୀର୍ଘ ୪୦ରୁ ୫୦ ବର୍ଷ ମଧ୍ୟରେ ତିଆରି ହୋଇଥିବା କଳାପଥର– କଣ୍ଟିଲୋ ରାଜପଥ କମେଇ ନଦୀ ଉପରେ ଏବଂ ଖଣ୍ଡପଡା–କଣ୍ଟିଲୋ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତା କୁଆଁରିଆ ନଦୀ ଉପରେ ଥିବା ୨ଟି ସେତୁ ଏବେ ବିପଦ ସଂକୁଳ ଅବସ୍ଥାରେ ରହିଛି। ତେବେ ଉଭୟ ସେତୁର ନବୀକରଣ ତଥା ରକ୍ଷଣାବେକ୍ଷଣ ନିମନ୍ତେ ଖଣ୍ଡପଡା ବିଧାୟକ ଦୁଷନ୍ତ କୁମାର ସ୍ୱାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିବା ପରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଥିବା ସ୍ୱାଇଁ ସୂଚନା ଦେଇଛନ୍ତି। ନୟାଗଡ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ କଣ୍ଟିଲୋ ନୀଳମାଧବ ଜୀଉ ସର୍ବଜନ ବିଦିତ। ତେବେ ଦୀର୍ଘ ୫୦ ବର୍ଷ ପୂର୍ବରୁ କଣ୍ଟିଲୋକୁ ଯାତାୟାତ ପାଇଁ ଗମନାଗମନ କ୍ଷେତ୍ରରେ ବାଧକ ସାଜିଥାଏ ବେଣାଗାଡିଆ ନିକଟ କୁଆଁରିଆ ନଦୀ ଓ କଣ୍ଟିଲୋ କୁକୁଡାଖାଇ ନାଳ ନିକଟ କମେଇ ନଦୀ ।

ବର୍ଷା ଦିନେ କଣ୍ଟିଲୋ ଏକ ଅଗମ୍ୟ ଅଞ୍ଚଳ ଭାବେ ପର୍ଯ୍ୟଟକଙ୍କ ପାଇଁ ବାଧକ ସାଜିଥିଲା। ଲୋକେ ଉକ୍ତ ନଦୀକୁ ନୌକା ଦ୍ୱାରା ପାରି ହୋଇ କଣ୍ଟିଲୋକୁ ଆସିଥାନ୍ତି। ତେବେ ଖଣ୍ଡପଡାର ତତ୍କାଳୀନ ରାଜା ତଥା କଂଗ୍ରେସ ସରକାରଙ୍କ ପୂର୍ତ୍ତ ବିଭାଗ ମନ୍ତ୍ରୀ ସ୍ୱର୍ଗତ ରାଜା ହରିହର ସିଂହ ମର୍ଦ୍ଦରାଜଙ୍କ ଉଦ୍ୟମ କ୍ରମେ ୧୯୭୪ରେ ବେଣାଗାଡିଆ ନିକଟ କୁଆଁରିଆ ସେତୁ


କମେଇ ସେତୁ

## କୁଆଁରିଆ, କମେଇ ସେତୁ ଶୋଚନୀୟ

ନିର୍ମାଣ ହୋଇଥିଲା। ପରବର୍ତ୍ତୀ ସମୟରେ ତାଙ୍କ ପୁତ୍ର ରାଜା ସ୍ୱର୍ଗତ ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ କଂଗ୍ରେସ ସରକାର ସମୟରେ ବିଧାୟକ ଥିବା ବେଳେ ତାଙ୍କ ଉଦମରେ ମଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳଙ୍କ ସହଯୋଗରେ କମେଇ ସେତୁ ନିର୍ମାଣ କରାଯାଇ ୧୯୮୪ ଅକ୍ଟୋବର ୬ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ, ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳ, ସ୍ୱାସ୍ଥ୍ୟମନ୍ତ୍ରୀ ହରିହର କରଣ ଓ ବିଧାୟକ ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ ଯୋଗଦେଇ କମେଇ ସେତୁକୁ ଲୋକାର୍ପିତ କରିଥିଲେ। ତେବେ ଦୀର୍ଘ ବର୍ଷର ଏହି ସେତୁ ଏବେ ବିପଦ ସଂକୁଳ ହୋଇପଡୁଥିବା ସାଧାରଣରେ ଅଭିଯୋଗ ଉଠିଛି ।

ବିଶେଷ କରି ମହାନଦୀ ଘାଟରୁ ବାଲି ଚାଲାଣ ପାଇଁ ଉଭୟ ଖଣ୍ଡପଡା ଓ କଳାପଥର ପାର୍ଶ୍ୱରୁ ପ୍ରତେକ ଦିନ ଶତାଧିକ ହାଇୱା ସହ ଭାରିଯାନ ଓ ଯାତ୍ରୀବାହୀ ଯାନ ଉକ୍ତ ସେତୁ ଦେଇ ଯାତାୟାତ କରିଥାଏ । ଅପରପକ୍ଷରେ ଏକାଧିକ ବାଲି ବୋଝେଇ ହାଇୱା ବିଶେଷ କରି ୧୦ରୁ ଊର୍ଦ୍ଧ୍ୱ ବାଲି ବୋଝେଇ ହାଇୱା ଏକ ସମୟରେ ସେତୁ ଉପରେ ଗତି କରୁଥିବା ବେଳେ କମ୍ପନ ସୃଷ୍ଟି(ଭାଏବ୍ରେସନ) ହୋଇ ଥରୁଥିବା ପରିଲକ୍ଷିତ ହେଉଛି । ଉକ୍ତ ସେତୁ ଉପରେ ଯାତାୟାତ କରୁଥିବା ପଥିକ ସେତୁ ଥରୁଥିବା ଉପଲବ୍ଧ କରି ଭୟଭୀତ ହେଉଥିବା ଜଣାପଡିଛି । ଏହି ହାଇୱା ଚଳପ୍ରଚଳ ଯୋଗୁ ସେତୁର ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହେବା ସହ ବର୍ଷା ସମୟରେ ଉକ୍ତ ସେତୁ ଉପରେ ପାଣି ଜମାହୋଇ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ୪୮ ନଂ. ରାଜ୍ୟ ରାଜପଥ ଉପରେ ଥିବା କମେଇ ସେତୁର ରକ୍ଷଣାବେକ୍ଷଣ ପୂର୍ତ୍ତ ବିଭାଗ ଅଧୀନରେ ଥିବା ବେଳେ ଏ ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ପୁରାତନ ସେତୁର ଉପରି ଭାଗକୁ ବିଭିନ୍ନ ସମୟରେ ମରାମତି କରାଯାଉଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ରାଧେଶ୍ୟାମ କାଲୋ କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସୂଚନା ଦେଇଥିଲେ।

# ଗୁଳିମାଡ଼ ପଛରେ ବାବାଙ୍କ ଯୌନ ଶୋଷଣ

ଭୁବନେଶ୍ୱର,୧୧।୧୦(ସତ୍ୟଜିତ ରାଉତ)

ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଦେଉଳିପାଟଣା ଗାଁ ନିକଟ ଭାଇଭାଇ ମଠ ଉପରକୁ ଗୁଳିମାଡ଼ ଘଟଣା ପଛରେ ବଡ଼ ଗୁମର ପଦାକୁ ଆସିଛି। ଏହି ଘଟଣା ପଛରେ ବାବାଙ୍କ ଯୌନଶୋଷଣ ମୂଳ କାରଣ ବୋଲି କମିଶନରେଟ୍ ପୋଲିସ କହିଛି। ୩ବର୍ଷ ତଳେ ମା'ଙ୍କ ସହ ମଠକୁ ଆସିଥିବା ଜଣେ ନାବାଳିକାଙ୍କୁ ବାବା ଓ ତାଙ୍କ ସହଯୋଗୀ ବାରମ୍ବାର ବଳାତ୍କାର କରିଥିଲେ। ଏହାର ପ୍ରତିଶୋଧ ନେବାକୁ ତାଙ୍କ ପୁରୁଷବନ୍ଧୁ(ବର୍ତ୍ତମାନ ସ୍ୱାମୀ) ନିଜ ସାଙ୍ଗଙ୍କ ସହ ବାବାଙ୍କୁ ହତ୍ୟା କରିବାକୁ ଏହି ଘଟଣା ଭିଆଇଥିଲେ। ବନ୍ଧୁକର ଟାର୍ଗେଟ୍‌ରେ ବାବା ଥିବାବେଳେ ଭୁଲବଶତଃ ମଠରେ ରହୁଥିବା ଅନ୍ୟ ଦୁଇ ଜଣ ଗୁଳିମାଡ଼ର ଶିକାର ହୋଇଥିଲେ। ଗୁଳିମାଡ଼ ଘଟଣାରେ ପୋଲିସ ପୀଡ଼ିତାଙ୍କ ସ୍ୱାମୀ ଓ ସହଯୋଗୀଙ୍କୁ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଭଦ୍ରକ ଜିଲା ଧାମନଗର ଅଞ୍ଚଳର ସୁରଜ ରାଉତ ଓରଫ ଟିଙ୍କୁନ୍(୨୩) ଓ ତାଙ୍କ ସାଙ୍ଗ ମୁକ୍ତିକାନ୍ତ ଦାସ ଓରଫ ଶ୍ରୀରାମ (୨୮)। ଉଭୟଙ୍କ ପାଖରୁ ଗୁଳିମାଡ଼ରେ ବ୍ୟବହୃତ ୭.୬୫ ଏମ୍ଏମ୍ ଦେଶୀ ବନ୍ଧୁକ, ୪ଟି ଜୀବନ୍ତ ଗୁଳି, ୩ଟି ମୋବାଇଲ, ବାଇକ ଆଦି ଜବତ ହୋଇଛି। ଅପରପକ୍ଷରେ ୩ବର୍ଷ ତଳେ ବାବାଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୋଇଥିବା ପୀଡ଼ିତା (ଏବେ ୨୦ବର୍ଷ) ପୋଲିସ ଠାରୁ ସାହସ ପାଇ ବାବାଙ୍କ ବିରୋଧରେ ଏତଲା ଦେଇଛନ୍ତି। ଇନ୍‌ଫୋସିଟି ଥାନା ତାଙ୍କ ଏତଲାକୁ ଭିତ୍ତି କରି ଶୁକ୍ରବାର ପୋକ୍‌ସୋ ଆକ୍ଟରେ ଏକ ମାମଲା(ନଂ.୨୬୮/୨୦୨୫) ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେଇଛି। ପୋଲିସ ବାବା ତଥା ଅବସରପ୍ରାପ୍ତ ସିପାହି ଅଜୟ ସାମନ୍ତରାୟ(୭୮) ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରିଛି। ସହଯୋଗୀ ଜଣକ ହେଲେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ନୂଆପୋଖରୀ ଗାଁର ସୁକାନ୍ତ କୁମାର ବିଶ୍ୱାଳ(୫୬)। ସେ ଭରତପୁର ଅଞ୍ଚଳରେ ଥିବା ୱାଟ୍‌କୋ ପମ୍ପ ହାଉସରେ କାମ କରନ୍ତି। ପୃଥକ ମାମଲାରେ ୪ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେପଟେ ଉକ୍ତ ମଠକୁ ସିଲ୍ କରାଯାଇଥିବା ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ ପ୍ରେସ୍‌ମିଟ୍‌ରେ ସୂଚନା ଦେଇଛନ୍ତି। ତେବେ ସୁରଜ ଉତ୍ତରପ୍ରଦେଶରୁ ବନ୍ଧୁକ ଆଣିଥିବାବେଳେ ଏହି ଲିଙ୍କ୍‌ରେ ମଧ୍ୟ ତଦନ୍ତ କରାଯାଉଥିବା କମିଶନର କହିଛନ୍ତି।





ଗିରଫ ବାବା ଅଜୟ ସାମନ୍ତରାୟ ଏବଂ ସୁକାନ୍ତ। ଜବତ ବନ୍ଧୁକ,ଗୁଳି ଓ ମୋବାଇଲ।



ଗୁଳିକାଣ୍ଡ ଘଟଣାରେ ଗିରଫ ସୁରଜ ରାଉତ ଓ ମୁକ୍ତିକାନ୍ତ ଦାଶ।

ଭଦ୍ରକରୁ ଭୁବନେଶ୍ୱର ଆସିଥିଲେ। ସେମାନେ ବାବାଙ୍କୁ ଗୁଳିମାଡ଼ କରି ହତ୍ୟା କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ସନ୍ଧ୍ୟା ୭ଟା ବେଳେ ଦେଉଳିପାଟଣାସ୍ଥିତ ଭାଇଭାଇ ମଠ ଗେଟ ପାଖରେ ପହଞ୍ଚି ୫ ରାଉଣ୍ଡ ଗୁଳିମାଡ଼ କରିଥିଲେ। ଏଥିରେ ମଠରେ ରହୁଥିବା ସୁନୀଲ କୁମାର ମହାନ୍ତି ଗୁରୁତର ହୋଇଥିବାବେଳେ ୫ଦିନ ହେବ ସେଠାକୁ ଆସିଥିବା ଯାଜପୁରର ଅଶୋକ ମହାନ୍ତି ମଧ୍ୟ ସାମାନ୍ୟ ଆହତ ହୋଇଥିଲେ। ଏହି ଘଟଣାରେ ନୟାପଲ୍ଲୀ ଥାନା ଅନ୍ତର୍ଗତ ନିୟୁ ଏଜି କଲୋନୀରେ ରହୁଥିବା ବାବାଙ୍କ ଝିଅ ଜ୍ୟୋତିର୍ମୟୀ ରାୟ(୪୬)ଙ୍କ ଏତଲାକୁ ଆଧାର କରି ଇନ୍‌ଫୋସିଟି ପୋଲିସ ମାମଲା (ନଂ.୨୬୩/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଭାଇଭାଇ ମଠ ଉପରକୁ ଗୁଳିମାଡ଼ ଘଟଣା

- ବାବା, ସହଯୋଗୀ ଗିରଫ, ମଠ ସିଲ୍
- ଗୁଳିମାଡ଼ ଘଟଣାରେ ମୁଖ୍ୟ ଅଭିଯୁକ୍ତ, ସାଙ୍ଗ ଗିରଫ
- ଉତ୍ତରପ୍ରଦେଶରୁ ବନ୍ଧୁକ ଆଣିଥିଲେ ସୁରଜ

## ୩ବର୍ଷ ତଳେ ନାବାଳିକାଙ୍କୁ ମଠକୁ ଡାକି ବଳାତ୍କାର କରିଥିଲେ

ଧାମନଗର ଅଞ୍ଚଳର ପୀଡ଼ିତା ଜଣକ ୨୦୨୨ରେ ମଠକୁ ପାଠ ଓ ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ ଆସିଥିବାବେଳେ ତାଙ୍କୁ ବାରମ୍ବାର ବଳାତ୍କାର କରାଯାଇଥିଲା। ପୀଡ଼ିତାଙ୍କ ସମ୍ପର୍କୀୟ ହେଲେ ସୁକାନ୍ତ। ସୁକାନ୍ତଙ୍କ ପ୍ରରୋଚନାରେ ପୀଡ଼ିତା ତାଙ୍କ ମା'ଙ୍କ ସହ ମଠକୁ ଆସିଥିଲେ। ସେଠାରେ ବାବା ଅଜୟ ଓ ସୁକାନ୍ତ ତାଙ୍କୁ ଲଗାତର ଯୌନଶୋଷଣ କରିଥିଲେ। ଏହି ଘଟଣା ପୀଡିତାଙ୍କ ମା' ଜାଣିଥିଲେ ମଧ୍ୟ ଭୟ ଓ ଲୋକ ଲଜ୍ଜାରେ ଚୁପ ରହିଥିଲେ। ପୀଡ଼ିତା ଜଣକ ଏହି ଘଟଣା ବିଷୟରେ ସେତେବେଳେ ପୁରୁଷବନ୍ଧୁ ସୁରଜଙ୍କୁ କହିଥିଲେ। ତେବେ ସୁରଜ ସେହିଦିନଠାରୁ ବାବାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଇତିମଧ୍ୟରେ ୨୦୨୪ରେ ସୁରଜ ତାଙ୍କ ପ୍ରେମିକା (ପୀଡ଼ିତା)ଙ୍କୁ ବିବାହ ମଧ୍ୟ କରିଥିଲେ। କିଛିମାସ ତଳେ ସୁରଜ ଉତ୍ତରପ୍ରଦେଶରୁ ୨ଟି ବନ୍ଧୁକ କିଣି ଆଣିଥିଲେ। ଏପରିକି ବାବାଙ୍କୁ ହତ୍ୟା କରିବା ଲାଗି ଗତ ଅଗଷ୍ଟ ମାସରେ ଦୁଇ ଥର ପ୍ରୟାସ କରିଥିଲେ ମଧ୍ୟ ଏଥିରେ ସେ ବିଫଳ ହୋଇଥିଲେ। ଏପରିକି ସୁକାନ୍ତଙ୍କୁ ଗତ ମେ' ମାସରେ ଭଦ୍ରକକୁ ଡାକି ସୁରଜ ମାରପିଟ୍ ମଧ୍ୟ କରିଥିଲେ। ତେବେ ଏହି ଘଟଣା ପଦାକୁ ନ ଆସିବା ପାଇଁ ସୁକାନ୍ତ ତାହା ପ୍ରକାଶ କରି ନ ଥିଲେ।

## ଅକ୍ଟୋବର ୫ ସନ୍ଧ୍ୟା, ଗୁଳିମାଡ଼ରୁ ବର୍ତ୍ତିଯାଇଥିଲେ ବାବା

୨୦୨୫ ଅକ୍ଟୋବର ୫(ଗୁଳିକାଣ୍ଡ ଦିନ)ରେ ସୁରଜ ତାଙ୍କ ସାଙ୍ଗ ଶ୍ରୀରାମଙ୍କୁ ନେଇ ବାଇକ୍‌ରେ

## ବାବାଙ୍କ ଯୌନ କେଲେଙ୍କାରୀରେ ଅନେକ ପୀଡ଼ିତା

ବାବା ଅଜୟଙ୍କ ଯୌନ କେଲେଙ୍କାରୀରେ ଅନେକ ପୀଡ଼ିତା ଅଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ମଠ ନାଁରେ ସେ ଲୋକଙ୍କ ଭାବନାର ସହ ଖେଳ ଖେଳିବା ସହ ଅଳ୍ପ ବୟସ୍କ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲେ। ସୁକାନ୍ତ ଝିଅ ଯୋଗାଉଥିଲେ। ଏପରିକି ବହୁ ମହିଳା ଓ ଯୁବତୀ ମଠକୁ ଆସି ରହୁଥିବାବେଳେ ନିଶା ଦେଇ ସେମାନଙ୍କୁ ଯୌନ ଶୋଷଣ କରାଯାଉଥିଲା ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ବାବାଙ୍କ ଦ୍ୱାରା ଅପରାଧର ଶିକାର ହୋଇ ଏଭଳି ବହୁ ପୀଡ଼ିତା ମୁହଁ ଖୋଲି ନ ଥିଲେ।

# କକାଙ୍କୁ ପିଟି ହତ୍ୟାକଲେ ପୁତୁରା

ସୁନ୍ଦରଗଡ଼,୧୧।୧୦
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ କିରେଇ ଗ୍ରାମରେ ଘରୋଇ କଳିକୁ କେନ୍ଦ୍ର କରି ଶୁକ୍ରବାର ରାତିରେ କକାଙ୍କୁ ପିଟି ପୁତୁରା ହତ୍ୟା କରିଛନ୍ତି। ଶନିବାର ସକାଳେ ପୋଲିସ ଅଭିଯୁକ୍ତ ପୁତୁରା ବିଶାଲ ନାଏକ(୧୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ସଦର ଥାନାରେ ଏକ ହତ୍ୟା ମାମଲା(ନଂ. ୨୫୯/୨୫) ରୁଜୁ ହୋଇଛି। କକା ସଚ୍ଚିନ୍ଦ୍ର ନାଏକ(୪୭)ଙ୍କୁ ପିଟି ହତ୍ୟା କରିଥିବା ନେଇ ବିଶାଲ ପୋଲିସ ଆଗରେ ସ୍ୱୀକାର କରିଥିବା ସଦର ଥାନା ଆଇଆଇସି ସସ୍ମିତା ଦେବତା ପ୍ରକାଶ କରିଛନ୍ତି।

ପୋଲିସ ସୂଚନା ମୁତାବକ, ଶୁକ୍ରବାର ରାତିରେ କକା ସଚ୍ଚିନ୍ଦ୍ର ଓ ପୁତୁରା ବିଶାଲ ଘରଠାରୁ ପ୍ରାୟ ୨୦୦ ମିଟର ଦୂରରେ ଏକାଠି ମଦ୍ୟପାନ କରୁଥିଲେ। ପରେ ଘରୋଇ କଳିକୁ ନେଇ ଉଭୟ କକା ପୁତୁରାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ପୁତୁରା ବିଶାଲ ସଚ୍ଚିନ୍ଦ୍ରଙ୍କ ମୁହଁକୁ ହାତରେ ପିନ୍ଧିଥିବା ବଳାରେ ମୁଥମାରିବା ସହ ଏକ ଠେଙ୍ଗାରେ ମାଡ଼ ମାରି ରକ୍ତାକ୍ତ କରିଥିଲେ। ଘଟଣାସ୍ଥଳରେ ସଚ୍ଚିନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଅଭିଯୁକ୍ତ ବିଶାଲ ସେଠାରୁ ଫେରାର ହୋଇଯାଇଥିଲେ। ରାତି ପ୍ରାୟ ସାଢେ ୧୦ଟା ବେଳେ କେତେଜଣ ଲୋକ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ସଚ୍ଚିନ୍ଦ୍ରଙ୍କ ମୁହଁରେ ମାଡ଼ ହୋଇଥିବାରୁ ଚିହ୍ନଟ ହେବାରେ ବିଳମ୍ବ ହୋଇଥିଲା। ପରେ ତାଙ୍କର ପରିଚୟ ମିଳିବାପରେ ପୋଲିସ ବିଳମ୍ବିତ ରାତିରେ ଅଭିଯୁକ୍ତ ବିଶାଲଙ୍କୁ ଭେଡ଼ାବାହାଲ ନିକଟରୁ ଧରିଥିଲା। ଶନିବାର ସକାଳେ ପୋଲିସ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହିତ ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଭିଯୁକ୍ତ ବିଶାଲ କିଛିଦିନ ହେବ ଘରକୁ ଜଣେ ଝିଅ ଆଣିଛନ୍ତି। ଏହାକୁ ତାଙ୍କ ମା' ଓ କକା ବିରୋଧ କରିଆସୁଥିଲେ। ଘଟଣା ରାତିରେ କକା ପୁତୁରାଙ୍କ ମଧ୍ୟରେ ଏହାକୁ ନେଇ ପାଟିତୁଣ୍ଡ ହୋଇଥିଲା ଓ ପୁତୁରା କକାଙ୍କୁ ପିଟି ପିଟି ହତ୍ୟା କରିଥିବା ବିଶାଲ ସ୍ୱୀକାର କରିଥିବା ପୋଲିସ କହିଛି।

# ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

ଠାକୁରମୁଣ୍ଡା,୧୧।୧୦(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ହାତୀଗୋଡ଼ା ପଞ୍ଚାୟତ ଆସନକୁଦର ଗ୍ରାମ ପୁରୁଣା ଖଡ଼ିଆସାହିରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ପାରିବାରିକ କଳହକୁ ନେଇ ସ୍ୱାମୀ ଟାଙ୍ଗିଆରେ ହାଣି ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ମୃତା ହେଲେ ସାହିର ସୁବୁଦ୍ଧି ଦେହୁରୀ(୫୫)ଙ୍କ ସ୍ତ୍ରୀ ଟୁନି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ସୁବୁଦ୍ଧି ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ସୁବୁଦ୍ଧି ଉତ୍‌କ୍ଷିପ୍ତ ହୋଇ ଘର ଭିତରେ ଥିବା ଟାଙ୍ଗିଆରେ ଟୁନିଙ୍କ ବେକକୁ ଆକ୍ରମଣ କରିଥିଲେ। ସୁବୁଦ୍ଧିଙ୍କ ପୁଅ ପବିତ୍ର ସାପ୍ତାହିକ ହାଟରୁ ଫେରିବା ପରେ ଘର ଭିତରେ ରକ୍ତାକ୍ତ ଅବସ୍ଥାରେ ମା'ଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଏନେଇ ସ୍ଥାନୀୟ ଲୋକଙ୍କ ଜରିଆରେ ଠାକୁରମୁଣ୍ଡା ଥାନାକୁ ସୂଚନା ଦେଇଥିଲେ। ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପୁଅ ପବିତ୍ରଙ୍କ ଅଭିଯୋଗ ଆଧାରରେ ଠାକୁରମୁଣ୍ଡା ଥାନାରେ ଏକ ମାମଲା (ନଂ. ୧୧୮/୨୫) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବ୍ୟବହୃତ ଟାଙ୍ଗିଆ ଜବତକରି ପୋଲିସ ତଦନ୍ତ କରୁଛି।

# ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ବୁଗୁଡ଼ା,୧୧।୧୦(କାଳିଚରଣ ଦାଶ)

ବୁଗୁଡ଼ା ଅଞ୍ଚଳର ଜଣୈକା ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ବାଲୁଗାଁ ଅଞ୍ଚଳର ଜଣୈକ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ରଞ୍ଜନ କୁମାର ସ୍ୱାଇଁ (୨୦)। ଏନେଇ କେସ୍ ନଂ ୬୩୭/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି। ପ୍ରକାଶ ଯେ, ରଞ୍ଜନ ଓ ଅଭିଯୋଗକାରିଣୀ ଯୁବତୀ ଉଭୟେ ଏକ ଘରୋଇ ଫାଇନାନ୍ସରେ କାମ କରୁଥିଲେ। ତେବେ ବଳାତ୍କାର ପରେ ରଞ୍ଜନ ସେହି ଫାଇନାନ୍ସ ସଂସ୍ଥା ଛାଡ଼ି ଦେଇଥିବା ବେଳେ ପୀଡ଼ିତା ଯୁବତୀ ଜଣକ ବୁଗୁଡା ଥାନାର ଦ୍ୱାରସ୍ଥ ହୋଇଥିଲେ।


GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
PHULBANI (R&B) CIRCLE, PHULBANI

Phone : 06842 254004 Email : sernbphulbani@gmail.com

INVITATION FOR BIDS (IFB)

Bid Identification No. CCE_R and B_PLB_12 of 2025-26

No.B-590 No.1660 Dated 08.10.2025

| | | | |
|---|---|---|---|
| 1 | The Chief Construction Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of the Road works as detailed in the table below from eligible contractors | | |
| 2 | Nature of work | : | Road Work |
| 3 | No. of tenders | : | One No. |
| 4 | Tender cost | : | Rs. 10,000/- (through online) only |
| 5 | Class of Contractor | : | A class |
| 6 | Date & Time of sale & receipt of bids | : | 10.00 A.M. of 16.10.2025 to 5.00 P.M. of 30.10.2025 |
| 7 | Date of Opening of bid | : | 11.00 A.M. of 31.10.2025 |
| 8 | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

Sd./- Chief Construction Engineer,
Phulbani (R&B) Circle, Phulbani
OIPR-34129/11/0029/2526

ODISHA HYDRO POWER CORPORATION LTD
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505
No.CAD-1973

No.-CHEP/TW-202 (Vol.-V)/3824 Date: 08.10.2025

TENDER CALL NOTICE NO.-CHEP-32/2025-26

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturers / Authorized Dealers / Authorized Distributors meeting eligibility criteria only for procurement of the following materials;

| Description | Cost of Tender Paper (Non-Refundable) | EMD (Refundable) |
|---|---|---|
| Supply of Earth Resistance Measurement Tester, DC Milli Ampere Digital Clamp Meter and AC / DC Digital Clamp Meter for CHEP, Chiplima | Rs.2,360/- (Rs.2,000/- + GST @18%) | Rs.4,970/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.14.10.2025 up to 12:30 PM of dtd.28.10.2025.
OIPR-04006/11/0103/2526 Sd/- C & P Head, CHEP, Chiplima

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II, KENDRAPARA
No.O-965
eerw_kendraparat@yahoo.co.in
'E' PROCUREMENT NOTICE NO. RWD-II/KPD-7/25-26
DTD 08.10.2025

| | | | |
|---|---|---|---|
| 1 | Name of work | : | Road works in the District of Kendrapara for the year 2025-26 |
| 2 | Total No. of Work | : | 43 Nos. Roads |
| 3 | Estimated Cost | : | Rs.5.04 Lakhs to 33.61 lakhs (Approx) |
| 4 | Period of Completion | : | As specified in the Annexure |
| 5 | Class of contractors | : | B, C & D Class |
| 6 | Cost of Tender Paper | : | Cost of Tender paper is to be remitted ONLINE as specified in column - 3 of the Annexure |
| 7 | Detail projects | : | As specified in the Annexure |

Other details as follows :

| | | | |
|---|---|---|---|
| a) | Procurement Officer | : | Superintending Engineer, Rural Works Division-II, Kendrapara |
| b) | Availability of tender online & submission of bid | : | 15.10.2025 at 11:00 A.M. to 23.10.2025 up to 5:00 P.M. |
| c) | Last date & time of seeking of tender clarification | : | 22.10.2025 up to 5:00 P.M. |
| d) | Opening of Tender | : | 23.10.2025 at 5:30 P.M. |
| e) | Date of lottery | : | 07.11.2025 at 11:30 A.M. |

Further details can be seen from the Govt. website www.tendersorissa.gov.in
Sd./- Superintending Engineer
Rural Works Division-II
OIPR-25098/11/0023/2526 Kendrapara

OFFICE OF THE SORO MUNICIPALITY,
SORO, BALASORE

No.4477 Date : 10.10.2025

'e' Procurement Notice

Bid Identification No. SOROM_04_2025-26

No.C-1250 : Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in

1. Name of the Work : Construction of Civil work as mentioned in DTCN
2. No. of works : 01 no.
3. Estimated Cost : As per Work List
4. Period of Completion : 90 days
5. Date & Time of availability of Bid documents in the Portal : 13.10.25 at 10.00 A.M. to 22.10.25 up to 5.00 P.M.
6. Last date & time for receipt of bids in the portal : 22.10.25 up to 05.00 P.M.
7. Bid received online shall be opened on : 23.10.25 at 10.00 A.M.
8. Name and address of the officer inviting Bid : Executive Officer, Soro Municipality

Further details can be seen from the procurement portal i.e. www.tendersodisha.gov.in

Sd./- Executive Officer
OIPR-13166/11/0017/2526 Soro Municipality

OFFICE OF SUPERINTENDING ENGINEER
MINOR IRRIGATION DIVISION, CUTTACK
No.A-708
Letter No. 4433/Dt. 08.10.2025
GOVERNMENT OF ODISHA e-Procurement Notice
Bid Identification No. online SECMID - 18/2025-26
eemidcuttack@yahoo.co.in

| | | | |
|---|---|---|---|
| 1 | Name of work | : | Improvement of MIPs under Improvement to CAPEX ROAD and MIPSP scheme in MI Sub-Division Athagarh, Banki and Narasinghpur. |
| 2 | Total Number of work | : | 05 (Five) nos. |
| 3 | Estimated cost | : | Various from 57.79 to 82.65 lakhs |
| 4 | Tender paper cost (Online) | : | Rs.10,000/- |
| 5 | Bid Security (Online) | : | As per DTCN |
| 6 | Period of Completion | : | As per DTCN |
| 7 | Availability of Bid Document | : | From 15.10.2025, 10.00 A.M. to 28.10.2025, 5.00 P.M. in website (www.tendersorissa.gov.in) |
| 8 | Last date & Time of receipt | : | 28.10.2025 at 5.00 P.M. through online Bid |
| 9 | Date of opening of Technical Bid documents | : | 29.10.2025 - at 11.00 A.M. in the office of the SE, M.I. Division, Cuttack |
| 10 | Date of opening of Financial Bid Documents | : | 04.11.2025 at 11.00 A.M. in the office of the SE, M.I. Division, Cuttack |
| 11 | Date of Lottery, if required | : | 15.11.2025 at 12.00 Noon in the office of the SE, M.I. Division, Cuttack |
| 12 | Name and address of the OIT | : | Superintending Engineer, M.I. Division, Cuttack. P.O. : Nayabazar, Cuttack, Phone : 0671-2443622, PIN CODE : 753004 |

Further details can be seen from the Government of Odisha Web - Site www.tendersorissa.gov.in

Sd./- Superintending Engineer
OIPR-32121/11/0046/2526 M.I. Division, Cuttack

Directorate of
Higher Secondary Education
Odisha, Bhubaneswar

Notice

No.N-175 : It is informed to all concerned that the online applications are invited on SAMS portal for opening of new Higher Secondary School, new stream, new subject, increase of seats, Permanent Recognition, Temporary Recognition etc. for the Academic Session 2025-26 (Admission Session 2026-27). The online application link (www.samsodisha.gov.in/juniorweb.aspx) is active and last date for applying is up to 30th November, 2025 (11.55 P.M.). For Guidelines /User Manual and other details, please log in on www.samsodisha.gov.in/juniorweb.aspx

OIPR-11033/11/0024/2526 Sd./- Director

ଓଡ଼ିଶା ସରକାର
No.T-92
ସାଧାରଣ ପ୍ରଶାସନ ଓ ସାଧାରଣ
ଅଭିଯୋଗ ବିଭାଗ
ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

ଜନସାଧାରଣଙ୍କ ନିମନ୍ତେ
ବିଶେଷ ସୂଚନା

ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା13.10.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0199/2526

ଭାରତ ସରକାର
ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ
(ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବ୍ୟାପାର ପ୍ରସାର ବିଭାଗ)
ପେଟ୍ରୋଲିୟମ୍ ଏବଂ ବିସ୍ଫୋରକ ସାମଗ୍ରୀ
ନିରାପତ୍ତା ସଂଗଠନ (ପିଇଏସ୍‌ଓ)

ସର୍ବସାଧାରଣ ବିଜ୍ଞପ୍ତି

ସରକାରଙ୍କ ଦୃଷ୍ଟିକୁ ଏହା ଅଣାଯାଇଛି ଯେ, ଅତୀତରେ ମିଥ୍ୟା ଘୋଷଣାନାମା ଅଧୀନରେ ଭାରତକୁ ବେଆଇନ ଭାବେ ବିଦେଶ ନିର୍ମିତ ଆତସବାଜି ସାମଗ୍ରୀ ଆମଦାନୀ କରାଯାଇଛି । ଏତଦ୍ଦ୍ୱାରା ସୂଚିତ କରିଦିଆଯାଉଅଛି କି, ଆମଦାନୀ ସଂକ୍ରାନ୍ତରେ ଆଇଟିସି (ଏଚ୍ଏସ୍) ଅଧୀନରେ ଆତସବାଜି ସାମଗ୍ରୀଗୁଡ଼ିକୁ ପ୍ରତିବନ୍ଧିତ ସାମଗ୍ରୀ ରୂପେ ଘୋଷଣା କରାଯାଇଛି । ଆଜି ତାରିଖ ସୁଦ୍ଧା, ପେଟ୍ରୋଲିୟମ୍ ଏବଂ ବିସ୍ଫୋରକ ସାମଗ୍ରୀ ନିରାପତ୍ତା ସଂଗଠନ ଦ୍ୱାରା ବିସ୍ଫୋରକ ସାମଗ୍ରୀ ନିୟମାବଳୀ, ୨୦୦୮ ଅଧୀନରେ ଆତସବାଜି ସାମଗ୍ରୀ ପାଖରେ ରଖିବା ଏବଂ/କିମ୍ବା ବିକ୍ରି କରିବା ଉଦ୍ଦେଶ୍ୟରେ ଆମଦାନୀ କରିବା ପାଇଁ କୌଣସି ଲାଇସେନ୍ସ ମଞ୍ଜୁର କରାଯାଇନାହିଁ ।

ଚୋରାରେ ଚାଲାଣ ହେଉଥିବା ବିଦେଶ ନିର୍ମିତ ଆତସବାଜି ସାମଗ୍ରୀରେ 'ପୋଟାସିୟମ୍ କ୍ଲୋରେଟ୍' ରହିଥାଏ, ଯାହା ଏକ ବିପଜ୍ଜନକ ଓ ଘାତକ ରାସାୟନିକ ଅଟେ ଏବଂ ସେଥିରେ ସ୍ୱତଃପ୍ରବୃତ୍ତ ଭାବେ ନିଆଁ ଲାଗିବାର ଆଶଙ୍କା ରହିଥାଏ । ଏପରି ଆତସବାଜି ସାମଗ୍ରୀ ଗୁରୁତର ଅଘଟଣର କାରଣ ସାଜିବା ସହିତ ଧନଜୀବନ ଏବଂ ଦେଶ ପାଇଁ ବିବିଧ ପରିବେଶୀୟ ଏବଂ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ ।

ଧନଜୀବନର ସୁରକ୍ଷା ଓ ନିରାପତ୍ତା ପାଇଁ ଏପରି ଆତସବାଜି ସାମଗ୍ରୀ ରଖିବା ଏବଂ/କିମ୍ବା ବିକ୍ରି କରାଯିବା ସମ୍ବନ୍ଧୀୟ ସୂଚନାକୁ ନିକଟତମ ଥାନା କିମ୍ବା ଜିଲ୍ଲା କର୍ତ୍ତୃପକ୍ଷଙ୍କ ନିକଟରେ ରିପୋର୍ଟ କରିବା ଲାଗି ଜନସାଧାରଣ ଏବଂ ହିତଧାରକଙ୍କୁ ଅନୁରୋଧ କରାଯାଉଛି, ଯାହାଦ୍ୱାରା ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ।

CBC 05209/12/0003/2526 ମୁଖ୍ୟ ବିସ୍ଫୋଟକ ସାମଗ୍ରୀ ନିୟନ୍ତ୍ରକ

No.CAD-1966

NOTICE INVITING TENDER
Office of Chief CSO / CSO-cum-District Manager
Odisha State Civil Supplies Corporation Ltd.
DISTRICT - KEONJHAR
(UNIT-HATADIHI BLOCK,GHASIPURA BLOCK, ANANDAPUR BLOCK & ANANDAPUR MUNICIPALITY, KEONJHAR SADAR BLOCK & KEONJHAR MUNICIPALITY, BANSPAL BLOCK, TELKOI BLOCK, SAHARPADA BLOCK, PATNA BLOCK, GHATAGAON BLOCK, HARICHANDANPUR BLOCK, JHUMPURA BLOCK,CHAMPUA BLOCK & NAC)

TENDER No.: 3029 to 3040 Dated: 06/10/2025

Cost of Tender Document is Rs.1000/- inclusive of GST for each BLOCK/ULB (through online mode).

Online Tenders are invited from eligible bidders for selection and appointment of transport contractors for transportation of (i) Paddy from Paddy Purchase Centers (PPCs) / Mandis to Rice Mill Points (within or outside district) & (ii) Custom Milled Rice (CMR) from Rice Mill points to Rice Receiving Centres (RRCs)/Depots (within or outside district).

| | | |
|---|---|---|
| 1 | Availability of tender documents | From Date 14/10/2025 Downloadable from website : www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference | On dt 15/10/2025 At - 4.00 P.M. Place - O/o the Chief CSO-cum-District Manager, OSCSC Ltd., Keonjhar |
| 3 | Last date and time for online submission of completed Tender Documents with enclosures | Through e-Procurement Portal : www.tendersodisha.gov.in Up to 5.00 P.M. dt.28/10/2025 |
| 4 | Date, time and venue for opening of Technical Bid by the Tender Committee | On dt 29/10/2025 at 11.00 A.M., Place : Mini Conference Hall, Collectorate, Keonjhar |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt.30/10/2025 at 11.00 A.M. Place O/o Chief CSO-cum-District Manager, OSCSC Ltd., Keonjhar |
| 6 | Date & Time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |
| 7 | Validity Period | Tenders are to remain open for acceptance for 45 days inclusive of date of opening of tender |
| 8 | Language of the Tender | The tender should be prepared by the bidder in English language only |
| 9 | Help Desk telephone no. | CCSO-cum-DM, OSCSC Ltd., Keonjhar Contact No : 9438200048 |

Sd./- Chief CSO-cum-District Manager
OSCSC Ltd., Keonjhar

NOTICE INVITING TENDER
Office of Chief CSO / CSO-cum-District Manager
Odisha State Civil Supplies Corporation Ltd.
DISTRICT - KEONJHAR
(LEVEL-I)

TENDER No.: 3041 Dated: 06/10/2025

Cost of Tender Document :- Rs.11800/- Inclusive of GST

Online Tenders are invited from eligible bidders for selection and appointment of level-I transport contractor for transporation of Wheat from Food Storage Depot (FSD), FCI to Rice Receiving Centre (RRC).


| | | |
|---|---|---|
| 1 | Availability of tender documents | From Date 14/10/2025 Downloadable from website : www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference | On dt 15/10/2025 At - 4.00 P.M. Place - O/o the Chief CSO-cum-District Manager, OSCSC Ltd., Keonjhar |
| 3 | Last date and time for online submission of completed Tender Documents with enclosures | Through e-Procurement Portal : www.tendersodisha.gov.in Up to 5.00 P.M. dt.28/10/2025 |
| 4 | Date, time and venue for opening of Technical Bid by the Tender Committee | On dt 29/10/2025 at 11.00 A.M., Place : Mini Conference Hall, Collectorate, Keonjhar |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt.30/10/2025 at 11.00 A.M. Place O/o Chief CSO-cum-District Manager, OSCSC Ltd., Keonjhar |
| 6 | Date & Time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |
| 7 | Venue of the opening of Technical & Financial Bids | At-O/o the Mini Conference Hall, Collectorate, Keonjhar |
| 8 | Validity Period | Tenders are to remain open for acceptance for 180 days inclusive of date of opening of tender |
| 9 | Language of the Tender | The tender should be prepared by the bidder in English language only |
| 10 | Help Desk telephone no | (i) OSCSC Ltd. :- District Manager :- No. 9438200048 Account Head No. 9437201773 (ii) State Procurement Cell :- 0674-2530998 / 18003456765 |

Sd./- Chief CSO-cum-District Manager
OIPR-07048/11/0010/2526 OSCSC Ltd., Keonjhar

# କେନ୍ଦ୍ରାପଡ଼ା-ଯାଜପୁରରେ ଗଜଲକ୍ଷ୍ମୀପୂଜା


ବଳଗଣ୍ଡି ବଜାର


ବଣିଆମାଳ


ଦୁହୁରିଆ


ମନକରପୁର


ନୃସିଂହ ଅବତାର



ତହସିଲ ଛକ


ମୀରପାଟଣା


ଡେରାବିଶ ଫକୀରାବାଦ


ମୁଗୁବାଡ଼ି


କେନ୍ଦ୍ରାପଡ଼ା: ଡେରାବିଶ ବାଲିଆପଦା।


ମା' ମାଲ୍ୟାବୁଢ଼ୀ ପୂଜା କମିଟି, ବାଲିଚନ୍ଦ୍ରପୁର, ଯାଜପୁର ।


ମୁଖ୍ୟ ଲକ୍ଷ୍ମୀବଜାର, ବାଲିଚନ୍ଦ୍ରପୁର





ବାଲିଚନ୍ଦ୍ରପୁର ପଣ୍ଡା ପରିବା ମାର୍କେଟ ଗଜଲକ୍ଷ୍ମୀ ଓ ବାରୁଆଳି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଦାଦୁଲ


@ ଅବିନାଶ


@ ମନୋରଞ୍ଜନ


@ ସୁରେନ୍ଦ୍ର


@ ପୂଜା


@ ସୁବାସ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଚିକିତ୍ସା ଅବହେଳାରୁ ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

### ଜିଲାପାଳଙ୍କ ନିକଟରେ ଅଭିଯୋଗ କଲେ ତିର୍ତ୍ତୋଲ ବିଧାୟକ

**ରଘୁନାଥପୁର, ୧୧।୧୦ (ରାଜେନ୍ଦ୍ର ନାରାୟଣ ସିଂହ):**

ଚିକିତ୍ସା ଅବହେଳାରୁ ସାପ କାମୁଡ଼ାରେ ଗୁରୁତର ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ହେଲେ ରଘୁନାଥପୁର ବ୍ଲକ ତାରପୁର ଗ୍ରାମର ପରମାନନ୍ଦ ରାଉତଙ୍କ ସ୍ତ୍ରୀ ବିନୋଦିନୀ ରାଉତ। ଏନେଇ ତିର୍ତ୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ ଉଦ୍‌ବେଗ ପ୍ରକାଶ କରିବା ସହ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରି ତଦନ୍ତ ଦାବି କରିଛନ୍ତି। ବିନୋଦିନୀଙ୍କୁ ସେପ୍ଟେମ୍ବର ୨୪ରେ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ନେଇ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାରେ ଅବହେଳା କରି ତାଙ୍କୁ ସୁସ୍ଥ ଦର୍ଶାଇ ସେପ୍ଟେମ୍ବର ୨୬ରେ ଘରକୁ ପଠେଇ ଦେଇଥିଲେ। ଉକ୍ତ ସନ୍ଧ୍ୟାରେ ବିନୋଦିନୀ ପୁନର୍ବାର ଅସୁସ୍ଥ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ରଘୁନାଥପୁର ଓ ପରେ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସେପ୍ଟେମ୍ବର ୨୭ରେ ବିନୋଦିନୀଙ୍କ ମୃତ୍ୟୁ ଘଟିଛି। ଏହା ଅତ୍ୟନ୍ତ ପରିତାପର ବିଷୟ ବୋଲି ବିଧାୟକ ଭୋଇ ପ୍ରକାଶ କରିଛନ୍ତି। ବିନୋଦିନୀଙ୍କ ବଡପୁଅ ତଥା ପୂର୍ବତନ ସମିତି ସଭ୍ୟ ଅନ୍ତର୍ଯାମୀ ରାଉତ କ୍ଷୋଭର ସହ ଗଣମାଧ୍ୟମରେ ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଯଦି ମା'ଙ୍କ ଦେହରେ ବିଷ ଥିଲା ଡାକ୍ତର କିପରି ଜାଣିପାରିଲେ ନାହିଁ ଏବଂ ଏଭଳି ଅବସ୍ଥାରେ ସଦର ମେଡିକାଲ ବିନୋଦିନୀଙ୍କୁ ଡିସଚାର୍ଜ କରିଦେବାରୁ ତାଙ୍କର ମୃତ୍ୟୁ ଘଟିଛି ବୋଲି ଅନ୍ତର୍ଯାମୀ ଅଭିଯୋଗ କରିଛନ୍ତି। ଚିକିତ୍ସାରେ ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।

## କାରଖାନାରେ କାର୍ଯ୍ୟରତ ଶ୍ରମିକଙ୍କ ଅସ୍ୱାଭାବିକ ମୃତ୍ୟୁ

### କ୍ଷତିପୂରଣ ଦାବିରେ ମୃତଦେହ ରଖି ଧାରଣା

**ପାରାଦୀପ, ୧୧।୧୦(ଶରତ ରାଉତ):**

ପାରାଦୀପ ଭିତରଗଡ ଉଦୟବଟ ନିକଟ ଗୋଆ କାର୍ବନ କମ୍ପାନୀରେ କାର୍ଯ୍ୟରତ ଜଣେ ଶ୍ରମିକ ଗୁରୁବାର ଗୁରୁତର ହୋଇପଡ଼ିଥିଲେ। ଶନିବାର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଭିତରଗଡ ବସ୍ତିର ସୁଶାନ୍ତ ମଣ୍ଡଳ (୩୨)। ଏନେଇ କ୍ଷତିପୂରଣ ସହ ପରିବାରର ଜଣେ ବ୍ୟକ୍ତିଙ୍କୁ ଚାକିରି ଦେବା ଦାବିରେ ସ୍ଥାନୀୟ ଲୋକେ କମ୍ପାନୀ ଫାଟକ ଆଗରେ ଧାରଣା ଦେଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ସୁଶାନ୍ତ ଗତ ଗୁରୁବାର ଡ୍ୟୁଟିରେ ଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ଏହାପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଥିଲା। ପରେ ପରିବାର ଲୋକେ ତାଙ୍କୁ ନେଇ କଟକ ଏସ୍‌ସିବିରେ ଭର୍ତ୍ତି କରିଥିଲେ। ସେଠାରେ ଲଗାତର ରକ୍ତ ବାନ୍ତି ହେବାରୁ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୁଶାନ୍ତଙ୍କ ମୃତ୍ୟୁ ଘଟିଛି। କମ୍ପାନୀ ପରିସରରେ ଅତ୍ୟଧିକ କୋଇଲା ପ୍ରଦୂଷଣ ଯୋଗୁ ସୁଶାନ୍ତ ଅସୁସ୍ଥ ହୋଇପଡ଼ିଥିଲେ ଫଳରେ ତାଙ୍କ ମୃତ୍ୟୁ ଘଟିଛି ବୋଲି ଭାଇ ଶୁକଦେବ କହିଛନ୍ତି। ଗତ ୧୫ ଦିନ ତଳେ ନୂଆଗଡ ଗ୍ରାମର ଶ୍ରମିକ ପ୍ରଭାତ ଦଳେଇଙ୍କର ଏପରି ମୃତ୍ୟୁ ଘଟିଥିଲା ବୋଲି ଧାରଣାରେ ବସିଥିବା ଶ୍ରମିକ ଓ ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଆଉ ଜଣେ ଶ୍ରମିକ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ବୋଲି ଶ୍ରମିକ ତୁଷାର ସ୍ୱାଇଁ କହିଛନ୍ତି। କ୍ଷତିପୂରଣ ଦାବିରେ ଶତାଧିକ ମହିଳା ଓ ପୁରୁଷ ଦୀର୍ଘ ସମୟ ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ସ୍ଥାନୀୟ କାଉନ୍‌ସିଲର କେଦାର ଜେନା ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ସୋମବାର ମୃତକଙ୍କ ସ୍ତ୍ରୀଙ୍କୁ ଚାକିରି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଯାଇଛି। ଏ ସମ୍ପର୍କରେ କମ୍ପାନୀ ମୁଖ୍ୟ ଜିନାଇତୁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ମୋବାଇଲ୍ ଫୋନ ଉଠାଇ ନଥିଲେ।


କ୍ଷତିପୂରଣ ଦାବିରେ ଶବ ରଖି ସ୍ଥାନୀୟ ଲୋକେ କମ୍ପାନୀ ଫାଟକ ନିକଟରେ ଧାରଣା ଦେଇଛନ୍ତି ।

# ବଦଳିଲେ ସିଇଓ, ହଟିଲା ଅଚଳାବସ୍ଥା

## ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ

- ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ମିଳିଲା ନ୍ୟାୟ
- ସିଇଓଙ୍କ ବିରୋଧରେ ତଦନ୍ତ କରିବ ୫ଜଣିଆ କମିଟି

ନୟାଗଡ଼,୧୧।୧୦ (ଲୋକନାଥ ମିଶ୍ର)

ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ସିଇଓ ଅଜୟ ପଟ୍ଟନାୟକଙ୍କର ଶୁକ୍ରବାର ବଦଳି ହୋଇଛି। ଫଳରେ ଅଧିକାରୀ ଏବଂ ପରିଚାଳନା କମିଟି ମଧ୍ୟରେ ବିବାଦରୁ ବ୍ୟାଙ୍କ କାର୍ଯ୍ୟରେ ଲାଗି ରହିଥିବା ଅଚଳାବସ୍ଥା ଦୂରହୋଇଛି। ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ପରିଚାଳନା ପରିଷଦ ନ୍ୟାୟ ପାଇଛି। ତେବେ ସିଇଓଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ ପାଇଁ ଏକ ୫ଜଣିଆ କମିଟି ଗଠନ ହୋଇଛି। ଅନ୍ୟପକ୍ଷେ ରାଜ୍ୟ ସମବାୟ ବ୍ୟାଙ୍କ(ଓଏସ୍‌ସିବି) ଭୁବନେଶ୍ୱରର ପରିଚାଳନା କମିଟିର ବୈଠକର ନିଷ୍ପତ୍ତି ଅନୁସାରେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ରବୀନ୍ଦ୍ର ନାଥ ସାହୁ ସିଇଓ ଅଜୟ ପଟ୍ଟନାୟକଙ୍କୁ ଶୁକ୍ରବାର ହିଁ କାର୍ଯ୍ୟରୁ ରିଲିଭ କରିଛନ୍ତି।

ପ୍ରାପ୍ତ ସୂଚନା ଅନୁସାରେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ପୂର୍ବରୁ ସିଇଓ ଅଜୟ ପଟ୍ଟନାୟକଙ୍କୁ କାର୍ଯ୍ୟ ରିଲିଭ କରିଥିଲେ। ଏହାକୁ ଚାଲେଞ୍ଜ କରି ଜଣେ ପାକ୍ସ ସଭାପତି ସମବାୟ ନିବନ୍ଧକଙ୍କ କୋର୍ଟରୁ ସ୍ଥଗିତାଦେଶ ଆଣିଥିଲେ। ପରବର୍ତ୍ତୀ ସମୟରେ ପୁଣି ସିଇଓଙ୍କୁ ନିଲମ୍ବନ କରାଯାଇଥିଲା। ନିଲମ୍ବନ ଆଦେଶ ଉପରେ ଗତ ଜାନୁଆରୀ ୮ରେ ରାଜ୍ୟ ସମବାୟ ବ୍ୟାଙ୍କ ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତିଙ୍କୁ ସିଇଓଙ୍କ ବିରୋଧରେ ଚାର୍ଜଫ୍ରେମ କରିବାକୁ କହିଥିଲା। ତେବେ ଚାର୍ଜଫ୍ରେମ ଉପରେ ରାଜ୍ୟ ସମବାୟ ବ୍ୟାଙ୍କ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଏଣୁ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସାହୁ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏହି ଜନସ୍ୱାସ୍ଥ୍ୟ ମାମଲା (ନଂ.ଡବ୍ଲ୍ୟୁପିସି ୨୦,୬୦୦ ତା ୨୯।୭।୨୦୨୫)ରେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କରୁ ସିଇଓଙ୍କୁ ଫେରାଇ ନେବାକୁ ରାଜ୍ୟ ସମବାୟ ବ୍ୟାଙ୍କଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବାରୁ ବ୍ୟାଙ୍କ ସଭାପତି ସାହୁ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା (ନଂ.୪୫୫୧/୨୫) କରିଥିଲେ। ଅଦାଲତ ଅବମାନନା ମାମଲାର ତାରିଖ ଅକ୍ଟୋବର ୧୩ ରହିଥିବାବେଳେ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ସିଇଓଙ୍କୁ ଆଗୁଆ ପ୍ରତ୍ୟାହାର କରି ନେଇଛନ୍ତି।

ଅପରପକ୍ଷେ ହାଇକୋର୍ଟରେ ପ୍ରଥମେ ମାମଲା ରୁଜୁ ହେବାପରେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପର୍କରେ ଆଲୋଚନା ପାଇଁ ଗତ ସେପ୍ଟେମ୍ବର ୧୦ରେ ରାଜ୍ୟ ସମବାୟ ବ୍ୟାଙ୍କ(ଓଏସ୍‌ସିବି) ଭୁବନେଶ୍ୱରର ପରିଚାଳନା କମିଟିର ବୈଠକ ହୋଇଥିଲା। ଏଥିରେ ସିଜିଏମ(ଜେନେରାଲ) କୁଳମଣି ପାଢ଼ୀ ଯୋଗ ଦେଇଥିଲେ। ବୈଠକରେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ଦୈନନ୍ଦିନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ୨୦୨୫-୨୬ ଆର୍ଥିକ ବର୍ଷର ୧।୪।୨୦୨୫ଠାରୁ ୩୧।୮।୨୦୨୫ ପର୍ଯ୍ୟନ୍ତ ବଜେଟ ଅନୁମୋଦନ ନ ହୋଇ ୪୨୪କୋଟି ୧୭ ଲକ୍ଷ ୩୦ ହଜାର ଟଙ୍କା ବେଆଇନ ଭାବେ ଖର୍ଚ୍ଚ ହୋଇଥିବା ବୈଠକରେ ଦର୍ଶାଯାଇଥିଲା। ବଜେଟ ଅନୁମୋଦନ ହୋଇ ନ ଥିବାରୁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ ପ୍ରସ୍ତୁତ କରି ପରବର୍ତ୍ତୀ ପରିଚାଳନା କମିଟି ବୈଠକରେ ଉପସ୍ଥାପନ କରିବାକୁ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକଙ୍କୁ ଅନୁରୋଧ କରାଯାଇଥିଲା। ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ପରେ ରାଜ୍ୟ ସମବାୟ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ଅଚ୍ୟୁତ ନନ୍ଦ ପାତ୍ରେ ନିୟମ ୬ ଅନୁସାରେ କର୍ମଚାରୀ ସେବା ନିୟମ ୧୯୮୦ର ବ୍ୟବସ୍ଥାକୁ ଉଲ୍ଲଂଘନ କରିଥିବା ଦର୍ଶାଇଥିଲେ। ସେହିପରି ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ସିଇଓ ଅଜୟ କୁମାର ପଟ୍ଟନାୟକଙ୍କ ବିରୋଧରେ ଅଭିଯୋଗପତ୍ର ବୈଠକରେ ଉପସ୍ଥାପନ ହୋଇଥିଲା। ବ୍ୟାପକ ବିଚାରବିମର୍ଶ ପରେ ୨୪(କେ) ଷ୍ଟାଫ ସର୍ଭିସ୍ ରୁଲ୍ ୧୯୮୦ ଆଧାରରେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ସିଇଓ ପଟ୍ଟନାୟକଙ୍କୁ ପ୍ରତ୍ୟାହାର କରି ରାଜ୍ୟ ସମବାୟ ବ୍ୟାଙ୍କ ଲିମିଟେଡର ମୁଖ୍ୟ କାର୍ଯ୍ୟାଳୟରେ ନିଯୁକ୍ତି ପାଇଁ ନିଷ୍ପତ୍ତି ହୋଇଥିଲା। ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ନୟାଗଡ଼ ବ୍ୟାଙ୍କର ବରିଷ୍ଠ କର୍ମଚାରୀଙ୍କ ଦ୍ୱାରା ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରାଇବାକୁ କୁହାଯାଇଛି। ଏହାସହ ସିଇଓ ପଟ୍ଟନାୟକ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ ପାଇଁ ୫ ଜଣିଆ କମିଟି କରିବାକୁ ନିଷ୍ପତ୍ତି ନିଆଯାଇଛି, ଯେଉଁଥିରେ ରାଜ୍ୟ ସମବାୟ ବ୍ୟାଙ୍କ ଭୁବନେଶ୍ୱରର ୩ଜଣ ଓ ପରିଚାଳନା ବୋର୍ଡରୁ ୨ଜଣ ରହିବେ। ଅନ୍ୟପକ୍ଷରେ ବ୍ୟାଙ୍କର ଚୁକ୍ତିଭିତ୍ତିକ ଡ୍ରାଇଭର କୈଳାସ ଚନ୍ଦ୍ର ସାହୁଙ୍କ ନିଯୁକ୍ତି ସମ୍ପର୍କିତ ରେକର୍ଡ ଉପସ୍ଥାପନ କରିବାକୁ ରାଜ୍ୟ ସମବାୟ ବ୍ୟାଙ୍କ ଏମ୍‌ଡିଙ୍କୁ ଅନୁରୋଧ କରାଯାଇଛି।

# ଏଟିଏମ୍ କାଉଣ୍ଟରରେ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ

ଖଣ୍ଡପଡ଼ା,୧୧।୧୦
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ରଥଗଡ଼ାଛକସ୍ଥିତ ଷ୍ଟେଟ ବ୍ୟାଙ୍କ ଶାଖାରେ ଥିବା ଏଟିଏମ୍ କାଉଣ୍ଟର ଓ ମୁଖ୍ୟ ବଜାର ମଧ୍ୟରେ ଥିବା ୟୁକୋ ବ୍ୟାଙ୍କ ଶାଖା ଓ ସମ୍ମୁଖରେ ଥିବା ଷ୍ଟେଟ୍ ବ୍ୟାଙ୍କର ୨ୟ ଏଟିଏମ୍ କାଉଣ୍ଟରରେ ବିଭିନ୍ନ ଅବ୍ୟବସ୍ଥାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଷ୍ଟେଟ୍ ବ୍ୟାଙ୍କର ୨ଟିଯାକ ଏଟିଏମ୍ କାଉଣ୍ଟରରେ ଲାଗିଥିବା ଏସିଗୁଡିକ ଦୀର୍ଘମାସ ଧରି କାମ କରୁନଥିବା ଜଣାପଡ଼ିଛି। ଅଚଳ ଅବସ୍ଥାରେ ଥିବା ଏସିଗୁଡିକୁ କାର୍ଯ୍ୟକ୍ଷମ କରିବା ଦିଗରେ ବ୍ୟାଙ୍କ କର୍ତ୍ତୃପକ୍ଷ କିମ୍ବା ଉଚ୍ଚ କର୍ତ୍ତୃପକ୍ଷ କେହି ହେଲେ ଧ୍ୟାନ ଦେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସେହିପରି ଅଧିକାଂଶ ସମୟରେ ଏଟିଏମ୍‌ଗୁଡିକରେ ଟଙ୍କା ରହୁନଥିବାରୁ ଜରୁରିକାଳୀନ ପରିସ୍ଥିତିରେ ଉଠାଣ ନିମନ୍ତେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ମଧ୍ୟ ସମସ୍ୟାର ସମାଧାନ ହେଉନଥିବା ବେଳେ ଖଣ୍ଡପଡ଼ା ସହରବାସୀ ଓ ଆଖପାଖ ଅଞ୍ଚଳର ଜନସାଧାରଣ ବିଭିନ୍ନ ସମୟରେ ଟଙ୍କା ଉଠାଣ ନିମନ୍ତେ ନିକଟସ୍ଥ ବାହାଡା ବଜାର ଓ ଖଳିସାହି ଗ୍ରାମରେ ଥିବା ଏଟିଏମ୍ କାଉଣ୍ଟରଗୁଡିକ ଉପରେ ନିର୍ଭର କରୁଥିବା ଜଣାପଡ଼ିଛି। ଏଟିଏମ୍ କାଉଣ୍ଟରଗୁଡିକ ପ୍ରତି ସମ୍ପୃକ୍ତ ବ୍ୟାଙ୍କ ଓ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।



ଅଚଳ ଏଟିଏମ୍।

# ଥାନା ସମ୍ମୁଖରେ ହୋହଲ୍ଲା, ରାସ୍ତାରୋକୋ



ଥାନା ଆଗରେ ଉତ୍ତ୍ୟକ୍ତ ଲୋକଙ୍କ ହୋ-ହଲ୍ଲା ।

## ବାଇକ୍ ଧକ୍କାରେ ଚିକିତ୍ସାଧୀନ ବୃଦ୍ଧଙ୍କ ମୃତ୍ୟୁ ଘଟଣା

ଶରଣକୁଳ,୧୧।୧୦(ଦୀପକ କର)

ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁକୁ ନେଇ ଥାନା ଆଗରେ ରାସ୍ତାରୋକୋ କରାଯାଇଛି। ଉତ୍ତ୍ୟକ୍ତ ଲୋକମାନେ କ୍ଷତିପୂରଣ ଦାବି କରିବା ସହିତ ବାଇକ୍ ଚାଳକଙ୍କ ଗିରଫ ଦାବି କରିଛନ୍ତି। ଶରଣକୁଳ ଥାନା ଶିଖରପୁର ଗ୍ରାମର ନାରାୟଣ ବେହେରାଙ୍କୁ ୩ଦିନ ତଳେ ଏକ ବାଇକ୍ ଧକ୍କା ଦେବାରୁ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ନାରାୟଣ ଘରୁ ବାହାରି ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ଏକ ବାଇକ୍ ଆସି ତାଙ୍କୁ ଧକ୍କା ଦେଇଥିଲା। ନାରାୟଣ ତଳେ ପଡି ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଖବରପାଇ ପରିବାର ଲୋକେ ତାଙ୍କୁ ନୟାଗଡ ଓ ପରେ ଭୁବନେଶ୍ୱରକୁ ଚିକିତ୍ସା ଲାଗି ନେଇଥିଲେ। ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଶନିବାର ଅପରାହ୍ନରେ ଶିଖରପୁର ଗ୍ରାମବାସୀ ଥାନା ଆଗରେ ଟାୟାର ଜାଳି ନ୍ୟାୟ ଦାବି କରିଥିଲେ। ଦୁର୍ଘଟଣା ଘଟାଇଥିବା ଚାଳକଙ୍କୁ ଗିରଫ କରିବା ସହିତ କ୍ଷତିପୂରଣ ଦାବି କରିଥିଲେ। ଶରଣକୁଳ ଥାନା ଅଧିକାରୀ ସୁଜିତ କୁମାର ଦାଶ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହିତ ତହସିଲଦାରଙ୍କ ସହିତ କଥା ହେବା ପରେ ମୃତକଙ୍କ ପରିବାରୁ ୧୦ ହଜାର ଟଙ୍କା ସହାୟତା ଓ ବାଇକ୍ ଚାଳକଙ୍କୁ ଗିରଫ କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଗଣଶିକ୍ଷା ମନ୍ତ୍ରୀ, କନ୍ଧମାଳ ଏମ୍‌ପିଙ୍କୁ ଭେଟିଲା ଶିକ୍ଷକ ସଂଘ

## ୬ ବର୍ଷର ଠିକା ଅବଧିକୁ ମୂଳ ଚାକିରିରେ ସଂଯୋଗ କରିବାକୁ ନିବେଦନ

ନୟାଗଡ, ୧୧।୧୦(ଲୋକନାଥ ମିଶ୍ର)

ସରକାରଙ୍କ ଆର୍ଥିକ ସଙ୍କଟ ସମୟରେ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ୨୦୦୪ ରୁ ୨୦୧୪ ମଧ୍ୟରେ ଠିକା ଭିତ୍ତିରେ ନିଯୁକ୍ତି ପାଇ ମାଧ୍ୟମିକ ଶିକ୍ଷାର ମେରୁଦଣ୍ଡ ସାଜିଥିବା ବରିଷ୍ଠ ଶିକ୍ଷକମାନେ ଉପେକ୍ଷିତ ଓ ଅଣଦେଖା ହୋଇ ରହିଥିବା ଅଭିଯୋଗ ହୋଇ ଆସୁଛି। ଏଭଳିସ୍ଥଳେ ଦାବି ପୂରଣ ପାଇଁ ଓଡ଼ିଶା ସରକାରୀ ଉଚ୍ଚ ବିଦ୍ୟାଳୟ ନୂତନ ପେନସନ ଯୋଜନାଭୁକ୍ତ ନୟାଗଡ ଜିଲା ଶିକ୍ଷକ ସଂଘ ଆଗେଇ ଆସିଛି। ଶିକ୍ଷକମାନଙ୍କର ୬ ବର୍ଷର ଠିକା ଅବଧିକୁ ମୂଳ ଚାକିରିରେ ଯୋଗ କରିବା ସହିତ ୬ଟି ନ୍ୟାସନାଲ ଇନକ୍ରିମେଣ୍ଟ ପ୍ରଦାନ ପାଇଁ ଶନିବାର ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୟାଗଡ଼ ଜିଲା ଶିକ୍ଷକ ସଂଘର ଏକ ପ୍ରତିନିଧି ମଣ୍ଡଳୀ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଏବଂ କନ୍ଧମାଳ ଏମ୍‌ପିଙ୍କୁ ଭେଟି ଦାବି ବିଷୟରେ ଆଲୋଚନା କରିଛନ୍ତି। ଦାବି ସମାଧାନ କରିବା ପାଇଁ ପ୍ରତିଶ୍ରୁତି ମିଳିଥିବା କୁହାଯାଇଛି।

# ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିର କାର୍ଯ୍ୟ ଅବଧି ପରେ ସରୁନି କାମ


ଶରଣକୁଳ,୧୧।୧୦(ଦୀପକ କର)

ଶରଣକୁଳ ନିକଟ କଟରାଝରୀରେ ଚାଲିଥିବା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ଅବଧି ସରିବାର ୬ମାସ ବିତି ଥିଲେ ମଧ୍ୟ କାମ ଅଧାପନ୍ତରିଆ ହୋଇ ପଡି ରହିଛି।

ଅଭିଯୋଗ ଅନୁଯାୟୀ, ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଖୋଲାଯିବା କାର୍ଯ୍ୟ ଚାଲିଛି। ସାଧାରଣ ରୋଗୀ ଏଠାକୁ ଜ୍ୱର, ଥଣ୍ଡା, କାଶ ଓ ଉଚ୍ଚ ରକ୍ତଚାପ ହେଲେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବଦଳରେ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରକୁ ଯାଇ ଚିକିତ୍ସିତ ହୋଇପାରିବେ। କିନ୍ତୁ ସେହି ଆଶା ଏବେ ମଉଳିବାକୁ ଯାଉଛି। ଏନ୍‌ଏଚ୍‌ଆର୍‌ଏମ୍ ପକ୍ଷରୁ ୫୫ଲକ୍ଷ ଟଙ୍କା ବ୍ୟୟବରାଦ ହୋଇ କାମ ଆରମ୍ଭ ହୋଇଥିଲେ ମଧ୍ୟ ତାହା ଅଧାପନ୍ତରିଆ ହୋଇ ପଡିଛି। ଏପରିକି ଅବଧି ସରିବାର ୬ମାସ ବିତିଥିଲେ ମଧ୍ୟ କାମ ସରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। କାମ ସାରିବାକୁ ଏନ୍‌ଏଚ୍‌ଆର୍‌ଏମ୍ ବିଭାଗ ପକ୍ଷରୁ ଠିକାଦାରଙ୍କୁ ବାରମ୍ବାର ନୋଟିସ୍ କରାଯାଉଥିଲେ ମଧ୍ୟ ଠିକାଦାର କର୍ଣ୍ଣପାତ କରୁନଥିବା ବିଭାଗୀୟ ଯନ୍ତ୍ରୀ କହିଛନ୍ତି। ଏବେ ପ୍ରକଳ୍ପ କାମ ସରିନଥିବାରୁ ରୋଗୀ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର କେବେ ସୁବିଧା ପାଇବେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାରେ ଏନ୍‌ଏଚ୍‌ଆର୍‌ଏମ୍ ଯନ୍ତ୍ରୀ ବିଶ୍ୱ କଲ୍ୟାଣ ବେହେରା ଆମେ ଠିକାଦାରଙ୍କୁ ନୋଟିସ କରିବା ପରେ ସେ କାମ ଆରମ୍ଭ କରିଛନ୍ତି ବୋଲି ଖବର ଅଛି, ଆଜି କାମ ଦେଖିବାକୁ ଯିବେ କହିଥିବା ପ୍ରକାଶ କରିଛନ୍ତି।



ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦାଦୁଲ



@ ଅବିନାଶ



@ ମନୋରଞ୍ଜନ



@ ସୁରେନ୍ଦ୍ର



@ ପୂଜା



@ ସୁବାସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭବିଷ୍ୟତ ଗଢ଼ିବାରେ ଛାତ୍ରୀଛାତ୍ର ନିଜକୁ ବ୍ୟସ୍ତ ରଖନ୍ତୁ

## ଗଣଶିକ୍ଷା ମନ୍ତ୍ରୀ, ଏମ୍‌ପିଙ୍କ ଦ୍ୱାରା କଲେଜ ଗ୍ରନ୍ଥାଗାର ଉଦ୍‌ଘାଟିତ

ନୂଆଗାଁ,୧୧।୧୦(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଗ୍ରନ୍ଥାଗାର ଶନିବାର ଉଦ୍‌ଘାଟିତ ହୋଇଯାଇଛି ।

ଛାତ୍ରୀଛାତ୍ରଙ୍କ ପଢ଼ାର ସୁବିଧା ପାଇଁ କଲେଜ ପରିସରରେ ଗ୍ରନ୍ଥାଗାର ପ୍ରତିଷ୍ଠା କରାଯାଇଛି। ଗ୍ରନ୍ଥାଗାରର ନିର୍ମାଣ କାର୍ଯ୍ୟ ଦୀର୍ଘ ଦିନ ହେଲା ଶେଷ ହୋଇଥିଲେ ମଧ୍ୟ ଉଦ୍‌ଘାଟନ ହୋଇ ନ ଥିବାରୁ ତାହା ଛାତ୍ରୀଛାତ୍ରଙ୍କ କାମରେ ଆସୁ ନ ଥିଲା। ତେଣୁ ଉକ୍ତ ଗ୍ରନ୍ଥାଗାରକୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ଉଦ୍‌ଘାଟନ କରିଛନ୍ତି। ମନ୍ତ୍ରୀ ଓ ଏମ୍‌ପିଙ୍କୁ ଦଳୀୟକର୍ମୀ ଓ ଅଞ୍ଚଳବାସୀ ନୂଆଗାଁ ଡାକବଙ୍ଗଳାଠାରୁ ଶୋଭାଯାତ୍ରାରେ ଆଣି କଲେଜ ନିକଟରେ ପହଞ୍ଚାଇ ଥିଲେ। କଲେଜ ଗେଟ୍ ନିକଟରୁ ଅତିଥିମାନଙ୍କୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ସାହୁ ସ୍ୱାଗତକରି ଛାତ୍ରୀଛାତ୍ରଙ୍କ ଗହଣରେ ପାଛୋଟି ନେଇଥିଲେ। ଏହାପରେ ଗ୍ରନ୍ଥାଗାର ଉଦ୍‌ଘାଟନ କରାଯାଇଥିଲା। ଗ୍ରନ୍ଥାଗାର ବୁଲି ଦେଖିବା ସମୟରେ ଏହା କେବଳ ଗ୍ରନ୍ଥାଗାର ନୁହେଁ, ଏହା ହେଉଛି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢିବାର ଏକ ମନ୍ଦିର ବୋଲି ମତ ଦେଇଥିଲେ। ଏହି ଅବସରରେ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗଣ ଶିକ୍ଷାମନ୍ତ୍ରୀ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କନ୍ଧମାଳ ଏମ୍‌ପି ପାଣିଗ୍ରାହୀ ମୁଖ୍ୟବକ୍ତା ଏବଂ ନୟାଗଡ ଜିଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ବିଡିଓ ଅମୃତ କୁମାର ରାଉଳ, ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଶିକ୍ଷାନୁଷ୍ଠାନକୁ ମନ୍ଦିର ସହ ତୁଳନା କରିବା ଓ ତାର ସୁରକ୍ଷା ଏବଂ ପବିତ୍ରତା ରକ୍ଷା କରିବା ଆମ ସମସ୍ତଙ୍କର ଦାୟିତ୍ୱ। ଏହି ଶିକ୍ଷାନୁଷ୍ଠାନ ଭଳି ମନ୍ଦିରରେ ଛାତ୍ରୀଛାତ୍ରମାନେ ସେମାନଙ୍କ ଭବିଷ୍ୟତ ଗଢିବାରେ ନିଜକୁ ବ୍ୟସ୍ତ ରଖନ୍ତୁ ବୋଲି ମୁଖ୍ୟ ଅତିଥି କହିଥିଲେ। ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତବର୍ଷ ପ୍ରଥମ କରି ବିଜ୍ଞାନ ବିଭାଗ ଖୋଲିଛି। ତେଣୁ ବିଜ୍ଞାନ ବିଭାଗ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକମାନଙ୍କୁ ଅତିଥିମାନେ ସ୍ୱାଗତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସତ୍ୟ ସ୍ୱାଗତ ସାହୁ ପରିଚାଳନା କରିଥିବା ବେଳେ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ କର୍ମଚାରୀ ସହଯୋଗ କରିଥିଲେ ।

ସୂଚନାଯୋଗ୍ୟ, ଉକ୍ତ ଗ୍ରନ୍ଥାଗାର ଉଦ୍‌ଘାଟନ କରିବା ପାଇଁ ସରକାରୀ ଭାବେ ନିଷ୍ପତ୍ତି ହେବା ପରେ ନିମନ୍ତ୍ରଣ ପତ୍ର ବଣ୍ଟାଯାଇଥିଲା। ଏଥିରେ ଦଶପଲ୍ଲା ବିଧାୟକ ରମେଶ ବେହେରାଙ୍କ ନାମ ନ ଥିଲା । ଏହା ଜାଣି ବିଧାୟକ ବେହେରା ଉଦ୍‌ଘାଟନର ଦିନକ ପୂର୍ବରୁ ଅର୍ଥାତ୍ ଶୁକ୍ରବାର ତରବରିଆ ଭାବେ ନିଜ ସମର୍ଥକଙ୍କୁ ଧରି କଲେଜ ଅଧ୍ୟକ୍ଷଙ୍କୁ ସୂଚନା ନ ଦେଇ ଫଳକ ଲଗାଇ ଆଗୁଆ ଗ୍ରନ୍ଥାଗାରକୁ ଉଦ୍‌ଘାଟନ କରିଥିଲେ।



ଗ୍ରନ୍ଥାଗାର ଉଦ୍‌ଘାଟନୀ ଅବସରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ ଜଣଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ...

ଡାକ୍ତରୀ ଶିକ୍ଷା ଅନୁଷ୍ଠାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି କରିଛନ୍ତି। ଏହି ଘଟଣା ୨୦୨୪ ଅଗଷ୍ଟ ୯ରେ କୋଲକାତାସ୍ଥିତ ଆର୍‌.ଜି. କଲେଜ ମେଡିକାଲ କଲେଜରେ ଜଣେ ପୋଷ୍ଟଗ୍ରାଜୁଏଟ୍ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାର ସ୍ମୃତିକୁ ଉଜ୍ଜୀବିତ କରିଛି। ଆର୍‌.ଜି. କର ଘଟଣା ପରେ ଦେଶବ୍ୟାପୀ ଆନ୍ଦୋଳନ ମୁଣ୍ଡ ଟେକିବା ସହ କ୍ୟାମ୍ପସ୍ ସୁରକ୍ଷାରେ ସଂସ୍କାର ପାଇଁ ଦାବି ଉଠିଥିଲା। କିନ୍ତୁ ଏହାର ୧୪ ମାସ ପରେ ପୁନର୍ବାର ରାଜ୍ୟର ଏକ ଘରୋଇ ମେଡିକାଲ କଲେଜରେ ଜଣେ ଛାତ୍ରୀ ବଳାତ୍କାରର ଶିକାର ହେବା ମମତା ବାନାର୍ଜୀ ସରକାରଙ୍କ ଅପାରଗତାକୁ ପଦାରେ ପକାଇଥିବା ବିରୋଧୀ ଭାଜପା ସମାଲୋଚନା କରିଛି। ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର Xରେ କହିଛନ୍ତି, ପଶ୍ଚିମବଙ୍ଗ ବଳାତ୍କାରୀ ଓ ଅପରାଧୀଙ୍କ ପାଇଁ ଚରାଭୂଇଁ ପାଲଟିଯାଇଛି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସରକାର ଅମଳରେ ରାଜ୍ୟରେ ମହିଳାମାନେ ଆଦୌ ସୁରକ୍ଷିତ ନୁହନ୍ତି। ସେହିପରି ଭାଜପା ଆଇଟି ସେଲ୍ ମୁଖ୍ୟ ଅମିତ୍ ମାଲବ୍ୟ ମଧ୍ୟ ମମତା ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ କ୍ୟାମ୍ପସ୍‌ରେ ଛାତ୍ରୀଛାତ୍ର ମମତା ସରକାର ବିରୋଧରେ ସ୍ଲୋଗାନ ଦେଉଥିବାବେଳର ଫଟୋ ଶେୟାର କରିଛନ୍ତି। ଅନ୍ୟପକ୍ଷେ ଏହି ପ୍ରସଙ୍ଗକୁ ନେଇ ରାଜନୀତି ନ କରିବାକୁ ବିରୋଧୀ ଦଳଗୁଡ଼ିକୁ ଟିଏମ୍‌ସି ପରାମର୍ଶ ଦେଇଛି।

ସେପଟେ ପୀଡ଼ିତାଙ୍କ ବାପା ଏକ ବିସ୍ଫୋରକ ବୟାନ ଦେଇଛନ୍ତି। ସ୍ଥାନୀୟ ପୋଲିସ ସେମାନଙ୍କୁ ସହଯୋଗ କରୁନାହିଁ। ଘଟଣାରୁ ଧ୍ୟାନ ହଟାଇବାକୁ ଉଦ୍ୟମ ହେଉଛି। ଏପରି କି ତାଙ୍କ ଜୀବନ ପ୍ରତି ବିପଦ ଥିବା ମଧ୍ୟ ସେ ଅଭିଯୋଗ ଆଣିଛନ୍ତି। ଓଡ଼ିଶା ହୋଇଥିଲେ ଦୋଷୀଙ୍କ ବିରୋଧୀରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିଆଯାଇଥାନ୍ତା ବୋଲି ପୀଡ଼ିତାଙ୍କ ବାପା କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଅତ୍ୟନ୍ତ ନିନ୍ଦନୀୟ ଓ ପୀଡ଼ାଦାୟକ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ Xରେ ଏକ ପୋଷ୍ଟକରି କହିଛନ୍ତି, ଏହି ଖବର ଶୁଣି ସେ ଗଭୀର ମର୍ମାହତ। ଉକ୍ତ ସମ୍ବେଦନଶୀଳ ଘଟଣାରେ ଅଭିଯୁକ୍ତମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମମତାଙ୍କ ନିକଟରେ ଦୃଢ଼ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ମାଝୀ ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନାକରିବା ସହ ପଶ୍ଚିମବଙ୍ଗର ବରିଷ୍ଠ ଅଧିକାରୀମାନଙ୍କ ସଙ୍ଗେ ଯୋଗାଯୋଗକରି ଆବଶ୍ୟକ ପଦକ୍ଷେପ ନେବାକୁ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୀଡ଼ିତାଙ୍କ ପରିବାରବର୍ଗଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

### ବିବାଦରେ ଆଫଗାନ...

ନୁହେଁ ବୋଲି ଶନିବାର ବିରୋଧୀ ଦଳଗୁଡ଼ିକ କହିଛନ୍ତି। ଏଭଳି ଭେଦଭାବ ସତ୍ତ୍ୱେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚୁପ୍ ରହିବା ତାଙ୍କର ନାରୀ ଶକ୍ତି ସ୍ଲୋଗାନ୍‌ର ଫମ୍ପା ଆବାଜକୁ ପଦାରେ ପକାଇଥିବା ବିରୋଧୀ କହିଛନ୍ତି। ଏକ ସର୍ବସାଧାରଣ ଫୋରମ୍‌ରୁ ମହିଳା ଖବରଦାତାଙ୍କୁ ବାଦ୍‌ଦେବା ଘଟଣାରେ ପ୍ରଧାନମନ୍ତ୍ରୀଙ୍କର ଏହା ବିରୋଧରେ ଛିଡ଼ାହେବାକୁ ଦୁର୍ବଳ ବୋଲି ପ୍ରତ୍ୟେକ ଭାରତୀୟ ମହିଳାଙ୍କୁ ଜଣାଇଦେଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ସେହିପରି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏଥିପାଇଁ ପ୍ରଧାନମନ୍ତ୍ରୀ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଦାବି କରିଛନ୍ତି। ଏଭଳି ଘଟଣା ଦେଶର ଅଧିକାଂଶ ଦକ୍ଷ ମହିଳାଙ୍କ ପ୍ରତି ଅପମାନ ବୋଲି ସେ କହିଛନ୍ତି। ଭାରତରେ ମହିଳା ସାମ୍ବାଦିକଙ୍କୁ ନିଷେଧ କରିବା ଘଟଣାକୁ ଭାରତ ସରକାର କିପରି ଗ୍ରହଣ କଲେ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କର ଏଥିରେ କୌଣସି ଭୂମିକା ନ ଥିଲା ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆଫଗାନ ମନ୍ତ୍ରୀଙ୍କ ଗସ୍ତ ପାଇଁ ଦିଲ୍ଲୀରେ ଅବସ୍ଥାପିତ ମୁମ୍ବାଇର ଆଫଗାନ କନସୁଲ୍ ଜେନେରାଲ ନିର୍ଦ୍ଦିଷ୍ଟ ଖବରଦାତାମାନଙ୍କୁ ଆମନ୍ତ୍ରଣ କରିଥିଲେ। ଆଫଗାନ ଦୂତାବାସ ଭାରତ ସରକାରଙ୍କ କ୍ଷମତା ପରିସରରେ ଆସୁ ନ ଥିବା ମନ୍ତ୍ରଣାଳୟ ସଫେଇ ଦେଇଛି।

### ତାଲିବାନ୍‌ଙ୍କ ପାଇଁ...

ମାନଙ୍କର ବିବେକ ଥିଲେ, ସେମାନେ ସେଠାରୁ ଉଠି ଚାଲିଯାଇଥାନ୍ତେ କହି ତସ୍‌ଲିମା ସେମାନଙ୍କୁ ସମାଲୋଚନା କରିଛନ୍ତି। ଆଫଗାନ ବୈଦେଶିକ ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତାକିଙ୍କ ଖବରଦାତା ସମ୍ମିଳନୀରେ ମହିଳା ଖବରଦାତାଙ୍କୁ ଯୋଗଦେବା ଲାଗି ଅନୁମତି ମିଳି ନ ଥିଲା। ତାଲିବାନ୍ ଦ୍ୱାରା କାର୍ଯ୍ୟକାରୀ ଇସ୍‌ଲାମ ଅନୁଯାୟୀ, ମହିଳାମାନେ କେବଳ ଘରେ ରହି ପିଲାଙ୍କ ଯତ୍ନ ନେବା ସହ ସ୍ୱାମୀ ଓ ପିଲାମାନଙ୍କ ସେବା କରିବେ ବୋଲି ଆଶା କରାଯାଏ। ସେଠାର ସ୍ତ୍ରୀଦ୍ୱେଷୀ ପୁରୁଷମାନେ ମହିଳାଙ୍କୁ ଘର ବାହାରେ ଦେଖିବାକୁ ଚାହାନ୍ତି ନାହିଁ ବୋଲି ତସ୍‌ଲିମା କହିଛନ୍ତି।

### ମହାକାଶ ଯିବ...

ଟେକ୍ନୋଲୋଜି ମାଧ୍ୟମରେ ସୃଷ୍ଟି କରାଯାଇଥିବା ଏହି ମହିଳା ରୋବୋ ମହାକାଶରେ ତଥ୍ୟ ସଂଗ୍ରହ କରି ଇସ୍ରୋକୁ ପଠାଇବ। ମହାକାଶର ପରିବେଶ ମଣିଷଙ୍କ ଉପରେ କିଭଳି ପ୍ରଭାବ ପକାଇବ, ସେଠାରେ ମଣିଷ ଜୀବିତ ରହିପାରିବେ କି ନାହିଁ ସେ ସମ୍ପର୍କରେ ବ୍ୟୋମମିତ୍ର ମାଧ୍ୟମରେ ଅନୁଧ୍ୟାନ କରାଯିବ। ଏଥିସହ ସେଠାକାର ତାପମାତ୍ରା, ବାୟୁର ଚାପ, ଆର୍ଦ୍ରତା ସମ୍ବନ୍ଧୀୟ ତଥ୍ୟ ପୃଥିବୀ ପୃଷ୍ଠକୁ ପଠାଇବ ରୋବୋ। ସେହିପରି ଚନ୍ଦ୍ରୟାନ-୨ ପାଇଁ ମଧ୍ୟ ଆବଶ୍ୟକ ଯନ୍ତ୍ରାଂଶ ଏଠାରେ ତିଆରି କରାଯାଇଥିଲା ବୋଲି ସିଟିସି ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ସିଟିସି ପକ୍ଷରୁ ଏକ ଡକିଂ ଫାସିଲିଟି ମଧ୍ୟ ବିକଶିତ କରାଯାଉଛି, ଯାହାକୁ ଇସ୍ରୋ ମହାକାଶର କ୍ଲିନିଂ କାର୍ଯ୍ୟରେ ବ୍ୟବହାର କରିପାରିବ। ସିଟିସିର ଜେନେରାଲ ମ୍ୟାନେଜର ଏଲ୍. ରାଜଶେଖର କହିଛନ୍ତି, ସ୍ପେସ୍‌ରେ ଯେଉଁସବୁ ପୁରୁଣା ସାଟେଲାଇଟ ଘୂରିବୁଲୁଛି, ସେ ସବୁକୁ କ୍ଲିନ୍ କରିବା ପାଇଁ ଏହି ଡକିଙ୍ଗ ଫାସିଲିଟି ପ୍ରସ୍ତୁତ ହୋଇଛି। ଏହା ଚନ୍ଦ୍ରୟାନ ଲାଣ୍ଡିଂ କରିଥିବା ସ୍ଥାନ ଅନୁସାରେ ଏହାର ନାମ 'ଶିବଶକ୍ତି' ରହିଛି। ଏହି ଅତ୍ୟାଧୁନିକ ମେଶିନ ସ୍ପେସ୍ ଷ୍ଟେଶନରୁ ସମସ୍ତ ଅଦରକାରୀ ବା ପୁରୁଣା ସାଟେଲାଇଟ୍‌କୁ ସଂଗ୍ରହ କରିବ ବୋଲି ସେ କହିଛନ୍ତି। ସେହିପରି ସିଟିସିର ପ୍ରଡକ୍ସନ ମ୍ୟାନେଜର କେ. ବିଜୟ କୁମାର କହିଛନ୍ତି, ଇସ୍ରୋ ପାଇଁ ସିଟିସି ବହୁ ଦିନରୁ କାର୍ଯ୍ୟ କରୁଛି। ଏହି ଜିନିଷ ସବୁ ତିଆରି କରିବା ପାଇଁ ବହୁ କମ୍ପୋନେଟ୍‌ର ବ୍ୟବହାର କରାଯାଇଛି। ତେବେ ରୋବୋ 'ବ୍ୟୋମମିତ୍ର'ର ନିର୍ମାଣ କାର୍ଯ୍ୟ ଏକ ବର୍ଷ ହେବ ଆରମ୍ଭ କରାଯାଇଛି। ଏଥିରେ ୩ଡି ସହିତ ବହୁ ଆଧୁନିକ ଉପକରଣ ବ୍ୟବହାର କରାଯାଇଛି। ମହାକାଶରେ ରୋବୋ ସ୍କାନିଂ କରିବା ସହିତ ରାଡାରର ବ୍ୟବହାର କରିପାରିବ ବୋଲି ସେ କହିଛନ୍ତି।


**ODISHA MINING CORPORATION LIMITED**
OMC House, Bhubaneswar - 751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

**E-auction Notice (17.10.2025 - 195th & 196th E-auction)**
**IRON ORE CLO & FINES**

**No.CAD-1964** : The Odisha Mining Corporation Ltd. intends to sell various grades of Iron ore CLO & Fines produced at Daitari and Gandhamardan Regions (Block - A & B) and Guali, Jilling Langalota, Tiringpahar, Khandbandh, Banspani, Unchabali (Mahaparbat), Roida 'C' & Dubuna - Sakradihi Iron and Manganese Mines of Barbil Region in Keonjhar District and Khandadhar/ Kurmitar Mines under Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from **11.00 A.M. to 2.00 P.M. on 17.10.2025**. For details, please visit the website of MSTC i.e. www.mstcecommerce.com

**OIPR-30005/11/0279/2526** — **Chief General Manager (S&M)**



**ODISHA MODEL TRIBAL EDUCATION SOCIETY (OMTES)**
**ST & SC DEVELOPMENT, M & BCW DEPARTMENT,**
**GOVERNMENT OF ODISHA**
**ADDENDUM**

No.CAD-An addendum to the Request for Proposal (RFP) No.865 dated 26.09.2025 has been uploaded on the official websites of ST & SC Development Department and OMTES, regarding the conduct of the 4th National EMRS Sports Meet, 2025, scheduled to be held in Sundargarh District from 11th to 15th November 2025.
For details of the Addendum, please visit website- www.omtes.org and http://stsc.odisha.gov.in.

OIPR-26009/11/0012/2526 — **Sd./- Secretary, OMTES**



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୧୬୫ — **ବିଜ୍ଞାପନ** — ତା:୧୮।୯।୨୫

No. CAD-1983: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏମ୍.ଆଇ.ଜି.–୧–୬୩ (MIG-1-63), ସାମାଜିକ ଗୃହ ନିର୍ମାଣ ପ୍ରକଳ୍ପ, ଝାରସୁଗୁଡ଼ାରେ ଶ୍ରୀ ବିଭୂତି କୁମାର ତିୱାରୀ, ପିତା: ସୁଦିଶ ତିୱାରୀ, ଗ୍ରା: ଗୋଶାଳା ରୋଡ, ପୋ/ଥାନା/ଜିଲ୍ଲା: ଝାରସୁଗୁଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ବିଭୂତି କୁମାର ତିୱାରୀ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଦଲଜିତ କଉର, ପିତା: ଚରଣ ସିଂ, ଗ୍ରା: ହାଉସିଂ ବୋର୍ଡ କଲୋନୀ, ପୋ: ଏକତାଲୀ, ଥାନା/ଜିଲ୍ଲା: ଝାରସୁଗୁଡ଼ାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତେବେ ଏହି ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0884/2526



**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION NO.-II, KEONJHAR**
E-mail : eerw_kjr2@yahoo.com
**"e" Procurement Notice for Road Works**
No.O-959 — **Identification No. Online NCB - 08/2025-26**

1 Name of the work : Road Works
2 Total Number of Work : 24 Nos.
3 Estimated Cost : Rs.5.08 Lakhs to Rs.52.54 Lakhs
4 Class of Contractor : 'D', 'C' & 'B' Class
5 Period of Completion : As per annexure of e-Procurement Notice No.08/2025-26
6 Other Details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-II, Keonjhar |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Keonjhar | Road Online NCB No.08 | Dt.15.10.25 at 11.00 A.M. | Dt.30.10.25 up to 5.00 P.M. | Dt.29.10.25 up to 5.00 P.M. | Dt.31.10.2025 at 11.00 A.M. |

Further details can be seen from the Website www.tenderorissa.gov.in

Sd./- Executive Engineer
R.W.Divn. No.-II, Keonjhar
OIPR-25093/11/0022/2526



**GOVERNMENT OF ODISHA** — No.B-592
**OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR**
Mail ID : sepwdsbp@rediffmail.com
**e-Procurement**
**BID IDENTIFICATION NO. CCENC (R AND B) / 14 / 2025-26**
**No. 3703 Dtd. 06.10.2025**

1. The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system **in ONLINE MODE** for the construction of **Road Work and Bridge Work** as detailed in the DTCN from the eligible class of contractors.
2. No. of works : **(02 Nos) (Road Works)**
3. Tender Cost : **Rs. 10,000/-**
4. Class of contractor : **"A" Class and "Special" Class**
5. Date & Time of available in website & receipt of Bids from **14.10.2025** to **17.00 hours of 29.10.2025.**
6. Date of opening of Technical Bid **30.10.2025 at 11.00 hours.**
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum / Addendum will be displayed in the website www.tendersodisha.gov.in.

OIPR-34035/11/0047/2526 — Sd./- Chief Construction Engineer, Northern (R&B) Circle, Sambalpur



**GOVERNMENT OF ODISHA** — No.MM-227
**OFFICE OF THE DIVISIONAL FOREST OFFICER**
**SUNDARGARH FOREST DIVISION**
Phone No.-06622-272243, E-mail:dfo.sundargarh@odisha.gov.in
Tender Notice.FE&CC/DFO(T) SNG/No.07/2025-26
**Tender Notice Call for Construction of Civil Work**
Office Order No.212 — Dated 09.10.2025

| | | | |
|---|---|---|---|
| 1 | The Divisional Forest Officer, Sundargarh Forest Division on behalf of Governor of Odisha inviting percentage rate bid in double cover system on OFFLINE MODE. | | |
| 2 | Nature of Works | :- | Construction of Civil Work |
| 3 | Type of Works | :- | 1.Construction of Forest Guard Qtr. of Gaddwar Beat, Gopalpur Section, Gopalpur Range under Sundargarh Forest Division 2.Construction of Forest Guard Qtr. of Gambharidihi Beat, Ujalpur Section, Ujalpur Range under Sundargarh Forest Division. 3.Construction of Forester Qtr. at Gundiadihi in Lephripara Range under Sundargarh Forest Division |
| 4 | Tender Cost | :- | Rs.6000/- |
| 5 | Class of Contractor | :- | "D", "C" & Class Contractor |
| 6 | Availability of bid document in the Sundargarh portal i.e. **https://sundargarh.odisha.gov.in** | :- | From 10.00 AM of Dt.14.10.2025 to 5.00 P.M. of Dt.24.10.2025. |
| 7 | Date of Opening of Bid | :- | At 11.00 A.M. of Dt.27.10.2025 |
| 8 | The Bidders have to participate in OFFLINE bidding only. | | |

Sd./- Divisional Forest Officer
Sundargarh Forest Division
OIPR-08034/11/0024/2526



**Government of Odisha** — No.O-967
**"e" Procurement Notice**
**Letter No.3933, Dated 09.10.2025**
**Bid Identification No.TENDER ONLINE SNPR-03 OF 2025-26**

1. Name of the work: Building Works as per DTCN available in the website www.tendersodisha.gov.in
2. Total No. of Work: 02 (Two) Nos.
3. Approximate Estimated Cost : Vary from Rs.23.57 lakh to Rs.47.70 Lakh
4. Period of Completion: 06 (Six Calendar Months) to 9 (Nine Calendar Months)
5. Period and time of availability of bid document in the portal for bidding : 13.10.2025 at 11.00 AM to 24.10.2025 upto 5.00 PM.
6. Date and Time of Opening of Tender: 27.10.2025 at 11.00 AM (Technical Bid) & (Financial Bid will be intimated later on)
7. Name and address of the Officer inviting Bid : S.E.R.W. Division., Sonepur.

(1) Other details can be seen from detailed notice, (2) Inviting tenders,available in website www.tendersodishagov.in, (3) Corrigendum if any shall only be published in the website: www.tenderodisha.gov.in.

Sd./- Executive Engineer
Rural Works Division, Sonepur
OIPR-25054/11/0037/2526



**OFFICE OF THE**
**SORO MUNICIPALITY, SORO, BALASORE**
No. 4471 — Date: 10.10.2025
**"e" Procurement Notice**
**BID Identification No. SOROM_03_2025-26**

No. C-1257: Bid documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. **www.tendersodisha.gov.in**.

1. Name of the Work : Construction of Civil work as mentioned in DTCN
2. No. of Works : 02 Nos.
3. Estimated Cost : As per Work List
4. Period of Completion : 180 days
5. Date & time of availability of Bid documents in the portal : 13.10.25 at 10.00 A.M. to 22.10.25 upto 5.00 P.M.
6. Last date & time for receipt of bids in the portal : 22.10.2025 upto 05.00 P.M.
7. Technical Bid received online shall be opened on : 23.10.2025 at 10.00 A.M.
8. Financial Bid received online shall be opened on : 24.10.2025 at 10.00 A.M.
9. Name and address of the Officer Inviting Bid : Executive Officer, Soro Municipality

Further details can be seen from the procurement portal i.e. **www.tendersodisha.gov.in**.

Sd./- Executive Officer, Soro Municipality
OIPR-13166/11/0019/2526



**"e" PROCUREMENT NOTICE REFERENCE NO-E.E.(A), MAYURBHANJ DIVISION, BARIPADA-03/25-26**
No.1792 — Date : 08.10.2025

**No.L-78** : Bid documents consisting of work, estimate cost, cost of Tender Papers, EMD/BID Security Declaration, Time of Completion, Class of Contractors and the set of term and conditions of contract and other necessary documents can be seen/downloaded from Govt. website i.e. https://tenderodisha.gov.in.

1. No. of work : 18
2. Estimate cost : Rs.2,25,764.00 To Rs.39,52,939.00
3. Period of completion : 60 days to 150 days
4. Date & time of availability of the Bid documents in the portal : Dt.13.10.2025 at 10.30 A.M. to Dt.24.10.2025 at 5.30 P.M.
5. Online Submission Last date in portal : Dt.24.10.2025 at 5.30 P.M.
6. Last date & time receipt of bids in offline drop : Dt.14.10.2025 at 10.30 A.M. to Dt.27.10.2025 at 5.30 P.M.
7. Bids received online shall be opened on : Dt.28.10.2025 at 11.00 A.M.
8. Name and address of the officer inviting Bids : Executive Engineer (Agril.) Mayurbhanj Division, Baripada

Further details can be seen/downloaded from the procurement portal i.e. https://tenderodisha.gov.in.

Sd./- Executive Engineer (Agril.)
Mayurbhanj Division, Baripada
OIPR-01474/11/0013/2526



**GOVERNMENT OF ODISHA** — No.MM-225
**OFFICE OF THE DIVISIONAL FOREST OFFICER**
**SUNDARGARH FOREST DIVISION**
Phone No.-06622-272243, E-mail:dfo.sundargarh@odisha.gov.in
Tender Notice.FE&CC/DFO(T) SNG/No.08/2025-26
**Tender Notice Call for Construction of Civil Work**
Office Order No.214 — Dated 09.10.2025

| | | | |
|---|---|---|---|
| 1 | The Divisional Forest Officer, Sundargarh Forest Division on behalf of Governor of Odisha inviting percentage rate bid in double cover system on OFFLINE MODE. | | |
| 2 | Nature of Works | :- | Construction of Civil Work |
| 3 | Type of Works | :- | 1.Excavation of Large Water Body (50x40x3 mtr) at Garjanpahad RF near Khutipani village of Kodbahal Section in Hemgir Range under Sundargarh Forest Division. 2.Excavation of Large Water Body (50x40x3 mtr) at Garjanpahad RF near Ostali village of Hemgir Section in Hemgir Range under Sundargarh Forest Division. 3.Excavation of Large Water Body (50x40x3 mtr) at Pankipahad RF near Pithampur village of Topria Section in Gopalpur Range under Sundargarh Forest Division |
| 4 | Tender Cost | :- | Rs.6000/- |
| 5 | Class of Contractor | :- | "D" & "C" Class Contractor |
| 6 | Availability of bid document in the Sundargarh portal i.e. **https://sundargarh.odisha.gov.in** | :- | From 10.00 AM of Dt.17.10.2025 to 5.00 P.M. of Dt.27.10.2025. |
| 7 | Date of Opening of Bid | :- | At 11.00 A.M. of Dt.30.10.2025 |
| 8 | The Bidders have to participate in OFFLINE bidding only. | | |

Sd./- Divisional Forest Officer
Sundargarh Forest Division
OIPR-08034/11/0022/2526



**ODISHA LIFT IRRIGATION CORPORATION LTD.**
(A GOVERNMENT OF ODISHA UNDERTAKING)
PLOT NO. 17/2, NAYAPALLI, BHUBANESWAR- 12
Phone No. : (0674) 2390195 (Off), Fax No. : (0674) 2395844,
E-mail ID : olicltd123@bsnl.in, olicltd@ymail.com
**REQUEST FOR PROPOSAL (e-Tender)**
**RFP Advt. No. IT-25/2025/8359/OLIC, Dated : 09.10.2025**

**No.CAD-1986** : Request for Proposals are Invited from Eligible Bidders for "Selection of Recruitment Agency to conduct Computer Based Test (CBT) for Recruitment of different Posts for and on behalf of 'Odisha Lift Irrigation Corporation Limited' .The tender document with all information relating to the tender process, including tender document cost, EMD, eligibility criteria, scope of work, terms & conditions, evaluation criteria and formats of submission of tender may be downloaded from the website http//:odishalift.com and www.tendersodisha.gov.in

| | | |
|---|---|---|
| 1 | Availability of RFP document | From Date 10.10.2025 at 11.00 AM Downloadable from website: http//:odishalift.com and www.tendersodisha.gov.in |
| 2 | Pre-Bid Meeting | On Date 18.10.2025 at 16:00 Hours at OLIC Conference Hall. |
| 3 | Last date and time for online Submission of completed proposal. | Through e-Procurement Portal: <www.tendersodisha.gov.in> Dt. 01.11.2025 up-to 17:00 Hours. |
| 4 | Date, time and venue for opening of Technical Proposal & Pre-qualification Evaluation | On dt. 03.11.2025 at 11:30 Hours at OLIC Head Office |
| 5 | Technical Presentation by the prequalified Bidders only | Shall be communicated to such bidders only via e-mail. |
| 6 | Date & time of Financial Bid opening (Only of Technically Qualified Bidders) | To be announced after technical bid evaluation. |
| 7 | Place of opening of Technical & Financial Bids | Odisha Lift Irrigation Corporation Ltd., Plot No. N-17/2, Nayapalli, Bhubaneswar 751012 |

Any amendment in the tender document due to decision in pre-bid meeting/extension of bid if any shall only be notified in the websites mentioned above. The authority reserves the right to cancel any or the entire selection process, may increase or decrease the quantity without assigning any reason thereof.

Sd./- Managing Director
OLIC Ltd, Bhubaneswar
OIPR-32135/11/0064/2526



**ଓଡ଼ିଶା ସରକାର**
**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା**
**ଘୋଷଣା**

**File No.PT1-COLKHD-LA-MISC-0076-2023**
**Declaration No-1408/LA/KHD/25, Dated 16.08.2025**

**No.XXXIII-21**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ଭୁବନେଶ୍ୱର ସହର**, ୟୁନିଟ-୩୯, ଗାଡକଣ, ଥାନା-ନିଉ କ୍ୟାପିଟାଲ, ତହସିଲ-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଗୁରୁ କେଳୁଚରଣ ପାର୍କଠାରୁ ପଟିଆ ରେଳ ଷ୍ଟେସନ୍ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ଏ ୦.୧୩୫ ଡିସିମିଲି ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୦୫୩, ତା.୦୨.୦୯.୨୦୨୪ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଭୁବନେଶ୍ୱର ସହର** ୟୁନିଟ-୩୯ ଗାଡକଣ, ଥାନା-ନିଉ କ୍ୟାପିଟାଲ, ତହସିଲ-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାରେ ବିସ୍ଥାପିତ ପରିବାର ଥିବାରୁ ଅନୁମୋଦିତ ପୁନର୍ବାସ ଓ ଥଇଥାନ ସାରମର୍ମ ଏଥିସହ ସଂଲଗ୍ନ କରାଯାଇଅଛି । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ http://www.khordha.nic.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ଖୋର୍ଦ୍ଧା — ତହସିଲ-ଭୁବନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମୌଜା-ଭୁବନେଶ୍ୱର ସହର ୟୁନିଟ-୩୯, ଗାଡକଣ | ସହରାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ ୦.୩୩୦ ଡିସିମିଲ | ଏ ୦.୧୩୫ ଡିସିମିଲ | ଏଥି ସହିତ ସଂଲଗ୍ନ |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ଖୋର୍ଦ୍ଧା — ତହସିଲ-ଭୁବନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୦୧.୦୯.୨୦୨୫ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./–
ଜିଲ୍ଲାପାଳ, ଖୋର୍ଦ୍ଧା

**ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ**
(ଗୁରୁ କେଳୁଚରଣ ପାର୍କଠାରୁ ପଟିଆ ରେଲୱେ ଷ୍ଟେସନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମନ୍ତେ)
ଜିଲ୍ଲା-ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର,
ମୌଜା-ଭୁବନେଶ୍ୱର ସହର ୟୁନିଟ ୩୯ ଗାଡକରଣ

| ଗ୍ରାମର ନାମ | ତହସିଲ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଗାଡକଣ | ଭୁବନେଶ୍ୱର | ସହରାଞ୍ଚଳ | ୨୯୧୦ | ୪୧ | ଶାରଦ ଅଣ ଜଳ ସେଚିତ-୨ | ଏ. ୦.୨୦୦ ଡି. | ଏ ୦.୦୦୫ ଡି | ସୁନାକର ସାହୁ, ପି:ଡମେଇ ସାହୁ, ଜା: ତେଲି, ବା: ନିଜଗାଁ |
| | | | ୩୬୧୭ | ୪୨/ ୧୦୯୩୨ | ଘରବାରି | ଏ ୦.୦୬୦ ଡି | ଏ ୦.୦୬୦ ଡି | ରୋହିତାଶ୍ୱ ନାୟକ, ପି: ବିଶ୍ୱନାଥ ନାୟକ, ଜା:ଭୂୟାଁ, ବା:ନିଜଗାଁ |
| | | | ୨୯୧୦ | ୪୨/ ୧୧୧୨୩ | ଶାରଦ ଅଣ ଜଳ ସେଚିତ-୨ | ଏ ୦.୦୦୦୭ ଡି. | ଏ ୦.୦୦୦୭ ଡି. | ସୁନାକର ସାହୁ, ପି: ଡମେଇ ସାହୁ, ଜା: ତେଲି, ବା:ନିଜଗାଁ |
| | | | ୪୭୧୧ / ୩୦୨୪ | ୪୨/ ୧୧୧୨୩ /୧୪୩୯୦ | ଶାରଦ ଅଣ ଜଳ ସେଚିତ-୨ | ଏ ୦.୦୦୯୩ ଡି. | ଏ ୦.୦୦୯୩ ଡି. | ପ୍ରଫୁଲ୍ଲ କୁମାର ମଲ୍ଲିକ, ପି:ଧନେଶ୍ୱର ମଲ୍ଲିକ, ଜା:କଣ୍ଡରା, ବା: ପ୍ଲଟ ନଂ.ଏମଆଇଜି-୧ ୫୭/୨, ହାଉସିଂ ବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ପୋଷ୍ଟ/ଥାନା- ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା |
| | | | ୨୮୯୦ | ୪୨/ ୧୧୩୨୭ | ଶାରଦ ଅଣ ଜଳ ସେଚିତ-୨ | ଏ.୦.୦୬୦ ଡି. | ଏ ୦.୦୬୦ ଡି | ଜୟମାଳା ନାୟକ, ସ୍ୱା: ଭାବ ଭଞ୍ଜନ ନାୟକ, ହେମ ଗୌର ଚିନ୍ମୟ କୁମାର ନାୟକ, ଟୋମାସ ନାୟକ, ପି: ଭାବ ଭଞ୍ଜନ ନାୟକ, ଜା:ଗଣ୍ଡ, ବା: ସୁନାମୁହିଁ, ଥାନା-ଯଶିପୁର, ଜିଲ୍ଲା-ମୟୂରଭଞ୍ଜ ହା ବା:ନିଜଗାଁ |

ମୋଟ ଅଧିଗ୍ରହଣ ରକବା ଏ ୦.୧୩୫ ଡିସିମିଲ

OIPR-24381/14/0009/2526 — ସ୍ୱା./– ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଏମ ବିର୍ଲା ହାର୍ଟ ହସ୍ପିଟାଲର ସଫଳତା




**ଭୁବନେଶ୍ୱର,୧୧।୧୦**

ବିଏମ ବିର୍ଲା ହାର୍ଟ ହସ୍ପିଟାଲ ପୂର୍ବ ଭାରତରେ ପ୍ରଥମ କେନ୍ଦ୍ର ଭାବେ ଡୁଆଲ-ଚାମ୍ବର୍ ଲିଡ୍‌ଲେସ୍ ସଫଳତାର ସହ ପ୍ରତ୍ୟାରୋପଣ କରିଛି। ଡାକ୍ତର ଅନିଲ ମିଶ୍ରଙ୍କ ନେତୃତ୍ୱରେ ଏହି ଅଭିନବ ଏଭେଇର୍ ଟେକ୍ନୋଲୋଜି ବ୍ୟବହାର କରାଯାଇଛି। ଭିଟାମିନ କ୍ୟାପସୁଲ୍ ଆକାରର ଏହି ବେତାର ପେସମେକର୍ ଅପେକ୍ଷାକୃତ କମ୍ ବିପଦପୂର୍ଣ୍ଣ, ୧୮-୨୦ ବର୍ଷ ଆୟୁଷ ଓ ରୋଗୀଙ୍କୁ ଶୀଘ୍ର ଆରୋଗ୍ୟ ପ୍ରଦାନ କରିବ। ଏହା ହୃଦରୋ ଚିକିତ୍ସାରେ ଏକ ବିପ୍ଳବ ବୋଲି ହସପିଟାଲ ପକ୍ଷରୁ କୁହାଯାଇଛି।

## ମନେ ପଡ଼ନ୍ତି


### ଷଷ୍ଠ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଜଚିନ୍ଦ୍ର କୁମାର ରାୟ**
ଜିତିକାରମ୍ପାଁଲୋ, ଭିଙ୍ଗାରପୁର, ଖୋର୍ଦ୍ଧା
ଆବିର୍ଭାବ - ୨୭/୦୭/୧୯୬୮ ● ତିରୋଧାନ - ୧୯/୧୦/୨୦୧୯

ଆଜିର ଏହି ପୁଣ୍ୟତିଥିରେ ଆମେ ସମସ୍ତେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ। ତୁମର ଅମର ଆତ୍ମାର ସଦ୍‌ଗତି ଲାଭ କରୁ, ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ଆମର ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ**
ବାପା, ବୋଉ, ସ୍ତ୍ରୀ-ରିତା, ପୁଅ, ଝିଅ, ଭାଇ, ଭାଉଜ ତଥା ବନ୍ଧୁ ଓ ପରିବାରବର୍ଗ

ଧ-୨୨୪୬

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ



**୰ବସନ୍ତ କୁମାର ଦାସ**
ବାରିପଦା, ମୟୂରଭଞ୍ଜ
ଆବିର୍ଭାବ: ୦୧।୦୨।୧୯୪୬
ତିରୋଧାନ: ୦୫।୧୧।୨୦୨୦

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ୍ଭମାନଙ୍କୁ ଅଭୁଲା ସ୍ମୃତି ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୨୨୪୭

### ବିଶେଷଜ୍ଞ
**ଅର୍ଶ ଭଗନ୍ଦର ମଳକଣ୍ଟକ**
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ

**PILES CLINIC**

ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
**10 A.M. TO 8 PM.**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ମାଲାବାରର ହୀରା ଅଳଙ୍କାର ପ୍ରଦର୍ଶନୀ




**ଭୁବନେଶ୍ୱର,୧୧।୧୦(ଅନୁରାଧା ମହାରଣା)**

ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଷ୍ଟୋରରେ ହୀରା ଅଳଙ୍କାର ପ୍ରଦର୍ଶନୀ ଶନିବାର ଆରମ୍ଭ ହୋଇଛି। ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀକୁ ଅଭିନେତ୍ରୀ ପ୍ରିୟଙ୍କା ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ମାଲାବାରର ସବ୍‌ବ୍ରାଣ୍ଡ 'ମାଇନ୍ ଡାଇମଣ୍ଡସ୍'ରୁ ଉତ୍କୃଷ୍ଟ ଡିଜାଇନ ଏଠାରେ ପ୍ରଦର୍ଶନ କରାଯାଇଛି। ହୀରା ହାର, ମୁଦି,କାନଫୁଲ, ନାକଫୁଲ, ବାଙ୍ଗେଲ ଆଦି ସ୍ୱତନ୍ତ୍ର ଡିଜାଇନ ସହ ଏଠାରେ ଉପଲବ୍ଧ ରହିଛି। ଧନ୍‌ତେରସ୍ ଏବଂ ଦୀପାବଳି ଅବସରରେ ମାଲାବାର ପକ୍ଷରୁ ଗ୍ରାହକମାନଙ୍କୁ ସୁନା, ମୂଲ୍ୟବାନ୍ ପଥର ଏବଂ ଅନ୍‌କଟ୍ ହୀରା ଅଳଙ୍କାରର ନିର୍ମାଣ ଚାର୍ଜ ଉପରେ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଏସ୍‌ବିଆଇ କ୍ରେଡିଟ୍ କାର୍ଡଧାରୀଙ୍କୁ ୨୫୦୦ ଟଙ୍କା କ୍ୟାଶ୍ ବ୍ୟାକ୍ ପ୍ରଦାନ କରୁଛି। 'ମାଲାବାର'ର ଅଧ୍ୟକ୍ଷ ଏମ୍ ପି ଅହମ୍ମଦ କହିଛନ୍ତି, ଚନ୍ଦ୍ରଶେଖରପୁରରେ ହୀରା ଅଳଙ୍କାର ପ୍ରଦର୍ଶନୀ ଆରମ୍ଭକରି ଖୁବ୍ ଆନନ୍ଦିତ। ଗ୍ରାହକଙ୍କ ପାଇଁ ଏକ ଉତ୍କୃଷ୍ଟ ହୀରା କଲେକ୍ସନ ଉପଲବ୍ଧ କରାଇବା ସହ ଗ୍ରାହକଙ୍କୁ ଏକ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବା ଆମର ଲକ୍ଷ୍ୟ ରହିଛି। ଏହି ଅବସରରେ ଷ୍ଟୋର ଜିଏମ୍ ଗୌରୀ ଶଙ୍କର ଆଚାର୍ଯ୍ୟ କହିଛନ୍ତି, ମାଲାବାର ସର୍ବନିମ୍ନ ୧୫ ହଜାର ଟଙ୍କାରୁ ହୀରା ଅଳଙ୍କାର ପ୍ରଦର୍ଶନୀ ବିକ୍ରି ଆରମ୍ଭ କରିଛି। ଆଡଭାନ୍ସ ବୁକିଂକରି ଗ୍ରାହକ ଅଧିକ ଉପକୃତ ହୋଇପାରିବେ । ବୁକିଂ ତାରିଖ ଓ କ୍ରୟ ତାରିଖ ମଧ୍ୟରୁ ସୁନା ଦାମ କମ୍ ରହିଥିବା ଦିନର ଦାମରେ ଗ୍ରାହକ ବୁକ୍ କରିଥିବା ଅଳଙ୍କାର ନେଇପାରିବେ। ଏହି ଅଫର ସାରା ଓଡ଼ିଶାର ୮ଟି ଷ୍ଟୋରରେ ବୈଧ ରହିବ ବୋଲି ସେ କହିଛନ୍ତି।

# ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ଫେଷ୍ଟିଭ କଲେକ୍ସନ୍




**ଭୁବନେଶ୍ୱର,୧୧।୧୦(ଅନୁରାଧା ମହାରଣା)**

ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ (ସେନ୍‌କୋ) ଚଳିତ ପାର୍ବଣଋତୁରେ ଏହାର ଧନ୍‌ତେରସ୍ ସଗୁନ୍ କ୍ୟାମ୍ପେନର ଶୁଭାରମ୍ଭ କରିଛି। ଏହି ଜୁଏଲେରି ବ୍ରାଣ୍ଡ ପାର୍ବଣ ଋତୁର ଉତ୍ସାହକୁ ପାଳନକରିବା ପାଇଁ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ସଗୁନ୍ କଲେକ୍ସନ ଯଥା ୟେଲୋ ଗୋଲ୍ଡ ଡାଇମଣ୍ଡ, ଆଣ୍ଟିକ୍ ଓ ପୋଲ୍‌କିରେ ନିର୍ମିତ ଡିଜାଇନଗୁଡିକର ଏକ ଫେଷ୍ଟିଭ ରେଞ୍ଜ ଆଣିଛି। ଏହି ସିଗ୍ନେଚର କଲେକ୍ସନକୁ ପରିପୂର୍ଣ୍ଣ କରୁଛି ସ୍ୱତନ୍ତ୍ର ଭାବେ ନିର୍ମିତ ଫେଷ୍ଟିଭ ଅଫରିଙ୍ଗ। ଦ ଲୋଟସ୍ କଲେକ୍ସନ ବାଏ ଏଭରଲାଇଟ୍‌ରେ ୯ କ୍ୟାରେଟ୍ ଗୋଲ୍ଡ ଜୁଏଲେରିରେ ଟ୍ରେଣ୍ଡି ଓ ହାଲୁକା ଜୁଏଲେରି, ଦ ତତ୍ତ୍ୱ କଲେକ୍ସନ ବାଏ ଗସିପ୍ ଫ୍ୟାଶନ-ଫର୍‌ୱାର୍ଡ ସିଲ୍‌ଭର ଜୁଏଲେରି, ପୁରୁଷଙ୍କ ପାଇଁ ଅହମ କଲେକ୍ସନ ଜୁଏଲେରି ରହିଛି । ପର୍‌ଫେକ୍ଟ ଲଭ୍ ହାର୍ଟସ ଆଣ୍ଡ ଆରୋସ୍ କଟ୍ ଡାଇମଣ୍ଡ ଜୁଏଲେରି ରହିଛି। ମାର୍କେଟିଂ ଆଣ୍ଡ ଡିଜାଇନ ବିଭାଗର ମୁଖ୍ୟ ଓ ନିର୍ଦ୍ଦେଶକ ଜୋଇତା ସେନ୍ କହିଛନ୍ତି, ଧନତେରସ୍ ସଗୁନ୍ କ୍ୟାମ୍ପେନ ସୁନାର ପ୍ରତ୍ୟେକ ଝଲକ ପ୍ରେମର ଉଷ୍ମତାକୁ ପ୍ରତିଫଳନ କରୁଛି। ଏମ୍‌ଡି ଓ ସିଇଓ ଶୁଭଙ୍କର ସେନ୍ କହିଛନ୍ତି, ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ଅକ୍ଟୋବର ୭ରୁ ୨୦ ପର୍ଯ୍ୟନ୍ତ ସମସ୍ତ ଶୋ'ରୁମ୍‌ରେ ଉତ୍ସାହଜନକ ଡିଲ୍‌ର ଏକ ରେଞ୍ଜ ପ୍ରଦାନ କରୁଛି। ଗ୍ରାହକମାନେ ସୁନା ଅଳଙ୍କାର ଉପରେ ପ୍ରତି ଗ୍ରାମ ପିଛା ୭୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ୍ ଏବଂ ହୀରା ଅଳଙ୍କାର ଉପରେ ୧୫% ପର୍ଯ୍ୟନ୍ତ ରିହାତିର ଲାଭ ଉପଭୋଗ କରିପାରିବେ।

# ୨ୟ ଥର ପାଇଁ ଡିଅନ୍ ଗ୍ରୁପ୍‌କୁ ବିଜ୍‌ନେସ୍ ଓଡ଼ିଶା ଆୱାର୍ଡ




**ଭୁବନେଶ୍ୱର,୧୧।୧୦**

ଦ୍ୱିତୀୟ ଥର ପାଇଁ ରାଜ୍ୟର ପ୍ରତିଷ୍ଠିତ ରିୟଲ ଇଷ୍ଟେଟ୍ କମ୍ପାନୀ ଡିଅନ୍ ଗ୍ରୁପ୍‌କୁ ବିଜ୍‌ନେସ୍ ଓଡ଼ିଶା ଆୱାର୍ଡ ପୁରସ୍କାର ପ୍ରଦାନ କରାଯାଇଛି। ଡିଅନ୍ ଗ୍ରୁପ୍ ଗତ ୧ ଦଶନ୍ଧି ମଧ୍ୟରେ ଭୁବନେଶ୍ୱର ଏବଂ କଟକରେ ଏକାଧିକ ରିୟଲ ଇଷ୍ଟେଟ ପ୍ରୋଜେକ୍ଟ ସମ୍ପନ୍ନକରି ପ୍ରତିଷ୍ଠା ଲାଭ କରିଛି । ଏହି ଉପଲକ୍ଷେ ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଡିଅନ୍ ଗ୍ରୁପ୍‌ର ପ୍ରତିଷ୍ଠାତା ମନୋଜ କୁମାର ସାହୁଙ୍କୁ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସମ୍ବର୍ଦ୍ଧିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ। ସୂଚନାଥାଉକି, ଡିଅନ୍ ଗ୍ରୁପ୍ ପକ୍ଷରୁ କଟକ ତ୍ରିଶୂଳିଆଠାରେ ୯୦୦ ମେଗା ଫ୍ଲାଟ୍ ବିଶିଷ୍ଟ ପ୍ରୋଜେକ୍ଟର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି ।

# ସିଏମ୍‌ପିଡିଆଇ ପକ୍ଷରୁ ଖଣିଜ ସମ୍ଭାବନା ଉପରେ କର୍ମଶାଳା




**ଭୁବନେଶ୍ୱର,୧୧।୧୦**

ରାଞ୍ଚିସ୍ଥିତ ଏକ ହୋଟେଲରେ ସିଏମ୍‌ପିଡିଆଇ ପକ୍ଷରୁ 'ମିନରଲାଇଜ-୨୦୨୫: ଭାରତର ଗୁରୁତ୍ୱପୂର୍ଣ୍ଣ ଖଣିଜକୁ ଉନ୍ମୁକ୍ତ କରିବା: ଅନୁସନ୍ଧାନ ଓ ଲାଭକାରୀ ମାର୍ଗ' ବିଷୟରେ ଦିନିକିଆ ରାଷ୍ଟ୍ରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ଭାରତର ଆତ୍ମନିର୍ଭରତା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟରେ ସହାୟକ ହେବ। କୋଲ ଇଣ୍ଡିଆ ଅଧ୍ୟକ୍ଷ ପି.ଏମ. ପ୍ରସାଦ ଭର୍ଚୁଆଲ ମାଧ୍ୟମରେ କର୍ମଶାଳାର ଉଦ୍‌ଘାଟନ କରିଥିଲେ। କୋଲ ଇଣ୍ଡିଆର ନିର୍ଦ୍ଦେଶକ (ଟେକ୍ନିକାଲ) ଅଚ୍ୟୁତ ଘଟକ, ସିଏମ୍‌ପିଡିଆଇର ଅଧ୍ୟକ୍ଷ-ସହ-ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ସିଏମ୍‌ପିଡିଆଇର ମହାପ୍ରବନ୍ଧକ (ଅନୁସନ୍ଧାନ) ଆର୍.କେ. ସିଂହ ନେଇଥିଲେ। ପ୍ରସାଦ ରେୟାର୍ ଆର୍ଥ ଏଲିମେଣ୍ଟ ଉପରେ କର୍ମଶାଳା ଆୟୋଜନ ପାଇଁ ସିଏମ୍‌ପିଡିଆଇକୁ ପ୍ରଶଂସା କରି ଗୁରୁତ୍ୱପୂର୍ଣ୍ଣ ଖଣିଜ ଅନୁସନ୍ଧାନରେ ବିବିଧତାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ।


# Classified Everyday
**0674-2580101, 9692975378**



**MATRIMONIAL**

**BRIDE WANTED**

5'6" Brahmin BE Mechanical groom working as Deputy Manager in Reputed Automobile Company require professional, beautiful bride. Contact: 9437560347. D-2241

**GROOM WANTED**

ବୟସ 27, କୌଣସି ଚାକିରି କରୁ ନ ଥିବା ସୁନ୍ଦରୀ ସୁଶୀଳ ଘରୋଇ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-2244



**REAL ESTATE**
**SALE**

ଖୋର୍ଦ୍ଧା ମଳିପଡ଼ା NH ପାଖରେ Low cost ପ୍ଲଟ୍ ବିକ୍ରିହେବ। 9692213354. D-76496

Centrally located housing plot for sale at Medinipur near Bhawanipatna, Kalahandi. Contact-: 9437148590, 8658579717. D-2202

**3BHK Flats sale at Kalinganagar, Ghatikia, Bhubaneswar. Close to school, College and Hospital. Near to possession. For inquiry Call: 8260261992.** D-76860

Plot for sale near Railwaystation Bhawanipatna, Kalahandi, no broker. Contact:- 8658579717. D-2201

**Book 3/4BHK premium flat at Jharapada canal road & Pokhariput, near Government Hospital @ 6000/- sqft. Handover December 2026. Contact- 7978584549.** D-76863

**Duplex sale near Aiims Hospital, Patrapada, Bhubaneswar. Gated Society: 9777433701.** D-03

Gharabari bounded plot 10000sqft, and 2400sqft, for sale adjacent to Meera's Courtyard at Kurunti near Kuranga footballfield, 200 mtrs, from Niali-Nakhara SH, Cuttack Sadar. Contact: 7008815552. D-76862

**Gharabari residential Plot 2100sft (60x35) 7km from Phulnakhara, 12km from Bhubaneswar, middle of Cuttack & Bhubaneswar, no broker please cost 25lakhs including Registration charge, Compound wall. 7809525452.** D-76497



**CONSTRUCTION**

Construct your home with branded materials, all complete furnishing, price start 1350/- per sqft. 9827152441. D-76865




Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-2217

Newly open health benefits spa by expert therapists 9658088274. D-2234

**AFFIDAVIT**

I, Bibhuti Bhusan Mallick, S/o- Jogendra Mallick, At- Andarpur, P.O.- Kalyaninagar, P.S.- Madhupatna, Cuttack- 753013 declare by affidavit No.- 9998, dt 08.10.25 that henceforth I shall be known as Bibhuti Bhusan Mallick, S/o- Jogendra Mallick for all purposes. D-2239

I, Gautam Kumar Nayak, S/o. Late Basanta Kumar Nayak, permanent resident of At: Palia, 47(1), P.O.: Paliabindha, Bhadrak, PIN - 756167, Odisha and presently residing at: Plot No. 593/2098, Bharat Villa, Rudrapur, Naharakanta, Bhubaneswar, Odisha-752101 declare by this Affidavit No. 253, Dtd. 10.10.2025 that now onwards I shall be known as Goutam Kumar Nayak for all purposes. D-2226

By virtue of an affidavit sworn before the Executive Magistrate, Muniguda on dated 09.10.2025, (Sl No.- 1695/25) I, Yerukula Krishna Rao on behalf of my (minor) son Y. Akhil of Village/ P.O./P.S.- Muniguda, Dist.- Rayagada declare that I have changed my son's name from Y. Akhil to Yerukula Akhil. Henceforth, my son shall be known as Yerukula Akhil for all purpose. D-2236

By virtue of an affidavit sworn before the Executive Magistrate, Muniguda on dated 09.10.2025 (SL No.- 1694/25) I, Yerukula Lakshmi of Village/P.O./ P.S.- Muniguda, Dist.- Rayagada declare that I have changed my name from Y.Lakshmi to Yerukula Lakshmi. Henceforth, I myself shall be known as Yerukula Lakshmi for all purpose. D-2237

By virtue of affidavit sworn before Notary Public, Angul, dt 02.01.2025, I, Jitu Sahu, Address- Sanakerjanga, Golabandha Nisha, Angul, Odisha, India declare that I have changed my daughter's name from Ranee Sahu to Biswabijayani Sahu. Henceforth, she shall be known as Biswabijayani Sahu for all purposes. D-76498

By virtue of an affidavit sworn before the Notary Public, Cuttack on 23.07.2025, I, do hereby declare that I have changed my name & husband name from Bijay Pradarshanni Achary, W/o- Mrutyonjaya Acharya to Bijoya Priyadarshani Acharya, W/o- Mrutyunjay Acharya, Res.- Tarando, P.O.- Barua, Dist.- Kendrapara. Henceforth, I will be known as Bijoya Priyadarshani Acharya, W/o- Mrutyunjay Acharya for all purposes.
Sd./- BIJOYA PRIYADARSHANI ACHARYA D-2240

I, Natik Jain, S/o- Amit Kumar Jain, resident of Chauliaganj Main Road, Panna Villa, Nayabazar, Cuttack, Odisha 753004 declared by this affidavit No.- 77AA 229483, dtd. 08.10.2025 that now onwards I shall be known as Naitik Jain for all future purposes. D-2242

By virtue of an affidavit sworn before Notary Public, Bhubaneswar on dt. 04.10.2025, I, Jaya Narayan Akshil Nath, S/o- Late Krushna Chandra Nath, resident of Plot No.- 2072/2517, Gothapatana, Infront of Mantra Manor, P.O.- Malipada, Bhubaneswar, Dist.- Khurda-751029, Odisha declare that my actual and real name is Jaya Narayan Akshil Nath which reflect in my service record but in some documents my name was written as J. N. Akhil Nath and some other documents it is Jayanarayan Akhila Nath and other documents also written as J.N.A. Nath instead of my actual name i.e. JAYA NARAYAN AKSHIL NATH. That, Jaya Narayan Akshil Nath and J.N. Akhil Nath and Jayanarayan Akhila Nath and J.N.A. Nath is one and same person who is myself. Henceforth, I shall be known as JAYA NARAYAN AKSHIL NATH for all purposes. D-2233

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Manoranjan Sahu, S/o- Haripad Sahu, resident of Vill- Srikrushnapur, P.O.- Januganj, P.S.- Industrial, Dist.- Balasore, PIN- 756019, Odisha declare by this affidavit No.- 2454, Vol.- XX, dated 25.09.2025, that now onwards I shall be known as **MANORANJAN SAHOO** for all future purposes. D-2243

By virtue of an affidavit sworn before the Executive Magistrate, Vyasanagar, dated- 04.07.2025, I, Santosh Kumar Jena, Addres: At/P.O.- Manatira, P.S.- Jakhapura, Dist.- Jajpur declare that I have changed my name from Santosh Jena to Santosh Kumar Jena. Henceforth, I shall be known as Santosh Kumar Jena for all purposes.
Sd./- Santosh Kumar Jena D-2245


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# କ୍ୟାରିୟର ପାଇଁ ସ୍ପୋର୍ଟ୍ସ

**କ୍ରୀଡା! ଏହା ନା କେବଳ ମଣିଷକୁ ଶାରୀରିକ ଏବଂ ମାନସିକ ସ୍ତରରେ ଫିଟ୍ ରଖିବାରେ ସାହାଯ୍ୟ କରେ, ବରଂ ଏହା କେବେ ସମାଜରେ ଜଣଙ୍କୁ ନିଜର ପରିଚୟ ସୃଷ୍ଟି କରିବାରେ ସାହାଯ୍ୟ କରେ ତ ଆଉ ପୁଣି କେବେ କ୍ୟାରିୟର ଗଢ଼ିବା ଦିଗରେ ବି ହୋଇଥାଏ ସହାୟକ...**



କ୍ରୀଡ଼ା ମଣିଷକୁ ଶାରୀରିକ ଏବଂ ମାନସିକ ସ୍ତରରେ ସୁଦୃଢ଼ କରିବାରେ ସାହାଯ୍ୟ କରେ। ଯେଉଁଥିପାଇଁ ସ୍କୁଲ୍, କଲେଜସ୍ତରରେ ବି ଏହାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ତା'ଛଡ଼ା କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିବା ଲାଗି ଜିଲା, ରାଜ୍ୟ, ଜାତୀୟ ଏବଂ ବିଶ୍ୱସ୍ତରୀୟ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାମାନ ଆୟୋଜନ କରାଯାଉଛି। ଦକ୍ଷ କ୍ରୀଡ଼ାବିତ୍‌ମାନଙ୍କୁ ସରକାରୀ ସ୍ତରରେ ମଧ୍ୟ ବିଭିନ୍ନ ପ୍ରକାରର ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। କେବଳ ଏତିକି ନୁହେଁ, ବର୍ତ୍ତମାନ ଯୁବପିଢ଼ିଙ୍କ ପାଇଁ କ୍ରୀଡ଼ା କ୍ଷେତ୍ରରେ କ୍ୟାରିୟର ଗଢ଼ିବା ତଥା ଖେଳ କୋଟାରେ ଭଲ ଜବ୍ ପାଇବାର ଭରପୂର ସୁଯୋଗ ବି ରହିଛି।

**ସ୍କୁଲ୍ ସ୍ତରରୁ ପଡ଼େ ମୂଳଦୁଆ:** କ୍ରୀଡ଼ାର ଆରମ୍ଭ ସ୍କୁଲ୍‌ସ୍ତରରୁ ହିଁ ହୋଇଥାଏ। ସିବିଏସ୍‌ସି, ଆଇସିଏସ୍‌ଇ ସହ ଷ୍ଟେଟ୍ ବୋର୍ଡ ମାଧ୍ୟମରେ ଷଷ୍ଠ ଶ୍ରେଣୀରୁ ଖେଲୋ ଇଣ୍ଡିଆ ସ୍କୁଲ୍ ଗେମ୍ସ, ସ୍କୁଲ୍ ଗେମ୍ସ ଫେଡେରେଶନ୍ ଅଫ୍ ଇଣ୍ଡିଆ, ବିଭିନ୍ନ ଇଣ୍ଟର ସ୍କୁଲ୍ ଟୁର୍ନାମେଣ୍ଟ ସହିତ ବିଭିନ୍ନ ଜିଲା, ରାଜ୍ୟ ତଥା ଜାତୀୟ କ୍ରୀଡ଼ା ପ୍ରତିଯୋଗିତାମାନ ଆୟୋଜନ କରାଯାଉଛି। ଏଥିରେ ଭଲ ପ୍ରଦର୍ଶନ କରୁଥିବା ଏବଂ ଏ ଦିଗରେ କ୍ୟାରିୟର ଗଢ଼ିବାକୁ ଇଚ୍ଛୁକ ଛାତ୍ରୀଛାତ୍ରମାନଙ୍କୁ ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଏବଂ କ୍ରୀଡ଼ା ଏକାଡେମୀରେ ପ୍ରଶିକ୍ଷଣ ନେବା ଲାଗି ଭରପୂର ଅବସର ଯୋଗାଇ ଦିଆଯାଉଛି।

**କଲେଜରେ କ୍ରୀଡ଼ା ଏବଂ ସ୍କଲାରଶିପ୍:** କେତେକ କଲେଜରେ ପାଠ ପଢ଼ିବା ଲାଗି ଖେଳ କୋଟାରେ ଆଡ୍‌ମିଶନ୍ ବ୍ୟବସ୍ଥା ବି ରହିଛି। ଦିଲ୍ଲୀ ୟୁନିଭର୍ସିଟି, ପଞ୍ଜାବ ୟୁନିଭର୍ସିଟି, ବନାରସ୍ ୟୁନିଭର୍ସିଟି ସମେତ ବିଭିନ୍ନ ରାଜ୍ୟର ଅନେକ ୟୁନିଭର୍ସିଟିରେ ମଧ୍ୟ ରାଷ୍ଟ୍ରୀୟ ସ୍ତରରେ ପୁରସ୍କୃତ କ୍ରୀଡାବିତ୍‌ମାନଙ୍କୁ ମାଗଣା ଆଡ୍‌ମିଶନ୍ ସହ ସ୍କଲାରଶିପ୍ ମଧ୍ୟ ମିଳିଥାଏ।

**ଟ୍ୟାଲେଣ୍ଟ ହଣ୍ଟ ଦେଉଛି ସୁଯୋଗ:** କ୍ରୀଡ଼ା ମନ୍ତ୍ରଣାଳୟର ୨୦୨୩-୨୪ର ବାର୍ଷିକ ରିପୋର୍ଟ ମୁତାବକ ଖେଲୋ ଇଣ୍ଡିଆ ପ୍ରୋଗ୍ରାମ ଦ୍ୱାରା ଏହି ବର୍ଷ ମଧ୍ୟରେ ପ୍ରାୟ ୩ ହଜାର କ୍ରୀଡ଼ାବିତ୍‌ଙ୍କୁ ଟ୍ୟାଲେଣ୍ଟ ହଣ୍ଟ ଜରିଆରେ ସ୍କଲାରଶିପ୍ ଦିଆଯାଇଛି। ସେମାନଙ୍କ ମଧ୍ୟରେ ପ୍ରାୟ ୬୦% ଗ୍ରାମାଞ୍ଚଳରୁ ଆସିଛନ୍ତି। ଏହି ସ୍କଲାରଶିପ୍‌ରେ ଖେଳାଳିଙ୍କୁ ବାର୍ଷିକ ୬.୨୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ମିଳିଥାଏ ; ଯେଉଁଥିରେ ସେମାନଙ୍କୁ ସରକାରୀ ପ୍ରଶିକ୍ଷଣ କେନ୍ଦ୍ରରେ ମାଗଣା ରହିବା, ଖାଇବା ସହ କୋଚିଂ, ଟ୍ୟୁଶନ୍, ଉପକରଣ ସହ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣର ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି। ଓଡ଼ିଶା, କର୍ନାଟକ, ହରିୟାଣା, ମହାରାଷ୍ଟ୍ର ଭଳି ବିଭିନ୍ନ ରାଜ୍ୟରେ ମଧ୍ୟ ରାଜ୍ୟସ୍ତରୀୟ ସ୍ପୋର୍ଟ୍ସ ଏକାଡେମୀ ଦ୍ୱାରା ସ୍କଲାରଶିପ୍ ଏବଂ ପ୍ରଶିକ୍ଷଣ ଯୋଜନା କାର୍ଯ୍ୟକାରୀ କରାଯାଇଛି।

**ଖେଳ କୋଟାରେ ନିଯୁକ୍ତି:** ଏହି କୋଟାରେ ବର୍ତ୍ତମାନ ସରକାରୀ ସ୍ତରରେ ଭଲ ନିଯୁକ୍ତି ସୁଯୋଗ ମିଳିପାରୁଛି। ସ୍କୁଲ୍, କଲେଜ କିମ୍ବା ବିଭିନ୍ନ ସଂସ୍ଥାରେ ସ୍ପୋର୍ଟ୍ସ ଟିଚର, ଟ୍ରେନର୍, କୋଚ୍ ଭାବେ ନିଯୁକ୍ତି ପାଇପାରିବେ। ଏହା ବ୍ୟତୀତ ବିଶେଷକରି ରେଲ୍‌ୱେ, ସେନା ବିଭାଗ ଏବଂ ପୋଲିସ୍ ବିଭାଗ ପକ୍ଷରୁ ଏହି କୋଟାରେ ନିଯୁକ୍ତି ସୁଯୋଗ ରହିଛି। ରେଲ୍‌ୱେରେ କେତୋଟି ନିର୍ଦ୍ଦିଷ୍ଟ କ୍ରୀଡ଼ା ପାଇଁ ସିଧାସଳଖ ନିଯୁକ୍ତି ବ୍ୟବସ୍ଥା ଥିବା ବେଳେ କେତେକ ବିଭାଗରେ ରାଷ୍ଟ୍ରୀୟ ଏବଂ ଆନ୍ତଃରାଷ୍ଟ୍ରୀୟ କ୍ରୀଡ଼ାରେ ପ୍ରମାଣପତ୍ର ଓ ପଦକ ହାସଲ କରିଥିବା ଖେଳାଳିଙ୍କୁ କୌଣସି ପ୍ରତିଯୋଗିତାମୂଳକ ପରୀକ୍ଷା ବିନା ଭଲ ସ୍ତରରେ ନିଯୁକ୍ତି ଦିଆଯାଇଥାଏ।

**ସଠିକ୍ ଦିଗ ଜାଣିବା ଆବଶ୍ୟକ:** ସ୍କୁଲ୍-କଲେଜସ୍ତରରୁ ଯଦି କ୍ରୀଡ଼ାରେ ଭଲ ପ୍ରଦର୍ଶନ କରିବା ସହ ଏହାକୁ କେବଳ ଏକ ସଉକ ନୁହେଁ, ବରଂ ନିଶା ଭାବେ ଗ୍ରହଣ କରି ଅଭ୍ୟାସ ଜାରି ରଖିବେ ଏବଂ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ, ତେବେ ଭବିଷ୍ୟତରେ ଏହା କ୍ୟାରିୟର ପାଇଁ ବେଶ୍ ସହଯୋଗ କରିବ। ଏଥିପାଇଁ ଭାରତ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ମିଶନ୍ ଏବଂ ଯୋଜନା ବିଷୟରେ ମଧ୍ୟ ଭଲ ଭାବେ ଜାଣିବା ଆବଶ୍ୟକ, ଯାହାକି ଏ ଦିଗରେ ଆଗକୁ ବଢ଼ିବାରେ ସହାୟକ ହୋଇପାରିବ।

**ଜାଣିରଖନ୍ତୁ:** ଯଦି କ୍ରୀଡ଼ାରେ ରୁଚି ରହିଛି, ତେବେ ପାଠପଢ଼ା ସହିତ ଏଥିପାଇଁ ମଧ୍ୟ ସମୟ ଦେବାକୁ ପଡ଼ିଥାଏ। ତେଣୁ ଠିକ୍ ଭାବେ ଟାଇମ୍‌ଟେବୁଲ୍ ପ୍ରସ୍ତୁତ କରନ୍ତୁ। ପ୍ରତିଦିନ ଅଭ୍ୟାସ ଜାରି ରଖନ୍ତୁ। କେଉଁଠାରେ, କେବେ ପ୍ରତିଯୋଗିତା ଆୟୋଜନ ହେଉଛି ଏବଂ କିଭଳି ଅଂଶଗ୍ରହଣ କରିବେ, ସେନେଇ ସମସ୍ତ ତଥ୍ୟ ଜାଣିରଖନ୍ତୁ। ଆବଶ୍ୟକସ୍ଥଳେ ଆରମ୍ଭରୁ କୋଚିଂ ନେଇପାରିଲେ ଅଧିକ ଉପକୃତ ହୋଇପାରିବେ।







## କ'ଣ କୁହନ୍ତି ଏମାନେ...



**ଜଗନ୍ନାଥ ମହାନ୍ତ** (ସଫ୍ଟୱେର ଇଞ୍ଜିନିୟର, ଭୁବନେଶ୍ୱର)- ମୁଁ ଜଣେ ଅନ୍ତର୍ଜାତୀୟ ପର୍ବତାରୋହୀ। ଏହି ନିଶା ମୋତେ ବିଶ୍ୱ ରେକର୍ଡ ହାସଲ କରି ନିଜର ପରିଚୟ ସୃଷ୍ଟି କରିବାରେ ସାହାଯ୍ୟ କରିଛି। ହିମାଳୟ ପର୍ବତମାଳାର ୧୨,୫୦୦ ଫୁଟ ଉଚ୍ଚତାରେ -୧୬ ଡିଗ୍ରୀ ତାପମାତ୍ରାରେ ରହି ୨୮୦ ମିଟର ଲମ୍ବର ଜାତୀୟ ପତାକା ଉଡ଼ାଇ ବିଶ୍ୱରେକର୍ଡ କରିବାରେ ସଫଳ ହୋଇପାରିଛି। ଏହାବ୍ୟତୀତ ବର୍ତ୍ତମାନ ସୁଦ୍ଧା ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡସ୍, ୟୁନିଭର୍ସାଲ ବୁକ୍ ଅଫ୍ ରେକର୍ଡସ୍ ଏବଂ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ଭଳି ବିଭିନ୍ନ ରେକର୍ଡରେ ନିଜ ନାମ ପଞ୍ଜୀକରଣ କରାଇବାର ସୁଯୋଗ ପାଇଛି। ସେହିପରି ମାରାଥନ୍ ଦୌଡ଼ରେ ବି ସଫଳତା ହାସଲ କରିଛି। ବର୍ତ୍ତମାନ ୱିପ୍ରୋ ଭୁବନେଶ୍ୱର ଓଡ଼ିଶାରେ ସଫ୍ଟୱେର୍ ଇଞ୍ଜିନିୟର ଭାବେ କାର୍ଯ୍ୟରତ। ଟେକ୍ନୋଲୋଜିରେ ମୋର ବୃତ୍ତିଗତ କାର୍ଯ୍ୟ ସହିତ, ଗର୍ବର ସହ ୱିପ୍ରୋ ସ୍ପୋର୍ଟସ ଦଳକୁ ପ୍ରତିନିଧିତ୍ୱ କରୁଥିବାରୁ ବହୁତ ଖୁସି। କାରଣ କର୍ପୋରେଟ ଜଗତରେ ମଧ୍ୟ କ୍ରୀଡ଼ା କିପରି ଶୃଙ୍ଖଳା, ଟାଇମ୍ ମ୍ୟାନେଜ୍‌ମେଣ୍ଟ, ଲିଡରଶିପ୍ ଏବଂ ଟିମ୍‌ୱାର୍କ କରିବାର କଳାକୁ ବୃଦ୍ଧି କରିବାରେ ସାହାଯ୍ୟ କରେ ତାହା ନିଜେ ଅନୁଭବ କରିଛି। ତା'ଛଡ଼ା ଏହା ଶାରୀରିକ ସୁସ୍ଥତା ବଜାୟ ରଖିବା, କାର୍ଯ୍ୟର ଚାପକୁ ଠିକ୍ ଭାବେ ପରିଚାଳନା କରିବା ଏବଂ କାର୍ଯ୍ୟକ୍ଷମତା ବୃଦ୍ଧି କରିବାରେ ସାହାଯ୍ୟ କରୁଛି। ତେଣୁ ମୋ ମତରେ ଯୁବ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବାରେ କ୍ରୀଡ଼ା କୋଟା କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେଣୁ କ୍ରୀଡ଼ା କ୍ଷେତ୍ରରେ ରୁଚି ରଖୁଥିବା କ୍ରୀଡ଼ାବିତ୍‌ମାନେ ଏହାକୁ ଗମ୍ଭୀରତାର ସହ ଗ୍ରହଣ କଲେ ଭବିଷ୍ୟତରେ ଏହା ସେମାନଙ୍କୁ ଏକ ସଫଳ କ୍ୟାରିୟର ଗଢ଼ିବାରେ ସହାୟକ ହୋଇପାରିବ ସେଥିରେ ସନ୍ଦେହ ନାହିଁ।



**ଜୟନ୍ତି ବେହେରା** (ଆସିଷ୍ଟାଣ୍ଟ ମ୍ୟାନେଜର, ଓଡ଼ିଶା ମାଇନିଂ କର୍ପୋରେଶନ୍)- କ୍ରୀଡ଼ା ପ୍ରତି ମୋର ପିଲାବେଳୁ ବେଶ୍ ଆଗ୍ରହ। ଆଉ ଏହା ମୋତେ ଏକ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍‌ର ପରିଚୟ ଦେବା ସହ ସରକାରୀ କ୍ଷେତ୍ରରେ ଭଲ ଚାକିରି ପାଇବାରେ ବି ସାହାଯ୍ୟ କରିଛି। ବିଶ୍ୱ ଦିବ୍ୟାଙ୍ଗ ଦୌଡ଼କୁଦ ପ୍ରତିଯୋଗିତାରେ (୪୦୦ ମିଟର) ଅଂଶଗ୍ରହଣ କରି ସ୍ୱର୍ଣ୍ଣପଦକ ହାସଲ କରିପାରିଛି। ଏହାବ୍ୟତୀତ ଜାତୀୟ ସ୍ତରରେ ୩ଟି ସ୍ୱର୍ଣ୍ଣ ଏବଂ ତିନୋଟି ରେକର୍ଡ, ଏସିଆନ୍ ଗେମ୍ସ ସମେତ ଅନେକ ରାଜ୍ୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛି। ୨୦୧୯ରେ ରାଜ୍ୟର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇବା ମୋ ପାଇଁ ଗୌରବର ବିଷୟ। ତେବେ ଭଲ କ୍ୟାରିୟର ଗଢ଼ିବା ଦିଗରେ ଏହି ଖେଳ କୋଟା କ୍ରୀଡ଼ାବିତ୍‌ମାନଙ୍କ ଦକ୍ଷତା ସହ ମନୋବଳ ବୃଦ୍ଧି କରିବାରେ ବିନିଶ୍ଚୟ ସହାୟକ ହୋଇପାରୁଛି ବୋଲି ନିଜସ୍ୱ ଅନୁଭବରୁ କହିପାରିବି। ତେଣୁ ଯେଉଁମାନେ ଏ ଦିଗରେ ଆଗ୍ରହୀ, ସେମାନେ ଆରମ୍ଭରୁ ଏଥିପାଇଁ ଉଦ୍ୟମ ଜାରି ରଖିଲେ ନିଶ୍ଚୟ ସଫଳ ହୋଇପାରିବେ।

## ଜାଣନ୍ତୁ ଦୁନିଆ

# ଯେଉଁ ଦେଶରେ ଅଧିକ ଚା ପିଅନ୍ତି

**ଆମ ଦେଶରେ ପ୍ରାୟ ଅଧିକାଂଶ ପରିବାରରେ ସକାଳ ହେବା ମାତ୍ରେ ଅନେକଙ୍କୁ ଚା ପିଉଥିବା ଦେଖିବାକୁ ମିଳେ। ଏମିତିକି ରାସ୍ତା କଡ଼ରୁ ଆରମ୍ଭ କରି ଛୋଟ ବଡ଼ ହୋଟେଲରେ ବି ଚା ସବୁବେଳେ ଉପଲବ୍ଧ। ହେଲେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ଆମ ଦେଶ ଲୋକଙ୍କଠାରୁ ମଧ୍ୟ ଆଉ କେତେକ ଦେଶର ଲୋକେ ଅଧିକ ଚା ପିଇଥା'ନ୍ତି। ଜାଣିବା କେଉଁ ଦେଶର ଲୋକେ ଅଧିକ ଚା ପିଅନ୍ତି...**

- ଯଦିଓ ଚା ଉତ୍ପାଦନରେ ସମଗ୍ର ବିଶ୍ୱରେ ଚାଇନା ପରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି, ହେଲେ ଅଧିକ ଚା ପିଇବା ଲିଷ୍ଟରେ ଏହାଠାରୁ ଅନେକ ଦେଶ ଆଗରେ ରହିଛି।
- ଅଧିକ ଚା ପିଉଥିବା ଲିଷ୍ଟରେ ତୁର୍କୀ ଦେଶର ବାସିନ୍ଦା ସବୁଠୁ ଆଗରେ। ଏଠାରେ ଲୋକଙ୍କ ଦିନଚର୍ଯ୍ୟାରେ ଚା ପିଇବା ଏତେଥର ସାମିଲ ରହିଛି, ଯେମିତିକି ଚା ବିନା ସେମାନଙ୍କ ଦିନ ଅଧୁରା। ଏକ ରିସର୍ଚ୍ଚ ରିପୋର୍ଟ ମୁତାବକ ଏଠାରେ ଜଣେ ବ୍ୟକ୍ତି ବର୍ଷରେ ପ୍ରାୟ ୩.୨ କିଲୋଗ୍ରାମରୁ ଅଧିକ ଚା ପିଇଥାଏ। ଏହି ଦେଶରେ କୌଣସି ଆଲୋଚନାଠୁ ଆରମ୍ଭ କରି ବନ୍ଧୁଚର୍ଯ୍ୟା ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ଚା ପିଇବାକୁ ପ୍ରଥମ ଗୁରୁତ୍ୱ ଦିଆଯାଇଥାଏ।
- ଏହାପରେ ଦ୍ୱିତୀୟ ସ୍ଥାନରେ ରହିଛି ଆୟର୍ଲାଣ୍ଡ। ଯେଉଁଠି ଜଣେ ଲୋକ ବର୍ଷକୁ ପ୍ରାୟ ୨.୧୯କେଜି. ଚା ପିଉଥିବା ରିସର୍ଚ୍ଚରୁ ଜଣାପଡ଼ିଛି।
- ଏହି ତାଲିକାରେ ତୃତୀୟ ସ୍ଥାନରେ ରହିଛି ୟୁନାଇଟେଡ୍ କିଙ୍ଗଡମ୍। ଏଠାରେ ଜଣେ ବର୍ଷକୁ ପ୍ରାୟ ୧.୯୪ କେଜି ଚା ପିଇଥା'ନ୍ତି।



- ପାକିସ୍ତାନ ଏବଂ ଇରାନ୍ ଦୁଇଟି ଦେଶର ନାଗରିକ ସର୍ବାଧିକ ଚା ପିଇବା ଲିଷ୍ଟରେ ଚତୁର୍ଥ ସ୍ଥାନରେ ରହିଛନ୍ତି। ଏଠାରେ ଏକ ବର୍ଷ ମଧ୍ୟରେ ଜଣେ ମଣିଷ ପ୍ରାୟ ୧.୫୦ କେଜି ଚା ପିଇଥାନ୍ତି।
- ସେହିପରି ପଞ୍ଚମ ସ୍ଥାନରେ ରହିଛି ରୁଷ୍। ଏଠାରେ ଜଣେ ବ୍ୟକ୍ତି ବର୍ଷରେ ପ୍ରାୟ ୧.୩୮ କେଜି ଚା ପିଉଥିବା ବେଳେ ବର୍ଷରେ ଜଣେ ବ୍ୟକ୍ତି ପ୍ରାୟ ୧.୨୨ କେଜି ଚା ପିଇବା ଅନୁଯାୟୀ ମରକ୍କୋ ଷଷ୍ଠ ସ୍ଥାନରେ ରହିଛି।
- ଏହା ତଳକୁ ନ୍ୟୁଜିଲାଣ୍ଡ ଏବଂ ଚିଲୀ ୧.୧୯କେଜି. ହୋଇଥିବା ବେଳେ ମିଶର ୧.୦୧ କେଜି ଚା ପିଇବା ହିସାବରେ ଯଥାକ୍ରମେ ସପ୍ତମ ଏବଂ ଅଷ୍ଟମ ସ୍ଥାନରେ ରହିଛନ୍ତି।
- ଏହି ତାଲିକାରେ ଭାରତ ୩୦ ନମ୍ବର ସ୍ଥାନରେ ରହିଛି।



## ଏ ସପ୍ତାହର ପ୍ରଶ୍ନ ?

୧-୧୦ମ ନ୍ୟାଶନାଲ ଲେଭଲ ପଲ୍ୟୁଶନ୍ ରେସ୍‌ପନ୍ସ ଏକ୍ସରସାଇଜ୍ ........ଠାରେ ଆୟୋଜିତ ହୋଇଛି ?
୨- କର୍ନାକ ମନ୍ଦିର ........ ଦେଶରେ ଅବସ୍ଥିତ ?
୩- ମାଇଁ ଭାରତ ନ୍ୟାଶନାଲ୍ ସର୍ଭିସ ସ୍କିମ୍ ଆୱାର୍ଡ ............... ପକ୍ଷରୁ ପ୍ରଦାନ କରାଯାଇଥାଏ ?
୪- .............. ଦେଶ ଆରବ ସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଶକ୍ତିର ନାମକରଣ କରିଛି ?
୫- କୋକ୍‌ବୋରୋକ୍ ଭାଷା ଭାରତୀୟ ରାଜ୍ୟ ...........ର ସରକାରୀ ଭାଷା ?

## ଗତ ଥରର ଉତ୍ତର

୧ ଆଣ୍ଡାମାନ୍
୨ ମିନିଷ୍ଟ୍ରି ଅଫ୍ ଟ୍ରାଇବାଲ୍ ଆଫାୟାର୍ସ
୩ ଆୟୁଷ୍ମାନ୍ ଭାରତ- ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ
୪ ଚାଇନା
୫ କ୍ରିକେଟ୍

## ଉତ୍ତର ଦାତା



ଶେଖ୍ ୟାକୁବ୍, ଗୋପ



ମାନସ ପଟ୍ଟନାୟକ, ଭୁବନେଶ୍ୱର

## ଟପ୍ ଟେନ୍ ୧୦

### ପୃଥିବୀର ବଡ଼ ଫାର୍ମା କମ୍ପାନି -୨୦୨୫

୧ ................ ଫିଜର୍
୨ ................ ଜନ୍‌ସନ୍ ଆଣ୍ଡ ଜନ୍‌ସନ୍
୩ ................ ରୋଚେ
୪ ................ ମେର୍କ ଆଣ୍ଡ କୋ.
୫ ................ ଏଲି ଲିଲୀ
୬ ................ ନୋଭୋ ନର୍ଡିସ୍କ
୭ ................ ଆଷ୍ଟ୍ରାଜେନେକା
୮ ................ ଆବ୍‌ଭୀ
୯ ................ ନୋଭାର୍ଟିସ୍
୧୦ ................ ଆମ୍‌ଜେନ୍

## ୟୁଥ୍ ଆଲର୍ଟ

# ମେଦବୃଦ୍ଧି ହେଉଥିଲେ...

**ଶାରୀରିକ ପରିଶ୍ରମର ଅଭାବ, ଉଚ୍ଚ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇବା, ମୃଦୁ ପାନୀୟ ପିଇବା ଭଳି ଅଭ୍ୟାସ ବର୍ତ୍ତମାନ ଅନେକଙ୍କ ଠାରେ ଯୁବାବସ୍ଥାରେ ମେଦ ବହୁଳତାର କାରଣ ସାଜୁଛି। ହେଲେ ମେଦ ବୃଦ୍ଧି ଶରୀର ପାଇଁ କ୍ଷତିକାରକ। ତେଣୁ ଏହାକୁ ନିୟନ୍ତ୍ରଣରେ ରଖିବା ଲାଗି କେତେକ ଦିଗପ୍ରତି ସଚେତନ ରହିବା ଆବଶ୍ୟକ ...**



- ମେଦ ବୃଦ୍ଧି ବା ମୋଟା ହୋଇଯାଉଥିଲେ ସର୍ବପ୍ରଥମେ ଫାଷ୍ଟଫୁଡ୍ ଓ ଜଙ୍କ୍‌ଫୁଡ୍, ବାହାରେ ମିଳୁଥିବା ଛଣାଛଣି, ସ୍ନାକ୍ସ, ଆଇସକ୍ରିମ୍ ଆଦି ହାଇ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇବାଠାରୁ ଦୂରେଇ ରୁହନ୍ତୁ। ଏହା ବଦଳରେ ଘରୋଇ ସନ୍ତୁଳିତ ଆହାର ଗ୍ରହଣ କରନ୍ତୁ।
- ପ୍ରତିଦିନ ପର୍ଯ୍ୟାପ୍ତ ମାତ୍ରାରେ ପାଣି ପିଇବା ସହ ଠିକ୍ ସମୟରେ ଖାଇବା ଏବଂ ଶୋଇବା ଅଭ୍ୟାସ ରଖନ୍ତୁ। ଏହା ମଧ୍ୟ ଶରୀରର ଓଜନ ନିୟନ୍ତ୍ରଣରେ ରଖିବାରେ ବେଶ୍ ସାହାଯ୍ୟ କରିଥାଏ।
- ଯଦି ମେଦବୃଦ୍ଧି ଯୋଗୁ କୌଣସି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି, ତେବେ ଡାକ୍ତରଙ୍କ ପରାମର୍ଶ କ୍ରମେ ବୟସ, ଓଜନ ଓ ଉଚ୍ଚତାର ମାପକାଠି ଅର୍ଥାତ୍ ବଡିମାସ୍ ଇଣ୍ଡେକ୍ସ ଅନୁଯାୟୀ ରକ୍ତ ପରୀକ୍ଷା କରାଇ ନିଅନ୍ତୁ। ବ୍ଲଡ୍ ସୁଗାର, କୋଲେଷ୍ଟରଲ୍ ଆଦି ମାତ୍ରା ଠିକ୍ ଅଛି ନା ନାହିଁ ଚେକ୍ କରିନିଅନ୍ତୁ।
- ବର୍ତ୍ତମାନ ଶାରୀରିକ ବ୍ୟାୟାମ କମ୍ ହେଉଥିବାରୁ କ୍ୟାଲୋରି ଖର୍ଚ୍ଚ ନ ହୋଇ ମେଦ ବୃଦ୍ଧି ହେଉଛି। କେବଳ ଏତିକି ନୁହେଁ ; ମୋବାଇଲ୍, କମ୍ପ୍ୟୁଟର ଆଦିର ଦୀର୍ଘ ବ୍ୟବହାର ବି ଏଥିପାଇଁ ଦାୟୀ। ତେଣୁ ପ୍ରତିଦିନ ଅତିକମ୍‌ରେ ଅଧ ଘଣ୍ଟା ଏକ୍ସରସାଇଜ୍ କରନ୍ତୁ।
- ଅନେକେ ବିଭିନ୍ନ କାରଣରୁ ମାନସିକ ଚାପ ଭିତରେ ଥାଆନ୍ତି। ଏହାସହ ଭାବପ୍ରବଣତା ଓ ବିରକ୍ତି ଭାବକୁ ଏଡ଼ାଇବାକୁ ଯାଇ ଆବଶ୍ୟକତାଠାରୁ ଅଧିକ ଖାଇଦିଅନ୍ତି, ଯାହାକି ମେଦବୃଦ୍ଧି କରି ବିଭିନ୍ନ ରୋଗ ଉପୁଜାଇଥାଏ। ତେଣୁ ନିଜକୁ ମାନସିକସ୍ତରରେ ମଧ୍ୟ ଫିଟ୍ ରଖନ୍ତୁ। ଏଥିପାଇଁ ସ୍ଲୋ ମ୍ୟୁଜିକ୍ ଶୁଣିପାରିବେ।



# ଏସିଆନ ଟିଟି ଟିମ୍ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୧।୧୦(ଅନାଦି କର)

ବହୁପ୍ରତୀକ୍ଷିତ ଆଇଟିଟିଏଫ୍-ଏଟିଟିୟୁ ୨୮ତମ ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍ କଳିଙ୍ଗ ଷ୍ଟାଡିୟମସ୍ଥିତ ଆଥ୍‌ଲେଟିକ୍ସ ସେଣ୍ଟରରେ ଶନିବାର ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି। ଅନ୍ତର୍ଜାତୀୟ ଟେବୁଲ ଟେନିସ ମହାସଂଘ(ଆଇଟିଟିଏଫ୍), ଭାରତୀୟ ଟେବୁଲ ଟେନିସ ମହାସଂଘ(ଟିଟିଏଫ୍ଆଇ), ଏସିଆନ ଟେବୁଲ ଟେନିସ ୟୁନିୟନ (ଏଟିଟିୟୁ) ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବ ସେବା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୨୨ ଦେଶର ଖେଳାଳି ଅଂଶଗ୍ରହଣ କରିଛନ୍ତି। କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏଟିଟିୟୁର ଆଞ୍ଚଳିକ କାର୍ଯ୍ୟକାରୀ ସଭାପତି ଶେଖା ହୟାତ ଅଲ ଖଲିଫା, ଟିଟିଏଫ୍ଆଇ ସଭାପତି ଦୁଶ୍ୟନ୍ତ ଚୌଟେଲା, ମେଘନା ଏଲାୱତ, କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର-କମ-ସେକ୍ରେଟାରୀ ସଚିନ ରାମଚନ୍ଦ୍ର ଯାଦବ, ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଭାରତୀୟ ଟେବୁଲ ଟେନିସ କିମ୍ବଦନ୍ତୀ ତଥା ପ୍ରତିଯୋଗିତାର ବ୍ରାଣ୍ଡ ଆମ୍ବାସାଡର ଏ. ଶରଥ କମଲ ଉପସ୍ଥିତ ଥିଲେ।


ଟେବୁଲ ଟେନିସ୍ ଖେଳି ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ପୁରୁଷ ବିଭାଗର ଗ୍ରୁପ୍-ଏ'ରେ ଶ୍ରୀଲଙ୍କା ୩-୧ରେ କିର୍ଗିଜସ୍ତାନକୁ ଓ କାଜାଖସ୍ତାନ ୩-୦ରେ କିର୍ଗିଜସ୍ତାନକୁ ପରାସ୍ତ କରିଛି। ଗ୍ରୁପ୍-ବି'ରେ ମାଳଦ୍ୱୀପ ଦୁଇଟି ମ୍ୟାଚ୍‌ରେ ୧-୩ ଓ ୦-୩ରେ ଯଥାକ୍ରମେ ମଙ୍ଗୋଲିଆ ଓ ଇରାନଠାରୁ ପରାସ୍ତ ହୋଇଛି। ଗ୍ରୁପ୍-ସି'ରେ ଓମାନ ଦୁଇଟି ମ୍ୟାଚ୍‌ରେ ୦-୩ ବ୍ୟବଧାନରେ ଯଥାକ୍ରମେ ଉଜବେକିସ୍ତାନ ଓ ସିଙ୍ଗାପୁରଠାରୁ ପରାସ୍ତ ହୋଇଛି। ଗ୍ରୁପ୍-ଡି'ରେ କୋରିଆ ଓ ମାଲେସିଆ ନିଜ ନିଜ ମ୍ୟାଚ୍‌ରେ ୩-୦ ବ୍ୟବଧାନରେ ମାକାଉ (ଚାଇନା)କୁ ହରାଇଛନ୍ତି। ଗ୍ରୁପ୍-ଇ'ରେ ଥାଇଲାଣ୍ଡ ୩-୦ରେ ବାଂଲାଦେଶକୁ, କତାର ୩-୧ରେ ନେପାଳକୁ, ଥାଇଲାଣ୍ଡ ୩-୦ରେ ନେପାଳକୁ ଓ କତାର ୩-୦ରେ ବାଂଲାଦେଶକୁ ପରାସ୍ତ କରିଛନ୍ତି। ସେହିଭଳି ମହିଳା ବିଭାଗର ଗ୍ରୁପ୍-ଏ'ରେ ଶ୍ରୀଲଙ୍କା ୩-୦ରେ ମଙ୍ଗୋଲିଆକୁ, ଗ୍ରୁପ୍-ବି'ରେ କାଜାଖସ୍ତାନ ୩-୦ରେ ମାଳଦ୍ୱୀପ, ଗ୍ରୁପ୍-ସି'ରେ ଚାଇନିଜ ତାଇପେ ୩-୦ରେ ବାଂଲାଦେଶକୁ ଓ ମାକାଉ (ଚାଇନା) ୩-୨ ଉଜବେକିସ୍ତାନକୁ ଏବଂ ଗ୍ରୁପ୍-ଡି'ରେ ମାଲେସିଆ ଓ ଇରାନ ୩-୦ ବ୍ୟବଧାନରେ ଯଥାକ୍ରମେ ନେପାଳ ଓ କିର୍ଗିଜସ୍ତାନକୁ ହରାଇଛନ୍ତି।

## ଜୋହର କପ୍ ହକି

# ଗ୍ରେଟ୍ ବ୍ରିଟେନକୁ ହରାଇଲା ଭାରତ

ଜୋହର ବାହାରୁ (ମାଲେସିଆ),୧୧।୧୦ (ପିଟି.)

ଅଧିନାୟକ ରୋହିତଙ୍କ ଡବଲ୍ ଗୋଲ୍ ବଳରେ ଭାରତୀୟ ଜୁନିୟର ପୁରୁଷ ହକି ଦଳ ଏଠାରେ ଶନିବାରଠାରୁ ଆରମ୍ଭ ହୋଇଥିବା ଜୋହର କପ୍ ହକି ଟୁର୍ନାମେଣ୍ଟରେ ଗ୍ରେଟ୍ ବ୍ରିଟେନକୁ ୩-୨ ଗୋଲ୍‌ରେ ପରାସ୍ତ କରିଛି। ଭାରତ ତରଫରୁ ରୋହିତ (୪୫+', ୫୨ତମ ମିନିଟ) ଓ ରବନୀତ ସିଂ (୨୩ତମ) ଗୋଲ୍ ସ୍କୋର କରିଥିବା ବେଳେ ଗ୍ରେଟ୍‌ବ୍ରିଟେନ ତରଫରୁ ମାଇକେଲ ରୟଡେନ୍ (୨୬ତମ) ଓ କାଡେନ୍‌ଡ୍ରେସେ (୪୬ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ।

# ସିନିୟର ଗେଟ୍‌ବଲ ଉଦ୍‌ଘାଟିତ

ଭୁବନେଶ୍ୱର, ୧୧।୧୦(ଅନାଦି କର)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ୧୮ତମ ଜାତୀୟ ଗେଟବଲ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରର ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ, ପୂର୍ବତନ ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର, କାର୍ଯ୍ୟାଳୟ ସଂଗଠନର ନିର୍ଦ୍ଦେଶକ ଚିଦାନନ୍ଦ ସ୍ୱାଇଁ, ଟିଟିନ ସାହୁ, ଶକ୍ତିରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ୧୪ଟି ରାଜ୍ୟ ଦଳ ଅଂଶଗ୍ରହଣ କରିଛନ୍ତି।

# ଶ୍ୱେତପର୍ଣ୍ଣା ପାଇବେ ଏକଲବ୍ୟ ପୁରସ୍କାର

ଭୁବନେଶ୍ୱର, ୧୧।୧୦(ଅନାଦି କର)


ଶ୍ୱେତପର୍ଣ୍ଣା ପଣ୍ଡା

ଓଡ଼ିଶା କ୍ରୀଡ଼ା ଜଗତର ଅନ୍ୟତମ ସମ୍ମାନଜନକ ପୁରସ୍କାର ଏକଲବ୍ୟ ଲାଗି ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବ୍ୟାଡ୍‌ମିଣ୍ଟନ ତାରକା ଶ୍ୱେତପର୍ଣ୍ଣା ପଣ୍ଡାଙ୍କୁ ବିବେଚିତ କରାଯାଇଛି। ଶନିବାର ଅନୁଷ୍ଠିତ ଏକଲବ୍ୟ ପୁରସ୍କାର ଜୁରୀ କମିଟି ବୈଠକରେ ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ଉଦୀୟମାନ ବ୍ୟାଡ୍‌ମିଣ୍ଟନ ତାରକା ଶ୍ୱେତପର୍ଣ୍ଣା ଚଳିତବର୍ଷ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ପୁରସ୍କାର ବାବଦକୁ ଆଗକୁ ହେବାକୁ ଥିବା ଏକଲବ୍ୟ ପୁରସ୍କାର ଉତ୍ସବରେ ତାଙ୍କୁ ଟ୍ରଫି ସହ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଥିବା ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇ ଓ ଟେନିସ ଖେଳାଳି ଆହାନ ରନରଅପ ହୋଇଛନ୍ତି। ଉଭୟଙ୍କୁ ପୁରସ୍କାର ବାବଦକୁ ଟ୍ରଫି ସହ ଦେଢ଼ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ଫେରୋ ଆଲଏଜ୍ ଉତ୍ପାଦନକାରୀ କମ୍ପାନୀ ଇମ୍ପା ଦ୍ୱାରା ପରିଚାଳିତ ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ୧୯୯୩ରେ ଏକଲବ୍ୟ ପୁରସ୍କାର ପ୍ରତିଷ୍ଠା କରାଯାଇଥିଲା। ସେବେଠାରୁ ବିଗତ ଦୁଇ ବର୍ଷରେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଓଡ଼ିଆ ଆଥ୍‌ଲେଟଙ୍କୁ ପ୍ରତିବର୍ଷ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯାଉଛି। ପୁରସ୍କାର ବିଜେତାଙ୍କ ନାମ ଏକଲବ୍ୟ କମିଟିର ଅଧ୍ୟକ୍ଷ ଓ ଇମ୍ପାକ୍ଟର ଟ୍ରଷ୍ଟି ବୈଜୟନ୍ତ ପଣ୍ଡା ଘୋଷଣା କରିଛନ୍ତି। ଏହି ଅବସରରେ ଏକଲବ୍ୟ କମିଟିର ସଂଯୋଜକ ଅଶ୍ୱିନୀ ପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ।

# ଆନ୍ଧ୍ର ବିପକ୍ଷରେ ଓଡ଼ିଶା ୩ ଉଇକେଟରେ ବିଜୟୀ

## ଭିନୁ ମଙ୍କଡ଼ କ୍ରିକେଟ


ପୀୟୁଷ ରଞ୍ଜନ ମନ୍ତ୍ରୀ


ଆଦିତ୍ୟ ଆନନ୍ଦ

ଭୁବନେଶ୍ୱର, ୧୧।୧୦ (ବିଜୟ ରଣା)

ସୁଲତାନପୁରସ୍ଥିତ ଗୁରଗାଁଓ କ୍ରିକେଟ ଗ୍ରାଉଣ୍ଡରେ ଶନିବାର ଖେଳାଯାଇଥିବା ୧୯ ବର୍ଷରୁ କମ୍ ଭିନୁ ମଙ୍କଡ଼ ଟ୍ରଫି କ୍ରିକେଟ ୨୦୨୫-୨୬ର ଆନ୍ଧ୍ର ପ୍ରଦେଶ ବିପକ୍ଷ ମ୍ୟାଚରେ ଓଡ଼ିଶା ଆଦିତ୍ୟ ଆନନ୍ଦଙ୍କ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ୩ ଉଇକେଟରେ ବିଜୟ ଲାଭ କରିଛି। ଏହି ମ୍ୟାଚ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଆନ୍ଧ୍ର ୪୮. ୩ ଓଭରରେ ୨୨୯ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ତରଫରୁ ଭିଏମ୍‌ଭିଏସ୍ ରକ୍ଷଣ ୪୪ ଓ ଆନନ୍ଦ ଜୋସ୍‌ଲା ୩୧ ରନ କରିଥିଲେ। ଓଡ଼ିଶା ତରଫରୁ ସଫଳ ବୋଲର ଭାବେ ପ୍ରିୟାଂଶୁ ମହାନ୍ତି ୩ ଓ ସୟେଦ ତୁଫାଇଲ ଅହମଦ ୨ଟି ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ୪୫.୨ ଓଭରରେ ୭ ଉଇକେଟ ବିନିମୟରେ ୨୩୫ ରନ କରି ମ୍ୟାଚ ଜିତି ନେଇଥିଲା। ଦଳ ପକ୍ଷରୁ ଆଦିତ୍ୟ ଆନନ୍ଦ ୬୩ ବଲ୍‌ରେ ୩ ଚୌକା ଓ ୨ ଛକା ସହ ୫୭ରନ କରି ଅପରାଜିତ ରହିଥିବା ବେଳେ ପୀୟୂଷ ରଞ୍ଜନ ମନ୍ତ୍ରୀ ୧୫ ବଲ୍‌ରୁ ୫ ଛକା ସହ ୩୮ରନ କରିଥିଲେ। ବିପକ୍ଷ ଦଳର ସାଇ ଏନ୍ ୩ ଏବଂ ଏନ୍. ରାଜେଶ ୨ ଉଇକେଟ ଅକ୍ତିଆର କରିଥିଲେ।

# ଦିବ୍ୟଦର୍ଶିନୀଙ୍କ ୫ ଉଇକେଟ ସଫଳତା ସତ୍ତ୍ୱେ ଓଡ଼ିଶା ହାରିଲା

## ସିନିୟର ମହିଳା ଟି୨୦ ଟ୍ରଫି

ଭୁବନେଶ୍ୱର,୧୧।୧୦ (ବିଜୟ ରଣା)

ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ୫ଉଇକେଟ ସଫଳତା ସତ୍ତ୍ୱେ ଜାତୀୟ ସିନିୟର ମହିଳା ଟି୨୦ ଟ୍ରଫିରେ ଶନିବାର ଖେଳାଯାଇଥିବା ଛତିଶଗଡ଼ ବିପକ୍ଷ ମ୍ୟାଚରେ ଓଡ଼ିଶା ୪୭ରନରେ ହାରିଯାଇଛି। ଗ୍ୱାଲିୟରସ୍ଥିତ କ୍ୟାପଟେନ୍ ରୁପ ସିଂ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଛତିଶଗଡ଼ ନିର୍ଦ୍ଧାରିତ ଓଭରରେ ୧୧୪ ରନ କରି ଅଲଆଉଟ ହୋଇଯାଇଥିଲା। କୀର୍ତ୍ତି ଗୁପ୍ତା ୨୫ ଓ ନେହା ବାଡୱେକ ୨୩ ରନ କରିଥିଲେ। ଓଡ଼ିଶାର ସଫଳ ବୋଲର ସୁଶ୍ରୀ ଦିବ୍ୟଦର୍ଶିନୀ ତାଙ୍କ ୪ ଓଭର ବୋଲିଂରେ ମାତ୍ର ୧୫ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ। ୧୧୫ ରନର ବିଜୟ ଲକ୍ଷ୍ୟ ନେଇ ଓଡ଼ିଶା ନିର୍ଦ୍ଧାରିତ ଓଭରରେ ୯ଉଇକେଟ ବିନିମୟରେ ମାତ୍ର ୬୭ ରନ କରି ଅଲଆଉଟ ହୋଇଯାଇଥିଲା। ଟପ୍ ସ୍କୋରର ମାଧୁରୀ ମେହେଟା ୧୮ ଏବଂ ସଙ୍ଗୀତା ଖାଡ଼ିଆ ୧୫ରନ କରିଥିଲେ।


ସୁଶ୍ରୀ ଦିବ୍ୟଦର୍ଶିନୀ




## ଆଇସିସି ମହିଳା ବିଶ୍ୱକପ୍

# ଆଜି ଭାରତ-ଅଷ୍ଟ୍ରେଲିଆ ମୁକାବିଲା

ବିଶାଖାପାଟଣା, ୧୧।୧୦ (ପି.ଟି.)

ଆଇସିସି ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଆୟୋଜକ ଭାରତ ରବିବାର ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ଭେଟିବ। ବିଶ୍ୱକପ୍ ଅଭିଯାନରେ ସ୍ଥିରତା ବଜାୟ ରଖିବାକୁ ହେଲେ କୌଶଳଗତ ଭାବେ ନମନୀୟ ହେବାକୁ ପଡ଼ିବ ଏବଂ ୬ଷ୍ଠ ବୋଲିଂ ବିକଳ୍ପ ଯୋଡ଼ିବା ବିଷୟରେ ଚିନ୍ତା କରିବାକୁ ପଡ଼ିବ। ଗୁରୁବାର ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ ୩ ଉଇକେଟରେ ପରାଜିତ ହେବାପରେ ସମସ୍ତ କଣ୍ଡିଶନରେ ୫ବୋଲରଙ୍କୁ ନେଇ ଖେଳିବା ପ୍ରଯୁଜ୍ୟ ନୁହେଁ ବୋଲି ହୃଦ୍‌ବୋଧ ହୋଇଛି। ଅଧିନାୟିକା ହରମନପ୍ରୀତ କୌରଙ୍କୁ ୬ଷ୍ଠ ବୋଲର ଅନୁପସ୍ଥିତିରେ କାମଚଳା ଅଫ୍ ସ୍ପିନର ବୋଲର ଭାବେ ଦାୟିତ୍ୱ ତୁଲାଇବାକୁ ପଡ଼ିଥିଲା। ୪୦ଓଭର ପରେ ଦକ୍ଷିଣ ଆଫ୍ରିକା ବ୍ୟାଟରମାନେ ପେସ୍ ବୋଲରମାନଙ୍କୁ ଟାର୍ଗେଟ କରିଥିଲେ, କାରଣ ସେତେବେଳେ ଘରୋଇ ଦଳ ନିକଟରେ କୌଣସି ବିକଳ୍ପ ବ୍ୟବସ୍ଥା ନ ଥିଲା। ୪୭ତମ ଓ ୪୯ତମ ଓଭରରେ କ୍ରାନ୍ତି ଗୌଡ଼ ଓ ଅମନଜୋତ କୌର ୧୨ ବଲ୍‌ରେ ୩୦ରନ ଦେଇଥିଲେ, ଯାହାଫଳରେ ଦକ୍ଷିଣ ଆଫ୍ରିକା ୨୫୨ ରନର ବିଜୟ ଲକ୍ଷ୍ୟକୁ ହାସଲ କରିନେଇଥିଲା। ବର୍ତ୍ତମାନର ଭାରତୀୟ ବୋଲିଂ ଲାଇନ୍‌ଅପ୍‌ରେ ଦୁଇ ଡାହାଣହାତୀ ପେସର (ଗୌଡ଼ ଓ କୌର), ଦୁଇ ଅଫ୍ ସ୍ପିନର (ଦୀପ୍ତି ଶର୍ମା ଓ ସ୍ନେହ ରାଣା) ଏବଂ ବାମହାତୀ ସ୍ପିନର ଶ୍ରୀ ଚାରାନୀ ସ୍ଥାନ ପାଇଛନ୍ତି। ଏସିଏ-ଭିଡିସିଏ ଷ୍ଟାଡିୟମର ପିଚ୍ ଯଦି ଏହାର ଲକ୍ଷଣ ବଜାୟ ରଖେ ତେବେ ଅଷ୍ଟ୍ରେଲୀୟ ବ୍ୟାଟିଂ ୟୁନିଟ ଆକ୍ରମଣାତ୍ମକ ଖେଳିବା ଥୟ। ଏଥିରୁ ଭାରତକୁ ୬ଷ୍ଠ ବୋଲର କଥା ଚିନ୍ତା କରିବାକୁ ପଡ଼ିବ। ଅଷ୍ଟ୍ରେଲିଆ ଦଳରେ ଥିବା ଆସଲେ ଗାର୍ଡନର, ଏଲିସା ହିଲି, ଏଲିସି ପେରୀଙ୍କ ଭଳି ବିସ୍ଫୋରକ ବ୍ୟାଟର ହରମନପ୍ରୀତଙ୍କ ପାର୍ଟଟାଇମ୍ ସ୍ପିନର ଧୁଲେଇ କରିବେ।

**ଭାରତୀୟ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ପ୍ରତୀକା ରାୱଲ, ହାର୍ଲିନ ଦେଓଲ, ଜେମିମା ରୋଡ୍ରିଗ୍ସ, ରିଚା ଘୋଷ, ଉମା ଚେତ୍ରୀ, ରେଣୁକା ସିଂ ଠାକୁର, ଦିପ୍ତୀ ଶର୍ମା, ସ୍ନେହ ରାଣା, ଶ୍ରୀ ଚାରାନୀ, ରାଧା ଯାଦବ, ଅମନଜୋତ କୌର, ଅରୁନ୍ଧତୀ ରେଡ୍ଡୀ ଓ କ୍ରାନ୍ତି ଗୌଡ଼।

# ଭାରତ ୫୧୮/୫: ୱେଷ୍ଟଇଣ୍ଡିଜ୍ ୧୪୦/୪

## ଦ୍ୱିତୀୟ ଟେଷ୍ଟ

ନୂଆଦିଲ୍ଲୀ, ୧୧।୧୦

ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଚାଲିଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଦଳ ଶନିବାର ତା'ର ପ୍ରଥମ ଇନିଂସରେ ୫ ଉଇକେଟରେ ୫୧୮ ରନ କରି ପାଳି ଘୋଷଣା କରିଛି। ଜବାବରେ ୱେଷ୍ଟଇଣ୍ଡିଜ୍ ଦଳ ପ୍ରଥମ ଇନିଂସରେ ଦ୍ୱିତୀୟ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୪ ଉଇକେଟ ହରାଇ ୧୪୦ ରନ କରିଛି। ଭାରତୀୟ ଅଧିନାୟକ ଶୁବମନ ଗିଲଙ୍କ ଅପରାଜିତ ଶତକ ଦ୍ୱିତୀୟ ଦିନର ଉଲ୍ଲେଖନୀୟ ବିଷୟ ଥିଲା।

ଶନିବାର ଭାରତୀୟ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର (୩୧୮/୨)ରୁ ବ୍ୟାଟିଂ ଆରମ୍ଭ କରି ୩ ଉଇକେଟରେ ୨୦୦ ରନ ଯୋଡ଼ିବା ପରେ ପାଳି ଘୋଷଣା କରିଥିଲା। ପୂର୍ବଦିନ ୧୭୩ ରନରେ ଅପରାଜିତ ଥିବା ଯଶସ୍ୱୀ ଜୟସ୍ୱାଲ ନିଜ ସ୍କୋରରେ ମାତ୍ର ୨ ରନ ଯୋଡ଼ି ପାରିଥିଲେ। ସେ ୧୭୫ (୨୨ ଚୌକା) ରନ୍ କରି ରନ୍ ଆଉଟ ହୋଇଥିଲେ। ତାଙ୍କ ବଦଳରେ କ୍ରିଜ୍‌କୁ ଆସିଥିବା ନୀତୀଶ କୁମାର ରେଡ୍ଡୀଙ୍କ ସହ ଅଧିନାୟକ ଶୁବମନ ଗିଲ୍ ମିଶି ଚତୁର୍ଥ ଉଇକେଟରେ ୯୧ ରନ ଯୋଡ଼ିଥିଲେ। ୪ ଚୌକା ଓ ୨ ଛକା ସହିତ ୪୩ ରନ କରିଥିବା ନୀତୀଶଙ୍କୁ ଜୋମେଲ ୱାରିକାନ କ୍ୟାଚ୍ ଆଉଟ୍ କରାଇଥିଲେ। ଏହାପରେ ଧ୍ରୁବ ଜୁରେଲ ଓ ଗିଲ୍ ୫ମ ଉଇକେଟରେ ୧୦୨ ରନ ଯୋଡ଼ିଥିଲେ। ଜୁରେଲ ୫ ଚୌକା ସହିତ ୪୪ ରନ କରି ଆଉଟ୍ ହେବା ପରେ ଭାରତୀୟ ଦଳ ପାଳି ଘୋଷଣା କରିଥିଲା। ଗିଲ ୧୨୯ ରନ କରି ଅପରାଜିତ ରହିଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ୧୦ମ ଓ ଚଳିତ ବର୍ଷର ପଞ୍ଚମ ଟେଷ୍ଟ ଶତକ ଥିଲା। ୱେଷ୍ଟଇଣ୍ଡିଜ ପାଇଁ ୱାରିକାନ ୩ ଓ ଅଧିନାୟକ ରୋଷ୍ଟନ ଚେଜ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ୱେଷ୍ଟଇଣ୍ଡିଜ୍ ଆରମ୍ଭରୁ ଦୁର୍ଭାଗ୍ୟଜନକ ଭାବେ ଜନ କାମ୍ପବେଲ(୧୦)ଙ୍କ ଉଇକେଟ ହରାଇଥିଲା। ଓପନର ତାଗେନାରିନ ଚନ୍ଦ୍ରପାଲ ଓ ଆଲିକ୍ ଆଥାନେଜ ଦ୍ୱିତୀୟ ଉଇକେଟରେ ୬୬ ରନ ଯୋଡ଼ି ଦଳୀୟ ସ୍କୋରକୁ ୮୭ରେ ପହଞ୍ଚାଇଥିଲେ। ହେଲେ ଏହିଠାରୁ ଦଳ କ୍ରମାଗତ ବ୍ୟବଧାନରେ ଚନ୍ଦ୍ରପାଲ (୩୪), ଆଥାନେଜ (୪୧) ଓ ଅଧିନାୟକ ରୋଷ୍ଟନ ଚେଜ (୦)ଙ୍କ ଉଇକେଟ ହରାଇଥିଲା। ଏହାପରେ ଶାଇ ହୋପ୍ (୩୧) ଓ ଟେଭିନ ଇମଲାଚ (୧୪) ଭାରତୀୟ ବୋଲରଙ୍କୁ ଉଇକେଟ ନେବାକୁ ସୁଯୋଗ ଦେଇ ନ ଥିଲେ। ଫଳରେ ଦ୍ୱିତୀୟ ଦିନ ଶେଷ ସୁଦ୍ଧା ୱେଷ୍ଟଇଣ୍ଡିଜ ୪ ଉଇକେଟ ହରାଇ ୧୪୦ ରନ କରିଛି। ଭାରତ ପାଇଁ ରବୀନ୍ଦ୍ର ଜାଡେଜା ୩ ଓ କୁଲଦୀପ ଯାଦବ ଗୋଟିଏ ଉଇକେଟ ନେଇଛନ୍ତି।


ଶତକ ହାସଲ ପରେ ଶୁବମନ ଗିଲ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୫୧୮/୫ ଘୋଷଣା(ଯଶସ୍ୱୀ ଜୟସ୍ୱାଲ-୧୭୫, ଶୁବମନ ଗିଲ -୧୨୯*, ନୀତୀଶ ରେଡ୍ଡୀ-୪୩, ଧ୍ରୁବ ଜୁରେଲ-୪୪, ୱାରିକାନ-୩/୯୮)। ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ: ୧୪୦/୪(ଆଲିକ ଆଥାନେଜ-୪୧, ତେଗନାରିନ ଚନ୍ଦ୍ରପାଲ-୩୪,ଶାଇ ହୋପ-୩୧*, ରବୀନ୍ଦ୍ର ଜାଡେଜା-୩/୩୭)।



**Bhubaneswar: Hindustan Wheels,** Ph: 8117092609, 9776048108; **Bhubaneswar: K2K Auto-Motives,** Ph: 7008987913, 7008987917; **Venus Automotives,** Ph: 9776012326, 8917395776; **Bhubaneswar: Durgesh Bikes LLP,** Ph: 7440007100, 7440007101; **Cuttack: PMG Motors,** Ph: 7854912003, 7854912006; **Cuttack: AMP Motors,** Ph: 9692200590, 9692200591; **Jajpur: Birendra Motors,** Ph: 8114371861, 8114371865; **Jagatsinghpur: R R Automobiles,** Ph: 9439629975, 7978637744; **Chandikhole: Chand Automobiles,** Ph: 8249048100, 9810804285; **Nayagarh: Shree Motors,** Ph: 9748294928, 9123742457; **Puri: Satyabadi Automobiles,** Ph: 8917467272, 8917475550; **Bapuji Nagar Branch: Hindustan Wheels,** Ph: 9348355705, 9437142215; **YBC: Balugaon,** Ph: 8018731318; **Brahmagiri,** Ph: 9337040050; **Balipatna,** Ph: 8260300572; **Chandpur,** Ph: 8018731318; **Dhalapathar,** Ph: 7008951601; **Jatni,** Ph: 8249369308; **Kakatapur,** Ph: 9556584796; **Nimapara,** Ph: 7008966612; **Sunakhala,** Ph: 7008552541; **Pipili,** Ph: 9778179495; **Phulbani,** Ph: 8249263257; **Adaspur,** Ph: 9438344646; **Banki,** Ph: 9437276957; **Bidharpur,** Ph: 9777100623; **Narsinghpur,** Ph: 9348917733; **Niali,** Ph: 7077331343; **Pattamundai,** Ph: 7894641766; **Salepur,** Ph: 9337115957; **Balichandrapur,** Ph: 7978609768; **Bhuban,** Ph: 9439590025; **Chhatia,** Ph: 9437397655; **Jajpur Town,** Ph: 9778266966; **Mangalapur,** Ph: 9937726644; **Singhpur,** Ph: 7008382026.

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ